RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

# ନିତିଦିନ
NITIDIN

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY 8 OCTOBER 2025
ବୁଧବାର ୮ ଅକ୍ଟୋବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 143 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୧୪୩ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

● ଆମ ବସ୍‌ରେ ଯୁବକର ଉନ୍ମତ୍ତକାଣ୍ଡ

## ୮ଙ୍କୁ ମରଣାନ୍ତକ ଆକ୍ରମଣ



**ପୁରୀ,କଣାସ,୭।୧୦/ଏନ୍ଏନ୍ଏସ୍:**

କଣାସରୁ ଗଡ଼ଖାରଦା ଯାଇ ଫେରୁଥିବା ସମୟରେ ଏକ ଆମ ବସ୍‌ରେ ଅଘଟଣ ଘଟିଛି। ବିନ୍ଧନ ଛକଠାରେ ଜଣେ ଯୁବକ ବସ୍‌ରେ ଚଢ଼ି ବସିଥିବା ଯାତ୍ରୀମାନଙ୍କୁ କଟୁରୀରେ ମରଣାନ୍ତକ ଆକ୍ରମଣ କରିଛି। ଏଥିରେ ଦୁଇ ପୁଲିସ କର୍ମଚାରୀ, ୬ ଜଣ ଯାତ୍ରୀଙ୍କ ସହ ଦୁର୍ବୃତ୍ତ ନିଜେ ମଧ୍ୟ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଆକ୍ରମଣର ପ୍ରକୃତ କାରଣ ଜଣାପଡ଼ିନାହିଁ।

ମଙ୍ଗଳବାର କଣାସଠାରୁ ଆମ ବସ୍ (ଓଡି-୧୩ଭି୬୩୧୯) ସକାଳେ ଗଡ଼ଖାରଦା ଯାଇ ଫେରୁଥିବା ସମୟରେ ଖଣ୍ଡାହତାଠାରୁ ଜଣେ ଯୁବକ ବସ୍‌ରେ ଚଢ଼ିଥିଲେ। ବିନ୍ଧଣ ଗ୍ରାମ ନିକଟରେ ବସ୍‌ରେ ବସିଥିବା ଅନ୍ୟଜଣେ ଯାତ୍ରୀ ଉକ୍ତ ଯୁବକଙ୍କ ଦେହରେ ବାଜି ଯିବାରୁ ଯୁବକ ଜଣଙ୍କ ତାଙ୍କୁ ଗାଳିଗୁଲଜ କରିବା ସହିତ ପାଖରେ ରଖିଥିବା କଟୁରୀରେ ଆକ୍ରମଣ କରିଥିଲା। ଅନ୍ୟ ଯାତ୍ରୀମାନେ ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକ ୬ ଜଣଙ୍କୁ ଆକ୍ରମଣ କରିଥିଲା। ଖବର ପାଇ କଣାସ ଥାନା ଏଏସ୍ଆଇ ସନ୍ତୋଷ କୁମାର ଉଦୟସିଂହ ଏବଂ ଏସ୍ଆଇ ଦେବୀ

● ୨ ପୁଲିସ କର୍ମଚାରୀ ବି ବାଦ୍ ପଡ଼ିଲେନି

● ଘଟଣାକୁ ଗୁରୁତ୍ୱର ସହିତ ନିଆଯାଇଛି : ଏସ୍‌ପି

ପ୍ରସାଦ ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃତ୍ତକୁ ଧରିବା ପାଇଁ ଚେଷ୍ଟା କରିବା ସମୟରେ ସେ ଦୁଇ ପୁଲିସ ଅଧିକାରୀଙ୍କୁ ବି କଟୁରୀରେ ଆକ୍ରମଣ କରିଥିଲା। ପରେ ଉକ୍ତ ଯୁବକକୁ କାବୁ କରାଯାଇଥିଲା ବେଳେ ଉତ୍ତ୍ୟକ୍ତ ଯାତ୍ରୀମାନେ ମାର୍‌ପିଟ ▶▶ ୫

### ହଟିଲା କର୍ଫ୍ୟୁ, ଚାଲିଲା ଇଣ୍ଟରନେଟ୍

# ଶାନ୍ତ ହେଉଛି ଅଶାନ୍ତ କଟକ

**କଟକ,୭।୧୦/ଏନ୍ଏନ୍ଏସ୍ :**

ଭାଇଚାରାର ସହର କଟକକୁ ଶାନ୍ତି ଫେରୁଛି। ମଙ୍ଗଳବାର କଟକରୁ କର୍ଫ୍ୟୁ ହଟିଛି ଏବଂ ଇଣ୍ଟରନେଟ୍ ସେବା ମଧ୍ୟ ସ୍ୱାଭାବିକ୍ ହୋଇଛି। କର୍ଫ୍ୟୁ କଟକଣା ପ୍ରତ୍ୟାହାର ହୋଇଛି ବୋଲି ପୁଲିସ କମିଶନର ଏସ୍.ଦେବଦତ୍ତ ସିଂହ ସୂଚନା ଦେବା ସହ କଟକ ସହର ଉପରେ କଡ଼ା ନଜର ରଖାଯାଇଛି ଏବଂ ଫୋର୍ସ ପ୍ରତ୍ୟାହାର କରାଯାଇନି ବୋଲି କହିଛନ୍ତି। ଏହାଛଡ଼ା ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂ ଜାରି ରହିଛି। ୩୬ଘଣ୍ଟା କର୍ଫ୍ୟୁ ସମୟରେ କୌଣସି ଅପ୍ରୀତିକର ଘଟଣା ଘଟିନାହିଁ। ୫ ତାରିଖ ସନ୍ଧ୍ୟା ଶୋଭାଯାତ୍ରା ଘଟଣାରେ ଏପର୍ଯ୍ୟନ୍ତ ୯ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ୪୮ଘଣ୍ଟା ପରେ କଟକ ସହରରେ ମଙ୍ଗଳବାର ସନ୍ଧ୍ୟା ୭ଟା ପରେ ଇଣ୍ଟରନେଟ୍ ସେବା ପୁନଃ ସ୍ଥାପନ ହୋଇଛି। ସହରବାସୀ ଆତଙ୍କିତ ନହେବାକୁ ପୁଲିସ କମିଶନର ପରାମର୍ଶ ଦେଇଛନ୍ତି।

୩୬ ଘଣ୍ଟା ଧରି ଅଶାନ୍ତ ହୋଇଥିବା ଭାଇଚାରାର କଟକ ସହରକୁ ଏବେ ଶାନ୍ତି ଫେରୁଛି। କର୍ଫ୍ୟୁ କଟକଣା ହଟିଯିବା ଯୋଗୁ ପରିସ୍ଥିତି ସ୍ୱାଭାବିକ ଆଡ଼କୁ ଗତି କରିଛି। ମଙ୍ଗଳବାର ପୂର୍ବାହ୍ଣ ୧୦ଟା ଯାଏ କର୍ଫ୍ୟୁ ବଳବତ୍ତର ଥିଲେ ବି ଭୋର୍‌ରୁ ଭୋର୍‌ରୁ କଟକ ସହର ଏକପ୍ରକାର ଅଳସ ଭାଙ୍ଗିଥିଲା। ଛତ୍ରବଜାର ପରିବା ମଣ୍ଡି ହୋଇ ଚଳଚଞ୍ଚଳ ହୋଇ ଉଠିଥିଲା। ଖୁଚୁରା ବେପାରୀମାନେ ପରିବାପତ୍ର ନେଇ ନିଜ ନିଜ ଅଞ୍ଚଳକୁ



ଯାତାୟାତ କରିଥିଲେ। ସକାଳ ୭ଟାରୁ କଲେଜଛକ ଠାରୁ ଆରମ୍ଭ କରି ବାରବାଟୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଏବଂ ଖାନନଗରଠାରୁ ଆରମ୍ଭ କରି ମର୍କତନଗର ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାରେ ଉଠାଦୋକନୀମାନେ ସେମାନଙ୍କ ପସରା ଖୋଲିଥିଲେ। ତେବେ ପୂର୍ବାହ୍ଣ ୧୦ ବେଳେ କଟକବାସୀନ୍ଦା ସଂଶୟରେ ଥିଲେ ଯେ ଆଗକୁ ଆଉ କର୍ଫ୍ୟୁ ଲାଗିବ କି ନାହିଁ। କେବଳ ସାଧାରଣ ଲୋକ ନୁହନ୍ତି କର୍ତ୍ତବ୍ୟରତ ପୁଲିସ କର୍ମଚାରୀମାନେ କର୍ଫ୍ୟୁ ବଳବତ୍ତର ନେଇ ସନ୍ଦେହରେ ଥିଲେ। ଏପରିକି

**ଆଶ୍ୱସ୍ତ ଲୋକେ, ଚଳଚଞ୍ଚଳ ବଜାରଘାଟ**

**ସହର ଉପରେ କଡ଼ା ନଜର ରଖାଯାଇଛି-ସିପି**

କେତେକ ସ୍ଥାନରେ ପୁଲସ ସାଧାରଣ ଜନତାଙ୍କ ସହିତ ବେତଣ୍ଡା ଯୁକ୍ତି କରୁଥିବାର ଦେଖାଯାଇଥିଲା। କାରଣ ସେମାନଙ୍କ ନିକଟରେ ଉପରିସ୍ଥ ଅଧିକାରୀମାନଙ୍କ ଠାରୁ ସେଭଳି କିଛି ଠୋସ୍ ନିର୍ଦ୍ଦେଶ ମିଳିନଥିବା ଭଳି ଜଣାପଡୁଥିଲା। ସିଏନ୍‌ବିଟିରୁ ବସ୍ ଚଳାଚଳ ଜାରି ରହିଥିଲା। ଅଟୋ ରିକ୍ସା, ରିକ୍ସା, ଟ୍ରଲି ଓ ବାଇକ୍, କାର୍ ଆଦି ଯାନବାହାନ ଧୀରେ ଧୀରେ ସହରର ବିଭିନ୍ନ ରାସ୍ତାରେ ଚଳପ୍ରଚଳ ଆରମ୍ଭ କରିଥିଲା। ▶▶ ୫

### ବିଶ୍ରାରେ ଡବଲ୍ ମର୍ଡର୍

## ଭାଇ-ଭାଉଜଙ୍କୁ ହାଣିଲା ସାନଭାଇ

**ରାଉରକେଲା,୭।୧୦/ଏନ୍ଏନ୍ଏସ୍:**

ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକ୍‌ର ମାନକୋ ପଞ୍ଚାୟତ ଅନ୍ତର୍ଗତ ଚିରୁବେଡା ଗାଁରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଏହି ହତ୍ୟାକାଣ୍ଡ ଘଟାଇଛି ନାମଜାଙ୍ଗ ମୁଣ୍ଡା। ନାମଜାଙ୍ଗ ତା'ର ବଡ଼ଭାଇ ଏନ୍.ଏମ୍. ମୁଣ୍ଡା ଓ ଭାଉଜ ଶୋଭା ମୁଣ୍ଡାଙ୍କୁ ଏକ ଫାର୍ଶାରେ ହାଣି ହତ୍ୟା କରିଥିବା ଜଣାପଡ଼ିଛି।


ସୂଚନା ଅନୁସାରେ ଏନ୍.ଏମ୍. ମୁଣ୍ଡା ଓ ତାଙ୍କ ସାନଭାଇ ନାମଜାଙ୍ଗ ମୁଣ୍ଡାଙ୍କ ମଧ୍ୟରେ ▶▶ ୫

## ୧୧ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା

**ଭୁବନେଶ୍ୱର,୭।୧୦/ଏନ୍ଏନ୍ଏସ୍:**

ଟ୍ରପ୍ ଲାଇନ୍ ପ୍ରଭାବରେ ଗତ ୨୪ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଲାଗି ରହିଛି। ଆଗାମୀ ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର କିଛି କିଛି ସ୍ଥାନରେ ଏଭଳି ବର୍ଷା ଲାଗି ରହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅଧିକାଂଶ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ବିଜୁଳି ଘଡ଼ଘଡ଼ି ବର୍ଷା ସହ ▶▶ ୫

## ପଦାର୍ଥ ବିଜ୍ଞାନରେ କ୍ଲାର୍କ୍, ଡେଭୋରେଟ୍, ମାର୍ଟିନିସ୍‌ଙ୍କୁ ନୋବେଲ୍



**ଷ୍ଟକହୋମ୍, ୭।୧୦/ଏଜେନ୍ସି:**

୨୦୨୫ ବର୍ଷ ପାଇଁ ନୋବେଲ ପୁରସ୍କାର ଘୋଷଣା ପ୍ରକ୍ରିୟା ଆରମ୍ଭ ହୋଇଛି। ସୋମବାର ମେଡିସିନ୍ କ୍ଷେତ୍ରରେ ଉତ୍କର୍ଷତା ପାଇଁ ୩ଜଣଙ୍କୁ ନୋବେଲ୍ ପୁରସ୍କାର ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଥିବା ବେଳେ ମଙ୍ଗଳବାର ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ଚଳିତ ବର୍ଷ ପାଇଁ ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଜନ୍ କ୍ଲାର୍କ, ମାଇକେଲ୍ ଡେଭୋରେଟ୍ ଏବଂ ଜନ ମାର୍ଟିନିସଙ୍କ ନାମ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଏକ ଇଲେକ୍ଟ୍ରିକ ସର୍କିଟ୍‌ରେ କ୍ୱାଣ୍ଟମ୍ ମେକାନିକାଲ ଟନେଲିଂ ଏବଂ ଏନର୍ଜୀ କ୍ୱାଣ୍ଟାଇଜେସନ (ଶକ୍ତି ପରମାଣିକରଣ)ର ଯୁଗାନ୍ତକାରୀ ଆବିଷ୍କାର ପାଇଁ ଏହି ୩ ବୈଜ୍ଞାନିକଙ୍କୁ ନୋବେଲ୍ ପୁରସ୍କାରରେ ସମ୍ମାନିତ କରାଯିବ।

ରୟାଲ ସ୍ୱେଡିଶ ଏକାଡେମୀ ଏଫ୍ ସାଇନସେସ୍ ପକ୍ଷରୁ ପ୍ରଦାନ କରାଯାଉଥିବା ଏହି ନୋବେଲ୍ ପୁରସ୍କାର ବାବଦରେ ୩ ବୈଜ୍ଞାନିକଙ୍କୁ ୧୧ ମିଲିଅନ୍ ସ୍ୱେଡିଶ୍ କ୍ରନର (ପ୍ରାୟ ୧୦ କୋଟି ଟଙ୍କା) ପ୍ରଦାନ କରାଯିବ। କ୍ଲାର୍କ ଏବଂ ମାର୍ଟିନିସ୍ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ ସହିତ ଜଡ଼ିତ ଥିବାବେଳେ ଡେଭୋରେଟ ୟେଲ୍ ବିଶ୍ୱବିଦ୍ୟାଳୟ ଏବଂ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ସହିତ ସମ୍ପୃକ୍ତ ରହିଛନ୍ତି। କ୍ଲାର୍କ ବ୍ରିଟେନ୍‌ର କେମ୍ବ୍ରିଜରେ ୧୯୪୨ରେ ଜନ୍ମଗ୍ରହଣ କରିଥିଲେ। ସେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ୧୯୬୮ରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ବର୍ତ୍ତମାନ ସେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି। ସେହିପରି ୧୯୫୩ରେ ଫ୍ରାନ୍ସରେ ଜନ୍ମିତ ଡେଭୋରେଟ୍ ୧୯୮୨ରେ ପ୍ୟାରିସ-ସୁଦ୍ ବିଶ୍ୱବିଦ୍ୟାଳୟରୁ ପିଏଚ.ଡି ଡିଗ୍ରୀ ଲାଭ କରିଥିଲେ। ସେ ▶▶ ୫

### ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ୋକ୍ତି

## ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ

**ଭୁବନେଶ୍ୱର,୭।୧୦/ଏନ୍ଏନ୍ଏସ୍:**

ରାଜ୍ୟରେ ପ୍ରାଥମିକ ଶିକ୍ଷା ବିକାଶ ପାଇଁ ସରକାର ପ୍ରତିବଦ୍ଧ। ଚଳିତ ବଜେଟ୍‌ରେ ପ୍ରାଥମିକ ଶିକ୍ଷା ପାଇଁ ରେକର୍ଡ ୩୧ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି। ଶିକ୍ଷା କ୍ଷେତ୍ରରେ ହୋଇଥିବା ପ୍ରାବଧାନ ହେଉଛି ମୋଟ୍ ବଜେଟର ୧୪.୨ ପ୍ରତିଶତ ଏବଂ ଜିଏସ୍‌ଡିପିର ୩.୯ ପ୍ରତିଶତ, ଯାହା ଦେଶର ପ୍ରମୁଖ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। କେବଳ ଶିକ୍ଷା କ୍ଷେତ୍ରରେ ୧୪ ପ୍ରତିଶତରୁ ଅଧିକ ଖର୍ଚ୍ଚ ହେଉଛି। ଏହା ହେଉଛି ଆମ ସରକାରଙ୍କ ଶିକ୍ଷା ପ୍ରତି ଆନ୍ତରିକତା।

ବାଙ୍କୀସ୍ଥିତ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ଶତବାର୍ଷିକୀ ପାଳନ ଉଦ୍‌ଯାପନୀ ସମାରୋହରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରି ଏହା ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟରେ ଏକ ଅଡିଟୋରିଅମ୍ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ଏକ କୋଟି ଟଙ୍କାର ଘୋଷଣା କରିଛନ୍ତି ଏବଂ ବିଦ୍ୟାଳୟର ସମସ୍ତ ଆନୁସଙ୍ଗିକ ନିର୍ମାଣ ପାଇଁ ଯାହା ପାଣ୍ଠି ଆବଶ୍ୟକ, ସେ ସବୁ ମଧ୍ୟ ଦିଆଯିବା ନିମନ୍ତେ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ଏହି ଏକ ଶତାବ୍ଦୀର ଯାତ୍ରା କୌଣସି ସାଧାରଣ ସମୟ ସୀମା ନୁହେଁ, ବରଂ ଏକ ଆଲୋକମୟ



ପରିଚୟ। ଏହା କେବଳ ଗୋଟିଏ ବିଦ୍ୟାଳୟ ନୁହେଁ, ବରଂ ଏକ ଆନ୍ଦୋଳନ, ଯାହା ବାଙ୍କୀ ଅଞ୍ଚଳର ସାଧାରଣ ଲୋକଙ୍କୁ ଶିକ୍ଷା କ୍ଷେତ୍ରରେ ଆଗେଇ ନେଇଛି, ସ୍ୱାଭିମାନ ଓ ସ୍ୱୟଂ ସଚେତନତାର ପ୍ରେରଣା ଦେଇଛି।

ସ୍ଥାପନା ହେବା ଦିନରୁ ଆଜି ପର୍ଯ୍ୟନ୍ତ, ଏହି ବିଦ୍ୟାଳୟର ଯାତ୍ରା ସହଜ ହୋଇନଥିଲା। ସମୟର ପରିବର୍ତ୍ତନ, ସାମାଜିକ-ଆର୍ଥିକ ସଂକଟ, ଶିକ୍ଷା ପ୍ରଣାଳୀର ରୂପାନ୍ତରଣ ସବୁକିଛିକୁ ଜୀବନ୍ତ ଭାବେ ଏହା ଦେଖିଛି। କିନ୍ତୁ ଗୋଟିଏ ଜିନିଷ କେବେ ବଦଳି ଯାଇନି, ତାହାହିଁ ହେଉଛି, ଏହାର ମୂଲ୍ୟବୋଧ। ଏହି ବିଦ୍ୟାଳୟ କେବଳ ବାଙ୍କୀ ନୁହେଁ, ଏହାର ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ ଦ୍ୱାରା ଜ୍ଞାନର ଆଲୋକ ବିକିରଣ କରି ସମଗ୍ର ଓଡିଶାରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ନିଜକୁ ପ୍ରତିପାଦିତ କରିପାରିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିକ୍ଷା ବ୍ୟବସ୍ଥା ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଶିକ୍ଷାର ଦ୍ୱିତୀୟ ବିକଳ୍ପ ନାହିଁ। କାରଣ, ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଯାହା ଆମକୁ ଅଜ୍ଞାନର ଅନ୍ଧକାରରୁ ଜ୍ଞାନ ଓ ଚେତନା ଆଡ଼କୁ ନେଇଥାଏ। ଆଜିର ପରିବର୍ତ୍ତନଶୀଳ ସମାଜ ସହ ତାଳଦେଇ ଆଗକୁ ବଢିବାକୁ ହେଲେ ନୂତନ ଶିକ୍ଷା ବ୍ୟବସ୍ଥା ସହ ଚାଲିବାକୁ ହେବ। ଏହାକୁ ହୃଦୟଙ୍ଗମ କରି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ବିସ୍ତୃତ ଆଲୋଚନା ପରେ ନୂତନ ଜାତୀୟ ଶିକ୍ଷାନୀତି, ୨୦୨୦ର ଶୁଭାରମ୍ଭ କରିଥିଲେ। କିନ୍ତୁ, ରାଜନୈତିକ କାରଣରୁ ଓଡ଼ିଶାରେ ▶▶ ୫

### ଆଇନ୍‌ଜୀବୀ ପୀତବାସ ପଣ୍ଡାଙ୍କ ଜଘନ୍ୟ ହତ୍ୟା


# ଅପରାଧୀଙ୍କୁ ଧରିବାକୁ ସ୍ୱତନ୍ତ୍ର ଟିମ୍

**ବ୍ରହ୍ମପୁର,୭।୧୦/ଏନ୍ଏନ୍ଏସ୍:**

ଶାନ୍ତପ୍ରିୟ ବ୍ରହ୍ମପୁର ସହରରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ବ୍ରହ୍ମପୁର ସହରର ଜଣାଶୁଣା ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କୁ ରାତ୍ର ପ୍ରାୟ ୯ଟାରେ ବ୍ରହ୍ମାନଗର ଅଞ୍ଚଳରେ ଅତି ନିକଟରୁ ଗୁଳି କରି ହତ୍ୟା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଛି। ଗୋଟିଏ ବାଇକ୍‌ରେ ଦୁଇଜଣ ଦୁର୍ବୃତ୍ତ ଆସି

**ପୁଲିସ୍‌ର ଖୋଳତାଡ଼, ସିସିଟିଭି ଫୁଟେଜ୍ ଜବତ**

ସ୍କୁଟିରେ ଯାଉଥିବା ଆଇନଜୀବୀ ଶ୍ରୀ ପଣ୍ଡାଙ୍କୁ ଅଟକାଇ ଗୁଳି କରିଥିଲେ। ତେବେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବୈକୁଣ୍ଠନଗର ନିବାସୀ ଶ୍ରୀ ପଣ୍ଡାଙ୍କୁ କିଏ ଓ କାହିଁକି ହତ୍ୟା କଲା ତାକୁ ନେଇ ଏବେ ଆରମ୍ଭ ହୋଇଛି ଚର୍ଚ୍ଚା ଆଲୋଚନା। ପୂର୍ବରୁ କଂଗ୍ରେସ ଦଳରେ ଥିବା ଆଇନଜୀବୀ ଶ୍ରୀ ପଣ୍ଡା ୨୦୨୪ ମସିହାରେ ବିଜେପିରେ ସାମିଲ ହୋଇଥିଲେ। ପୂର୍ବ ସରକାରଙ୍କ ଅମଳରେ ହୋଇଥିବା ଦୋଷ ଦୁର୍ବଳତାକୁ



ଲୋକଲୋଚକୁ ଆଣିବା ସହ ବିଭିନ୍ନ ବିକାଶମୂଳକ ନାମରେ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚକୁ ନେଇ ନିକଟରେ ସେ ପ୍ରଶ୍ନ ଉଠାଇଥିଲେ। ସୂଚନା ଅଧିକାର ଆଇନ୍(ଆର୍‌ଟିଆଇ) ବଳରେ ପାଇଥିବା ବିଭିନ୍ନ ତଥ୍ୟକୁ ସାର୍ବଜନୀନ କରି ଚର୍ଚ୍ଚାକୁ ଆସିଥିଲେ ପୀତବାସ। ପୁଲିସ୍ ବିଭିନ୍ନ ଦିଗକୁ ନେଇ ଆରମ୍ଭ କରିଛି ଖୋଳତାଡ଼। ହତ୍ୟା ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ନେଇ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଦକ୍ଷିଣାଞ୍ଚଳ ଡିଆଇଜି ନୀତି ଶେଖରଙ୍କ ସମେତ ପୁଲିସ୍ ଅଧିକାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ଘଟଣାସ୍ଥଳରୁ ସିସିଟିଭି ଫୁଟେଜ୍ ଜବତ ହୋଇଛି। ଅଭିଯୁକ୍ତଙ୍କୁ ଧରିବା ଲାଗି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଚିହ୍ନଟ ସହ ଗିରଫ କରାଯିବା ନେଇ ସମସ୍ତ ଉଦ୍ୟମ ଜାରି ରହିଥିବା ଗଞ୍ଜାମ ଏସ୍‌ପି ଶ୍ରୀ ପାତ୍ର କହିଛନ୍ତି।

**ଖୁବ୍‌ଶୀଘ୍ର ଦୋଷୀଙ୍କୁ ଧରିବୁ, କାର୍ଯ୍ୟାନୁଷ୍ଠାନ ନେବୁ: ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୭।୧୦/ଏନ୍ଏନ୍ଏସ୍:**

ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ଜଘନ୍ୟ ଓ ଅମାନୁଷିକ ହତ୍ୟାକାଣ୍ଡରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ଘଟଣାରେ ସଂପୃକ୍ତ ଅପରାଧୀମାନଙ୍କୁ ଖୋଜି ବାହାର କରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ପୁଲିସ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଓଡ଼ିଶା ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ। ଏଭଳି ଜଘନ୍ୟ ଓ ଅମାନୁଷିକ ଘଟଣାକୁ କୌଣସି ପରିସ୍ଥିତିରେ ମଧ୍ୟ ବରଦାସ୍ତ କରାଯିବ ନାହିଁ। ପାତାଳରେ ଥିଲେ ବି ଧରିବୁ, ଆମେ ଛାଡ଼ିବୁ ନାହିଁ ବୋଲି ସେ ଦୃଢ଼ତାର ସହ ପ୍ରକାଶ କରିଛନ୍ତି। ଶେଷରେ ମୁଖ୍ୟମନ୍ତ୍ରୀ ପୁଣିଥରେ ସ୍ୱର୍ଗତ ପଣ୍ଡାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

### ନୂଆପଡ଼ା ଉପନିର୍ବାଚନ

## ଘାସିରାମ ମାଝୀ କଂଗ୍ରେସ ପ୍ରାର୍ଥୀ

**ଭୁବନେଶ୍ୱର,୭।୧୦/ଏନ୍ଏନ୍ଏସ୍:**



ଆସନ୍ତା ୧୧ ନଭେମ୍ବର ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପାଇଁ ଘାସିରାମ ମାଝୀ କଂଗ୍ରେସର ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ଓ ତାଙ୍କ ରାଜନୈତିକ ବ୍ୟାପାର କମିଟିର ସର୍ବସମ୍ମତ ପ୍ରସ୍ତାବରେ ମଙ୍ଗଳବାର ମୋହର ଲଗାଇଛି ଏଆଇସିସି। ଏହି ମର୍ମରେ ଏଆଇସିସି ପକ୍ଷରୁ ସାଧାରଣ ସଂପାଦକ (ସଙ୍ଗଠନ) ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଘାସିରାମଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷିତ ▶▶ ୫

### ରେକର୍ଡ ସ୍ତରରେ ୟେଲୋ ମେଟାଲ୍

## ସୁନା ମୂଲ୍ୟ ୧.୨୧ ଲକ୍ଷ ଛୁଇଁଲା

**ନୂଆଦିଲ୍ଲୀ, ୭।୧୦/ଏଜେନ୍ସି:**

ମଙ୍ଗଳବାର ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ୍ ୧.୨୧ ଲକ୍ଷ ଛୁଇଁଛି। ରିପୋର୍ଟ ଅନୁସାରେ ମଙ୍ଗଳବାର ସୁଦ୍ଧା ସୁନା ମୂଲ୍ୟ (୧୦ଗ୍ରାମ୍ ପ୍ରତି) ୬୫୦ ଟଙ୍କା ବୃଦ୍ଧି ପାଇବା ଯୋଗୁ ଏହାର ମୂଲ୍ୟ ୧,୨୦,୯୦୦ ଟଙ୍କାରେ ପହଞ୍ଚିଛି। ବିଶ୍ୱ ବଜାରର ସାମ୍ପ୍ରତି ପରିସ୍ଥିତି, ଆମେରିକା ସରକାରଙ୍କ ଜାରି ରହିଥିବା ବନ୍ଦ ତାକରା ଏବଂ ପରବର୍ତ୍ତୀ ବୈଠକରେ ଫେଡେରାଲ ରିଜର୍ଭ ହାର ହ୍ରାସ ବିଷୟରେ ବୃଦ୍ଧି ପାଉଥିବା ଅନୁମାନ ମଧ୍ୟରେ ସୁନା ମୂଲ୍ୟରେ ଏପ୍ରକାର ଅହେତୁକ ବୃଦ୍ଧି ପରିଲକ୍ଷିତ ହୋଇଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍‌ସିଏକ୍ସ)ଜନିତ ବ୍ୟବସାୟିକ କାରବାର ଅନୁସାରେ ଡିସେମ୍ବରରେ ଡେଲିଭରି ସୁନା ଭବିଷ୍ୟତ ମୂଲ୍ୟ ୬୫୧ ଟଙ୍କା (୦.୫୪ ପ୍ରତିଶତ) ବୃଦ୍ଧି ପାଇ ୧୦ ଗ୍ରାମ ୧,୨୦,୯୦୦ ଟଙ୍କାରେ ▶▶ ୫

# ରାଇରଙ୍ଗପୁରରେ ଆରମ୍ଭ ହେବ ଇଗ୍ନୋର ନୂତନ ଆଞ୍ଚଳିକ କେନ୍ଦ୍ର

**ଭୁବନେଶ୍ୱର,୭।୧୦/ଏନ୍ଏନ୍ଏସ୍:** ଭାରତୀୟ ସଂସଦର ଏକ ଅଧିନିୟମ ଦ୍ୱାରା ପ୍ରତିଷ୍ଠିତ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏହାର ପ୍ରତିଷ୍ଠାର ଉଦ୍ଦେଶ୍ୟ ଅନୁଯାୟୀ କୋଣ ଅନୁକୋଣରେ ଉଚ୍ଚକୋଟୀର ଉଚ୍ଚ ଶିକ୍ଷା ସୁଲଭ ମୂଲ୍ୟରେ ପ୍ରଦାନ କରିଆସିଛି। ବଞ୍ଚିତ ବର୍ଗ, ଚାକିରି କରୁଥିବା ବ୍ୟକ୍ତି, ଗୃହିଣୀ ଏବଂ ଉଚ୍ଚକାଂକ୍ଷୀ ବିଦ୍ୟାର୍ଥୀମାନେ ଇଗ୍ନୋର ପାଠ୍ୟକ୍ରମରେ ଉପକୃତ ହୋଇଆସିଛନ୍ତି।

ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ଇଗ୍ନୋର ତିନିଟି ଆଞ୍ଚଳିକ କେନ୍ଦ୍ର ଥିଲା। ତାହା ହେଉଛି ଭୁବନେଶ୍ୱର, କୋରାପୁଟ ଏବଂ ଅନୁଗୁଳ ଆଞ୍ଚଳିକ କେନ୍ଦ୍ର। ଓଡ଼ିଶାରେ ଉଚ୍ଚଶିକ୍ଷା ଦ୍ରୁତ ପ୍ରସାର ପାଇଁ ଇଗ୍ନୋ କର୍ତ୍ତୃପକ୍ଷ ଏକ ପ୍ରଶଂସନୀୟ ପଦକ୍ଷେପ ନେଇ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଏକ ଆଞ୍ଚଳିକ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲାରେ ଇଗ୍ନୋର ଉଚ୍ଚଶିକ୍ଷା ସମ୍ପର୍କିତ ବିଭିନ୍ନ ଗତିବିଧି ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ର ଦ୍ୱାରା ସମନ୍ୱିତ ହେବ ବୋଲି ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଜଣାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ଜିଲ୍ଲାଗୁଡ଼ିକରେ ଇଗ୍ନୋର କାର୍ଯ୍ୟକଳାପ ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ଦ୍ୱାରା ପରିଚାଳିତ ହୋଇଆସୁଥିଲା। ଏହି ନୂତନ ଆଞ୍ଚଳିକ କେନ୍ଦ୍ରର ପ୍ରତିଷ୍ଠା ଦ୍ୱାରା ଉପରୋକ୍ତ ଜିଲ୍ଲାଗୁଡ଼ିକରେ ଇଗ୍ନୋ, ବିଦ୍ୟାର୍ଥୀଙ୍କ ଆହୁରି ନିକଟରେ ପହଞ୍ଚିପାରିବ ବୋଲି ଡ଼. ଦାଶ ଜଣାଇଛନ୍ତି।

# ମହିଳାଙ୍କ ଜୀବନକୁ ପରିବର୍ତ୍ତନ କରୁଛି ବେଦାନ୍ତ ଆଲୁମିନିୟମ୍‌ର ପ୍ରୋଜେକ୍ଟ 'ସଖୀ'

**ଭୁବନେଶ୍ୱର,୭।୧୦/ଏନ୍ଏନ୍ଏସ୍:** ମହିଳାଙ୍କୁ ସଶକ୍ତ କରିବା କେବଳ ବ୍ୟକ୍ତିତ୍ୱର ବିକାଶ ନୁହେଁ, ବରଂ ସମଗ୍ର ସମାଜକୁ ପରିବର୍ତ୍ତନ କରିବାକୁ ବୁଝାଏ। ଭାରତରେ, ଯେଉଁଠାରେ ଅର୍ଥନୀତିରେ ମହିଳାଙ୍କ ଅଂଶଗ୍ରହଣ, ଅଭିବୃଦ୍ଧିର ସବୁଠାରୁ ଶକ୍ତିଶାଳୀ ଲିଭର ମଧ୍ୟରୁ ଗୋଟିଏ, ସେଠାରେ ସାମାଜିକ-ଅର୍ଥନୈତିକ ପରମ୍ପରା ପ୍ରତିବନ୍ଧକ ସାଜି ଠିଆ ହୁଏ। କଳାହାଣ୍ଡି ଜିଲ୍ଲାରେ ଭାରତର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଏହାର ପ୍ରମୁଖ ମହିଳା ସଶକ୍ତିକରଣ ପଦକ୍ଷେପ, ପ୍ରୋଜେକ୍ଟ ସଖୀ ମାଧ୍ୟମରେ ଏହି ପ୍ରତିବନ୍ଧକଗୁଡ଼ିକୁ ଦୂର କରୁଛି। ୨୦୧୫ରେ ଏହାର ପ୍ରତିଷ୍ଠା ହେବା ପରଠାରୁ ପ୍ରୋଜେକ୍ଟ ସଖୀ ଏକ ନୀରବ ବିପ୍ଳବ ସୃଷ୍ଟିକରିଛି। ୪୪୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ୪,୬୦୦ରୁ ଅଧିକ ମହିଳା ୫ କୋଟିରୁ ଅଧିକ ଆର୍ଥିକ ସହାୟତା ସଂଗ୍ରହ କରିଛନ୍ତି।

ଜୀବିକାଠାରୁ ନେତୃତ୍ୱ ପର୍ଯ୍ୟନ୍ତ ପ୍ରୋଜେକ୍ଟର ମୂଳରେ ଏକ ମୌଳିକ ଧାରଣା ରହିଛି ସ୍ୱାଧୀନ ଭାବରେ ରୋଜଗାର କରିବା ପାଇଁ ମହିଳାମାନଙ୍କର କ୍ଷମତା ବିକାଶ କରନ୍ତୁ ଏବଂ ସେମାନଙ୍କୁ ଉଦ୍ୟୋଗୀତାକୁ ଉନ୍ମୁକ୍ତ କରିପାରୁଥିବା ସମ୍ବଳଗୁଡ଼ିକର ଚାବି ଦିଅନ୍ତୁ।



ପ୍ରୋଜେକ୍ଟ ସଖୀ ଆର୍ଥିକ ସାକ୍ଷରତା, ଋଣର ସୁବିଧା, ବୃତ୍ତିଗତ ତାଲିମ୍ ଏବଂ ସାମୂହିକ ନେତୃତ୍ୱକୁ ଏକତ୍ରିତ କରେ। ମହିଳାମାନଙ୍କୁ କୃଷିଭିତ୍ତିକ ଏବଂ ଅଣକୃଷିଭିତ୍ତିକ ଆୟ ସୁଯୋଗ ଅନୁସନ୍ଧାନ କରିବାକୁ ଉତ୍ସାହିତ କରାଯାଏ, ଛତୁଚାଷ ଏବଂ ଛେଳିପାଳନଠାରୁ ଆରମ୍ଭକରି କିରାଣା ଦୋକାନ, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଏବଂ ପ୍ରିଣ୍ଟିଙ୍ଗ୍ ଦୋକାନ ଭଳି ଛୋଟ ଉଦ୍ୟୋଗ ପର୍ଯ୍ୟନ୍ତ। ଏହି ପ୍ରୟାସର ପ୍ରଭାବ ଗୁରୁତ୍ୱପୂର୍ଣ୍ଣ ହୋଇଛି। କେବଳ ଗତବର୍ଷ ଏହି ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକରୁ ପ୍ରାୟ ୩.୮୪ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା, ଯାହା ହଜାରରୁ ଅଧିକ ମହିଳାଙ୍କୁ ଲାଭ ଦେଇଥିଲା। ଏହି କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ସ୍ଥିର ଆୟ ପ୍ରଦାନ କରୁଛନ୍ତି ଏବଂ ସ୍ଥାନୀୟ ଅର୍ଥନୀତିରେ ଏକ ବିଶାଳ ପ୍ରଭାବ ସୃଷ୍ଟି କରୁଛନ୍ତି। ସମୟ ସହିତ ପ୍ରୋଜେକ୍ଟ ସଖୀ ୧୮୮୦ରୁ ଅଧିକ ମହିଳାଙ୍କୁ ୧୩୦୦ରୁ ଅଧିକ ଛୋଟ ଉଦ୍ୟୋଗ ଆରମ୍ଭ କରିବାକୁ ସକ୍ଷମ କରିଛି, ଏକ ଦଶନ୍ଧି ପୂର୍ବରୁ ଅକଳ୍ପନୀୟ ଉପାୟରେ ଜୀବିକାକୁ ପୁନଃଆକୃତି ଦେଇଛି। ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଏହି ପ୍ରୋଜେକ୍ଟର ସଫଳତା କେବଳ ସଂଖ୍ୟାରେ ନାହିଁ, ଏହା ଏକ କେନ୍ଦ୍ରିତ, ତୃଣମୂଳସ୍ତରରେ ଦୃଷ୍ଟିକୋଣର ପରିବର୍ତ୍ତନଶୀଳ ଶକ୍ତିର ପ୍ରମାଣ। ଏକ ଉଲ୍ଲେଖନୀୟ ଉଦାହରଣ ବଳଭଦ୍ରପୁର ଗ୍ରାମରୁଆସିଛି, ଯେଉଁଠାରେ ମା' ଶିବାନୀ ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟରେ ପ୍ରକଳ୍ପର ଆତ୍ମାକୁ ଦର୍ଶାଏ। କୁକୁଡ଼ା ପାଳନରେ ତାଲିମ୍ ଗ୍ରହଣ କରିବା ପରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକ କୁକୁଡ଼ା ୟୁନିଟ୍ ସ୍ଥାପନ କରିଛନ୍ତି ଯାହା ୧.୨୭ ଲକ୍ଷରୁ ଅଧିକ ରାଜସ୍ୱ ସୃଷ୍ଟି କରିଛି। ଏହି ପଦକ୍ଷେପ କେବଳ ସେମାନଙ୍କର ପରିବାରର ଆୟ ବୃଦ୍ଧି କରିନାହିଁ ବରଂ ସମ୍ପ୍ରଦାୟରେ ସେମାନଙ୍କର ପ୍ରତିଷ୍ଠାକୁ ମଧ୍ୟ ଉଚ୍ଚ କରିଛି। ପରିବାର କିମ୍ବା ସମ୍ପ୍ରଦାୟ ନିଷ୍ପତ୍ତିରେ ସୀମିତ ପ୍ରଭାବ ଥିବା ମହିଳାମାନଙ୍କୁ ଏବେ ରୋଜଗାରକ୍ଷମ ଏବଂ ଆଦର୍ଶ ଭାବରେ ଦେଖାଯାଉଛି, ଯେଉଁମାନେ ଅନ୍ୟମାନଙ୍କୁ ସେମାନଙ୍କ ପଥ ଅନୁସରଣ କରିବାକୁ ପ୍ରେରଣା ଦେଉଛନ୍ତି। ସାମାଜିକ ସୁରକ୍ଷା ଏହି କାର୍ଯ୍ୟକ୍ରମର ଆଉ ଏକ ସ୍ତମ୍ଭ ହୋଇଛି। ଜୀବନ ଏବଂ ଦୁର୍ଘଟଣା ବୀମା, ଶିଶୁ ସଞ୍ଚୟ କାର୍ଯ୍ୟକ୍ରମ ଏବଂ ଶ୍ରମ କଲ୍ୟାଣ ପଞ୍ଜିକରଣ ଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା ସହିତ ୩,୦୦୦ରୁ ଅଧିକ ମହିଳାଙ୍କୁ ସଂଯୋଗ କରି ପ୍ରୋଜେକ୍ଟ ସଖୀ ସୁରକ୍ଷା ଜାଲ ସୃଷ୍ଟି କରିଛି ଯାହା ପରିବାରକୁ ଅନିଶ୍ଚିତତା ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ।

## କିମ୍ସରେ ଅଢ଼େଇ ବର୍ଷ ଶିଶୁର ବିରଳ ଅସ୍ତ୍ରୋପଚାର

# ୭ ବିଭାଗର ୧୫ ଡାକ୍ତର ଶିଶୁକୁ ଦେଲେ ନୂଆ ଜୀବନ

**ଭୁବନେଶ୍ୱର,୭।୧୦/ଏନ୍ଏନ୍ଏସ୍:** କିମ୍ସର ୭ଟି ବିଭାଗର ୧୫ଜଣ ଡାକ୍ତର ଓ ବିଶେଷଜ୍ଞଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ନୂଆ ଜୀବନ ପାଇଛି ଜଣେ ୨ ବର୍ଷ ୭ ମାସ ବୟସର ଶିଶୁ କନ୍ୟା। ପ୍ରଥମ ଥର ପାଇଁ ଓଡ଼ିଶାର କିମ୍ସରେ ଏଭଳି ଏକ ଜଟିଳ ଯକୃତ ଅସ୍ତ୍ରୋପଚାର ଉଦାହରଣ ସୃଷ୍ଟି କରିଛି।



ଶିଶୁର ଯକୃତରେ ହେପାଟୋବ୍ଲାଷ୍ଟୋମା ନାମକ ଏକ ବିରଳ ଟ୍ୟୁମର୍ ହୋଇଥିଲା। ଏହା ଶିଶୁଟିର ଫୁସ୍‌ଫୁସ୍ ପର୍ଯ୍ୟନ୍ତ ବ୍ୟାପିଯାଇଥିଲା। ଶିଶୁଟି ପେଟରେ ମାସ ମାସ ଧରି ଯନ୍ତ୍ରଣା ଅନୁଭବ କରିବା ସହ ପେଟ ଫୁଲି ରହୁଥିଲା ଏବଂ ତା'ର ଭୋକ କମିଯାଇଥିଲା। ବହୁ ଡାକ୍ତରଖାନାରେ ଚିକିତ୍ସା ପରାମର୍ଶ ନେଇଥିଲେ ମଧ୍ୟରେ ଶିଶୁଟିକୁ ଯନ୍ତ୍ରଣାରେ ଉପଶମ ମିଳି ନ ଥିଲା। ପରେ ଶିଶୁର ବାପାମା' ତାକୁ କିମ୍ସକୁ ଆଣି ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ପରୀକ୍ଷାନିରୀକ୍ଷା ପରେ ଶିଶୁର ଯକୃତରେ ହେପାଟୋବ୍ଲାଷ୍ଟୋମା ନାମକ ବିରଳ ଟ୍ୟୁମର୍ ହୋଇଥିବା ଜଣାପଡ଼ିଥିଲା। କିମ୍ସ ହେମାଟୋ ଅନ୍‌କୋଲୋଜିଷ୍ଟ ଡା. ପଳାସ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତୁରନ୍ତ କେମୋଥେରାପି ଆରମ୍ଭ କରାଯାଇଥିଲା। କେମୋ ଦେବା ପରେ ଶିଶୁର ଅବସ୍ଥାରେ ଉନ୍ନତି ଆସିଥିଲେ ମଧ୍ୟ ଅସ୍ତ୍ରୋପଚାର ଦୃଷ୍ଟିରୁ ଟ୍ୟୁମର୍‌ଟି ବଡ଼ ଥିଲା। ଶିଶୁର ଏଭଳି ଅବସ୍ଥାରେ କିମ୍ସର ଇଣ୍ଟରଭେନ୍‌ସନାଲ୍ ରେଡିଓଲୋଜିଷ୍ଟ ଡା. ସ୍ୱାତୀ ଦାସଙ୍କ ପରାମର୍ଶକ୍ରମେ ଟେସ୍ (ଟ୍ରାନ୍ସଆର୍ଟେରିଆଲ୍ କେମୋଏମ୍ବୋଲାଇଜେସନ୍) ପ୍ରକ୍ରିୟାରେ କେମୋ ପ୍ରଦାନ କରାଯାଇଥିଲା। ଏହି ପ୍ରକ୍ରିୟାରେ ଟ୍ୟୁମର୍‌କୁ ଯାଇଥିବା ରକ୍ତବାହୀ ନଳୀରେ କେମୋ ପ୍ରଦାନ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଏହି ପ୍ରକ୍ରିୟାରେ ଟ୍ୟୁମର୍‌ର ଆକାର ହ୍ରାସ ପାଇଥିଲା। ଫଳରେ ଅସ୍ତ୍ରୋପଚାର ପାଇଁ ସହଜ ହୋଇଥିଲା। ପରେ ୭ଟି ବିଭାଗର ୧୫ ଜଣ ଡାକ୍ତରଙ୍କ ମିଳିତ ସହଯୋଗରେ ଶିଶୁର ଯକୃତ ଟ୍ୟୁମର୍‌ର ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ଶିଶୁ ଶଲ୍ୟ ବିଭାଗ ମୁଖ୍ୟ ଡା. ପି. କେ. ଜେନାଙ୍କ ନେତୃତ୍ୱରେ ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଶେଷଜ୍ଞ ଡା. ବେଦବ୍ୟାସ ମହାପାତ୍ର, ଶିଶୁ ଶଲ୍ୟ ବିଶେଷଜ୍ଞ ଡା. ବର୍ଷା ଏମ୍ ତୋତାଦ୍ରିଙ୍କ ଦ୍ୱାରା ନିଶ୍ଚେତକ ଟିମ୍‌ର ସହଯୋଗରେ ଅସ୍ତ୍ରୋପଚାର କରାଯାଇଥିଲା। ଅସ୍ତ୍ରୋପଚାର ପରେ ଶିଶୁ ବିଭାଗ ଆଇସିୟୁରେ ଶିଶୁରୋଗ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଶେଷଜ୍ଞ ଡା. ଜିତେନ ସାହୁ ଓ ଆଇସିୟୁ ଟିମ୍ ଶିଶୁର ଉପଯୁକ୍ତ ଯତ୍ନ ନେଇଥିଲେ। ଏବେ ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ଅଛି। ଖବରରେ ସନ୍ତୋଷ ପ୍ରକାଶ କରି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇବା ସହ ଶିଶୁର ସୁସ୍ଥ ଜୀବନ କାମନା କରିଛନ୍ତି।

# 'ଉନ୍ନତ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ନେବା ଉଚିତ୍'

ଭୁବନେଶ୍ୱର,୭।୧୦/ଏନ୍ଏନ୍ଏସ୍: ଉନ୍ନତ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ନେବା ଉଚିତ। ବିଶେଷକରି ଚାଷୀଙ୍କୁ ଟେକ୍ନୋଲଜି ସମ୍ପର୍କରେ ଅବଗତ କରିବା ସହ ସହଜ ଏବଂ ସରଳ ଭାବେ ଯେପରି ଅଧିକ ଚାଷ ଅମଳ ହେବ ସେ ଦିଗରେ ମଧ୍ୟ ଚାଷୀଙ୍କୁ ବିଭିନ୍ନ ପ୍ରଶିକ୍ଷଣ ଦେବା ଉଚିତ୍ ବୋଲି ଆଇଟିଏଲ୍ ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି। ଆଜି ସେ କହିଥିଲେ ଯେ ସୋନାଲିକା ପକ୍ଷରୁ କୃଷକଙ୍କ ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ତେବେ ଗତ ମାସରେ ୨୦୭୮୬ଟି ଟ୍ରାକ୍ଟର ଦିଆଯାଇଛି। ଫଳରେ କୃଷକଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ଏହା ଆମର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହା ସର୍ବୋତ୍ତମ କୃଷି ଟେକ୍ନୋଲୋଜି ସହ କୃଷି ସମୁଦାୟକୁ ସେବା ପ୍ରଦାନ କରିବା ପାଇଁ ଉଦ୍ୟମ ଜାରି ରଖିଛି। ବିଶେଷକରି ଏହି ସଫଳତା କୃଷକମାନଙ୍କ ଉତ୍ସାହ ସହ ଜଡ଼ିତ ଯାହାଙ୍କର ସ୍ୱପ୍ନ ସାକାର ହେବାରେ ବେଶ ସହାୟକ ହୋଇପାରିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ।

## ମୁଖ୍ୟ ଶାସନ ସଚିବଙ୍କ କୁଟ୍ କାର୍ଯ୍ୟର ସମୀକ୍ଷା

# ସବୁଜ ସହରାଞ୍ଚଳର ଗତିଶୀଳତା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୭।୧୦/ଏନ୍ଏନ୍ଏସ୍:** ଓଡ଼ିଶା ମୁଖ୍ୟ ସଚିବ ମନୋଜ ଆହୁଜା ଆଜି ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ ମୁଖ୍ୟ କାର୍ଯ୍ୟାଳୟ ଏବଂ ଗାଡ଼କଣା ଇଲେକ୍ଟ୍ରିକ୍ ବସ୍ ଡିପୋ ପରିଦର୍ଶନ କରି ଭୁବନେଶ୍ୱରରେ ଚାଲିଥିବା ସାଧାରଣ ପରିବହନ କାର୍ଯ୍ୟ ଏବଂ ବର୍ଦ୍ଧିତ ବୈଦ୍ୟୁତିକ ବସ୍ ନେଟୱାର୍କର ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ ଶ୍ରୀ ଆହୁଜା ବସ୍ କୁ ସଦସ୍ୟ, ଗାଇଡ୍ ଏବଂ ବୈଷୟିକ କର୍ମଚାରୀଙ୍କ ସହ ଆଲୋଚନା କରି ସୁଗମ, ନିରାପଦ ଏବଂ ନିର୍ଭରଯୋଗ୍ୟ ସାର୍ବଜନୀନ ପରିବହନ ସେବା ସୁନିଶ୍ଚିତ କରିବାରେ ସେମାନଙ୍କର ଅଭିଜ୍ଞତା ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ବୁଝିଥିଲେ। କୁଟ୍ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ୍ ସେଣ୍ଟରରେ ସେ ସମୟାନୁବର୍ତ୍ତିତା, ଦକ୍ଷତା ଏବଂ ଯାତ୍ରୀ ସନ୍ତୁଷ୍ଟି ବୃଦ୍ଧି କରିବାରେ ସାହାଯ୍ୟ କରୁଥିବା ରିଅଲ୍-ଟାଇମ୍ ମନିଟରିଂ ସିଷ୍ଟମ୍, ଡାଟା ଆନାଲିଟିକ୍ସ ଏବଂ ସିଡ୍ୟୁଲ୍ ଅପ୍ଟିମାଇଜେସନ୍ ପ୍ରକ୍ରିୟାଗୁଡ଼ିକର ସମୀକ୍ଷା କରିଥିଲେ। କୁଟ୍‌ର ପଦକ୍ଷେପଗୁଡ଼ିକୁ ପ୍ରଶଂସା କରି ଶ୍ରୀ ଆହୁଜା ସାର୍ବଜନୀନ ପରିବହନ ପରିଚାଳନାରେ ଡିଜିଟାଲ୍ ପ୍ରଯୁକ୍ତିର ଅଭିନବ ବ୍ୟବହାରକୁ ପ୍ରଶଂସା କଲେ। ସେ ସେମାନଙ୍କୁ ଉଚ୍ଚ ସେବା ମାନଦଣ୍ଡ ବଜାୟ ରଖିବା ଏବଂ ସବୁଜ ଗତିଶୀଳତା ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେ ସହରାଞ୍ଚଳ ପରିବହନକୁ ସ୍ୱଚ୍ଛ ଏବଂ ଅଧିକ ସ୍ଥାୟୀ କରିବା ପାଇଁ ବୈଦ୍ୟୁତିକ ବସ୍ ପରିଚାଳନାକୁ ବିସ୍ତାର କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। କୁଟ୍ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଏନ୍. ଥିରୁମାଲା ନାଏକ ମୁଖ୍ୟ ସଚିବଙ୍କୁ ଚାଲୁଥିବା କାର୍ଯ୍ୟ ଏବଂ ଆଗାମୀ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାପ୍ରବନ୍ଧକ ସଞ୍ଜୟ ବିଶ୍ୱାଲ ଏବଂ ସହଦେବ ସମାଧିଆ, ବରିଷ୍ଠ କୁଟ୍ ଅଧିକାରୀମାନଙ୍କ ସହିତ ମୁଖ୍ୟ ଶାସନ ସଚିବଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ। ଅଧିକାରୀମାନେ କହିଛନ୍ତି ଯେ ଏହି ଗସ୍ତ ନାଗରିକମାନଙ୍କ ପାଇଁ ସ୍ମାର୍ଟ, ଦକ୍ଷ ଏବଂ ପରିବେଶ ଅନୁକୂଳ ସହରାଞ୍ଚଳ ଗତିଶୀଳତା ସମାଧାନ ଉପରେ ରାଜ୍ୟ ସରକାରଙ୍କ ଦୃଢ଼ ଧ୍ୟାନକୁ ପ୍ରତିଫଳିତ କରେ।

# ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ

**ଭୁବନେଶ୍ୱର,୭।୧୦/ଏନ୍ଏନ୍ଏସ୍:** ଗଣକବି ବୈଷ୍ଣବ ପାଣିଙ୍କ ପବିତ୍ର ଜୟନ୍ତୀ ଅବସରରେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଜନ୍ମଦିନ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବାବେଳେ ଅତିଥି ଭାବେ ପ୍ରବୀର ମହାନ୍ତି, ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର ଓ ଶାଖା ଉପ-ସଭାପତି ଶୀତଳ ଚନ୍ଦ୍ର ମହାନ୍ତି ଯୋଗଦେଇ ବରପୁତ୍ରଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଅତିଥିମାନେ କହିଥିଲେ ଯେ ଆତ୍ମଜୀବନୀ ଲେଖିବାକୁ ଥିଲେ ବୈଷ୍ଣବ ପାଣିଙ୍କଠାରୁ ଶିକ୍ଷାଲାଭ କରିବା ଆବଶ୍ୟକ। କାରଣ ସେ କୌଣସି କଥା ଲୁଚାଇ ନାହାଁନ୍ତି। ସେହିପରି ଶ୍ରୀ ପାଣି ସାହିତ୍ୟ, ସଂସ୍କୃତି, ଭାଷାର ପ୍ରଚାର କରିଥିବାବେଳେ ମଦ ବିରୋଧରେ ମଧ୍ୟ ପ୍ରଚାର କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ମହେଶ୍ୱର ବିଶ୍ୱାଳ, ଅନୁପମା ବେହେରା, ରାମଚନ୍ଦ୍ର ସାମଲ, ଲଳିତ ରଞ୍ଜନ ଦାଶ, ସୁରଜିତ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ଋଷି ପଟ୍ଟନାୟକ ଧନ୍ୟବାଦ୍ ଦେଇଥିଲେ।




# ସମାଜବାଦୀ ନେତା ଜି. ଜି. ପାରିଖଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ଭୁବନେଶ୍ୱର,୭।୧୦/ଏନ୍ଏନ୍ଏସ୍: ଭାରତ ଛାଡ଼ ଆନ୍ଦୋଳନର ସାହସୀ ସିପାହୀ ତଥା ବିଶିଷ୍ଟ ସମାଜବାଦୀ ନେତା ଡଃ ଜି.ଜି. ପାରିଖଙ୍କ ବିୟୋଗରେ ଆଜି ଲୋହିଆ ଏକାଡେମୀ, ୟୁସୁଫ ମେହେର ଅଲ୍ଲୀ ସେଣ୍ଟର ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନ ପକ୍ଷରୁ ଭୁବନେଶ୍ୱର ଲୋହିଆ ଏକାଡ଼େମୀ ଠାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କୃଷକ ନେତା ଲିଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ଆପ୍ ରାଜ୍ୟ ସଂଯୋଜକ ନିଶିକାନ୍ତ ମହାପାତ୍ର, ପ୍ରଫେସର ବିରେନ୍ଦ୍ର ନାୟକ, ପ୍ରାକ୍ତନ ବିଧାୟକ ରାଧାକାନ୍ତ ସେଠୀ, ସାମାଜିକ କର୍ମୀ ନରେନ୍ଦ୍ର ମହାନ୍ତି ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରି କହିଲେ ଯେ ଡଃ. ଜି. ଜି. ପାରିଖ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନଥିଲେ, ବରଂ ସେ ମହାତ୍ମା ଗାନ୍ଧୀ, ଲୋକନାୟକ ଜୟପ୍ରକାଶ ଓ ବିପ୍ଳବୀ ୟୁସୁଫ ମେହେର ଅଲ୍ଲୀଙ୍କ ପରିକଳ୍ପିତ ମାନବବାଦୀ ଆନ୍ଦୋଳନର ସିପାହୀ ଭାବେ ନିଜକୁ ପ୍ରତିଷ୍ଠା କରି ସମଗ୍ର ଦେଶରେ ସମାଜବାଦୀ ଆନ୍ଦୋଳନରକୁ ମଜଭୁତ କରିବାରେ ଅଦମ୍ୟ ଭୂମିକା ନେଇଥିଲେ। ସେ ଯୁବପିଢ଼ିଙ୍କୁ ଗାନ୍ଧୀ ତଥା ସମାଜବାଦର ଆଦର୍ଶ, ସାହସ ଓ ସମାଜସେବାର ଦିଗରେ ପ୍ରେରିତ କରିଥିଲେ। ନିଜର ସରଳତା, ଗାନ୍ଧୀଙ୍କ ସତ୍ୟ ଓ ଅହିଂସାର ପ୍ରୟୋଗ ତଥା ଲୋକନାୟକ ଜୟପ୍ରକାଶ ଓ ୟୁସୁଫ ମେହେର ଅଲ୍ଲୀଙ୍କ ସମାଜବାଦୀ ସ୍ୱପ୍ନକୁ ସେ ନିଜ ଜୀବନରେ ଜୀବନ୍ତ କରିଥିଲେ। ସେ ସ୍ୱାଧୀନତା ସଂଗ୍ରାମୀ ୟୁସୁଫ ମେହେର ଅଲ୍ଲୀଙ୍କ ନାମରେ ମୁମ୍ବାଇ ନିକଟ ତାରା ଗ୍ରାମରେ ୟୁସୁଫ ମେହେର ଅଲ୍ଲୀ ସେଣ୍ଟର ପ୍ରତିଷ୍ଠା କରି ଗାନ୍ଧୀଙ୍କ ପରିକଳ୍ପିତ ରଚନାତ୍ମକ କାର୍ଯ୍ୟକୁ ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ନିଜ ଜୀବନର ଶହେ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଦେଶରେ ବଢୁଥିବା ଅସହିଷ୍ଣୁତା, ସାମ୍ପ୍ରଦାୟିକତା ତଥା ଭାଇଚାରା, ସଦ୍‌ଭାବନା ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ଉଦ୍ଦେଶ୍ୟରେ ସମାଜର ସବୁବର୍ଗର ବ୍ୟକ୍ତିଙ୍କୁ ଅନବରତ ଲଢ଼ିବା ପାଇଁ ପ୍ରେରିତ କରିବା ତାଙ୍କର ଜୀବନ ନୂତନ ପିଢ଼ି ପାଇଁ ଏକ ଅବିସ୍ମରଣୀୟ ପ୍ରେରଣା ହେଇ ରହିବ। ଆଜିର ସମୟରେ ସାମ୍ପ୍ରଦାୟିକ ଅସହିଷ୍ଣୁତା ଓ ସାମାଜିକ ବିଦ୍ୱେଷ ବଢ଼ିବା ସମୟରେ ଡଃ. ଜି. ଜି. ପାରିଖଙ୍କ ମୂଲ୍ୟବୋଧକୁ ଆଗକୁ ବଢ଼ାଇବା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଆଜିର ସ୍ମୃତିଚାରଣ ସଭାରେ ରାଷ୍ଟ୍ରୀୟ ଯୁବା ସଂଗଠନର ରାଜ୍ୟ ସଂଯୋଜକ ମାନସ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ୟୁସୁଫ ମେହେର ଅଲ୍ଲୀ ସେଣ୍ଟରର ରାଜ୍ୟ ସଂଯୋଜକ କଲ୍ୟାଣ ଆନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଡଃ. ପାରିଖଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।




# ଦୈନିକ ରହିଛି ୨୪୮୪ ମେଟ୍ରିକ୍ ଟନ୍ ମାଛର ଆବଶ୍ୟକତା

**ଭୁବନେଶ୍ୱର,୭।୧୦/ଏନ୍ଏନ୍ଏସ୍:** ମାଛ ଉତ୍ପାଦନ ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ପ୍ରୟାସ ସତ୍ତ୍ୱେ ମଧୁରଜଳ ମାଛ ଉତ୍ପାଦନରେ ଆଜି ସୁଦ୍ଧା ଓଡିଶା ଆତ୍ମନିର୍ଭର ହୋଇପାରି ନାହିଁ। ଏବେ ବି ଦୈନିକ ୮୦ଟି ଟନ୍‌ରୁ ଅଧିକ ମଧୁରଜଳ ମାଛ ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ଆମଦାନୀ ହେଉଛି। ରାଜ୍ୟରେ ମାଛ ବ୍ୟବହାର ସଂକ୍ରାନ୍ତରେ ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶାରେ ଖାଉଟିଙ୍କର ଚାହିଦା ପୂରଣ ପାଇଁ ମୁଣ୍ଡପିଛା ବର୍ଷକୁ ୧୮ କିଲୋରୁ ସାମାନ୍ୟ ଅଧିକ ମାଛ ଆବଶ୍ୟକ। ଏହାକୁ ହିସାବକୁ ନେଲେ ରାଜ୍ୟରେ ଦୈନିକ ହାରାହାରି ୨୪୮୪ ମେଟ୍ରିକ ଟନ୍ ମାଛର ଆବଶ୍ୟକତା ରହିଛି। ତେବେ ଓଡ଼ିଶାରେ ଦିନକୁ ୩୨୬୪ ଟନ୍ ମାଛ ଉତ୍ପାଦନ ହେଉଥିବା ସରକାରୀ ଭାବେ ଦର୍ଶାଯାଉଛି। ଓଡ଼ିଶାରେ ଯେତିକି ମାଛ ଉତ୍ପାଦନ ହେଉଛି ତାହାର ସିଂହଭାଗ ହେଉଛି ସାମୁଦ୍ରିକ ମାଛ। ରାଜ୍ୟରେ ଲାଗିଥିବା ୪୮୦ କିଲୋମିଟର ବେଳାଭୂମିରୁ ଅଧିକରୁ ଅଧିକ ମାଛ ଉତ୍ପାଦନ ହେଉଥିବାରୁ ମଧୁର ଜଳ ମାଛ ତୁଳନାରେ ସାମୁଦ୍ରିକ ମାଛ ଉତ୍ପାଦନ ଅଧିକ ରହୁଛି। କିନ୍ତୁ ରାଜ୍ୟରେ ଲୋକେ ମଧୁରଜଳ ମାଛକୁ ଅଧିକ ସଂଖ୍ୟାରେ ଖାଇଥାନ୍ତି। ସମୁଦ୍ର ମାଛ ମଧ୍ୟରେ ସେମାନେ ଚିଙ୍ଗୁଡ଼ି ଭଳି ମାଛକୁ ବ୍ୟବହାର କରିଥାନ୍ତି। ଅନ୍ୟ ସାମୁଦ୍ରିକ ମାଛ ପ୍ରତି ଲୋକଙ୍କର ସେଭଳି ବିଶେଷ ଆଗ୍ରହ ନାହିଁ। ଲୋକଙ୍କର ମଧୁର ଜଳ ଆବଶ୍ୟକତା ମେଣ୍ଟାଇବା ପାଇଁ ପଡ଼ୋଶୀ ରାଜ୍ୟ ବିଶେଷ କରି ଆନ୍ଧ୍ର ପ୍ରଦେଶରୁ ଓଡ଼ିଶାକୁ ଦୈନିକ ୮୦ ମେଟ୍ରିକ ଟନ୍‌ରୁ ଅଧିକ ମାଛ ଆମଦାନୀ ହେଉଛି। ସେହି ରାଜ୍ୟର ମାଛ ବ୍ୟବସାୟୀମାନେ ଓଡ଼ିଶା ବଜାରକୁ ଦୃଷ୍ଟିରେ ରଖି ମଧୁର ଜଳ ମାଛ ଚାଷ କରୁଛନ୍ତି ଓ ତାହାକୁ ଓଡ଼ିଶାର ଖାଉଟିଙ୍କ ନିକଟରେ ପହଞ୍ଚାଉଛନ୍ତି।

ଇତି ମଧ୍ୟରେ ପଡ଼ୋଶୀ ରାଜ୍ୟର ମାଛ ଚାଷୀମାନେ ଖର୍ଚ୍ଚ କମ୍ ପଡୁଥିବାରୁ ଓଡ଼ିଶା ଭିତରେ ଆସି ପୋଖରୀ ଠିକାରେ ନେଇ ମାଛ ଚାଷ କରୁଛନ୍ତି। ଏମାନଙ୍କ ସହିତ ଓଡ଼ିଶାର ମତ୍ସ୍ୟ ଚାଷୀମାନେ ବି ରୋହୀ, ଭାକୁର, ମିରକାଳି, ମାଗୁର, କଉ, ମହୁରାଳି ଭଳି ମଧୁରଜଳ ମାଛ ଚାଷ କରୁଛନ୍ତି। ହେଲେ ରାଜ୍ୟ ଭିତରେ ଉତ୍ପାଦିତ ହେଉଥିବା ମଧୁର ଜଳ ମାଛ ରାଜ୍ୟର ଚାହିଦା ମେଣ୍ଟାଇ ପାରୁନାହିଁ। ରାଜ୍ୟରେ ମଧୁର ଜଳ ମାଛ ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ଥିବା ବୃହତ୍ ଓ ମଧ୍ୟମ ଜଳାଶୟରେ ମାଛ ଚାଷ ପାଇଁ ପ୍ରୋତ୍ସାହନ ଯୋଗାଇ ଦେଉଥିବାବେଳେ କେତେକ ସ୍ଥାନରେ ଯନ୍ତା ସାହାଯ୍ୟରେ ମାଛ ଚାଷ ପାଇଁ ଯୋଜନା କରିଛନ୍ତି। ପଞ୍ଚାୟତ ପୋଖରୀରେ ମାଛ ଚାଷ କରିବାକୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଇନ୍‌ପୁଟ୍ ସହାୟତା ଯୋଗାଇ ଦିଆଯାଉଥିବାବେଳେ ବଡ଼ ବଡ଼ ପାଣିକୁଣ୍ଡରେ ବାୟୋ ଫ୍ଲକ ପଦ୍ଧତିରେ ସଘନ ମାଛ ଚାଷ ପାଇଁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି। ମାଛ ଯାଆଁଳ କେନ୍ଦ୍ରଗୁଡ଼ିକୁ ସହାୟତା ସହିତ ଚିଙ୍ଗୁଡ଼ିଚାଷ ପାଇଁ ନୂତନ ପୋଖରୀ ଖନନ ଦ୍ୱାରା ଖାରିପାଣି ମାଛ ଚାଷର ବିକାଶ ପାଇଁ ସହାୟତା ଯୋଗାଇ ଦେଉଛନ୍ତି। ସେହିଭଳି ମାଛ ଚାଷକୁ ପ୍ରୋତ୍ସାହନ ପାଇଁ କେନ୍ଦ୍ରୀୟ ଯୋଜନାରେ ଯାଆଁଳ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ସହିତ ଜଳ ଭଣ୍ଡାରରେ ପଞ୍ଜୁରୀ ମଧ୍ୟରେ ମାଛ ଚାଷ ପାଇଁ ସହାୟତା ଯୋଗାଇ ଦିଆଯାଉଛି। ଏଥି ସହିତ ପାରମ୍ପାରିକ ମାଛ ଧରାଳିଙ୍କ ପାଇଁ ଡଙ୍ଗା ଓ ଜାଲ ମଧ୍ୟ ଯୋଗାଇ ଦିଆଯାଉଛି।

# ବିଜେପି ନେତା ପୀତବାସଙ୍କ ଶେଷକୃତ୍ୟ ସମ୍ପନ୍ନ



## ବିଭିନ୍ନ ମହଲରେ ଶୋକର ଛାୟା

**ବ୍ରହ୍ମପୁର,୭।୧୦/ଏନ୍‌ଏନ୍‌ଏସ୍:** ଗତକାଲି ସୋମବାର କୁମାର ପୂର୍ଣ୍ଣିମାରେ କେତେକ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ବିଜେପି ନେତା ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହ ଶୋକ ପ୍ରକାଶ ପାଇଛି। ଚଳଚଞ୍ଚଳ ବ୍ରହ୍ମପୁର ସହରରେ ଗତକାଲି ରାତି ପ୍ରାୟ ୯ଟାରେ ବ୍ରହ୍ମାନଗର ଅଞ୍ଚଳରେ ଫୁଟିଥିଲା ଗୁଳି। ଗୋଟିଏ ବାଇକ୍‌ରେ ଦୁଇ ଜଣ ଦୁର୍ବୃତ୍ତ ଆସି ସ୍କୁଟିରେ ଯାଉଥିବା ଆଇନଜୀବୀ ଶ୍ରୀ ପଣ୍ଡାଙ୍କୁ ଅଟକାଇଥିଲେ। ଏହି ସମୟରେ ହଠାତ୍ ଗାଡ଼ି ପଛରେ ବସିଥିବା ଜଣେ ଦୁର୍ବୃତ୍ତ କୁଆଡ଼େ ପୀତବାସଙ୍କ ଛାତି ଉପରକୁ ଚଳାଇଥିଲା ଦୁଇ ରାଉଣ୍ଡ ଗୁଳି। ଘଟଣାସ୍ଥଳରୁ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ବେଳେ ଗୁଳି ମାଡ଼ରେ ଟଳି ପଡିଥିଲେ ପୀତବାସ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ଉପରେ ପଡ଼ିଥିବା ପୀତବାସଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମେଡିକାଲରେ ପହଞ୍ଚିଥିଲେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଜିଲ୍ଲା ବିଜେପି ସଭାପତି ସରୋଜ ସାବତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ସମର୍ଥକ ଓ ଦଳୀୟ କର୍ମୀ। ମେଡିକାଲ ପରିସରରେ ଜମିଥିଲା ଭିଡ଼। ବ୍ରହ୍ମପୁର ଏମ୍‌କେସିଜି ଶବ ବ୍ୟବଚ୍ଛେଦ ଗୃହରେ ଶବ ବ୍ୟବଚ୍ଛେଦ ହୋଇଥିଲା। ପୀତାବାସଙ୍କ ଶରୀରର ଡାହାଣ ପାର୍ଶ୍ୱ ଛାତିରେ ପଶିଥିବା ଗୁଳିଟି ପେଟ ଭିତରୁ ଉଦ୍ଧାର କରାଯାଇଥିଲା। ଦୀର୍ଘ ତିନି ଘଣ୍ଟାର ପରିଶ୍ରମ ପରେ ଗୁଳିକୁ ବାହାର କରାଯାଇଥିବା ନେଇ ବିଭାଗୀୟ ଆସିଷ୍ଟାଣ୍ଟ ପ୍ରଫେସର ଡା. ଦିପାଳୀ କହିଛନ୍ତି। ଶବ ବ୍ୟବଚ୍ଛେଦ ପରେ ମଙ୍ଗଳବାର ଭୋରରେ ବୈକୁଣ୍ଠନଗରସ୍ଥିତ ବାସଭବନକୁ ପୀତବାସଙ୍କ ମର ଶରୀର ଅଣାଯାଇଥିଲା। କାନ୍ଦ ବୋବାଳିରେ ଫାଟି ପଡିଥିଲା ଘର। ଅଞ୍ଚଳରେ ସୃଷ୍ଟି ହୋଇଥିଲା ଶୋକାକୁଳ ପରିବେଶ। ବିଶିଷ୍ଟ ବ୍ୟକ୍ତି, ସ୍ଥାନୀୟ ଅଞ୍ଚଳବାସୀ, ରାଜନେତା ଓ ତାଙ୍କ ସମର୍ଥକ ଶେଷ ଦର୍ଶନ କରିଥିଲେ। ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ସକାଳ ସାଢ଼େ ୯ଟାରେ ପୀତାବାସଙ୍କ ପାର୍ଥିବ ଶରୀରକୁ ଶୋଭଯାତ୍ରାରେ ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସାମିଲ ହୋଇଥିଲେ ଶହ ଶହ ସଂଖ୍ୟାରେ ଜନସାଧାରଣ। ସେଠାରେ ସଂଘର କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଦେବା ପରେ ଗେଟ୍‌ବଜାର ସ୍ଥିତ ଗୋକର୍ଣ୍ଣେଶ୍ୱର ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା।

## ଦଳ ପାଇଁ ଅପୂରଣୀୟ କ୍ଷତି: ମନମୋହନ



ଗରିବଙ୍କୁ ନ୍ୟାୟ ଦେବା, ଦୁର୍ନୀତି ଓ ଅତ୍ୟାଚାର ବିରୋଧରେ ଲଢୁଥିବା ଜଣେ ବିଶିଷ୍ଟ ନେତାଙ୍କୁ ହତ୍ୟା ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ତାଙ୍କର ମୃତ୍ୟୁ ନିଶ୍ଚିତ ଭାବେ ଆମ ଦଳ ପାଇଁ ଏକ ଅପୂରଣୀୟ କ୍ଷତି। ସରକାର ଘଟଣାକୁ ଗୁରୁତର ସହ ନେଇଛନ୍ତି। ଶାନ୍ତିପ୍ରିୟ ବ୍ରହ୍ମପୁରରେ ଅଶାନ୍ତିର ବାତାବରଣ ସୃଷ୍ଟି କରୁଥିବା ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ସହ କଠୋର ଦଣ୍ଡ ଦେବା ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

## ହତ୍ୟାକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ: ପରିବହନ ମନ୍ତ୍ରୀ

ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ସମାଜର ଗରିବ, ଅବହେଳିତ ବର୍ଗଙ୍କ ଅଧିକାର ପାଇଁ ଅହରହ ଲଢ଼େଇ କରୁଥିବା ଜଣେ ସମାଜସେବକଙ୍କୁ ହତ୍ୟାକୁ ନେଇ ସେ ମର୍ମାହତ। ଯେତେବଡ଼ ପ୍ରଭାବଶାଳୀ ବ୍ୟକ୍ତି ହୁଅନ୍ତୁ ନା କାହିଁକି ହତ୍ୟାକାରୀଙ୍କୁ ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି। ସେହିପରି ବ୍ରହ୍ମପୁରର ପୂର୍ବତନ ବିଜେଡି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ବ୍ରହ୍ମପୁରର ପୂର୍ବତନ ବିଜେଡି ବିଧାୟକ ବିକ୍ରମ ପଣ୍ଡା ମଧ୍ୟ ଏଭଳି ଘଟଣାକୁ ନେଇ ଦୃଢ଼ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛନ୍ତି।

**ଗଞ୍ଜାମର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା**

# ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ତତ୍ପର, ସଜାଗ ହୁଅନ୍ତୁ: ନବୀନ

**ଭୁବନେଶ୍ୱର,୭।୧୦/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଉତ୍ସବର ପରିବେଶ ମଧ୍ୟରେ ଭୟର ବାତାବରଣ। ଲୋକେ ନିଜକୁ ଅସୁରକ୍ଷିତ ଭାବିବା ଆରମ୍ଭ କଲେଣି। ନିଜ ଘର ସାମ୍ନାରେ ଠିଆ ହୋଇଥିବା ସମୟରେ ଗଞ୍ଜାମର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଯେପରି ଗୁଳି କରି ହତ୍ୟା କରାଗଲା ତାହା ଅତ୍ୟନ୍ତ ଜଘନ୍ୟ ଓ ଦୁଃଖଦାୟକ। ଦୁଃଖରେ ଭାଙ୍ଗି ପଡ଼ିଥିବା ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି। ମଙ୍ଗଳବାର ସାମାଜିକ ଗଣମାଧ୍ୟମ ଏକ୍ସ ଜରିଆରେ ଏହା କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟ ସରକାରଙ୍କୁ ସିଧାସଳଖ ଟାର୍ଗେଟ୍ କରି ନବୀନ କହିଛନ୍ତି ଯେ ଗଞ୍ଜାମର ଏଭଳି ଖବର ସାଧାରଣ ଲୋକଙ୍କୁ ଭୟଭୀତ କରିଦେଇଛି। ସେହିପରି ରାଉରକେଲାରେ ଦୁଷ୍କର୍ମ, କଣାସରେ ଲକ୍ଷ୍ମୀ ବସ ଭିତରେ ଘଟିଥିବା ଅଭାବନୀୟ କାଣ୍ଡ ସାଙ୍ଗକୁ ବାଲେଶ୍ୱରରେ ରାତ୍ରିକାଳୀନ କଟକଣା ସହ ଭାଇଚାରାର ସହର କଟକରେ





ସାମ୍ପ୍ରଦାୟିକ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ପୁଲିସ ଏସ୍‌ଆଇ ନିଯୁକ୍ତିରେ ମହାଘୋଟାଲା ଆଶାୟୀ ଯୁବଗୋଷ୍ଠୀଙ୍କ ମନୋବଳ ଭାଙ୍ଗି ଦେଇଥିବାବେଳେ ସରକାରୀ ନିଯୁକ୍ତିରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବାରେ ମଧ୍ୟ ରାଜ୍ୟର ବିଜେପି ସରକାର ଅସମର୍ଥ। ଶାନ୍ତିପ୍ରିୟ ଓଡ଼ିଶାରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ମଜଭୁତ୍ ରଖିବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ତାହା ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରୁଛି। ଅପରାଧ ରୋକିବା ପାଇଁ ସରକାର କାହିଁକି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନାହାନ୍ତି ତାହା ବୁଝିପଡୁନି। ତେଣୁ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ତତ୍ପର ଓ ସଜାଗ ହେବା ଜରୁରୀ ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ଗତ ଏକ ସପ୍ତାହରେ ଧାରାବାହିକ ଭାବେ ଘଟିଥିବା ଅପରାଧଗୁଡ଼ିକ ଉପରେ ଅବଲୋକନ କଲେ, ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ସ୍ପଷ୍ଟ ହୁଏ। କିନ୍ତୁ ରାଜ୍ୟ ବିଜେପି ସରକାର ନିଦାବିଷ୍ଟ। କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ବିରୋଧୀ ଦଳର ଚିତ୍କାର ତାଙ୍କର କର୍ଣ୍ଣପାତ ହେଉ ନାହିଁ। ଗତକାଲି ସନ୍ଧ୍ୟାରେ ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହରରେ ବିଜେପି ଦଳର ଜଣେ ଆଗଧାଡ଼ିର ନେତା ତଥା ରାଜ୍ୟ ବାର୍ କାଉନ୍‌ସିଲ୍‌ର ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁଇ ଜଣ ଦୁର୍ବୃତ୍ତ ଅତି ନିକଟରୁ ଗୁଳି କରି ହତ୍ୟା କରିଛନ୍ତି। ଏହି ଘଟଣାକୁ ୨୦ ଘଣ୍ଟାରୁ ଊର୍ଦ୍ଧ୍ୱ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଅପରାଧୀଙ୍କ କୌଣସି ଟେର୍ ପୁଲିସ ପାଇନାହିଁ। ଗତ ୨୪ ଘଣ୍ଟାରେ ଗଞ୍ଜାମ ଜିଲ୍ଲାରେ ୩ଟି ହତ୍ୟାକାଣ୍ଡ ଘଟିଛି। ମୋହନ ସରକାର ଆସିବା ପରଠାରୁ କେବଳ ଗଞ୍ଜାମ ଜିଲ୍ଲାରେ ୧୨୮ଟି ହତ୍ୟାକାଣ୍ଡ ଘଟିଲାଣି। ଗଞ୍ଜାମ ଜିଲ୍ଲାରେ ଲଘୁ ଖଣିଜ ସମ୍ପଦ ଯଥା ବାଲି, ଚିପ୍ସ ଇତ୍ୟାଦି ଜିନିଷର ଚୋରି ଲୁଟତରାଜ ଅହେତୁକ ବୃଦ୍ଧି ପାଇଛି ଯାହା ଯୋଗୁ ଅପରାଧ ଦିନକୁ ଦିନ ବୃଦ୍ଧି ପାଇଛି। ରାଜ୍ୟ ବିଜେପି ସରକାରଙ୍କ ପ୍ରଯୋଜନରେ ଏହି ଲୁଟତରାଜ ଚାଲିଛି ଓ ଏଥିଯୋଗୁ ଗଞ୍ଜାମ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। ପୂର୍ବରୁ ନବୀନ ସରକାରଙ୍କ ସମୟରେ ଗଞ୍ଜାମରେ ଶାନ୍ତି ପରିବେଶ ସୃଷ୍ଟି ହୋଇଥିଲା ବେଳେ ବିଜେପି ସରକାରଙ୍କ ସମୟରେ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ି ଗଲାଣି ବୋଲି ସେ ପ୍ରକାଶ କରିଛନ୍ତି।

# ବିଚାରାଧୀନ କଏଦୀର ସନ୍ଦେହଜନକ ମୃତ୍ୟୁ




**ଫୁଲବାଣୀ,୭।୧୦/ଏନ୍‌ଏନ୍‌ଏସ୍:** ଫୁଲବାଣୀ ସର୍କଲ୍ ଜେଲ୍‌ରେ ଥିବା ଜଣେ ବିଚାରାଧୀନ କଏଦୀର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ କଏଦୀ ହେଲେ ଫିରିଙ୍ଗିଆ ଥାନା କେଲାପଡ଼ା ପଞ୍ଚାୟତର କମଡ଼କାନ୍ଧି ଗ୍ରାମର ଯଶୋବନ୍ତ ଅମାତ। ଗଞ୍ଜେଇ ଚାଲାଣ ମାମଲାରେ ସେ ଗିରଫ ହୋଇ ଜେଲ୍‌ରେ ଥିଲେ। ସେପ୍ଟେମ୍ବର ୫ ତାରିଖରେ ପୁଲିସ ପାଟ୍ରୋଲିଂ ସମୟରେ ଫିରିଙ୍ଗିଆ ଶନି ମନ୍ଦିର ନିକଟରେ ଯଶୋବନ୍ତ ଏବଂ ତାଙ୍କ ପତ୍ନୀ ଅମ୍ବିକାଙ୍କୁ ଅଟକାଇ ଯାଞ୍ଚ କରିବାରୁ ୨୧ କିଲୋ ଗଞ୍ଜେଇ ମିଳିଥିଲା। ପୁଲିସ ଉଭୟ ସ୍ୱାମୀ, ସ୍ତ୍ରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଫୁଲବାଣୀ ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଥିଲା। ଯଶୋବନ୍ତଙ୍କ ଶରୀର ଅସୁସ୍ଥ ହେବାରୁ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ଭୋର୍ ୪ଟା ସମୟରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ଜେଲ୍ କର୍ତ୍ତୃପକ୍ଷ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଏକ ଏତଲା ଦାଏର କରିଛନ୍ତି।

# ବିଜେପି ସରକାରରେ ନିଜ ଦଳର ଲୋକ ଅସୁରକ୍ଷିତ: କଂଗ୍ରେସ୍

**ଭୁବନେଶ୍ୱର,୭।୧୦/ଏନ୍‌ଏନ୍‌ଏସ୍:** ରାଜ୍ୟରେ ବିଜେପିର ପନ୍ଦର ମାସ ସରକାରରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଏହି ପରିପେକ୍ଷୀରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଆଲୋଚନା ଆରମ୍ଭ କରି ରାଜ୍ୟ କଂଗ୍ରେସ ମୁଖପାତ୍ର ଅଶୋକ ସ୍ୱାଇଁ କହିଲେ ଯେ ମୁଖ୍ୟମନ୍ତ୍ରୀ ଡିଜିପିଙ୍କୁ ବିଜେପିର ଭିଭିଆଇପିଙ୍କୁ ସେବା ଦେବାରେ ଚରମ ଅବହେଳା ପାଇଁ ସର୍ବସମ୍ମୁଖରେ ତାସଲ୍ୟର ସହ ତାଗିଦ୍ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ପିସିସିର ବରିଷ୍ଠ ମୁଖପାତ୍ର ଦେବାଶିଷ ନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ଗତ କିଛିଦିନ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି। ସରକାରଙ୍କ ଶାସନ ବ୍ୟବସ୍ଥାକୁ କେହି ଡରୁନାହାନ୍ତି। ଗତକାଲି ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ ବାର୍ କାଉନସିଲର ବରିଷ୍ଠତମ ସଦସ୍ୟ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ତାଙ୍କର ଘର ସମ୍ମୁଖରେ ଗୁଳିକରି ଅତି ନିର୍ମମ ଭାବରେ ହତ୍ୟା କରାଯାଇଛି। ଆଜି ରାଜ୍ୟର ଏପରି ଅବସ୍ଥା କୌଣସି ଜାଗାରେ କିଛି ବି ଅଘଟଣ ଘଟିଯାଇପାରେ। ବିଜେପି ନିଜ ବରିଷ୍ଠ ନେତାଙ୍କୁ ସୁରକ୍ଷା ଦେଇ ପାରୁନଥିବା ବେଳେ ସାଧାରଣ ଲୋକଙ୍କ ସୁରକ୍ଷାରେ ବଡ଼ ପ୍ରଶ୍ନ ଉଠୁଛି। ସାମ୍ବାଦିକମାନେ ଯଦି ଦୁର୍ନୀତିକୁ ଲୋକଲୋଚନକୁ ଆଣନ୍ତି ତେବେ ସେମାନେ ମଧ୍ୟ ଅସୁରକ୍ଷିତ। ଏଥିରୁ ଜଣାଯାଏ ଯେ ଶାସନ ଅନୁଶାସନରେ ଅନଭିଜ୍ଞ ସରକାର ଏଠି ଚାଲୁଛି। ଏଠି ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କାମ କରିବାକୁ ଦିଆ ଯାଉନାହିଁ। ମୁଖ୍ୟମନ୍ତ୍ରୀ ପଦରେ ରହି ଯଦି ନ୍ୟାୟ ଦେବାରେ ଅସମର୍ଥ ତେବେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନର ସହ ଇସ୍ତଫା ଦେଇଦେବା ଦରକାର। ନଚେତ ଜନତା କ୍ଷମା କରିବେ ନାହିଁ। ଖୋଦ୍ ମୁଖ୍ୟମନ୍ତ୍ରୀ ନିଜ ଅଧୀନରେ ଗୃହ ବିଭାଗ ରଖିଥିବା ବେଳେ ବର୍ତ୍ତମାନ ଆଇନଶୃଙ୍ଖଳା ପରିସ୍ଥିତି ଯେପରି ହୋଇଛି ତାଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ସଭାପତି ରାଜୀବ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି।

**ଓଡ଼ିଶା ୨.୦ ସହିତ ଟିପି ଓଡ଼ିଶା ଡ଼ିସକମ୍‌ଗୁଡିକର ଏକ ନୂତନ ଅଧ୍ୟାୟ ଆରମ୍ଭ**

# ସେଫ୍ଟି ଭର୍ଟିକାଲ୍ ଅଧିନରେ 'ଟ୍ରେନିଂ ଅନ୍ ହ୍ୱିଲ୍ସ' ପ୍ରକଳ୍ପର ଶୁଭାରମ୍ଭ




**ଭୁବନେଶ୍ୱର,୭।୧୦/ଏନ୍‌ଏନ୍‌ଏସ୍:** 'କେୟାର ବିୟଣ୍ଡ ପାୱାର- ବିକଜ ପିପୁଲ ମ୍ୟାଟର୍' ଶୀର୍ଷକ ବିଷୟବସ୍ତୁ ଅନ୍ତର୍ଗତ ସାମଗ୍ରିକ ବିକାଶ ଏବଂ କର୍ମଚାରୀ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏକ ପ୍ରୟାସ ଓଡ଼ିଶା ୨.୦ ର ଉନ୍ମୋଚନ ସହିତ ଆଜି ଓଡ଼ିଶା ଡିସକମ୍‌ଗୁଡ଼ିକ ଓଡ଼ିଶାରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଭୁବନେଶ୍ୱରର ବିଦ୍ୟୁତ ବଣ୍ଟନ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରରେ ଓଡ଼ିଶା ୨.୦ ଅନ୍ତର୍ଗତ 'ଟ୍ରେନିଂ ଅନ୍ ହ୍ୱିଲ୍ସ' ପ୍ରକଳ୍ପକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସିଦ୍ଧାନ୍ତ ମହାପାତ୍ର, ବିଧାୟକ ଦିଗପହଣ୍ଡି, ଆକାଶ ଦାସ ନାୟକ, ବିଧାୟକ କୋରେଇ, ଅଭିନେତ୍ରୀ ସୁଶ୍ରୀ ଅନୁ ଚୌଧୁରୀ, ଗଜାନନ କଲେ, ଚିଫ୍ ଓଡ଼ିଶା ପାୱାର ଡିଷ୍ଟ୍ରିବ୍ୟୁସନ୍ ବିଜ୍‌ନେସ୍ ଏବଂ ସିଇଓ, ଟିପିଏନ୍‌ଓଡିଏଲ୍ ଏବଂ ଅରଭିନ୍ଦ ସିଂହ, ସିଇଓ, ଟିପିସିଓଡିଏଲ୍ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ୨.୦ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପକୁ ନେଇ ତିଆରି ହୋଇଛି, ଯେଉଁଥିରେ ରହିଛି ଟ୍ରେନିଂ ଅନ୍ ହ୍ୱିଲ୍ସ, ଅତ୍ୟାଧୁନିକ ଅଫିସ୍ ଭିତ୍ତିଭୂମି, କର୍ମଚାରୀ ସଂଯୋଗ, ବ୍ୟବସାୟ ସହଯୋଗୀଙ୍କ ଜୀବନକୁ ଛୁଇଁବା ଭଳି କିଛି ପଦକ୍ଷେପ, ହାତ ପାହାନ୍ତରେ ଚିକିତ୍ସା ସୁବିଧା ଏବଂ ତୃଣମୂଳ ସ୍ତରରେ କ୍ରୀଡା ପ୍ରତିଯୋଗିତା। ଏହି ପ୍ରତ୍ୟେକ ପ୍ରକଳ୍ପକୁ ଏଭଳି ଭାବେ ଯତ୍ନର ସହ ଡିଜାଇନ୍ କରାଯାଇଛି ଯାହା ଓଡ଼ିଶାରେ ସୁରକ୍ଷିତ, ସୁସ୍ଥ ଏବଂ ଅଧିକ ନିବିଡ଼ ସମ୍ପ୍ରଦାୟ ଗଠନ ପାଇଁ ଡିସକମ୍‌ଗୁଡ଼ିକର ପ୍ରତିବଦ୍ଧତାକୁ ଦର୍ଶାଉଛି। ଓଡ଼ିଶା ୨.୦ ଅନ୍ତର୍ଗତ ପ୍ରଥମ ପଦକ୍ଷେପ ଭାବରେ ପ୍ରୋଜେକ୍ଟ ଟ୍ରେନିଂ ଅନ୍ ହ୍ୱିଲ୍ସ ୬ ଅକ୍ଟୋବର ୨୦୨୫ରେ ଭୁବନେଶ୍ୱର ସ୍ଥିତ ପାୱାର ଡିଷ୍ଟ୍ରିବ୍ୟୁସନ୍ ଟେକ୍ନୋଲୋଜି ସେଣ୍ଟର୍‌ରେ ଟିପିଏସ୍‌ଡିଆଇ ସହଯୋଗରେ ଓଡ଼ିଶା ଡିସକମ୍‌ଗୁଡ଼ିକ ଦ୍ୱାରା ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଛି। ଆଶା କରାଯାଉଛି ଯେ ଏହି ପ୍ରକଳ୍ପ ଅଧିନରେ ତାଲିମ ଭିତ୍ତିଭୂମିକୁ ଓଡ଼ିଶାର ୧.୫୪ ଲକ୍ଷ ବର୍ଗ କିଲୋମିଟର ସେବା କ୍ଷେତ୍ରରେ ଥିବା ଫ୍ୟୁଜ୍ କଲ୍ ସେଣ୍ଟର୍ ଏବଂ ପିଏସ୍‌ଏସଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀଙ୍କ ପାଖକୁ ପହଞ୍ଚାଯିବ, ଯାହା ୭୪୩ଟି ସେକ୍ସନ୍‌କୁ କଭର କରିବ, ଯାହା ଦ୍ୱାରା ରାଜ୍ୟର ଦୂରଦୁରାନ୍ତ ପର୍ଯ୍ୟନ୍ତ ମଧ୍ୟ ଗୁଣାତ୍ମକ ତାଲିମ ପହଞ୍ଚିପାରିବ। ଏହି ପ୍ରକଳ୍ପ ବୈଦ୍ୟୁତିକ ସୁରକ୍ଷା, ଆଚରଣଗତ ସୁରକ୍ଷା, ଅତ୍ୟାବଶ୍ୟକ ସୁରକ୍ଷା ଅଭ୍ୟାସ, ବୈଷୟିକ ତାଲିମ, ଉଚ୍ଚତାରେ କାମ କରିବା ସମୟରେ ସୁରକ୍ଷା ଏବଂ ପ୍ରାଥମିକ ଚିକିତ୍ସା ଏବଂ ଜରୁରୀକାଳୀନ ପରିଚାଳନା ଉପରେ ତାଲିମ ପ୍ରଦାନ କରିବ। ଏହି ପଦକ୍ଷେପ ମାଧ୍ୟମରେ ଓଡ଼ିଶା ଡିସକମ୍‌ଗୁଡ଼ିକ ସୁରକ୍ଷା ସଚେତନତା ଏବଂ ସୁରକ୍ଷା ନିୟମ ଅନୁପାଳନରେ ଉଲ୍ଲେଖନୀୟ ଉନ୍ନତି ଆଣିବା, ସୁରକ୍ଷା ଏବଂ ବୈଷୟିକ ମାନଦଣ୍ଡକୁ ଭଲ ଭାବରେ ଗ୍ରହଣ କରିବାକୁ ଉତ୍ସାହିତ କରିବା ଏବଂ ଦୂରବର୍ତ୍ତୀ ଭୌଗୋଳିକ ଅଞ୍ଚଳରେ ତାଲିମର ସୁଗମତା ବୃଦ୍ଧି କରିବାକୁ ଆଶା ରଖିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି ଯେ ଏହି 'ଟ୍ରେନିଂ ଅନ୍ ହ୍ୱିଲ୍ସ' ପଦକ୍ଷେପ ଆମ ଲୋକଙ୍କର ବୈଷୟିକ ଦକ୍ଷତା ବୃଦ୍ଧି କରିବାରେ ବହୁତ ସାହାଯ୍ୟ କରିବ। ଓଡ଼ିଶା ଡିସକମ୍‌ଗୁଡ଼ିକ ଦ୍ୱାରା ନିଆଯାଇଥିବା ପ୍ରୟାସ ପ୍ରକୃତରେ ପ୍ରଶଂସନୀୟ। ଗଜାନନ କାଲେ, ଚିଫ୍ ଓଡିଶା ପାୱାର ଡିଷ୍ଟ୍ରିବ୍ୟୁସନ୍ ବିଜନେସ୍ ଏବଂ ସିଇଓ, ଟିପିଏନ୍‌ଓଡିଏଲ୍ କହିଛନ୍ତି ଯେ ଏହି ବର୍ଷ ରାଜ୍ୟର ଚାରୋଟି ଓଡ଼ିଶା ଡିସକମ୍ ପାଞ୍ଚ ବର୍ଷ ପୂରଣ କରୁଛନ୍ତି, ଏହି ସମୟ ମଧ୍ୟରେ ଆମେ ଅନେକ ସଫଳତା ହାସଲ କରିଛୁ। ବର୍ତ୍ତମାନ, ଆମେ ଓଡିଶା ୨.୦ କୁ ପରିବର୍ତ୍ତନର ପରବର୍ତ୍ତୀ ପର୍ଯ୍ୟାୟ ଭାବେ ଅପେକ୍ଷା କରିଛୁ। 'ଟ୍ରେନିଂ ଅନ୍ ହ୍ୱିଲ୍ସ' ପଦକ୍ଷେପ ଏହି ପରିବର୍ତ୍ତନ କାର୍ଯ୍ୟକ୍ରମର ଏକ ଅଂଶ। ଆମର ଲକ୍ଷ୍ୟ ହେଉଛି ଲାଇନମ୍ୟାନ୍ ଏବଂ ହେଲପରଙ୍କ ସମେତ ତୃଣମୂଳ ସ୍ତରରେ ଯଥାସମ୍ଭବ ଅଧିକ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ପ୍ରଭାବଶାଳୀ ଭାବରେ ତାଲିମ ଦେବା। ଶୁଭାରମ୍ଭ ଅବସରରେ ଟିପିସିଓଡିଏଲ୍‌ର ସିଇଓ ଏବଂ ଟ୍ରେନିଂ ଅନ୍ ହ୍ୱିଲ୍ସର ପ୍ରୋଜେକ୍ଟ ମେଣ୍ଟର୍ ଅରଭିନ୍ଦ ସିଂହ କହିଛନ୍ତି ଯେ ଓଡ଼ିଶା ୨.୦ ଆମର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ପ୍ରକୃତ ପ୍ରଗତି ରାଜ୍ୟକୁ ଶକ୍ତି ଯୋଗାଇବା ସହିତ ଆମ ଲୋକଙ୍କ ଯତ୍ନ ନେବାରେ ମଧ୍ୟ ରହିଛି।

## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।


ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

### ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ

### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ (https://udgam.rbi.org.in) ଯାଞ୍ଚ କରନ୍ତୁ ।




ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: https://rbikehtahai.rbi.org.in
ମତାମତ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ

କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର 99990 41935

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# • ଜିଡିପି ପୂର୍ବାନୁମାନ ୬.୫%କୁ ବୃଦ୍ଧି • ଜିଏସ୍‌ଟି ସଂସ୍କାର ସମର୍ଥନ ଯୋଗାଇବ: ବିଶ୍ୱ ବ୍ୟାଙ୍କ୍

## ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାୟ ରଖିବ ଭାରତ

**ନୂଆଦିଲ୍ଲୀ, ୭।୧୦/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତି ନିର୍ଦ୍ଧାରଣ ଅନେକ ସମୟରେ ଦେଶ ଓ ଦେଶବାସୀଙ୍କ ପାଇଁ ବେଶ୍ ସକାରାତ୍ମକ ରହୁଥିବାର ଦେଖିବାକୁ ମିଳିଆସୁଛି। ଏଭଳି ଏକ ସକାରାତ୍ମକ ପ୍ରସଙ୍ଗ ହେଉଛି ବିଶ୍ୱ ଅର୍ଥନୈତିକ ଅସ୍ଥିରତା ମଧ୍ୟରେ ଭାରତ କିନ୍ତୁ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମାନ୍ୟତା ବଜାୟ ରଖିବାରେ ସଫଳ ହେବ। ବିଶ୍ୱବ୍ୟାଙ୍କ୍ ପକ୍ଷରୁ ଏଭଳି କିଛି ପୂର୍ବାନୁମାନ କରାଯାଇଛି। ବିଶ୍ୱବ୍ୟାଙ୍କ୍ ଭାରତ ପାଇଁ ଜିଡିପି ଅଭିବୃଦ୍ଧି ହାର ୬.୫% ରହିବା ନେଇ ପୂର୍ବାନୁମାନ କରିଛି। ବିଶ୍ୱର ଅନ୍ୟତମ ସର୍ବବୃହତ୍ ଆର୍ଥିକ ସଂସ୍ଥା ଉଲ୍ଲେଖ କରିଛି ଯେ, ବ୍ୟବହାରରେ ନିରନ୍ତର ଶକ୍ତି ଯୋଗୁଁ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ହୋଇ ରହିବ। ଏତଦ୍‌ବ୍ୟତୀତ, ନିକଟରେ ଭାରତ ସରକାର ଜିଏସ୍‌ଟି ଢାଞ୍ଚାରେ ଆଣିଥିବା ସଂସ୍କାରଗତ ପରିବର୍ତ୍ତନ ମଧ୍ୟ ଭାରତର ଆର୍ଥିକ କାର୍ଯ୍ୟକଳାପକୁ ସମର୍ଥନ କରିବ। ସିଧାସଳଖ ଭାବେ କହିଲେ ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ ତଥା ନିୟମରେ କେତେକ ସରଳୀକରଣ ଯୋଗୁ ଏହାର ସୁଫଳ ଭାରତୀୟ ଅର୍ଥନୀତିକୁ ମିଳିବ।

ଗତ ଏପ୍ରିଲରେ, ବିଶ୍ୱ ବ୍ୟାଙ୍କ୍ ୨୦୨୫-୨୬ ପାଇଁ ଭାରତର ଅଭିବୃଦ୍ଧି ପୂର୍ବାନୁମାନ ୬.୭%ରୁ ୬.୩%କୁ ହ୍ରାସ କରିଥିଲା। କିନ୍ତୁ ଏବେ ଅକ୍ଟୋବର ୭ରେ ଏହାକୁ ପୁନଃ ସମୀକ୍ଷା କରିବା ପୂର୍ବକ ୬.୫%ରେ ସ୍ଥିର ରଖିଛି। କିନ୍ତୁ ବିଶ୍ୱବ୍ୟାଙ୍କ ନିଜ ରିପୋର୍ଟରେ ୨୦୨୬-୨୭ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ହାର ୬.୩% ରହିବା ନେଇ ପୂର୍ବାନୁମାନ କରିଥିବା ଦର୍ଶାଇଛି। ଏହାପଛରେ ଭାରତ ଉପରେ ଆମେରିକାର ୫୦% ଶୁଳ୍କ ହିଁ ମୁଖ୍ୟ କାରଣ ବୋଲି ବିଶ୍ୱ ବ୍ୟାଙ୍କ୍ କହିଛି। ବିଶ୍ୱ ବ୍ୟାଙ୍କ ଅନୁଯାୟୀ, ଏହି ଉଚ୍ଚ ଶୁଳ୍କ ଭାରତର ରପ୍ତାନିକୁ




ନକାରାତ୍ମକ ଭାବରେ ପ୍ରଭାବିତ କରିବ, ତେଣୁ ୨୦୨୭ ବର୍ଷ ପାଇଁ ଅଭିବୃଦ୍ଧି ପୂର୍ବାନୁମାନକୁ ସାମାନ୍ୟ ହ୍ରାସ କରାଯାଇଛି। ତେବେ ବିଶ୍ୱବ୍ୟାଙ୍କ୍ ବ୍ୟତୀତ ଆରବିଆଇ (ଭାରତୀୟ ରିଜର୍ଭ ବ୍ୟାଙ୍କ୍) ମଧ୍ୟ ଭାରତର ଅଭିବୃଦ୍ଧି ହାର ଏହି ସମୟ ସୁଦ୍ଧା ୬.୮% ରହିବା ନେଇ ଆକଳନ କରିଛି। ସୂଚନାଯୋଗ୍ୟ, ଯେକୌଣସି ଦେଶର ଜିଡିପି ଉକ୍ତ ଦେଶର ଅର୍ଥନୀତିଗତ ସ୍ଥିତାବାସ୍ଥାକୁ ଟ୍ରାକ୍ କରିବା ପାଇଁ ବ୍ୟବହାର କରାଯାଏ। ଏହା ଏକ ସମୟ ମଧ୍ୟରେ ଏକ ଦେଶ ମଧ୍ୟରେ ଉତ୍ପାଦିତ ସମସ୍ତ ସାମଗ୍ରୀ ଏବଂ ସେବାର ମୂଲ୍ୟକୁ ପ୍ରତିଫଳିତ କରେ। ଏଥିରେ ଦେଶର ସୀମା ମଧ୍ୟରେ କାର୍ଯ୍ୟ କରୁଥିବା ବିଦେଶୀ କମ୍ପାନୀଗୁଡ଼ିକ ଦ୍ୱାରା ଉତ୍ପାଦନ ମଧ୍ୟ ଅନ୍ତର୍ଭୁକ୍ତ। ଜିଡିପି ମୁଖ୍ୟତଃ ଦୁଇ ପ୍ରକାରର। ପ୍ରକୃତ ଜିଡିପି ଏବଂ ନାମମାତ୍ର ଜିଡିପି। ପ୍ରକୃତ ଜିଡିପିରେ, ସାମଗ୍ରୀ ଏବଂ ସେବାର ମୂଲ୍ୟ ମୂଳ ବର୍ଷର ମୂଲ୍ୟ କିମ୍ବା ସ୍ଥିର ମୂଲ୍ୟରେ ଗଣନା କରାଯାଏ। ବର୍ତ୍ତମାନ, ଜିଡିପି ଗଣନା ପାଇଁ ମୂଳ ବର୍ଷ ହେଉଛି ୨୦୧୧-୧୨। ନାମମାତ୍ର ଜିଡିପି ବର୍ତ୍ତମାନର ମୂଲ୍ୟରେ ଗଣନା କରାଯାଏ।

ପ୍ରଧାନମନ୍ତ୍ରୀ ମୋଦୀ ବାରମ୍ବାର ଜୋର ଦେଇ କହିଆସୁଛନ୍ତି ଯେ, 'ସେଦିନ ଆଉ ବେଶୀ ଦୂର ନୁହେଁ ଯେତେବେଳେ ଭାରତ ୫ ଟ୍ରିଲିଅନ ଡଲାରର ଅର୍ଥନୀତି ହେବ। ୨୦୧୫ରୁ ୨୦୨୫ ମଧ୍ୟରେ ଭାରତ ୬୬% ଅଭିବୃଦ୍ଧି ହାସଲ କରିଛି, ଯାହାକି ଭାରତକୁ ୩.୮ ଟ୍ରିଲିଅନ୍ ଆମେରିକୀୟ ଡଲାରରେ ପହଞ୍ଚାଇଛି। ଆଗାମୀ ଦିନରେ ମଧ୍ୟ ବିକାଶ ଓ ଅଭିବୃଦ୍ଧିର ଯାତ୍ରା ଅବ୍ୟାହତ ରହିବ। ମୋଦୀ ଅର୍ଥନୀତିକୁ ବିସ୍ତାର କରିବା ପାଇଁ ସଠିକ ଦିଗରେ ସଠିକ୍ ନିବେଶ କରିବା ଉପରେ ବାରମ୍ବାର ଗୁରୁତ୍ୱାରୋପ କରିଆସୁଛନ୍ତି। ସହିପରି ଦେଶର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ମଧ୍ୟ କହିଛନ୍ତି ଯେ, ୨୦୨୭ ସୁଦ୍ଧା ଭାରତୀୟ ଅର୍ଥନୀତିକୁ ବିଶ୍ୱରେ ତୃତୀୟ ସ୍ଥାନ ପାଇବାରୁ କେହି ରୋକିପାରିବେ ନାହିଁ। ମୋଦୀ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଯୋଗୁଁ ଭାରତର ୬୦ କୋଟିରୁ ଅଧିକ ଲୋକ ଅର୍ଥନୀତିରେ ଯୋଗଦାନ ଦେବା ଆରମ୍ଭ କରିଛନ୍ତି। ଦେଶରେ ରାଜନୈତିକ ସ୍ଥିରତା ଏବଂ ସ୍ୱଚ୍ଛ ଶାସନ ଯୋଗୁଁ ଭାରତ ଏକ ଦ୍ରୁତ ଗତିଶୀଳ ଅର୍ଥନୀତିରେ ପରିଣତ ହୋଇଛି। ଦେଶର ସବୁ ରାଜ୍ୟକୁ ଏବେ ନିବେଶ ପାଇଁ ଏକ ବଡ଼ ବ୍ୟବସାୟିକ ହବ୍ ଭାବେ ରୂପାନ୍ତରିକରଣ ପ୍ରକ୍ରିୟା ଜାରି ରହିଛି। ଏହାର ସୁଫଳ ଖୁବଶୀଘ୍ର ମିଳିବ ବୋଲି ଶାହ କହୁଛନ୍ତି।

## ପୁଟିନ୍‌ଙ୍କୁ ୭୩ତମ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୋଦୀ

**ନୂଆଦିଲ୍ଲୀ, ମସ୍କୋ, ୭।୧୦/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ବାସ୍ତବରେ ଆଜି ତାରିଖରେ ପୁଟିନ୍‌ଙ୍କ ଜନ୍ମଦିନ ଥିବାରୁ ମୋଦୀ ତାଙ୍କୁ ଫୋନ୍ କରି ତାଙ୍କ ୭୩ତମ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ତେବେ ଏହି ସୌଜନ୍ୟମୂଳକ ଟେଲିଫୋନିକ୍ ଆଲୋଚନା ପରିପ୍ରେକ୍ଷୀରେ ଉଭୟ ନେତା ଭାରତ-ରୁଷ୍ ସମ୍ପର୍କକୁ ନିବିଡ଼ କରିବା ଦିଗରେ ନିଜ ନିଜ ପ୍ରତିବଦ୍ଧତା ଦର୍ଶାଇଛନ୍ତି।



ପ୍ରଧାନମନ୍ତ୍ରୀ ମୋଦୀ ପୁଟିନ୍‌ଙ୍କୁ ତାଙ୍କ ସ୍ୱାସ୍ଥ୍ୟ ଓ ସଫଳତା ପାଇଁ ଶୁଭକାମନା ଦେଇଛନ୍ତି। ଆଲୋଚନା ସମୟରେ ମୋଦୀ ଏହା ମଧ୍ୟ କହିଛନ୍ତି କି ପୁଟିନ୍‌ଙ୍କୁ ଭାରତରେ ସ୍ୱାଗତ କରିବା ପାଇଁ ସେ ଉତ୍ସୁକ। ଭାରତରେ ଆୟୋଜିତ ହେବାକୁ ଥିବା ୨୩ତମ ଇଣ୍ଡିଆ-ରୁଷ୍ ବାର୍ଷିକ ସମ୍ମିଳନୀରେ ଯୋଗଦେବା ପାଇଁ ପୁଟିନ୍ ଭାରତ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀ ମାଧ୍ୟମରେ ଉଭୟ ଦେଶ ବିଭିନ୍ନ କ୍ଷେତ୍ରରେ ସହଯୋଗ ଓ ବିସ୍ତାରିତ ଦିଗରେ ନୂଆ ଯୋଜନା ପ୍ରସ୍ତୁତ କରିବେ। ଫୋନ୍ ଯୋଗେ ହୋଇଥିବା ଆଲୋଚନାରେ ଉଭୟ ନେତା ବ୍ୟାପାର, ରକ୍ଷା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ସୂଚନା ମିଳିଛି। ଭାରତ ଓ ରୁଷ୍ ମଧ୍ୟରେ ଅନେକ ସମୟ ଧରି ରାଜନୈତିକ ସମ୍ପର୍କ ଉତ୍ତମ ରହିଛି ଏବଂ ଲଗାତାର ଉଭୟ ଦେଶ ଏହି ଦିଗରେ ନୂତନ ପ୍ରଚେଷ୍ଟା କରୁଛନ୍ତି।

## ବିଳାସପୁରରେ ଭୂସ୍ଖଳନ, ୧୮ ମୃତ

**ଶିମଲା, ୭।୧୦/ଏଜେନ୍ସି:** ହିମାଚଳର ବିଳାସପୁର ଜିଲ୍ଲାରେ ଏକ ଭୟାବହ ଦୁର୍ଘଟଣାରେ ୧୮ଜଣଙ୍କ ମୃତ୍ୟୁ ହେବା ଭଳି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ସମ୍ପର୍କରେ ସୂଚନା ମିଳିଛି। ରିପୋର୍ଟ ଅନୁସାରେ ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଝଣ୍ଡୁତା ଅଞ୍ଚଳରେ ଥିବା ବଲ୍ଲୁ ସେତୁ ନିକଟରେ ଥିବା ପାହାଡରେ ଭୂସ୍ଖଳନ ହୋଇଥିଲା। ଏହି ସମୟରେ ଏହି ମାର୍ଗ ଦେଇ ଏକ ବସ୍ ଗତି କରୁଥିଲା ଯେଉଁଥିରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ତେବେ ଭୂସ୍ଖଳନ ଯୋଗୁ ବସ୍‌ଟି ବଡ଼ବଡ଼ ପଥର ଅତଡ଼ା ଦଳ ଦବିଯାଇଥିଲା। ଏସମ୍ପର୍କରେ ସୂଚନା ମିଳିବା ପରେ ଉଦ୍ଧାରକାରୀ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଉଦ୍ଧାରକାରୀ ଟିମ୍ ୧୫ଜଣଙ୍କ ମୃତଦେହ ଘଟଣା ସ୍ଥଳରୁ ଉଦ୍ଧାର କରିଥିବା ବେଳେ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ରିପୋର୍ଟ ଲେଖାହେବା ବେଳକୁ ଚିକିତ୍ସାଧୀନ ଅବସ୍ଥାରେ ଆଉ ୩ଜଣ ପ୍ରାଣ ହରାଇଥିବା ଜଣାପଡିଛି। ସେହିପରି ଏବେବି ଆହୁରି କିଛି ଲୋକ ଦବି ରହିଥିବା ସନ୍ଦେହ କରାଯାଉଛି। ଫଳରେ ଉଦ୍ଧାରକାରୀ ଦଳଙ୍କ ସହ ସ୍ଥାନୀୟ ପ୍ରଶାସନ ଓ ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଭାବେ ଲୋକଙ୍କୁ ଉଦ୍ଧାର କରିବାରେ ଲାଗିଛନ୍ତି। ରାତିସାରା ଉଦ୍ଧାର କାର୍ଯ୍ୟ ଲାଗିରହିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଦୁର୍ଘଟଣାର ଶିକାର ହୋଇଥିବା ବସ୍‌ଟି ହରିଆଣାର ରୋହତକ୍‌ରୁ ବିଳାସପୁର ନିକଟସ୍ଥ ଘୁମରଓ୍ୱିନ୍ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ତେବେ ଗତ କିଛି ଦିନ ଧରି ଏହି ଅଞ୍ଚଳରେ ମାତ୍ରାଧିକ ବର୍ଷା ଯୋଗୁଁ ବିଭିନ୍ନ ପ୍ରାନ୍ତରେ ଭୂସ୍ଖଳନ ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଆଜିର ପାହାଡ ସ୍ଖଳନ ହେବା ପାଇଁ ବର୍ଷାକୁ ଦାୟୀ କରାଯାଉଛି।

ହିମାଚଳ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ବସ୍ ଦୁର୍ଘଟଣାରେ ଶୋକ ପ୍ରକାଶ କରିଛନ୍ତି। ମୃତକଙ୍କ ପ୍ରତି ସମବେଦନା ଜଣାଇବା ସହ ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ସମୟରେ ରାଜ୍ୟ ସରକାର ପ୍ରଭାବିତ ପରିବାର ସହିତ ଦୃଢ଼ ଭାବରେ ଠିଆ ହୋଇଛନ୍ତି ଏବଂ ସେମାନଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବେ। ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଚାଲିଛି। ଅନ୍ୟପକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ପୀଡିତଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି ଏବଂ ଆହତମାନଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘଟଣାରେ ଗଭୀର ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦,୦୦୦ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି।



ଚଳନ୍ତା ବସ୍ ଉପରେ ଧସିଲା ପାହାଡ଼

### ୬୦ କୋଟି ଠକେଇ ମାମଲା

## ଶିଳ୍ପା ସେଟ୍ଟୀଙ୍କୁ ଇଓଡବ୍ଲ୍ୟୁର ମାରାଥନ୍ ଜେରା

**ମୁମ୍ବାଇ, ୭।୧୦/ଏଜେନ୍ସି:** ଏକ ୬୦ କୋଟି ଟଙ୍କାର ଠକେଇ ମାମଲାରେ ନିଜ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ସହ ଛନ୍ଦି ହୋଇପଡିଥିବା ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କୁ ମାରାଥନ୍ ଜେରା କରିଛି ମୁମ୍ବାଇ ପୁଲିସର ଅର୍ଥନୈତିକ ଅପରାଧିକ ଶାଖା (ଇଓଡବ୍ଲ୍ୟୁ)। ଶିଳ୍ପାଙ୍କୁ ପ୍ରାୟ ୫ଘଣ୍ଟା ଧରି ଇଓଡବ୍ଲ୍ୟୁ ଅଧିକାରୀମାନେ ଅନେକ ପ୍ରଶ୍ନ କରିଥିବା ବେଳେ ଶିଳ୍ପା ସେସବୁ ପ୍ରଶ୍ନର ଉତ୍ତର ଦେଇଛନ୍ତି। ଦୀପକ କୋଠାରୀ ନାମକ ଜଣେ ବ୍ୟକ୍ତି (ଏକ ଆର୍ଥିକ ସଂସ୍ଥାର ମାଲିକ) ଉଭୟ ଶିଳ୍ପା ଏବଂ ତାଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ବିରୋଧରେ ଅଭିଯୋଗ କରିଥିଲେ ଯେ ସେ କିଛି ପର୍ଯ୍ୟାୟରେ ସେମାନଙ୍କୁ (ଶିଳ୍ପା ଏବଂ ରାଜ କୁନ୍ଦ୍ରା) ପ୍ରାୟ ୬୦ କୋଟି ଟଙ୍କା ଦେଇଥିଲେ।



କିନ୍ତୁ ଶିଳ୍ପା ଏବଂ ରାଜ୍ ପରବର୍ତ୍ତୀ ସମୟରେ ସୁଧ ପୈଠ କରିନଥିଲେ କିମ୍ବା ମୂଳଧନ ଫେରାଇନଥିଲେ। ଲିଖିତ ଅଭିଯୋଗ ହେବା ପରେ ମୁମ୍ବାଇ ପୁଲିସ ଏହି ଘଟଣାରେ ଯାଞ୍ଚ ଆରମ୍ଭ କରିଛି। ଇତି ମଧ୍ୟରେ ରାଜ କୁନ୍ଦ୍ରାଙ୍କ ସମେତ ୫ଜଣଙ୍କର ବୟାନ ରେକର୍ଡ ହୋଇସାରିଥିବା ବେଳେ କେବଳ ଶିଳ୍ପାଙ୍କ ବୟାନ୍ ରେକର୍ଡ କରାଇବାକୁ ବାକି ରହିଥିଲା। ଫଳରେ ଇଓଡବ୍ଲ୍ୟୁ ଏନେଇ ଶିଳ୍ପାଙ୍କୁ ଜେରା ପ୍ରକ୍ରିୟାରେ ସହଯୋଗ କରିବାକୁ କହିବା ପରେ ଶିଳ୍ପା ଆଜି ଇଓଡବ୍ଲ୍ୟୁ କାର୍ଯ୍ୟାଳୟରେ ଉପସ୍ଥିତ ରହି ଜେରା ପ୍ରକ୍ରିୟାର ସମ୍ମୁଖୀନ ହୋଇଥିବା ସୂଚନା ମିଳିଛି। ତେବେ ଅଭିଯୋଗ ହେବା ପରଠାରୁ ଉଭୟ ରାଜ ଏବଂ ଶିଳ୍ପା କହିଆସୁଛନ୍ତି ଯେ, ସେମାନେ କୌଣସି ଠକେଇ କରିନାହାନ୍ତି, ବରଂ ସବୁକିଛି କାଗଜପତ୍ର ଆଧାରରେ ହିଁ ହୋଇଛି। ଏନେଇ ସେମାନେ କିଛି ପ୍ରମାଣପତ୍ର ମଧ୍ୟ ଇଓଡବ୍ଲ୍ୟୁ ଅଧିକାରୀଙ୍କୁ ଦେଇଥିବା ଜଣାପଡିଛି।

### ଏଭରେଷ୍ଟରେ ତୁଷାର ଝଡ଼

## ଫସିଛନ୍ତି ୧୦୦୦ ପର୍ବତାରୋହୀ

**କାଠମାଣ୍ଡୁ,୭।୧୦/ଏଜେନ୍ସି:** ନେପାଳରେ ଅବସ୍ଥିତ ବିଶ୍ୱର ଉଚ୍ଚତମ ଶୃଙ୍ଗ ଏଭରେଷ୍ଟର ଟିଙ୍ଗ୍ରି ଅଞ୍ଚଳରେ ତୁଷାର ଝଡ଼ ଯୋଗୁଁ ସହସ୍ରାଧିକ ପର୍ବତାରୋହୀ ଫସି ରହିଥିବା ଜଣାପଡିଛି। ଅଧିକାଂଶ ପର୍ବତାରୋହୀ ଏହି ରାସ୍ତା ଦେଇ ଏଭରେଷ୍ଟ ଆରୋହଣ କରିଥାନ୍ତି। ତେବେ ସୋମବାର ୩୫୦ରୁ ଅଧିକ ପର୍ବତାରୋହୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଆହୁରି ୭୦୦ରୁ ଅଧିକ ଏବେବି ଫସି ରହିଛନ୍ତି। ଭିଡିଓ ଫୁଟେଜ୍ ଅନୁଯାୟୀ ଏଭରେଷ୍ଟରେ ଜୋରରେ ପବନ ବହିବା ସହ ପ୍ରବଳ ତୁଷାରପାତ ଘଟିଥିଲା। ଏଥିଯୋଗୁଁ ସହସ୍ରାଧିକ ପର୍ବତାରୋହୀ, ଶେରପା ଓ କ୍ୟାମେରାମ୍ୟାନ ଫସିଯାଇଥିବା କୁହାଯାଇଛି। ଅଧାବାଟରେ ଅଟକିଥିବା ୨୦୦ ପର୍ବତାରୋହୀଙ୍କ ସହ ଯୋଗାଯୋଗ ଉଦ୍ୟମ କରାଯାଉଛି। ସୂଚନାଯୋଗ୍ୟ ଭୂପୃଷ୍ଠରୁ ୧୩ ହଜାର ଫୁଟ ଉଚ୍ଚତାରେ ତୁଷାର ଝଡ଼ ହୋଇଥିବା ଜଣାପଡିଛି।

## ଆତ୍ମହତ୍ୟା କଲେ ବରିଷ୍ଠ ପୁଲିସ ଅଧିକାରୀ

**ଚଣ୍ଡିଗଡ଼,୭।୧୦/ଏଜେନ୍ସି:** ହରିଆଣାର ଅନ୍ୟତମ ବରିଷ୍ଠ ଆଇପିଏସ୍ ଅଧିକାରୀ ୱାଇଏସ୍. ପୁରନ୍ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି। ପ୍ରାଥମିକ ତଦନ୍ତ ଅନୁସାରେ ଚଣ୍ଡିଗଡ଼ ପୁଲିସ୍ ଏହାକୁ ଆତ୍ମହତ୍ୟା ମାମଲା ବୋଲି ସନ୍ଦେହ କରୁଛି, କିନ୍ତୁ ଏପର୍ଯ୍ୟନ୍ତ କିଛି ବି ସ୍ପଷ୍ଟ ହୋଇନାହିଁ। ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ ହୋଇଥିବା ସତ୍ତ୍ୱେ ପୁରନ୍ ଏପରି ଆତ୍ମହତ୍ୟା କରିବା ପଛର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ୍ ଘଟଣାସ୍ଥଳରେ ଫରେନସିକ୍ ବିଶେଷଜ୍ଞଙ୍କ ଦ୍ୱାରା ଯାଞ୍ଚ କରାଇଛି। ଅନ୍ୟପକ୍ଷେ ପୁରନ୍‌ଙ୍କ ଠାରୁ କିମ୍ବା ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନଥିବା ପୁଲିସ୍ ସ୍ପଷ୍ଟ କରିଛି। ରିପୋର୍ଟ ଅନୁଯାୟୀ, ଆଇପିଏସ୍ ପୁରନ୍ ନିଜ ସର୍ଭିସ୍ ରିଭଲଭରରୁ ହିଁ ନିଜକୁ ଗୁଳି କରିଛନ୍ତି। ଆଜି ସକାଳେ ଏହି ଘଟଣା ଘଟିଛି। ଘଟଣା ସମୟରେ ପୁରନ୍ କୁମାରଙ୍କ ପତ୍ନୀ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ଅମନୀତ ପି. କୁମାର ଘରେ ନଥିଲେ। ସେ ବର୍ତ୍ତମାନ ହରିଆଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସାଇନିଙ୍କ ନେତୃତ୍ୱରେ ଏକ ସରକାରୀ ପ୍ରତିନିଧିମଣ୍ଡଳୀ ସହିତ ଜାପାନ ଗସ୍ତରେ ଅଛନ୍ତି। ପୁରନ୍ କୁମାର ହରିଆଣା କ୍ୟାଡରର ଜଣେ ସଚ୍ଚୋଟ ଅଧିକାରୀ ଥିଲେ ଏବଂ ତାଙ୍କ କ୍ୟାରିଅର ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ତାଙ୍କର ହଠାତ୍ ଏପ୍ରକାର ଆତ୍ମହତ୍ୟାଜନିତ ଖବର ପୁଲିସ୍ ଏବଂ ପ୍ରଶାସନିକ ସ୍ତରରେ ଶୋକପ୍ରକାଶ ପାଇଛି।

## ଇପିଏଫ୍‌ଓ: ୨,୫୦୦କୁ ବୃଦ୍ଧି ପାଇବ ସର୍ବନିମ୍ନ ପେନ୍‌ସନ୍

▶ ୧୦-୧୧ ବୈଠକରେ ହୋଇପାରେ ନିଷ୍ପତ୍ତି

▶ ଗତ ୧୧ ବର୍ଷ ଧରି ୧୦୦୦ ଲେଖାଏ ମିଳୁଥିଲା




**ମୁମ୍ବାଇ, ୭।୧୦/ଏଜେନ୍ସି:** କର୍ମଚାରୀ ପେନସନ ଯୋଜନା ଅଧୀନରେ ମିଳୁଥିବା ମାସିକ ପେନ୍‌ସନ୍ ପରିମାଣ ବୃଦ୍ଧି ପାଇବ। ଗତ ୧୧ ବର୍ଷ ଧରି ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ମାସିକ ୧୦୦୦ ଟଙ୍କାର ସର୍ବନିମ୍ନ ପେନ୍‌ସନ୍ ମିଳୁଥିବା ବେଳେ ଆଗାମୀ ଦିନରେ ଏହାକୁ ୨,୫୦୦ ଟଙ୍କାକୁ ବୃଦ୍ଧି କରାଯାଇପାରେ। ଅର୍ଥାତ୍ ଅବସରପ୍ରାପ୍ତ କର୍ମଚାରୀମାନେ ଏଣିକି ନିଜ ଇପିଏଫ୍ ଆକାଉଣ୍ଟରୁ ମାସିକ ପେନସନ୍ ବାବଦ ୨୫୦୦ ଟଙ୍କା ଲେଖାଏ ପାଇବେ। ଆସନ୍ତା ୧୦-୧୧ ତାରିଖ ବେଳକୁ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବାକୁ ଥିବା ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକରେ ଏସମ୍ପର୍କରେ ନିଷ୍ପତ୍ତି ନିଆଯାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଏଭଳି ଏକ ସୂଚନା ସାମ୍ନାକୁ ଆସିବା ପରେ ପେନ୍‌ସନ୍‌ଭୋଗୀ କର୍ମଚାରୀଙ୍କ ମଧ୍ୟରେ ଖୁସି ଖେଳିଯାଇଛି। ରିପୋର୍ଟ ଅନୁସାରେ ସର୍ବନିମ୍ନ ପେନସନ ସଂଶୋଧନ ବ୍ୟତୀତ, ସିବିଟି ବୈଠକରେ ଇପିଏଫ୍‌ଓ ୩.୦ ଭଳି ଡିଜିଟାଲ ସଂସ୍କାର ଉପରେ ମଧ୍ୟ ଆଲୋଚନା ହେବ ବୋଲି ସୂଚନା ରହିଛି। ସେହିପରି ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ଯେପରିକି ଏଟିଏମ୍‌ରୁ ସିଧାସଳଖ ଟଙ୍କା ଉଠାଣ, ୟୁପିଆଇ ମାଧ୍ୟମରେ ତୁରନ୍ତ ଟଙ୍କା ଉଠାଇବା ଏବଂ ଦ୍ରୁତ ଦାବି ସମାଧାନ ଭଳି ଏକାଧିକ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହେବ ବୋଲି କୁହାଯାଉଛି।

ପ୍ରକାଶ, ଯଦି ବୈଠକରେ ପେନ୍‌ସନ୍ ବୃଦ୍ଧି ପ୍ରସ୍ତାବ ଗୃହୀତ ହୁଏ, ତେବେ ଏହା ୧୧ ବର୍ଷ ମଧ୍ୟରେ ପ୍ରଥମ ବୃଦ୍ଧି ହେବ। ପ୍ରତି ମାସରେ ସର୍ବନିମ୍ନ ୧,୦୦୦ ଟଙ୍କାର ପେନ୍‌ସନ୍ ଦିଆଯିବାର ବ୍ୟବସ୍ଥା ୨୦୧୪ରେ ସ୍ଥିର କରାଯାଇଥିଲା ଏବଂ ସେବେଠାରୁ ବୃଦ୍ଧି ହୋଇନଥିଲା। ଇପିଏଫ୍‌ଓ ଅନୁସାରେ ସମ୍ପ୍ରତି ୩୦ ଲକ୍ଷରୁ ଅଧିକ ପେନସନ୍‌ଭୋଗୀ ସର୍ବନିମ୍ନ ପେନସନ୍ ପାଉଛନ୍ତି। ଯେଉଁମାନେ ଅତି କମ୍‌ରେ ୧୦ ବର୍ଷର ନିରନ୍ତର ସେବା ସମାପ୍ତ କରିବା ପରେ ୫୮ ବର୍ଷ ବୟସରେ ଉପନୀତ ହେଉଛନ୍ତି, ସେମାନେ ଇପିଏଫ୍‌ର ଇପିଏସ୍ ସ୍କିମ୍ ଅଧୀନରେ ନିୟମିତ ପେନସନ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ଯଦି କୌଣସି ସଦସ୍ୟ ମଧ୍ୟବର୍ତ୍ତୀ ସମୟରେ ଚାକିରି ଛାଡି ଦିଅନ୍ତି, ତେବେ ସେମାନେ ସେମାନଙ୍କର ସଂଗୃହିତ ପେନସନ ଉଠାଇପାରିବେ କିମ୍ବା କମ୍ ପେନସନ ରାଶି ପାଇବା ଭଳି ବିକଳ୍ପ ଚୟନ କରିପାରିବେ।

### ବିହାର ବିଧାନସଭା ନିର୍ବାଚନ

## ଚିରାଗ ଏନ୍‌ଡିଏ ଛାଡିବା ନେଇ ଚର୍ଚ୍ଚା !



**ନୂଆଦିଲ୍ଲୀ,୭।୧୦/ଏଜେନ୍ସି:** ବିହାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ପରେ ଅନେକ ଅପ୍ରତ୍ୟାଶିତ ଘଟଣା ଘଟିବା ଆରମ୍ଭ ହୋଇଯାଇଛି। ଯେଉଁଥିପାଇଁ ବିହାରରେ ଏବେ ରାଜନୈତିକ ମାହୋଲ ସରଗରମ ହୋଇଉଠିଛି। ଏଭଳି ଏକ ଅପ୍ରତ୍ୟାଶିତ ଘଟଣା ମଧ୍ୟରେ ଏନ୍‌ଡିଏର ଅନ୍ୟତମ ପ୍ରମୁଖ ଅଂଶୀଦାର ଦଳ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ବା ଏଲ୍‌ଜେପି ନେତା ଚିରାଗ ପାଶୱାନ କୁଆଡେ ଏକ ବଡ଼ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ବିଧାନସଭା ନିର୍ବାଚନ ପାଇଁ ଏନ୍‌ଡିଏରୁ ଦୂରେଇ ରହି ଅର୍ଥାତ୍ ପୃଥକ୍ ଭାବେ ନିର୍ବାଚନ ଲଢ଼ିବାକୁ ଚିନ୍ତା କରୁଛନ୍ତି। କେବଳ ସେତିକି ନୁହେଁ ଚିରାଗ୍‌ଙ୍କ ଦଳ ଏଲ୍‌ଜେପି ଆଗାମୀ ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ପାଲଟିଥିବା ପ୍ରଶାନ୍ତ କିଶୋରଙ୍କ ଦଳ ଜନସୁରଜ ପାର୍ଟି ସହ ମେଣ୍ଟ କରିବେ ବୋଲି ମଧ୍ୟ ସୂଚନା ମିଳିଛି। କୁହାଯାଉଛି ଯେ ଉଭୟ ଦଳ ଏକ ମେଣ୍ଟ ମାଧ୍ୟମରେ ବିହାର ନିର୍ବାଚନ ମୈଦାନକୁ ଓହ୍ଲାଇପାରନ୍ତି। ତେବେ ଏପ୍ରକାର ସୂଚନାକୁ ନେଇ ଏବେ ବିହାରରେ ଆଲୋଚନା ଜୋର ଧରିଛି।

ରିପୋର୍ଟ ଅନୁସାରେ ଏଲ୍‌ଜେପି ଏବଂ ବିଜେପି ମଧ୍ୟରେ ଏବେ ଆସନ ଭାଗବଣ୍ଟାକୁ ନେଇ ଆଲୋଚନା ଜାରି ରହିଛି। ଚିରାଗ ମୋଟ୍ ଆସନ ୨୪୩ରୁ ୪୦ଟି ଆସନ ନିଜ ଦଳ ପାଇଁ ଦାବି କରୁଥିବା ବେଳେ ବିଜେପି ଏହାକୁ ନେଇ ସହମତ ହୋଇପାରୁନାହିଁ। ବିଜେପି ଚିରାଗ୍‌ଙ୍କ ଦଳ ପାଇଁ ମାତ୍ର ୨୫ଟି ଆସନ ହିଁ ଆବଣ୍ଟିତ କରିବାକୁ ଚାହୁଁଛି। କିନ୍ତୁ ଚିରାଗ ଯୁକ୍ତି ରଖିଛନ୍ତି ଯେ ଗତ ଲୋକସଭା ନିର୍ବାଚନରେ ତାଙ୍କ ଦଳ ଏଲଜେପି ୫ଟିରୁ ୫ଟି ଯାକ ଲୋକସଭା ଆସନରେ ବିଜୟୀ ହୋଇଥିଲା। ଏହି କାରଣରୁ ତାଙ୍କୁ ବିଧାନସଭା ନିର୍ବାଚନରେ ଅନ୍ୟୁନ ୪୦ କିମ୍ବା ୪୦ରୁ ଅଧିକ ଆସନ ଦିଆଯିବା ଯୁକ୍ତିଯୁକ୍ତ। ଅନ୍ୟପକ୍ଷେ ଯଦି ବିଜେପି ଚିରାଗ୍‌ଙ୍କ ଦାବିକୁ ଗ୍ରହଣ ନକରେ ତେବେ ଏଲ୍‌ଜେପି ଜନ ସୁରଜ ପାର୍ଟି ସହ ମେଣ୍ଟ କରିବାର ସମ୍ଭାବନା ବଢ଼ିଯିବ। ଏପରି ହେଲେ ଚିରାଗ୍‌ଙ୍କ ପାଇଁ ଅଧିକ ଆସନରେ ଲଢ଼ିବାର ସୁଯୋଗ ସହ ବିହାରରେ ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନାକୁ ମଧ୍ୟ ଅନେକାଂଶରେ ବୃଦ୍ଧି କରିନେବ। କିନ୍ତୁ ଏନ୍‌ଡିଏ ମେଣ୍ଟରେ ରହିଲେ ଚିରାଗ୍‌ଙ୍କ ପାଇଁ ମୁଖ୍ୟମନ୍ତ୍ରୀ ହେବାର ସୁଯୋଗ ମିଳିପାରିବ ନାହିଁ। କାରଣ ଏନ୍‌ଡିଏ ପ୍ରଥମରୁ ହିଁ ଜେଡିୟୁ ମୁଖ୍ୟ ନୀତୀଶ କୁମାରଙ୍କୁ ଏନ୍‌ଡିଏ ମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଉପସ୍ଥାପନ କରିସାରିଛି।

ପ୍ରକାଶ, ବିହାର ବିଧାନସଭାରେ ସଂଖ୍ୟାଗରିଷ୍ଠତା ସଂଖ୍ୟା ୧୨୨ ଆସନ ରହିଛି। ତେବେ ବିଜେପି, ଜେଡିୟୁ ଏବଂ ଆରଜେଡି ଭଳି ପ୍ରମୁଖ ଦଳଗୁଡ଼ିକୁ ଚ୍ୟାଲେଞ୍ଜ କରିବା ଏଲ୍‌ଜେପି-ଜନସୁରଜ ପାର୍ଟି ମେଣ୍ଟ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ସହଜ ହେବନାହିଁ। ପ୍ରଶାନ୍ତ କିଶୋର ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ରାଜନୀତିକୁ ଆସିଥିବାରୁ ବିହାରବାସୀ ତାଙ୍କ ଉପରେ କେତେମାତ୍ରାରେ ବିଶ୍ୱାସ କରିବେ ତାହାକୁ ନେଇ ସଂଶୟ ରହିଛି। ଏକଥା ଚିରାଗ ମଧ୍ୟ ବେଶ୍ ଭଲଭାବେ ଜାଣିଛନ୍ତି। ଏପରି ସ୍ଥିତିରେ ଏଲଜେପି-ବିଜେପି ମଧ୍ୟରେ ଆସନ ଭାଗବଣ୍ଟା ଏବଂ ଏହି ଆଧାରରେ ଚିରାଗ୍‌ଙ୍କ ଆଗାମୀ ନିଷ୍ପତ୍ତି କ'ଣ ହେବ ସେନେଇ ସମସ୍ତଙ୍କ ନଜର ରହିଛି।

## ଚୂଡ଼ାନ୍ତ ହୋଇପାରୁନି ମୁଖ୍ୟମନ୍ତ୍ରୀ ଚେହେରା; ତେଜସ୍ୱୀଙ୍କୁ ନେଇ କଂଗ୍ରେସ ଅରାଜି

### ଏବେ ବି ଦ୍ୱନ୍ଦ୍ୱରେ ବିରୋଧୀ ଗୋଷ୍ଠୀ



**ପାଟନା, ୭।୧୦/ଏଜେନ୍ସି:** ବିହାର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇସାରିଛି। କିନ୍ତୁ ଏପର୍ଯ୍ୟନ୍ତ ବିରୋଧୀ ମେଣ୍ଟ ନିଜ ମୁଖ୍ୟମନ୍ତ୍ରୀ ଚେହେରାକୁ ନେଇ ଦ୍ୱନ୍ଦ୍ୱରେ ରହିଛି। ରିପୋର୍ଟ ଅନୁସାରେ ଆରଜେଡି ତେଜସ୍ୱୀ ଯାଦବଙ୍କୁ ବିହାରର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ପ୍ରୋଜେକ୍ଟ କରିବାକୁ ଚାହୁଁଛି, କିନ୍ତୁ କଂଗ୍ରେସ ଏହାକୁ ଗ୍ରହଣ କରିବାକୁ ନାରାଜ। କଂଗ୍ରେସ ବିଭିନ୍ନ ସମୟରେ ତେଜସ୍ୱୀ ଯାଦବଙ୍କ ମୁଖ୍ୟମନ୍ତ୍ରୀ ଚେହେରା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାକୁ ଚେଷ୍ଟା କରିଛି। ଆରଜେଡି-କଂଗ୍ରେସ ମଧ୍ୟରେ ଏବେ ଏହାକୁ ନେଇ ଟଣାଓଟରା ଜାରି ରହିଛି। ଏଭଳି ପରିସ୍ଥିତିରେ କଂଗ୍ରେସ ନେତା ଉଦିତ ରାଜ ପୁଣି ଥରେ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସେ ଏକ ଗଣମାଧ୍ୟମ ସମ୍ମୁଖରେ ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯିବା ସମ୍ପର୍କରେ କଳ୍ପନାଜଳ୍ପନାକୁ ସିଧାସଳଖ ଖାରଜ କରିଛନ୍ତି। ଯେତେବେଳେ ତାଙ୍କୁ ପଚରାଗଲା ଯେ ମହାଗଠବନ୍ଧନ ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ମୁହଁ ଭାବରେ ଘୋଷଣା କରିବ କି, ଉଦିତ ରାଜ କହିଥିଲେ ଯେ ସେ ଆରଜେଡି ପାଇଁ ମୁଖ୍ୟମନ୍ତ୍ରୀ ଚେହେରା ହୋଇପାରନ୍ତି, କିନ୍ତୁ ଇଣ୍ଡିଆ ମେଣ୍ଟ ପାଇଁ ମୁଖ୍ୟମନ୍ତ୍ରୀ ଚେହେରା ସାମୂହିକ ଭାବରେ ସ୍ଥିର କରାଯିବ। ଇଣ୍ଡିଆ ମେଣ୍ଟ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଚେହେରା ନେଇ କୌଣସି ନିଷ୍ପତ୍ତି ନେଇନାହିଁ। କିଛି ସପ୍ତାହ ପୂର୍ବରୁ, ତେଜସ୍ୱୀ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା ନକରି ମହାଗଠବନ୍ଧନ ନିର୍ବାଚନ ଲଢ଼ିବ ନାହିଁ। ପ୍ରକାଶ, ତେଜସ୍ୱୀ ଯାଦବ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ଓ ରାବ୍ରୀ ଦେବୀଙ୍କ ପୁଅ।

ଗ୍ୟାସ୍ ବିତରଣ କେନ୍ଦ୍ରରେ ଅନିୟମିତତା ଅଭିଯୋଗ

# ଲମ୍ବା ଲାଇନ୍ ସତ୍ତ୍ୱେ ଉପଭୋକ୍ତାଙ୍କୁ ମିଳୁନି ଜାଳେଣି ଗ୍ୟାସ୍



**ଜଟଣୀ,୭।୧୦/ଏନ୍ଏନ୍ଏସ୍:** ସ୍ଥାନୀୟ 'ହିନ୍ଦୁସ୍ଥାନ ଗ୍ୟାସ' ଏଜେନ୍ସି ନାମରେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଉପଭୋକ୍ତା। ସୂଚନା ମୁତାବକ ଗ୍ରାହକମାନେ ଅନ୍‌ଲାଇନ ମାଧ୍ୟମରେ ଗ୍ୟାସ ବୁକିଂକରି ୮୭୯ ଟଙ୍କା ପୈଠକରି ମେସେଜ୍ ଆସିଲା ପରେ ଖାତାଧାରୀ ଗ୍ୟାସ ଏଜେନ୍ସି ପାଖକୁ ଗ୍ୟାସ ଆଣିବା ପାଇଁ ଯାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଗ୍ୟାସ ହିତାଧିକାରୀମାନେ ଦୀର୍ଘ ସମୟ ଲମ୍ବାଧାଡ଼ିରେ ଅତିବାହିତ ପରେ ଆଜି ପାଇଁ ଗ୍ୟାସ ସରିଗଲା କହି କର୍ମଚାରୀ ଫେରାଇଦିଅନ୍ତି। ଏଠି ପ୍ରଶ୍ନ ଉଠେ ଦୈନିକ କେତେଜଣ ଗ୍ରାହକ ଅନ୍‌ଲାଇନ୍‌ରେ ବୁକିଙ୍ଗ କରୁଛନ୍ତି ତାହାର ହିସାବ କ'ଣ ଏଜେନ୍ସି ପାଖରେ ନ ଥାଏ? ଯଦି ସହରରେ ଖାଉଟିମାନଙ୍କୁ ଗ୍ୟାସ ଯୋଗାଇବାରେ ଏଜେନ୍ସି ଫେଲ୍ ମାରୁଛି ତେବେ ସହରରେ ଥିବା ଛୋଟ ବଡ଼ ହୋଟେଲ ରେଷ୍ଟୁରାଣ୍ଟ, ଗ୍ୟାସ ମରାମତି ତଥା ଗ୍ୟାସ୍ ଫିଲିଙ୍ଗ ଦୋକାନୀମାନେ ଦିନକୁ ୧୦ରୁ ୧୫ ଗ୍ୟାସ ପାଉଛନ୍ତି କେଉଁଠୁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୋକାନୀଙ୍କ ପାଖରେ ନିଜ ନାମରେ ଚଞ୍ଚକତା କରି କେତୋଟି ଗ୍ୟାସ କାର୍ଡ ରଖିଛନ୍ତି ତାହା ତଦନ୍ତ ସାପେକ୍ଷ। ଗ୍ରାହକ ଅନ୍‌ଲାଇନରେ ବୁକିଂ କଲେ ୮୭୯ଟଙ୍କା ପୈଠ କରିବାକୁ ହୁଏ। ଏଜେନ୍ସି ଏହି ଗ୍ୟାସକୁ ବାହାରେ ଦୋକାନୀମାନଙ୍କୁ ନିଜର ଗ୍ୟାସ୍ ବିତରକ କର୍ମଚାରୀଙ୍କ ଦ୍ୱାରା ଗୋଟିଏ ଗ୍ୟାସ୍‌ପିଛା ୧୨୦୦ ଟଙ୍କାରେ ବିକ୍ରି କରିଥାନ୍ତି ବୋଲି ଗ୍ରାହକ ଅଭିଯୋଗ ଆଣିଛନ୍ତି। ଗୋଟିଏ ଗ୍ୟାସ ପ୍ରତି ୩୨୧ ଟଙ୍କା ରୋଜଗାର କଲେ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମୁନାଫା କମାଇଥାଏ ଏଜେନ୍ସି। ତେଣୁ ଉପଭୋକ୍ତାଙ୍କ କଥା ବିଚାର କରେ କିଏ। ଏହି ଗ୍ୟାସ ଏଜେନ୍ସି ମାଧ୍ୟମରେ ୩୦ରୁ ଊର୍ଦ୍ଧ୍ୱ ଘରୋଇ ଗ୍ୟାସ ବିତରକ କର୍ମଚାରୀ ନିୟୋଜିତ ଅଛନ୍ତି। ସେମାନେ ଗ୍ୟାସ ନେଇ ଉପଭୋକ୍ତାଙ୍କ ଘରେ ପହଞ୍ଚାଇ ୩୦ ଟଙ୍କା ନିଜର ପ୍ରାପ୍ୟ ନେଇଥାନ୍ତି। କିନ୍ତୁ ଦୁଃଖର ବିଷୟ ଏହି କର୍ମଗରୀମାନେ ଦୀର୍ଘ ଦିନ କାମ କରି ମଧ୍ୟ ତାଙ୍କ ନାମରେ ଇପିଏଫ୍ ନା ଇଏସ୍‌ଆଇ ନଥିବା ଏଜେନ୍ସି କର୍ମଚାରୀ ପ୍ରକାଶ କରିଛନ୍ତି। ଯାହାଫଳରେ ସେମାନେ କୌଣସି ମୌଳିକ ସୁବିଧା ମାଲିକଙ୍କ ଠାରୁ ପାଇନଥାନ୍ତି। କାର୍ଯ୍ୟ କ୍ଷେତ୍ରରେ ଦୁର୍ଭାଗ୍ୟବଶତଃ କୌଣସି ଦୁର୍ଘଟଣା ଘଟେ, ତେବେ ସେମାନେ ନିଜସ୍ୱ ଚେଷ୍ଟାରେ ନିଜର ଚିକିତ୍ସା କରାଇଥାନ୍ତି ବୋଲି କହିଛନ୍ତି। ୨୦୦୫ ମସିହାରୁ ଦିବ୍ୟାଙ୍ଗ ନାରୀ ମମତା ଅଗ୍ରୱାଲଙ୍କ ନାମରେ ଗୃହଲକ୍ଷ୍ମୀ ଏଜେନ୍ସି କାର୍ଯ୍ୟ କରୁଥିବା ବିଶେଷ ସୂତ୍ରରୁ ପ୍ରକାଶ ପରେ ଅନ୍ୟ ଏକ ହିନ୍ଦୁସ୍ଥାନ ଗ୍ୟାସ ଏଜେନ୍ସି ନାମରେ ଦୁଇଟି ଏଜେନ୍ସି କାର୍ଯ୍ୟକାରୀ ହେଉଥିଲା। ପରବର୍ତ୍ତୀ ସମୟରେ ଦୁଇଟି ଏଜେନ୍ସି ଗୋଟିଏ ହିନ୍ଦୁସ୍ଥାନ ଏଜେନ୍ସିରେ ପରିଣତ ହୋଇଥିଲା। ଜଟଣୀ ପୌରାଞ୍ଚଳରେ ୪ଲକ୍ଷ ୫୦ହଜାର ଅଧିବାସୀ ବସବାସ କରନ୍ତି। ଆଧୁନିକ ଯୁଗରେ ଗ୍ୟାସ ଚୁଲାର ବ୍ୟବହାର ବଢିଥିବା ସ୍ଥଳେ ଗ୍ୟାସ ଏଜେନ୍ସି କେବଳ ଜଣଙ୍କୁ ଏଜେନ୍ସି ଦେବା କେତେଦୂର ଯଥାର୍ଥ ଚିନ୍ତାର ବିଷୟ। ସହରରେ ଗ୍ୟାସ ଉପଭୋକ୍ତାଙ୍କ ସଂଖ୍ୟା ୩୦ରୁ ୪୦ ହଜାର ଥିବାବେଳେ କେଉଁ ଆଧାରରେ ଗୋଟିଏ ୬ଚକିଆ ଗାଡ଼ିରେ ମାତ୍ର ୩୨୪ଟି ସିଲିଣ୍ଡର ଆସୁଥିବା ସୂଚନା। ସେଥିରୁ ୧୦୦ରୁ ୧୫୦ ସିଲିଣ୍ଡର ଉପଭୋକ୍ତାଙ୍କୁ ଯୋଗାଣ ପରେ ବଳକା ସିଲିଣ୍ଡର ବେନିୟମ ଭାବେ ଚଢ଼ା ଦରରେ ବିଭିନ୍ନ ରେଷ୍ଟୁରାଣ୍ଟ, ହୋଟେଲ, ଗ୍ୟାସ ଫିଲିଙ୍ଗ ଦୋକାନମାନଙ୍କୁ ଯୋଗାଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଗ୍ୟାସ ବିତରକ ଏଜେନ୍ସି ବଢ଼ାଇବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି। ବର୍ତ୍ତମାନର ଗ୍ୟାସ ଏଜେନ୍ସି ଉପରେ ତଦାରଖ ପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହାର ସତ୍ୟତା ବାହାର କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଦଶହରା ଭସାଣି ଉତ୍ସବରେ ସମ୍ବର୍ଦ୍ଧନା ସମାରୋହ



**ସାଲେପୁର,୭।୧୦/ଏନ୍ଏନ୍ଏସ୍:** ଦଶହରା ଭସାଣି ଉତ୍ସବରେ ସାଲେପୁର ମାଟିର ପୁଅ ହରିବନ୍ଧୁ ଶତପଥୀଙ୍କ ନେତୃତ୍ୱରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବଜାରର କୁଆଁପାଳରୋଡ ଛକ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବାରିଗୋଳ ସରପଞ୍ଚ ଶିବୁ ବେହେରାଙ୍କ ସଭାପତିତ୍ୱ ରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସାଇ ସମୀକ୍ଷା ଏଡୁକେସନାଲ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମାଜସେବୀ ହରିବନ୍ଧୁ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଲେପୁରରେ ପାଳନ କରାଯାଉଥିବା ଦଶହରା ପର୍ବର ସ୍ୱତନ୍ତ୍ରତା ରହିଛି। ଶତାଧିକ ବର୍ଷ ହେବ ଏଠାରେ ପାର୍ବଣ ପାରମ୍ପରିକ ରୀତିରେ ପାଳିତ ହୋଇଆସୁଛି। ଏହି ପର୍ବକୁ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଆବାଳବୃଦ୍ଧ ବନିତା ଏକ ସାର୍ବଜନୀନ ଗଣ ଉତ୍ସବ ଭାବେ ପାଳନ କରୁଛନ୍ତି। ଏଥିପାଇଁ ସେ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଓ ଅଞ୍ଚଳବାସୀଙ୍କୁ କୃତଜ୍ଞତା ଜଣାଇଥିଲେ। ସମ୍ମାନିତ ଅତିଥି ଭାବେ ସାଲେପୁର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ରବୀନ୍ଦ୍ର ନାଥ କର, ଶେର ପୂଜା କମିଟିର ସଭାପତି କୃଷ୍ଣ ଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇ ଶ୍ରୀ ଶତପଥୀଙ୍କର ଏହିଭଳି ନିଆରା ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ସାଲେପୁର ଉପଖଣ୍ଡ ପୁଲିସ ଅଧିକାରୀ ବିରଞ୍ଚି ନାରାୟଣ ପତି, ଏଏସଆଇ ନୀଳମାଧବ ପଣ୍ଡା, ଶାନ୍ତି କମିଟିର ରବୀନ୍ଦ୍ରନାଥ କର, କୃଷ୍ଣ ଚନ୍ଦ୍ର ଜେନା, ନବକିଶୋର କର, ନରେନ୍ଦ୍ର ସ୍ୱାଇଁ, ପ୍ରତାପ ଚନ୍ଦ୍ର ଭୂୟାଁ, ବିଘ୍ନେଶ୍ୱର ସାହୁ, ସଂଗଠକ ସେକ ଅନୱର ଅଲ୍ଲୀଙ୍କ ସମେତ ବ୍ୟକ୍ତି ବିଶେଷଙ୍କ ସହିତ ସମିତି ମେଢ଼,ବଡ଼ ବଜାର ମେଢ଼, ହରଗୌରି ମେଢ଼, ଭେଟନାରୀ, ଆନନ୍ଦ ବଜାର ମେଢ଼, ହରଗୌରୀ ଟ୍ରଲି ଚାଳକ, ସହେଶ୍ୱରୀ ମାର୍କେଟ, ଶେର ବଜାର ମେଢ଼, ସେଣ୍ଟ୍ରାଲ ମାର୍କେଟ, ଲକ୍ଷ୍ମୀ ବଜାର ମେଢ଼, କଲେଜ୍ ରୋଡ଼ ମେଢ଼, ରିକ୍ସା ଚାଳକ ମେଢ଼, ମହାବୀର ବଜାର ମେଢ଼, ରାଜା ମାର୍କେଟ, ଟ୍ରଲି ଚାଳକ ମହାବୀର ମେଢ଼ ମୁଖ୍ୟ ଓ ଦୁର୍ଗା ପୂଜା କମିଟିର ମୁଖ୍ୟଙ୍କୁ ସାଲେପୁର ମାଟିର ପୁଅ ଶ୍ରୀ ଶତପଥୀ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସଂଗଠକ ବିଜ୍ଞାନ ଭୂୟାଁ, ସନ୍ତୋଷ ରାଉତ, ବୈକୁଣ୍ଠନାଥ ସ୍ୱାଇଁଙ୍କ ସମେତ ସମ୍ବର୍ଦ୍ଧନା କମିଟିର କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ଖଣ୍ଡପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ପ୍ରଦ୍ୟୁମ୍ନ



**ଖଣ୍ଡପଡ଼ା,୭।୧୦/ଏନ୍ଏନ୍ଏସ୍:** ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ତାଲିକାରେ ପୁର୍ନବାର ଖଣ୍ଡପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ଡଃ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ନାମ ସ୍ଥାନ ପାଇଥିବା ଜଣାପଡିଛି। ବିଶ୍ୱର କାଲିଫର୍ଣ୍ଣିଆସ୍ଥିତ ଷ୍ଟାନଫୋର୍ଡ ବିଶ୍ୱ ବିଦ୍ୟାଳୟର ଏକ ଗବେଷଣା ସଂସ୍ଥା ପକ୍ଷରୁ ପରମାଣୁ ଓ କଣିକା ପଦାର୍ଥ ବିଜ୍ଞାନ ଉପରେ ସର୍ଭେକ୍ଷଣ କରାଯାଇଥିଲା। ବିଶ୍ୱର ସର୍ବଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ବୈଜ୍ଞାନିକ ପ୍ରଫେସର ପ୍ରଦ୍ୟୁମ୍ନଙ୍କ ନାମ ସ୍ଥାନିତ ହେବା ପରେ ସମଗ୍ର ନୟାଗଡ ଜିଲ୍ଲା ସମେତ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଖାଲି ସେତିକି ନୁହେଁ ଲଗାତାର ୬ ବର୍ଷ ଧରି ବୈଜ୍ଞାନିକ ଶ୍ରୀ ସାହୁ ଏହି ବିରଳ ସମ୍ମାନର ଅଧିକାରୀ ହୋଇ ପାରି ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣିଛନ୍ତି। ସୂଚନାଯୋଗ୍ୟ ବୈଜ୍ଞାନିକ ଶ୍ରୀ ସାହୁ ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦସ୍ଥିତ ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସିରେ ଏବେ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଛାତ୍ର ଜୀବନରୁ ଜଣେ ମେଧାବୀ ଛାତ୍ର ଭାବେ ଜଣାଶୁଣା ବୈଜ୍ଞାନିକ ପ୍ରଦ୍ୟୁମ୍ନଙ୍କ ଘର ନୟାଗଡ ଜିଲ୍ଲା ଅଧିନ ଖଣ୍ଡପଡ଼ା ବ୍ଲକର ଜଗନ୍ନାଥପ୍ରସାଦ ପଞ୍ଚାୟତ ଅଧିନ କୁହାରା ଗ୍ରାମରେ ଅଟେ। ଲଗାତର ୬ ବର୍ଷ ଧରି ବିରଳ ସମ୍ମାନର ଅଧିକାରୀ ହୋଇଥିବା ବୈଜ୍ଞାନିକ ପ୍ରଦ୍ୟୁମ୍ନଙ୍କୁ ନେଇ କୁହାରା ଗ୍ରାମବାସୀ ବେଶ ଗର୍ବ ଅନୁଭବ କରୁଥିବା ବେଳେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବହୁ ବ୍ୟକ୍ତିବିଶେଷ ବୈଜ୍ଞାନିକ ଶ୍ରୀ ସାହୁଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

# ଭୁବନେଶ୍ୱର ବାଲିଯାତ୍ରା ପାଇଁ ଭୂମି ପୂଜନ



**ବାରଙ୍ଗ,୭।୧୦/ଏନ୍ଏନ୍ଏସ୍:** ଚଳିତବର୍ଷ ଭୁବନେଶ୍ୱର ବାଲିଯାତ୍ରା ପାଇଁ ଭୂମି ପୂଜନ କାର୍ଯ୍ୟ ସମ୍ପାଦିତ ହୋଇଛି। ସ୍ଥାନୀୟ କୁଆଖାଇ ନଦୀ କୂଳ ପଡିଆରେ ମଙ୍ଗଳବାର ପୂର୍ବାହ୍ନରେ ଏହି ଭୂମି ପୂଜନ କାର୍ଯ୍ୟ କରାଯାଇଥିବା ବେଳେ ଏଥିରେ ପୂର୍ବତନ ବାଲିଯାତ୍ରା ସଭାପତି ଅଭୟ ବଡ଼ଜେନା କର୍ତ୍ତା ପୁରୋଧା ସାଜିଥିଲେ। କଳିଙ୍ଗର ବୀରତ୍ୱର ଗୀତି ଗାଥା ବହନ କରୁଥିବା ଏହି ବାଲିଯାତ୍ରା ଚଳିତ ବର୍ଷ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ କଳାକାର ଏହି ମଞ୍ଚରେ ନିଜର କଳା କୌଶଳ ଦେଖାଇବେ ବୋଲି ଜଣାପଡ଼ୁଛି। କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ପରିଡା, ପ୍ରଦୀପ ପରିଡା, ରତ୍ନାକର ପଲାଇ, ଲକ୍ଷ୍ମୀଧର ରାଉତ, ସୁରେନ୍ଦ୍ର ସାହୁ, ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଆତଙ୍କ ଖେଳାଉଥିବା ମାଙ୍କଡ଼କୁ କାବୁକଲା ବନବିଭାଗ




**ସାଲେପୁର,୭।୧୦/ଏନ୍ଏନ୍ଏସ୍:** ଗତ ୪ଦିନ ଦେବ ଆତଙ୍କ ଖେଳାଉଥିବା ଏକ ମାଙ୍କଡକୁ ବନ ବିଭାଗ କାବୁ କରିଥିବା ଜଣାପଡ଼ିଛି। ଏହି ମାଙ୍କଡର ଆତଙ୍କରେ ସଉରୀ ତଥା ଆଖପାଖ ଅଞ୍ଚଳରେ ଲୋକଙ୍କ ମନରେ କୋକୁହା ଭୟ ସୃଷ୍ଟି ହୋଇଥିଲା। କେତେବେଳେ ପିଲାଙ୍କୁ କମୁଡୁଥିଲା ତ ପୁଣି କେତବେଳେ ବଡଲୋକଙ୍କୁ। ଏହିପରି ୪ଜଣ ଅଞ୍ଚଳର ଓମ୍ ପ୍ରକାଶ ମହାନ୍ତି,ଶୁଭମ ମହାନ୍ତି,ଦିଲ୍ଲୀପ କୁମାର ନାୟକ,ଅନନ୍ତ ସାମଲଙ୍କୁ କାମୁଡିବା ଦ୍ୱାରା ସେମାନେ ପ୍ରଥମେ ସାଲେପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲ ଚିକିତ୍ସିତ ହୋଇଥିଲେ। ଅନେକ ଲୋକ ମାଙ୍କଡ ଆକ୍ରମଣରୁ ବଞ୍ଚିବା ପାଇଁ ପୋଖରୀ ଓ ନାଳକୁ ଡେଇଁବାର ଖବର ଶୁଣିବାକୁ ମିଳିଥିଲା। ଏ ସଂପର୍କରେ ବନ ବିଭାଗକୁ ଖବର ଦିଆଯାଇଥିଲା। ବନ ବିଭାଗର ଏକ ଟିମ୍ ଗତ ଦୁଇଦିନ ହେବ ମାଙ୍କଡର ଗତିବିଧି ଉପରେ ନଜର ରଖି ଆଜି ସକାଳୁ ତାଙ୍କର ଏକ ସ୍ୱତନ୍ତ୍ର ଟିମ୍ ନନ୍ଦନ କାନନରୁ ଆସି ଟ୍ରାଙ୍କୁଲାଇଜର୍ ମାଧ୍ୟମରେ ଉତ୍ପାତ କରୁଥିବା ମାଙ୍କଡକୁ କାବୁ କରି ସାଙ୍ଗରେ ନେଇଯାଇଥିଲେ। ମାଙ୍କଡ଼ କାବୁ ହେବା ପରେ ସ୍ଥାନୀୟ ଲୋକମାନେ ଆସ୍ୱସ୍ତି ଲାଭ କରିଛନ୍ତି।

# ମେଧାବୀ ରିତେଶ ଡାକ୍ତରୀ ଶିକ୍ଷା ପାଇଁ ମନୋନୀତ



**ବୋଲଗଡ଼,୭।୧୦/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ୍ ଫାସିଓଦା ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗିସାହି ଗ୍ରାମର ଚାଷୀ ପିତା ରମେଶ କୁମାର ସ୍ୱାଇଁ ଓ ମାତା ଗୃହିଣୀ ସଚଳା କୁମାରୀ ସ୍ୱାଇଁଙ୍କ କୋଳ ମଣ୍ଡନ କରିଥିବା କନିଷ୍ଠ ପୁତ୍ର ରିତେଶ କୁମାର ସ୍ୱାଇଁ(୧୮) ୨୦୨୫ ମସିହା ଜାତୀୟ ଦକ୍ଷତା ଟେଷ୍ଟ ପରୀକ୍ଷାରେ ସଫଳତାର ସହିତ କୃତକାର୍ଯ୍ୟ ହୋଇ ଡାକ୍ତରୀ ପାଠ ପଢ଼ିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ରିତେଶ ବାଲ୍ୟବସ୍ଥାରୁ ବୋଲଗଡ଼ସ୍ଥିତ ବୀଣାପାଣି ଶିଶୁ ବିଦ୍ୟା ମନ୍ଦିରରୁ ପ୍ରାଥମିକ ଶିକ୍ଷା ଆରମ୍ଭ କରି ପରେ ନିଜ ଗାଁ ରଘୁନାଥ ମଧୁସୂଦନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରି ଜଣେ ମେଧାବୀ ଛାତ୍ର ଭାବରେ ଗଣ୍ୟ ହୋଇଥିଲେ। ପରେ ଉଚ୍ଚଶିକ୍ଷା ପାଇଁ କଟକ ରେଭେନ୍ସା ମହାବିଦ୍ୟାଳୟରୁ ଯୁକ୍ତ-୨ ବିଜ୍ଞାନ ପାଠ୍ୟକ୍ରମ ଶେଷ କରି ଅଧିକ ଜ୍ଞାନ ଆହୋରଣ ନିମନ୍ତେ ଭୁବନେଶ୍ୱରସ୍ଥ ଯୁବଦ୍ୱୟ ଆଡଭାନ୍ସ କ୍ଲାସ୍‌ସେସ୍ କୋଚିଂ କେନ୍ଦ୍ରରେ ଅଧ୍ୟୟନ କରିଥିଲେ। ପରେ ୨୦୨୫-୨୬ଶିକ୍ଷା ବର୍ଷରେ ଜାତୀୟ ଦକ୍ଷତା ଟେଷ୍ଟ ପରୀକ୍ଷାରେ ଅଂଶଗ୍ରହଣ କରି ମୋଟ ୫୨୧ନମ୍ବର ସହ ସଫଳତା ହାସଲ କରି ମେଡିକାଲ ଶିକ୍ଷା ପାଇବାକୁ ମନୋନୀତ ହୋଇଛନ୍ତି। ଅଧୁନା ରିତେଶ ତାଳଚେରସ୍ଥିତ ସରକାରୀ ପବିତ୍ର ମୋହନ ପ୍ରଧାନ ଡାକ୍ତରୀ ମହାବିଦ୍ୟାଳୟରେ ମେଡିକାଲ ପାଠ୍ୟ ଅଧ୍ୟୟନ ନିମନ୍ତେ ନାମ ଲେଖାଇଛନ୍ତି। ଜୀବନରେ ସେ ଜଣେ ଉତ୍ତମ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ହୋଇ ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ସମସ୍ତ ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ସହିତ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସମୟାନୁବର୍ତ୍ତିତାକୁ ପ୍ରାଧାନ୍ୟ ଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟସେବା କରିବାକୁ ଶ୍ରେଷ୍ଠ ବିବେଚନା କରିଛନ୍ତି। ତେବେ ଆଜିର ଦିନ ମାନଙ୍କରେ ସମସ୍ତ ଛାତ୍ରଛାତ୍ରୀ ନିଷ୍ଠା, କର୍ତ୍ତବ୍ୟବୋଧ ଓ ଜିଜ୍ଞାସାର ସହ ଦିନକୁ ୭ରୁ ୮ ଘଣ୍ଟା କଠିନ ପରିଶ୍ରମ କଲେ ଫଳ କେବେବି ନିଷ୍ଫଳ ହେବ ନାହିଁ ବୋଲି ଦୃଢ଼ତାର ସହିତ ନିଜର ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପଟେ ରିତେଶ ଶିକ୍ଷା ବ୍ୟତୀତ ନାଚ, ଡ୍ୟାନ୍ସ, ଡିବେଟ୍ ଆଦିରେ ରୁଚି ରଖି ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରୁ ବହୁବାର ପୁରସ୍କୃତ ହୋଇଛନ୍ତି। ତେବେ ଏହି ସଫଳତାର ଶ୍ରେୟ କାହାକୁ ଦିଆଯିବ ପଚାରିବାରେ ପ୍ରଥମେ ପିତାମାତା ଓ ମୋ ଗାଁ ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାସୁଦେବ ବେହେରାଙ୍କ ସମେତ ଅନ୍ୟଶିକ୍ଷକ ଓ ଗ୍ରାମବାସୀଙ୍କ ମୋ ପ୍ରତି ରହିଥିବା ଆଶୀର୍ବାଦ ଅତୁଳନୀୟ ଅବଦାନ ବୋଲି ରିତେଶ କହିଥିଲେ।

# ଶାନ୍ତିଶୃଙ୍ଖଳାରେ ଭସାଣି ସମ୍ପନ୍ନ


ଭସାଣିରେ ଅଘୋରୀ ନୃତ୍ୟ

**କଣ୍ଟିଲୋ,୭।୧୦/ଏନ୍ଏନ୍ଏସ୍:** ଚଳିତବର୍ଷ ଦଶହରା ସମୟେ ୧୪ଟି ପୂଜା ମଣ୍ଡପରେ ମା' ଦୁର୍ଗାଙ୍କୁ ପୂଜା କରୁଥିବା ବେଳେ ଗୋଟିଏ ସ୍ଥାନରେ କୃଷ୍ଣ ସୁଦାମାଙ୍କ ମୂର୍ତ୍ତିର ପୂଜା କରୁଥିବା ନଜରକୁ ଆସିଛି। କେଉଟସାହି ଓ ବାପୁଜୀନଗର ପୂଜା କମିଟିର ମା' ଦୁର୍ଗାଙ୍କ ଭସାଣି ବ୍ୟତୀତ କଣ୍ଟିଲୋ ଗ୍ରାମ ପଞ୍ଚାୟତ ପରିସର ମଧ୍ୟରେ ହୋଇଥିବା ଅନ୍ୟ ସମସ୍ତ ପୂଜା ମଣ୍ଡପରୁ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଖୁବ୍ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଯାଇଛି। ସୂଚନାଯୋଗ୍ୟ ଯେ, ଦୀର୍ଘ ୭/୮ ବର୍ଷ ହେଲା ପୂଜାକୁ ଅଧିକ ଗୁରୁତ୍ୱ ନଦେଇ ନିଜ ସାହିର ଭସାଣି ପ୍ରସେସନ କିପରି ସବୁ ଠାରୁ ଭଲ ହେବ ଏବଂ ଏକ ନମ୍ବର ହେବ, ସେଥିପାଇଁ କେଉଟସାହି, ହାଟ ମୁଣ୍ଡପାଟଣା ଓ ଥୋଡିଆ ସାହି ପୂଜା କମିଟି ମଧ୍ୟରେ ଜୋରଦାର ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଚଳିତବର୍ଷ ଆଜ ସୁଦ୍ଧା ଭସାଣି ଉତ୍ସବ ପାଳନ କରିଥିବା ପୂଜା କମିଟି ମଧ୍ୟରୁ ଜନମତ ହିସାବରେ ଜନ କଲ୍ୟାଣ କ୍ଲବ ହାଟ ମୁଣ୍ଡ ପାଟଣା ଏକ ନମ୍ବର ହୋଇଥିବା ବେଳେ ଥୋଡ଼ିଆ ସାହି ଦୁଇ ନମ୍ବର, କଂସାରି ସାହି ପାଟଣା ତିନି ନମ୍ବର ବୋଲି ସୂଚନା ମିଳିଛି। କିନ୍ତୁ ସାହି ଡେକୋରେଶନରେ ମଝିସାହି ପାଟଣା ରାଧାମୋହନ ଯୁବ କ୍ଲବ ସବୁଠାରୁ ଏକ ନମ୍ବର ବୋଲି ଦର୍ଶକ ମତ ପୋଷଣ କରୁଛନ୍ତି। ହାଟମୁଣ୍ଡ ପାଟଣା ଚଳିତ ବର୍ଷ ଢେଙ୍କାନାଳର ପ୍ରସିଦ୍ଧ ସିଂହ ବାଜା, କଣ୍ଟିଲୋ ର ଅଘୋରି ନୃତ୍ୟ ଓ ଶିବ ତାଣ୍ଡବ ନୃତ୍ୟ, ପୁରୀର ଗୋଟି ପୁଅ ନୃତ୍ୟ ଓ ଜୟ ଶ୍ରୀରାମ ନେତ ଦଳଙ୍କୁ ଏହି ଭସାଣି ଉତ୍ସବରେ ସାମିଲ କରିଥିଲେ। ସ୍ଥାନୀୟ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କ ଆପ୍ରାଣ ଚେଷ୍ଟା ବଳରେ ଚଳିତବର୍ଷ ପୂଜା ଓ ଭସାଣି ଖୁବ୍ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଣକବିଙ୍କୁ ଶ୍ରଦ୍ଧାଞ୍ଜଳି



**ମାହାଙ୍ଗା,୭।୧୦/ଏନ୍ଏନ୍ଏସ୍:** ମାହାଙ୍ଗାର କାଳଜୟୀ ସ୍ରଷ୍ଟା ସାରସ୍ୱତ ସାଧକ, ଗଣହୃଦୟର କବି, ମୁକୁଟବିହୀନ ସମ୍ରାଟ ଗଣକବି ବୈଷ୍ଣବ ପାଣିଙ୍କ ୧୪୩ ତମ ଜୟନ୍ତୀ ଉତ୍ସବ ଜନ୍ମପୀଠ କେଠପଦାରେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ କବିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଗଣକବି ବୈଷ୍ଣବ ପାଣି ଏକାଧାରାରେ କବି, ଲେଖକ, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, କାଳଜୟୀ ସ୍ରଷ୍ଟା ତଥା ଗଣହୃଦୟର କବି ଥିଲେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସାମ୍ବାଦିକ ଅଖିଳେଶପଦ ମହାନ୍ତି, ଅଶୋକ ରାଉତ, ଜିତେନ୍ଦ୍ର ଶତପଥି, ମନୋରଞ୍ଜନ ନାୟକ, ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ନିରଞ୍ଜନ ମୁଦୁଲି, ଭକ୍ତଚରଣ ସ୍ୱାଇଁ, ନିର୍ମଳ ରାଉତ, ଅରୁଣ ସେଠୀ, ଅଭିନ ଜେନା, ପଦ୍ମନାଭ ଘଡେଇଙ୍କ ସମେତ ଶତାଧିକ ପାଣି ପ୍ରେମୀ ଉପସ୍ଥିତ ରହି କବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅପଣ କରିଥିଲେ। ସେହିପରି ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ପକ୍ଷରୁ କବିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା ଯୋଗଦେଇ ଗଣକବି ବୈଷ୍ଣବ ପାଣି ଏକାଧାରାରେ କବି, ଲେଖକ, ନାଟ୍ୟକାର, କାଳଜୟୀ ସ୍ରଷ୍ଟା, ସ୍ୱାଧୀନତା ସଂଗ୍ରାମୀ, ନାଟ୍ୟ ନିର୍ଦ୍ଦେଶକ ତଥା ଗଣହୃଦୟର କବି ଥିଲେ ବୋଲି କହିବା ସହ କବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି,ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ସମାଜସେବୀ ଉମାଶଙ୍କର ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ରିଆଜୁଲ ହୋଦା, ଜଗବନ୍ଧୁ ସେଠୀ, ପ୍ରଶାନ୍ତ ପଟ୍ଟନାୟକ, ହୃଷିକେଶ ସ୍ୱାଇଁ, ସରପଞ୍ଚ ଚିନ୍ମୟ ସାମନ୍ତରାୟ, ସୁନାକର ବେହେରା, ରାଜକିଶୋର ବଳ, ବଳରାମ ବେହେରା, ଦେବପ୍ରସାଦ ମହାନ୍ତି, ଋଷି କୁମାର ରାଉତ, ସୁବାଷ ଜେନା, ଦେବରଞ୍ଜନ ମହାନ୍ତି, ଶ୍ରୀକାନ୍ତ ଦାସ, ଦେବାଶିଷ ଜେନା, ହେମନ୍ତ ପ୍ରଧାନ, ଜଗନ୍ନାଥ ନାୟକ, ନିରଞ୍ଜନ ବିଶ୍ୱାଳ, ଲଳିତ ମୋହନ ମହାପାତ୍ର, ଗୌତମ ଚରଣ ଜେନା, ସୁବାଷ ଚନ୍ଦ୍ର ମହାନ୍ତି, ଚିତ୍ତରଞ୍ଜନ ମହାପାତ୍ର, ହରପ୍ରତାପ ନାୟକ, ସଞ୍ଜୟ ସାମଲଙ୍କ ସମେତ ହଜାର ହଜାର ପାଣି ପ୍ରେମୀ ଉପସ୍ଥିତ ଥିଲେ। ସେହିପରି ଓଡିଶା ରାଜ୍ୟ କୃଷକ ଗ୍ରାମ୍ୟ ଶିଳ୍ପ ଉଦ୍ୟୋଗୀ କ୍ଲବ ପକ୍ଷରୁ କବିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ମଠ ପୂଜକ କୈଳାସ ଚନ୍ଦ୍ର ପଣ୍ଡା, ଶିକ୍ଷାବିତ କୈଳାସ ଚନ୍ଦ୍ର ବଳବନ୍ତରାୟ, ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ, ଶିକ୍ଷାବିତ ଅଲେଖ ଚନ୍ଦ୍ର ଦାସ, ମଥୁରାନନ୍ଦ ସାମଲ,ଏକାଦଶୀ ପ୍ରଧାନ ପ୍ରମୁଖ ରଘୁନାଥଜିଉ ମଠ ପରିସରରେ ଥିବା କବିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଶାରଦୀୟ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ



**ସାଲେପୁର,୭।୯/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଠାରେ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଆନୁକୂଲ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଅନୁଷ୍ଠିତ ଶାରଦୀୟ ସାଂସ୍କୃତିକ ମହୋତ୍ସବ-୨୦୨୫ ଓ ରାବଣ ପୋଡି କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ତଥା ଶାରଦୀୟ ସାଂସ୍କୃତିକ ମହୋତ୍ସବ କମିଟି ଅଧକ୍ଷ ବିକାଶ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସାଲେପୁର ନିର୍ବାଚନମଣ୍ଡଳୀରେ ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ଗ୍ରାମ ଭାବରେ ଗୋପୀନାଥପୁରର ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ରୋଟାକ୍ଟ କ୍ଲବ ଅଫ ବିରୂପାର ଉପଦେଷ୍ଟା ସତ୍ୟନାରାୟଣ ମିଶ୍ର, ମଧୁମାଟିର ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ପ୍ରାକ୍ତନ ସମିତିସଭ୍ୟ ପ୍ରଶାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟର ସମ୍ପାଦକ ବିଶ୍ୱରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ 'ରଙ୍ଗରେ ତୂଳୀରେ ମା' ଶୀର୍ଷକ ଚିତ୍ରକଳା ଶିବିରରେ ଅଂଶଗ୍ରହଣ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ କାର୍ଯ୍ୟକ୍ରମକୁ ସାଲେପୁର କଲେଜର ପ୍ରାକ୍ତନ ଅଧକ୍ଷ ଡ଼ଃ ହଳଧର ସାହୁ , ପ୍ରାକ୍ତନ ଅଧକ୍ଷ ଡ଼ଃ ଉମେଶ ଚନ୍ଦ୍ର ପତି ଓ ଗୋପୀନାଥପୁର ଗ୍ରାମପଞ୍ଚାୟତର ସରପଞ୍ଚ ଦମୟନ୍ତୀ ମହାନ୍ତି ଅନୁଷ୍ଠାନିକ ଭାବରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥଲେ। ସାଂସ୍କୃତିକ ମହୋତ୍ସବ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୧୮ ୟୁନିଟ ରକ୍ତ ସଂଗ୍ରହ ହୋଇଥଲା। ଏହି ଅବସରରେ ୪୫ଫୁଟ ଉଚ୍ଚତାର ରାବଣ ପ୍ରତିକୃତିରେ ମୁଖ୍ୟଅତିଥି ଅଗ୍ନି ସଂଯୋଗ କରିଥିଲେ। ନୁପୁର ଡ୍ୟାନ୍ସ ଗ୍ରୁପ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଶୁଣ୍ଟୁତ କଳା ପ୍ରତିଷ୍ଠାନ, କଟକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉକ୍ତ ମହୋତ୍ସବକୁ ସଂଘମିତ୍ରା ରାଉତ, ମନୋରଞ୍ଜନ ସାହୁ, ସୁକାନ୍ତ ରାଉତ, ସୀତାଂଶୁ ଶେଖର ଦାସ, ପ୍ରଶାନ୍ତ ମହାନ୍ତି, ପ୍ରଦୀପ ସ୍ୱାଇଁ, ଜୟରାମ ସାମଲ, ଦେବେନ୍ଦ୍ର ରାଉତ, ଅମାତ୍ୟ ସାମଲ, ଶିବ ସୁନ୍ଦର ସାହୁ, ନଗେନ୍ଦ୍ର ପ୍ରଧାନ, ରୀତିକ ରାଉତ ଓ ବିଜୟ ସ୍ୱାଇଁ ସହ ଗାପୀନାଥପୁର ଗ୍ରାମବାସୀ ପରିଚାଳନା କରିଥିଲେ।

**ନିତି ଭାରତୀ**

ସ୍ୱାସ୍ଥ୍ୟ ହେଉଛି ସର୍ବୋତ୍କୃଷ୍ଟ ଉପହାର, ଅଳ୍ପରେ ସନ୍ତୁଷ୍ଟି ଶ୍ରେଷ୍ଠ ସମ୍ପଦ, ବିଶ୍ୱସ୍ତତା ସର୍ବୋତ୍ତମ ସମ୍ପର୍କ। - ଗୌତମ ବୁଦ୍ଧ

NITIDIN
ନିତିଦିନ
ବୁଧବାର, ୮ ଅକ୍ଟୋବର, ୨୦୨୫

# ଆଧୁନିକ ଚକ୍ରବ୍ୟୂହର ଅଭିମନ୍ୟୁ



ଜୟନ୍ତ ପଟ୍ଟନାୟକ

କୁହାଯାଏ, ଆମେରିକା କାହାର ଶତ୍ରୁ ନୁହେଁ କି ମିତ୍ର ନୁହେଁ। ଏଇ କଥାଟା ଅକ୍ଷରେ ଅକ୍ଷରେ ସତ ହୋଇଛି ଭାରତ କ୍ଷେତ୍ରରେ। ଆମେରିକାର ବାହାପିଆ ଆଗଚଲା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଏତେ ମେହେରବାନ୍ ହେଲେ କେମିତି ? କେତେବେଳେ କହୁଛନ୍ତି, ଭାରତ ଏକ ମହାନ ଦେଶ; ପ୍ରଧାନମନ୍ତ୍ରୀ ମୋଦୀ ମୋର ଖାସ୍ ଦୋସ୍ତ! ତେଣେ ଭାରତର ବରବାଦୀର ଚିନ୍ତା ସଦାସର୍ବଦା। କଥାରେ ଅଛି, ବିଷ୍ଣୁ ଭକ୍ତମାନେ ଅସୁବିଧାରେ ପଡ଼ନ୍ତି, କାରଣ ପ୍ରଭୁ ବିଷ୍ଣୁ କହିଛନ୍ତି, 'ମୋତେ ଯେ କରଇ ଭରସା/ ମୁଁ ତାରେ ଦିଅଇ ଦୁର୍ଦ୍ଦଶା।' ଇଏ ଅଧୁନା ବିଶ୍ୱର ବିଷ୍ଣୁ (ବିଶ୍ୱ ସମ୍ରାଟ)। ଭାରତର ଦୁର୍ଦ୍ଦଶାର କାରଣ ହୋଇଛନ୍ତି ବର୍ତ୍ତମାନ। ୦୧ ଅଗଷ୍ଟ ୨୦୨୫ଠାରୁ ଭାରତ ଉପରେ ୨୫% ଓ ଅଗଷ୍ଟ ୨୭ଠାରୁ ଅତିରିକ୍ତ ୨୫%- ଏପରି ମୋଟ ୫୦% ଟାରିଫ୍ ବା ଶୁଳ୍କ ଲଗାଇଛନ୍ତି ଟ୍ରମ୍ପ୍, କାରଣ (ମନଗଢ଼ା) ଭାରତ ଆମେରିକା ବାଣିଜ୍ୟ ଉପରେ ଅଧିକ ଶୁଳ୍କ ନେଉଥିବାରୁ ୨୫% ଓ ରୁଷ୍‌ଠାରୁ କଞ୍ଚା ତେଲ ଖରିଦ କରି ଭାରତ ରୁଷ୍-ୟୁକ୍ରେନ୍ ଯୁଦ୍ଧକୁ ପରୋକ୍ଷରେ ସମର୍ଥନ କରୁଥିବାରୁ ଅତିରିକ୍ତ ୨୫%। ୧୪୫ କୋଟି ଜନସଂଖ୍ୟାର ବିଶାଳ ଭାରତୀୟ ବଜାର ଏହି ଟାରିଫ୍ ଫଳରେ କିଛି ମାତ୍ରାରେ ପ୍ରଭାବିତ ହୋଇଛି ସତ, ହେଲେ ଓଲଟା ଆମେରିକା ବଜାର ପ୍ରଭାବିତ ହୋଇଛି ବେଶୀ। ଯୋଉ ପାଚିଲା କଦଳୀ ଆମେରିକୀୟମାନେ ଗୋଟା ୧୦୦ଟଙ୍କା (୧ଡଲାର)ରେ କିଣୁଥିଲେ, ଏବେ ୫୦୦ ଟଙ୍କା। ପ୍ରକାଶଯୋଗ୍ୟ ଯେ ଭାରତ କଦଳୀର ବଡ଼ ଉତ୍ପାଦକ ଓ ଆମେରିକା ବଡ଼ ଗ୍ରାହକ। ଏମିତି ଭାବେ ଆମେରିକୀୟ ବଜାର ଟାରିଫ୍‌ର କୁପରିଣାମ ହେତୁ ବହୁଳ ପ୍ରଭାବିତ। ସେତିକି ନୁହେଁ, ଆମେରିକୀୟ ଅର୍ଥନୀତି ଉପରେ ମଧ୍ୟ ଟ୍ରମ୍ପ୍ ଟାରିଫ୍‌ର କୁପ୍ରଭାବ ପଡ଼ିବାକୁ ଆରମ୍ଭ କଲା। ଫଳ ସ୍ୱରୂପ, ଆମେରିକାର ରାଜନୈତିକ, ଅର୍ଥନୈତିକ, କୂଟନୈତିକ ଓ ସାମାଜିକ- ସବୁ ସ୍ତରରୁ ଧୀରେ ଧୀରେ ପ୍ରତିବାଦର ସ୍ୱର ଉଠିଲା। ଏମିତିକି ଏହି ଟାରିଫ୍ ଅନୈତିକ ଓ ଅପ୍ରାସଙ୍ଗିକ ବୋଲି ଏକ ଆମେରିକୀୟ ଅଦାଲତ ରାୟ ଦେବା ସତ୍ତ୍ୱେ ମଧ୍ୟ କୁଚକ୍ରୀ ଟ୍ରମ୍ପ୍ ଏହି ରାୟ ଦେଶ ବିରୋଧୀ ଓ ଦେଶକୁ ବରବାଦ କରିଦେବ ବାହାନା କରି ଉପରିସ୍ଥ କୋର୍ଟରେ ଆବେଦନ କରିଛନ୍ତି। କିନ୍ତୁ ଅଗଷ୍ଟ ଶେଷରେ ଚୀନ୍‌ର ତିଆନଜିନ୍‌ଠାରେ ଅନୁଷ୍ଠିତ ଏସ୍‌ସିଓର ୨୩ତମ ଅଧିବେଶନରେ ବିଶ୍ୱର ତିନି ବୃହତ୍ ଶକ୍ତି ରୁଷ୍, ଚୀନ୍ ଓ ଭାରତୀୟ ନେତାମାନଙ୍କର ମେଳି ଦେଖି ଭୀତତ୍ରସ୍ତ ଟ୍ରମ୍ପ୍ ହତାଶୋକ୍ତି କରିଛନ୍ତି- ଚୀନ୍‌ର ଅନ୍ଧକାରରେ ଆମେ ଭାରତ ଓ ରୁଷ୍ ଭଳି ବନ୍ଧୁଙ୍କୁ ହରାଇ ଦେଲୁ ଏବଂ ସେପ୍ଟେମ୍ବର ୧୭ରେ ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ ତାଙ୍କୁ ଶୁଭେଚ୍ଛା ଜଣାଇ ମୋଦୀ ମୋର ଅନ୍ତରଙ୍ଗ ବନ୍ଧୁ ଓ ଭାରତ-ଆମେରିକା ସମ୍ପର୍କର ଉଭୟଙ୍କର ଉନ୍ନତି ପାଇଁ ସବୁବେଳେ ଚେଷ୍ଟା କରିବା ଇତ୍ୟାଦି ସୁନ୍ଦର ବାର୍ତ୍ତା ଦେଇଛନ୍ତି।

ମାତ୍ର ତାଙ୍କ ଟିକସ୍ୱାରୀ, କାର୍ଯ୍ୟଶୈଳୀ ଯେ ଏତେ କଦର୍ଯ୍ୟ, ଯେ ହୀନମନ୍ୟତାଭରା- ଚିନ୍ତା କରାଯାଇ ନପାରେ। ତାଙ୍କୁ 'ଚେରକଟା' ବନ୍ଧୁ କୁହାଯାଇପାରେ। ଜଣେ ଭାରତ ସହ ବାଣିଜ୍ୟିକ ଆଲୋଚନା ଜାରି ରଖିବା, ଟାରିଫ୍ ହ୍ରାସ କରିବା କଥା ଆଲୋଚନା କରିବା ସହ ୟୁରୋପୀୟ ସଂଘ ଓ ନାଟୋ ଦେଶମାନଙ୍କୁ ଭାରତ ବିରୋଧରେ ୧୦୦% ଶୁଳ୍କ ବୃଦ୍ଧି କରିବାକୁ ଉସକେଇବା କୋଉ ଭଲ ମଣିଷର କାରବାର ? ଏଥିରେ ତୁମେ ଜଣେ ସୁସ୍ଥ ମସ୍ତିଷ୍କର ବ୍ୟକ୍ତି ବୋଲି କିଏ କହିବ ? ଇଏ ତ ଛୁରୀ ନୁହନ୍ତି, ବ୍ଲେଡ୍- ଦୁଇ ପଟେ ଧାର। ଏମାନଙ୍କୁ ପାଣି ବୋଲି ଫିଙ୍ଗି ପାରିବନି, ପଣା ବୋଲି ପିଇ ପାରିବନି!

୨୧ସେପ୍ଟେମ୍ବର, ୨୦୨୫ରୁ ପୁଣି ନୂଆ ଫନ୍ଦି ବାହାରିଛି। ଏଣିକି ଯେଉଁ ଭାରତୀୟ ଆମେରିକା ପାଠ ପଢ଼ିବା, ଗବେଷଣା ବା ଚାକିରି ସନ୍ଧାନରେ ଯିବେ, ଆମେରିକୀୟ ଏଚ୍୧-ବି ଭିସା (ଯାହା ଆମେରିକା କର୍ପୋରେଟ ସେକ୍ଟରର ସର୍ବୋଚ୍ଚ ଅଧିକାରୀମାନଙ୍କ ନିମନ୍ତେ ଉପଲବ୍ଧ) ପାଇଁ ମାତ୍ର ୮୮ ଲକ୍ଷ ଟଙ୍କା ଫିଜ୍ ଦେବାକୁ ପଡ଼ିବ, ଯାହାର ମୂଲ୍ୟ ମାତ୍ର ୨ଲକ୍ଷ ଥିଲା। ଅର୍ଥାତ୍ ଭାରତୀୟମାନଙ୍କୁ ସିଏ ଆଉ ଚାହୁଁ ନାହାନ୍ତି, କାରଣ ଆମେରିକୀୟମାନେ ଚାକିରି ପାଉ ନଥିବା ବେଳେ ଭାରତୀୟମାନେ ସେସବୁ ଅଧିକାର କରି ନେଉଛନ୍ତି ନିଜ ବିଦ୍ୟା ବୁଦ୍ଧି ବଳରେ। ସୂଚନାଯୋଗ୍ୟ ଯେ ଆମେରିକୀୟ ଏଚ୍୧-ବି ଭିସାର ୭୦% ଉର୍ଦ୍ଧ୍ୱର ଅଧିକାରୀ ଭାରତୀୟ। ଏହାର ପ୍ରକୃତ ହେତୁ ହେଲା, ଭାରତୀୟମାନଙ୍କ ଉର୍ବର ମସ୍ତିଷ୍କ ଓ ଭାରତୀୟମାନେ ଆମେରିକୀୟଙ୍କଠାରୁ ଅଧା ଦାମ୍‌ରେ କାମ କରନ୍ତି। କ୍ଷତି ତମର ହେବ। ଆରମ୍ଭରେ ଭାରତୀୟମାନେ କିଛି ପରିମାଣରେ ଚାକିରିହରା ହେବେ, ମାତ୍ର ତମ କମ୍ପାନୀ ସବୁ କ୍ଷତି ସହିବେ ଓ ଶେଷରେ ତାଲା ପଡ଼ିଯିବ। ଆମେରିକାର ୬୦% ଟେକ୍ନୋକ୍ରାଟ୍ ଭାରତୀୟ; ଅଧିକାଂଶ ପ୍ରଖ୍ୟାତ ଆଇଟି କମ୍ପାନୀର ସିଇଓ ବା ମୁଖ୍ୟ ଭାରତୀୟ, ଅର୍ଥାତ୍ ଶରୀର ଆମେରିକୀୟ, ମସ୍ତିଷ୍କ ଭାରତୀୟ। 'ଫିର୍‌ଭି ଦିଲ୍ ହୈ ହିନ୍ଦୁସ୍ତାନୀ'। ଏହାର ପ୍ରଭାବ ଆମେରିକାରେ ପଡ଼ିବା ଆରମ୍ଭ ହେଲାଣି। ବୁଦ୍ଧିଜୀବୀ ରାଜନୈତିକ ବ୍ୟକ୍ତିମାନେ ପ୍ରତିକ୍ରିୟା ଦେବା ଆରମ୍ଭ କଲେଣି। ଅନେକ ନାଟୋ ଓ ୟୁରୋପୀୟ ଦେଶ ଭାରତ ଉପରେ ଏ ପ୍ରକାର ଟାରିଫ୍ ଅନ୍ୟାୟ ଓ ଅନୈତିକ କହିଲେଣି। ପ୍ରଣିଧାନର ବିଷୟ, ବିଶ୍ୱର ମାତ୍ର ଶତାଧିକ ଦେଶ ଉପରେ ଟ୍ରମ୍ପ୍ ଟାରିଫ୍ ଲଗାଇଛନ୍ତି, ଯେଉଁଥିରୁ ସର୍ବାଧିକ ହେଉଛି ଭାରତ ଓ ବ୍ରାଜିଲ ଉପରେ ୫୦%। ଟ୍ରମ୍ପ୍‌ଙ୍କ ନିଜ ଦଳରୁ ମଧ୍ୟ ପ୍ରତିବାଦ ଉଠିଲାଣି, ୧୩ ଜଣ ରିପବ୍ଲିକାନ ସାଂସଦ ଇସ୍ତଫା ଦେଇ ସାରିଲେଣି, ନିକ୍କି ହାଲି ଖୋଲାରେ ଏହି ଟାରିଫ୍‌ର ବିରୋଧ କରିଛନ୍ତି। ଟାରିଫ୍ ନିର୍ଦ୍ଧାରଣ କମିଟିର ୨୩ ଜଣଙ୍କ ମଧ୍ୟରୁ ୧୮ ଜଣ ଏହାର ବିରୋଧ କରିଛନ୍ତି, ହେଲେ କପଟି ଟ୍ରମ୍ପ୍ କିନ୍ତୁ ନଛୋଡ଼ବନ୍ଧା।

ଭାରତ ଉପରେ ଟାରିଫ୍ ଲଗାଇବା ବେଳେ ଟ୍ରମ୍ପ୍ ନିଜକୁ ଆଶ୍ୱାସନା ଦେଇଥିଲେ, 'ଇଣ୍ଡିଆନ ଇକୋନୋମି ଇଜ୍ ଡେଡ୍।' ସେତେବେଳେ ଆମର ମହାନ୍ ବିରୋଧୀ ଦଳମାନେ ସାଙ୍ଗେ ସାଙ୍ଗେ ପାଳି ଧରିବାରେ ହେଳା କରି ନଥିଲେ- 'ୟେସ, ହି (ଟ୍ରମ୍ପ୍) ଇଜ୍ ରାଇଟ୍, ଇଣ୍ଡିଆନ୍ ଇକୋନୋମି ଇଜ୍ ଡେଡ୍।' ମାତ୍ର ଅଳ୍ପ କିଛି ଦିନ ଅନ୍ତରରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଓ ଏଚ୍ଏସବିସି ବ୍ୟାଙ୍କ ରିପୋର୍ଟ ପ୍ରକାଶ କଲେ ଯେ ଭାରତୀୟ ଅର୍ଥନୀତି ଅଧୁନା ବିଶ୍ୱର ସର୍ବାଧିକ ଦ୍ରୁତ ଅଭିବୃଦ୍ଧିଶୀଳ, ଯାହା ୭.୮ (ଭାରତର) ହେଲା ବେଳେ ଆମେରିକାର ୩.୭%। ଅଧିକନ୍ତୁ, ୨୨ସେପ୍ଟେମ୍ବର ୨୦୨୫ରୁ ଭାରତୀୟ ଜିଏସଟି ସଂଶୋଧନରେ ଅଧିକାଂଶ ଖାଉଟି ସାମଗ୍ରୀ ଶସ୍ତା ହେଉଥିବାରୁ ଭାରତୀୟମାନେ ବହୁତ ଖୁସି। କିନ୍ତୁ ଟ୍ରମ୍ପ୍ ଓ ଭାରତୀୟ ବିରୋଧୀ ଦଳମାନଙ୍କ ବୁଝିବା କଥା କିଏ ଠିକ୍, କିଏ ଭୁଲ।

ସବୁ କ୍ଷେତ୍ରରେ 'ଟାମ୍ପା' ବୋଲି ଗୋଟିଏ ଗୋଷ୍ଠୀ ଥାଆନ୍ତି। ଟ୍ରମ୍ପ୍ ଯେତେବେଳେ ଏତେ ବଡ଼ଲୋକ, ତାଙ୍କର କ'ଣ ଆଉ ନ ଥାଆନ୍ତେ କି? ଯେମିତି ଜଣେ ତାଙ୍କର ବାଣିଜ୍ୟ ପରାମର୍ଶଦାତା ମହାପଣ୍ଡିତ ପିଟର ନାଭାରୋ, ଯିଏ କହିଥିଲେ, ଭାରତ ରୁଷ୍‌ଠାରୁ ତେଲ କିଣୁଥିବାରୁ ୟୁକ୍ରେନ୍-ରୁଷ୍ ମଧ୍ୟରେ ଯୁଦ୍ଧ ପାଇଁ ଭାରତ ବହୁ ବେଶୀ ଦାୟୀ। ଏ ପରିପ୍ରେକ୍ଷୀରେ ଆମେରିକା ନିଜେ ରୁଷ୍‌ଠାରୁ ଗ୍ୟାସ ଇତ୍ୟାଦି କିଣୁଛି। ଚୀନ୍ ରୁଷିଆଠାରୁ ଓ ଇରାନଠୁ ତେଲ କିଣୁଛି। ୟୁରୋପୀୟ ଦେଶ ମଧ୍ୟ ରୁଷ୍ ତେଲ କିଣୁଛନ୍ତି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ। ସେଗୁଡ଼ା ଦୋଷାବହ ନୁହେଁ! ଆଉ ଜଣେ ପ୍ରଖ୍ୟାତ ପଣ୍ଡିତ ଆମେରିକାର ବାଣିଜ୍ୟ ସଚିବ ହୋୱାର୍ଡ ଲୁଟନିକ୍ କହିଛନ୍ତି, 'ମୁଁ ଭାବୁଛି, ଆମେରିକା ନିକଟକୁ ଭାରତ ଆସି କ୍ଷମା ମାଗିବ ଓ ଆମ ସଙ୍ଗେ ବାଣିଜ୍ୟ ଆଲୋଚନା କରିବ। ଚୀନ୍ ଓ ରୁଷିଆ ସହ ବେଶୀ ଦିନ ରହି ପାରିବ ନାହିଁ। ଭାରତ ଆମେରିକାର ଏତେ ବଡ଼ ବଜାରକୁ ଅଗ୍ରାହ୍ୟ କରି ପାରିବ ନାହିଁ।' ଭାରତ ତ ଆମେରିକାର ହାତଟେକାରେ ବଞ୍ଚିଛି। ତେଣୁ ତାଙ୍କର ଯିଏ ଯାହା ମନ୍ତବ୍ୟ ଦେଇ ପାରିଲେ। ଅବଶ୍ୟ ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ। ଦୁଃଖର ବିଷୟ, ଟ୍ରମ୍ପ୍‌ଙ୍କର ଜଣେ ଖାସ୍ ଦୋସ୍ତ 'ଚାର୍ଲି'ଙ୍କୁ କେହି ଅଜଣା ଆତତାୟୀ ହତ୍ୟା କରିଦେଲେ ଟ୍ରମ୍ପ୍‌ଙ୍କ ସଭାରେ ଅଭିଭାଷଣ ରଖୁଥିବା ବେଳେ ଆମେରିକାର ଅଭେଦ୍ୟ ନିରାପତ୍ତା ସତ୍ତ୍ୱେ। ଟ୍ରମ୍ପ୍‌ଙ୍କର ଏତେ ସବୁ ନିର୍ଲଜ କାରବାର ଭିତରେ ଭାରତ କୌଣସି ପ୍ରକାର ପ୍ରତିକ୍ରିୟା ରଖି ନାହିଁ ଅଦ୍ୟାବଧି। ସେଇ ଜିନିଷଟି ବେଶୀ ବାଧୁଛି ଟ୍ରମ୍ପ୍‌ଙ୍କୁ, କାରଣ ଯେତେବେଳେ ପ୍ରତିପକ୍ଷ ବା ସାମ୍ନାବାଲା କୌଣସି ପ୍ରତିକ୍ରିୟା ରଖେନାହିଁ, ନିର୍ବିକାର ରହେ, ସେତେବେଳେ ନିର୍ଯାତନା ଦେଇଥିବା ବା ଅସୁବିଧା ସୃଷ୍ଟି କରିଥିବାବାଲା ଘୋର ପ୍ରତିକ୍ରିୟାଶୀଳ ହୋଇ ଉଠେ। ସିଏ ଯେତେ ନିଜକୁ ସମ୍ଭାଳି ଥିଲେ ମଧ୍ୟ ତାହା ପ୍ରକାଶ ପାଇଯାଏ- କଥାରେ ବା କାର୍ଯ୍ୟରେ। ଆମେରିକା ଦେଖିଲା, ଭାରତ କୌଣସି ପ୍ରକାର ପ୍ରତିକ୍ରିୟା ଦେଖାଉ ନାହିଁ। ତା' ପରେ ଟ୍ରମ୍ପ୍ ଅନ୍ୟାନ୍ୟ ଦିଗକୁ ନଜର ପକାଇଲେ। ଏଚ୍୧-ବି ଭିସା ଦାମ୍ ବଢ଼ାଇବା ସହିତ ଭାରତକୁ କେମିତି ହାତରେ ନମାରି ଭାତରେ ମାରିବେ, ସେଇ ଲକ୍ଷ୍ୟରେ ଭିକାରୀ ପାକିସ୍ତାନର ୟୁଏଇ ସହ ପ୍ରତିରକ୍ଷା ଚୁକ୍ତି କରାଇଲେ। ଭାରତ ବିକଶିତ କରାଇ ଥିବା ଇରାନର ଚାବାହାର ବନ୍ଦର ବ୍ୟବହାର ଉପରେ କଟକଣା ଲଗାଇଲେ (ସତେ ଯେମିତି ଟ୍ରମ୍ପ୍ ବିଶ୍ୱର ମାଲିକ!), ନାଟୋ ଓ ୟୁରୋପୀୟ ଦେଶଗୁଡ଼ିକ ଭାରତ ଉପରେ ୧୦୦% ଶୁଳ୍କ ଲଗାଇବାକୁ ପ୍ରୋତ୍ସାହିତ କଲେ ୟୁରୋପୀୟ ଦେଶ ଓ ବ୍ରିଟେନ୍ ଭାରତ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିରେ ଆବଦ୍ଧ ହେବା ପୂର୍ବରୁ।

ନିଜ ଦେଶ ପାଇଁ ଅହିତକର କାର୍ଯ୍ୟ ମଧ୍ୟ ଜାଣତରେ ଟ୍ରମ୍ପ୍ କରୁଥିବାରୁ ଟ୍ରମ୍ପ୍‌ଙ୍କୁ ଭାରତୀୟ ପାଗଳ ସମ୍ରାଟ ମହମ୍ମଦ ବିନ୍ ତୋଗଲକଙ୍କ ସହ ତୁଳନା କରାଯାଏ। 'ଟାକୋ' (ଇଂରାଜୀ ଅକ୍ଷର ଟିଏସିଓ- ଟ୍ରମ୍ପ୍ ଅଲ୍‌ୱେଜ୍ ଚିକେନସ୍ ଆଉଟ୍)- ଏହି ଆଦ୍ୟାକ୍ଷରୀ ସୃଷ୍ଟି ହୋଇଛି ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କର ଏତାଦୃଶ ତୋଗଲକୀୟ କାର୍ଯ୍ୟଶୈଳୀକୁ ଲକ୍ଷ୍ୟ କରି ମେ ୨୦୨୫ରେ। ଏସବୁ ବ୍ୟକ୍ତିଗତ ପ୍ରତିକ୍ରିୟାର ଫଳ, ଏହା ସର୍ବଜନବିଦିତ, କିନ୍ତୁ ଜଣେ ଏତେ ବଡ଼ ବ୍ୟକ୍ତି ଦେଶ ଦେଶ ମଧ୍ୟରେ ସମ୍ପର୍କକୁ ବ୍ୟକ୍ତିଗତ ସ୍ତରକୁ ନେଇଯିବା ନିହାତି ନୀଚ ସ୍ତରର କାର୍ଯ୍ୟ। କିନ୍ତୁ ମୂର୍ଖଙ୍କୁ ବୁଝାଇବ କିଏ ? ପୁଣି ସିଏ ତ ଜନ୍ମରୁ ବେପାରୀ ! ଏଥିରେ ଭାରତର କ୍ଷତି ନଗଣ୍ୟ ହେଲେ ମଧ୍ୟ ଆମେରିକାର କ୍ଷତି ବିରାଟ ହୋଇପାରେ। କାରଣ, ଭାରତ ଆଉ କୌଣସି ଗୋଟିଏ ଦେଶ ଉପରେ ନିର୍ଭର ନ କରି ଦକ୍ଷିଣ ଏସିଆ, ଆଫ୍ରିକା, ଲାଟିନ୍ ଆମେରିକା, ମଧ୍ୟପ୍ରାଚ୍ୟ ଦେଶ ସମୂହ ଓ ୟୁରୋପୀୟ ଦେଶଗୁଡ଼ିକରେ ବଜାର ଅନୁଧ୍ୟାନ କରୁଛି। ସଂସାରର ନିୟମ କହୁଛି, ଯଦି ଗୋଟିଏ ଦ୍ୱାର ବନ୍ଦ ହୋଇଯାଏ, ଆଉ ୧୦ଟି ଦ୍ୱାର ଖୋଲିଯାଏ। ଆପଣମାନେ 'ଜୋକ' ଦେଖିଛନ୍ତି। ଆମ ମତରେ, ଟ୍ରମ୍ପ୍ ଜଣେ ସେହିପରି 'ଜୋକ' ଜାତୀୟ ଜୀବ। ଭାରତ ସହିତ ତାଙ୍କର କିଛି ପୂର୍ବ ଜନ୍ମରେ ଶତ୍ରୁତା ଥିଲା କି କ'ଣ ସେ ଭାରତକୁ ତଳିତଳାନ୍ତ କରିବାକୁ ବଦ୍ଧ ପରିକର। ମାତ୍ର ଯେତେ କଳ, ବଳ, କୌଶଳ ପ୍ରୟୋଗ କଲେ ମଧ୍ୟ ଭାରତ ତାଙ୍କ ହାତରେ ଧରା ନଦେବା ତାଙ୍କ କ୍ରୋଧକୁ ଦ୍ୱିଗୁଣିତ କରି ଦେଉଛି। ସବୁଠୁ ବଡ଼କଥା, ପ୍ରଧାନମନ୍ତ୍ରୀ ମୋଦୀ ଏବେ ସ୍ୱଦେଶୀ ବା ଆତ୍ମନିର୍ଭର ଭାରତ ଉପରେ ଲକ୍ଷ୍ୟ କେନ୍ଦ୍ରୀଭୂତ କରିବାକୁ ଜନତାଙ୍କୁ ବାରମ୍ବାର ଆହ୍ୱାନ ଦେଉଛନ୍ତି, ଯେପରି କେହି ଆଉ ଭାରତକୁ ଅସୁବିଧାରେ ପକାଇବାର ସୁଯୋଗ ନ ପାଇବେ। ସୂଚନାଯୋଗ୍ୟ, 'ମେକ୍ ଇନ୍ ଇଣ୍ଡିଆ' ଓ 'ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମ ମାଧ୍ୟମରେ ଭାରତ ଏବେ ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆତ୍ମନିର୍ଭରଶୀଳ। ଅତୀତର ବିଶ୍ୱଗୁରୁ ଭାରତର ନୀତି ହେଲା ନଇଁବ ନାହିଁ ବା ରହିଯିବ ନାହିଁ, ନିରବରେ ଆଗେଇ ଚାଲିବ। ନିରବରେ ଏମିତି ପ୍ରହାର କରିବ ଯେ ପ୍ରତିପକ୍ଷ ନା ସମ୍ଭାଳି ପାରୁଥିବ, ନା ପ୍ରକାଶ କରି ପାରୁଥିବ। ଭାରତ ଆମେରିକାର ପ୍ରସ୍ତାବରେ ସମ୍ମତ ନ ହେବାର କାରଣ ହେଉଛି, ଆମେରିକା ଭାରତୀୟ ବଜାରକୁ ଆମେରିକାର ପନିପରିବା (ଜେନେଟିକାଲି ମୋଡିଫାଏଡ୍-ଜିଏମ୍, ସେହିସବୁ ମଞ୍ଜିର ଗୁଣସୂତ୍ର ଏମିତି ପରିବର୍ତ୍ତନ କରାଯାଇଛି ଯେ ତାହା ସବୁ ବିଷ ବାଣ୍ଟେ- ଉଦାହରଣ ବିଟି ବାଇଗଣ ମଞ୍ଜି), ଦୁଗ୍ଧ ଉତ୍ପାଦନ ଓ କୃଷି ଉତ୍ପାଦ, ଫଳ ଇତ୍ୟାଦି ଯାହାକୁ ପ୍ରଧାନମନ୍ତ୍ରୀ ମୋଦୀ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ତା'ର ମଧ୍ୟ ବଳିଷ୍ଠ କାରଣ ଅଛି। ଆମେରିକାରେ ଦୁଗ୍ଧ 'ଆମିଷ', କାରଣ ଆମେରିକାରେ ଦୁଗ୍ଧ ପ୍ରଦାନକାରୀ ଗାଈଙ୍କୁ ମାଂସ ଇତ୍ୟାଦି ଆମିଷ ଖାଦ୍ୟ ଦିଆଯାଏ, ଯେତେବେଳେ କି ଭାରତରେ ଗୋମାତାଙ୍କ ଦୁଗ୍ଧ ସମ୍ପୂର୍ଣ୍ଣ ନିରାମିଷ ଓ ତାକୁ 'ଅମୃତ' ତୁଲ୍ୟ ମାନ୍ୟତା ଦିଆ ଯାଇଥାଏ। ଭାରତୀୟ କୃଷି ଓ ଗୋ-ପଦାର୍ଥ ବଜାରକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବା ଟ୍ରମ୍ପ୍‌ଙ୍କ ଲକ୍ଷ୍ୟ, ଯାହା କରାଇ ଦେବେ ନାହିଁ ବୋଲି ମୋଦୀ ବଦ୍ଧପରିକର।

ଅଧୁନା ବିଶ୍ୱର ସର୍ବାଧିକ ଜନପ୍ରିୟ ନେତା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ଟ୍ରମ୍ପ୍‌ଙ୍କର ରାଗର କାରଣ ହେଲା, ଏତେ ବଡ଼ ବିଶ୍ୱ ନେତାଙ୍କୁ ମୋଦୀ ଖାତିର କରନ୍ତି ନାହିଁ। ଜୁନ୍ ୨୦୨୫ରେ ମୋଦୀଙ୍କ କାନାଡ଼ା ଗସ୍ତ ସମୟରେ ଟ୍ରମ୍ପ୍‌ଙ୍କ ମୋଦୀଙ୍କ ଆମେରିକା ନିମନ୍ତ୍ରଣ ପ୍ରତ୍ୟାଖ୍ୟାନ, ଟ୍ରମ୍ପ୍‌ଙ୍କର ଅଦ୍ୟାବଧି ଅନ୍ତତଃ ୫୦ ଥର ପାକିସ୍ତାନ-ଭାରତ ଯୁଦ୍ଧ ବିରତି ତାଙ୍କ ନିର୍ଦ୍ଦେଶରେ ହୋଇଥିବା ପ୍ରସଙ୍ଗ ଉତ୍ଥାପନ ଓ ଭାରତର ନାସ୍ତିସୂଚକ ମନ୍ତବ୍ୟ, ପାକିସ୍ତାନ ଦ୍ୱାରା ଟ୍ରମ୍ପ୍‌ଙ୍କ ନାମକୁ ନୋବେଲ ଶାନ୍ତି ପୁରସ୍କାର ନିମନ୍ତେ ସୁପାରିସ, ମାତ୍ର ଭାରତର ଅସ୍ୱୀକାର ଟ୍ରମ୍ପ୍‌ଙ୍କୁ ବେଶୀ ଉତ୍ତେଜିତ କରିଛି। ସବୁଠୁ ବେଶୀ ବାଧୁଛି ଟ୍ରମ୍ପ୍‌ଙ୍କୁ ଭାରତର ଅପ୍ରତ୍ୟାଶିତ ଉତ୍ଥାନ, ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ। ପ୍ରତିରକ୍ଷା ଓ ସାମରିକ କ୍ଷେତ୍ରରେ ଭାରତର ଆଶ୍ଚର୍ଯ୍ୟଜନକ ଅଭିବୃଦ୍ଧି, ଯାହା ସମଗ୍ର ବିଶ୍ୱ ପ୍ରତ୍ୟକ୍ଷ କଲା ଅପରେସନ ସିନ୍ଦୂର ମାଧ୍ୟମରେ। ଖାଲି ଦେଖିଲାନି ତ ବିଶ୍ୱ ଆତଙ୍କିତ, ଆଶ୍ଚର୍ଯ୍ୟଚକିତ ହୋଇଗଲା ଭାରତର ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମ ଓ ଯୁଦ୍ଧ କଳା କୌଶଳ ଅବଲୋକନ କରି। ସେଇ କଣ୍ଟା ବେଶୀ ଖେଞ୍ଚୁଛି ଆମେରିକାକୁ, କାରଣ ଅସ୍ତ୍ରଶସ୍ତ୍ର ବଜାରରେ ଆଉ ଜଣେ ପ୍ରତିଯୋଗୀର ଆବିର୍ଭାବ ହେଲା। ତା' ପୁଣି ଯାହିତାହି ନୁହେଁ, ଆମେରିକାର ଗୁରୁ ସ୍ତରର! ଏଣେ ବାଂଲାଦେଶ ଓ ନେପାଳରେ ସରକାରରେ ଗଡ଼ବଡ଼ କରି ଭାରତକୁ ଚାରିପଟୁ ଅସୁବିଧାରେ ପକାଇବାକୁ ଆମେରିକାର ଚକ୍ରାନ୍ତକୁ ପଣ୍ଡ କରିବାକୁ, ଚକ୍ରବ୍ୟୂହ ଭେଦ କରିବାକୁ ମୋଦୀ ନାମକ ଅଭିମନ୍ୟୁ ଯେ କୋଉ କାଳୁ ତପସ୍ୟା (ଯୋଗ) କରି ପ୍ରସ୍ତୁତ ଅଛନ୍ତି, ସେକଥା ଟ୍ରମ୍ପ୍ ଜାଣିବେ କାହୁଁ ? ସେଥିପାଇଁ ତ କଥା ବାହାରିଛି, 'ମୋଦୀ ହେ ତୋ ମୁମକିନ୍ ହୈ।' ଆଉ ଗୋଟିଏ କଥା, ଯାହା ଟ୍ରମ୍ପ୍‌ଙ୍କୁ କୋରି ଖାଉଥିବ, ତାହା ହେଉଛି, ଏସସିଓ, ବ୍ରିକ୍ସ ଓ ରିକ୍ (ରଷିଆ, ଭାରତ ଓ ଚୀନ୍)- ଏଇଭଳି ବିଭିନ୍ନ ଆନ୍ତର୍ଜାତିକ ମଞ୍ଚରେ ବିଶ୍ୱର ଏହି ତିନି ଟାଣୁଆ ନେତାଙ୍କର ମିଳନ ଓ ସେମାନଙ୍କ ଦ୍ୱାରା 'ଡଲାର' ରୂପକ ଆନ୍ତର୍ଜାତିକ ମୁଦ୍ରା (ଜବରଦସ୍ତ)ର ଏକ ବିକଳ୍ପ, 'ବ୍ରିକ୍ସ ମୁଦ୍ରା' ପ୍ରଚଳନର ପ୍ରସ୍ତାବ। ଆମେରିକା ସେତେବେଳେ ତା'ର ଘୋର ବିରୋଧ କରିଥିଲା ଓ ସେ ସକାଶେ ଧମକ ଦେଇଥିଲା ମଧ୍ୟ। କାରଣ ଡଲାର ଭଳି ଅର୍ଥନୈତିକ ଉସ୍ଥରେ ହାତରୁ ଖସିଗଲେ ପୃଥିବୀରେ ଆମେରିକାର ଏକାଧିପତ୍ୟ ଭୁଶୁଡ଼ି ପଡ଼ିବ। ତେଣୁ ଅଗଷ୍ଟ ଶେଷରେ ଚୀନ୍‌ରେ ଅନୁଷ୍ଠିତ ଏସସିଓ ସମ୍ମିଳନୀର ପ୍ରତ୍ୟେକ ମୁହୂର୍ତ୍ତର ଖବର ରଖୁଥିଲେ ଟ୍ରମ୍ପ୍ ହ୍ୱାଇଟ୍ ହାଉସରେ ବସି। ମାତ୍ର କଥାରେ ଅଛି, 'କାଉ ଅତି ସିଆଣିଆ ହେଲେ ଯାହା ହେବା କଥା ହୁଏ।' ଅର୍ଦ୍ଧାଧିକ ବିଶ୍ୱବାସୀଙ୍କୁ ଟାରିଫ୍ ମାଧ୍ୟମରେ ଭୟଭୀତ ରଖୁଥିବା ବିଶ୍ୱ ସମ୍ରାଟ ଟ୍ରମ୍ପ୍ ଯେ ସେଇ 'ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳ ବଳେ'ର ଅନ୍ତର୍ଗତ ବା ଅଧୀନ, ସେକଥା ତାଙ୍କୁ ବୁଝାଇବ କିଏ ?■

ମୋ: ୯୦୯୦୧୯୦୦୬୯

# ବିହାର: ମଣ୍ଡଳୋତ୍ତର ରାଜନୀତି

ବିହାର ବିଧାନସଭା ପାଇଁ ଦୁଇ ଗୋଟି ପର୍ଯ୍ୟାୟ- ନଭେମ୍ବର ୬ ଏବଂ ୧୧ ତାରିଖରେ ମତଦାନ ଶେଷ କରିବାର ନିଷ୍ପତ୍ତି ନେଇ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ବସ୍ତୁତଃ ଏହି କାର୍ଯ୍ୟର ଗୋଟିଏ ଭାଗ ଶେଷ କରିଛନ୍ତି, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍), ଏବଂ ଅନ୍ୟ ଭାଗଟିର ଆରମ୍ଭ କରିଛନ୍ତି, ଯାହା ହେଉଛି ଖୋଦ୍ ନିର୍ବାଚନ। ଏହାକୁ ଦେଖିବା ପରେ ଯାହା ଜଣାପଡୁଛି, ଇସିଆଇ ଏହି ରାଜ୍ୟରେ ରାଜନୀତିକ ଦଳମାନଙ୍କ ମତାମତକୁ ଗ୍ରହଣ କରି ନିଷ୍ପତ୍ତି ନେଇଛନ୍ତି ଏବଂ ମତଦାନର ପର୍ଯ୍ୟାୟକୁ ଦୁଇ ଗୋଟିରେ ସୀମିତ କରିଛନ୍ତି। ସ୍ମରଣ କରାଯାଇପାରେ ଯେ ଗତ ଥର ଏହି ରାଜ୍ୟରେ ବିଧାନସଭା ନିର୍ବାଚନ ତିନି ଗୋଟି ପର୍ଯ୍ୟାୟରେ ହୋଇଥିଲା ଏବଂ ଲୋକସଭା ନିର୍ବାଚନର ସମସ୍ତ ସାତ ଗୋଟି ଯାକ ପର୍ଯ୍ୟାୟ ଏହି ରାଜ୍ୟରେ ବିସ୍ତାର କରାଯାଇଥିଲା। ଲୋକସଭା ହେଉ କି ରାଜ୍ୟର ବିଧାନସଭା, ନିର୍ବାଚନଗୁଡ଼ିକ କ୍ଷେତ୍ରରେ ମତଦାନର ପର୍ଯ୍ୟାୟ ବାବଦରେ ଇସିଆଇ ତାଙ୍କର ଯୁକ୍ତିରେ ଆଉ ଟିକେ ସ୍ଥିରତା ଅବଲମ୍ବନ କଲେ ଭଲ ହୁଅନ୍ତା। ଆଗାମୀ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ମୁଖ୍ୟତଃ ବିଭିନ୍ନ ଦଳମାନଙ୍କୁ ନେଇ ଗଠିତ ହୋଇଥିବା ଦୁଇ ଗୋଟି ସାମ୍ମୁଖ୍ୟଙ୍କ ଭିତରେ ହେବାକୁ ଯାଉଛି ଯାହାକୁ ଆଶ୍ଚର୍ଯ୍ୟଜନକ ଭାବରେ ଦୁଇ ଜଣ ଶଯ୍ୟା-ସାଥୀଙ୍କ ମଧ୍ୟରେ ପରସ୍ପର ସହିତ ଝଗଡ଼ା କରିବା ସହିତ ତୁଳନା କରାଯାଇପାରେ। ଏନ୍‌ଡିଏର ନେତୃତ୍ୱ ନେଉଛି ବିଜେପି ତା'ର ସୁପରିଚିତ ହିନ୍ଦୁତ୍ୱ ଆଦର୍ଶବାଦ ସହିତ କିନ୍ତୁ ସାଙ୍ଗରେ ରହିଛି ନୀତୀଶ କୁମାରଙ୍କ ଜେଡିୟୁ ଯାହା ନିଜର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ସମାଜବାଦ ଏବଂ ଧର୍ମନିରପେକ୍ଷତା ସହିତ ନିର୍ବାଚନରେ ଅବତୀର୍ଣ୍ଣ ହେବ। ବିରୋଧୀ ମହାଗଠବନ୍ଧନର ନେତୃତ୍ୱ ନେଉଛି ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), ଯେଉଁଥିରେ ମିତ୍ର ଦଳ ଭାବରେ ରହିଛନ୍ତି କଂଗ୍ରେସ ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ-ଲେନିନ୍‌ବାଦୀ) ଭଳି ଦଳମାନେ।

ଭାରତର ତୃତୀୟ ସର୍ବାଧିକ ଜନବହୁଳ ଏବଂ ମଣ୍ଡଳ ରାଜନୀତିର ଏକ ପୀଠ ଭାବରେ ପରିଚିତ ରାଜ୍ୟ ବିହାରରେ ନିର୍ବାଚନ ସଦା ସର୍ବଦା ଏକ ବିରାଟ ପ୍ରତିଯୋଗିତାମୂଳକ ବ୍ୟାପାର ହୋଇ ରହି ଆସିଛି, ଯାହାର ଫଳାଫଳ କେବଳ ଏହି ଅଞ୍ଚଳ ଭିତରେ ସୀମିତ ରହି ନଥାଏ, ସମଗ୍ର ଦେଶର ରୁଚିକୁ ମଧ୍ୟ କେତେକାଂଶରେ ପ୍ରଭାବିତ କରିଥାଏ। ଚଳିତ ଥର ମଧ୍ୟ ଏଥିରେ କିଛି ପରିବର୍ତ୍ତନ ଘଟିବାକୁ ଯାଉନାହିଁ। ଏହି ନିର୍ବାଚନର ଫଳାଫଳ ଉଭୟ ପାଟନା ଏବଂ ଦିଲ୍ଲୀରେ କ୍ଷମତାର ଅଙ୍କ କଷାକୁ ଆକାର ପ୍ରଦାନ କରିବ ଏବଂ ଆସନ୍ତା ବର୍ଷ ଯେଉଁସବୁ ରାଜ୍ୟରେ ବିଧାନସଭା ନିର୍ବାଚନମାନ ଅନୁଷ୍ଠିତ ହେବାକୁ ଯାଉଛି, ସେସବୁ ରାଜ୍ୟରେ ଲୋକମାନଙ୍କ ଦୃଷ୍ଟିଭଙ୍ଗୀକୁ ପ୍ରଭାବିତ କରିବ। ଚଳିତ ଥର ବିହାରରେ ବିଧାନସଭା ନିର୍ବାଚନ ଏମିତି ଏକ ସମୟରେ ହେବାକୁ ଯାଉଛି, ଯେତେବେଳେ କି ଏହାର ରାଜନୀତି ଏକ ପରିବର୍ତ୍ତନର ପର୍ଯ୍ୟାୟ ଦେଇ ଗତି କରୁଛି। ମଣ୍ଡଳ ରାଜନୀତିର ଆଗମନ ପରଠାରୁ ଏହି ରାଜ୍ୟରେ ନିର୍ବାଚନୀ ରାଜନୀତି ଦୁଇ ଗୋଟି ମେରୁ- ଲାଲୁ ପ୍ରସାଦ ଏବଂ ନୀତୀଶ କୁମାରଙ୍କୁ କେନ୍ଦ୍ର କରି ତାଙ୍କ ଚାରି ପଟରେ ଘୂରି ଆସୁଛି। ଏହି ଦୁଇ ନେତା, ଯେଉଁମାନେ କି ଜରୁରୀକାଳୀନ ପରିସ୍ଥିତି-ବିରୋଧୀ ଜୟପ୍ରକାଶ ଆନ୍ଦୋଳନର ଉତ୍ପାଦ ଏବଂ ସାମାଜିକ ନ୍ୟାୟ କାର୍ଯ୍ୟସୂଚୀର କର୍ଣ୍ଣଧାର ସାଜି ଆସିଛନ୍ତି, ଯାହା ଭିପି ସିଂହ ସରକାର ମଣ୍ଡଳ କମିଶନ ରିପୋର୍ଟକୁ ଗ୍ରହଣ କରିବା ପରେ ସୃଷ୍ଟି ହୋଇଛି, ତାହା ବିହାରରେ ୧୯୯୦ଠାରୁ ଉଭୟ ରାଜନୀତି ଓ ଶାସନକୁ ରୂପରେଖ ପ୍ରଦାନ କରି ଆସିଛି। ୧୯୯୦ ଦଶକର ଘଡ଼ିସନ୍ଧି ମୁହୂର୍ତ୍ତରେ ଲାଲୁ ଏବଂ ତାଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ରାଜ୍ୟରେ ଶାସନ କରୁଥିଲେ; ନୀତୀଶ ଏବଂ ତାଙ୍କ ନେତୃତ୍ୱାଧୀନ ଜନତା ଦଳ (ସଂଯୁକ୍ତ) ବା ଜେଡି (ୟୁ) ୨୦୦୫ଠାରୁ ଏହି ରାଜ୍ୟରେ ଶାସନ କ୍ଷମତାରେ ରହି ଆସିଛନ୍ତି (କେତେବେଳେ ଆର୍‌ଜେଡି ସହିତ ମେଣ୍ଟ କରି ତ ଅନ୍ୟ ସମୟରେ ବର୍ତ୍ତମାନର ଅଂଶୀଦାର ବିଜେପି ସହିତ ମେଣ୍ଟ କରି)। ବୟସର ବୃଦ୍ଧି ସହିତ ଅସୁସ୍ଥ ହୋଇ ପଡ଼ିଥିବା ବର୍ଷୀୟାନ ନେତା ଲାଲୁ ଏବେ ତାଙ୍କ ପୁତ୍ର ତେଜସ୍ୱୀ ଯାଦବଙ୍କ ହାତରେ ଆର୍‌ଜେଡିର ନେତୃତ୍ୱ ଡୋର ଅର୍ପଣ କରି ଦେଇଛନ୍ତି, ଏବଂ ଏହି ନିର୍ବାଚନ ମଧ୍ୟ ନୀତୀଶଙ୍କର ଅନ୍ତିମ ପ୍ରୟାସ ହେବାର ଢେର୍ ସମ୍ଭାବନା ରହିଛି, ଯାହାଙ୍କର ମଣ୍ଡଳ ପ୍ଲସ୍ ସୁଶାସନ (ଉତ୍ତମ ଶାସନ) ରାଜନୀତି ସାମିଲ କରୁଥିଲା ପରିସ୍ଥିତି-ଅନୁରୂପ ମେଣ୍ଟ ଗଠନ, ପୃଷ୍ଠପୋଷକତା ଏବଂ ଆଇନର ଶାସନର ପ୍ରତିଶ୍ରୁତିକୁ।

ବିହାର ରାଜନୀତିର ଦୃଶ୍ୟପଟରୁ ଲାଲୁ ଏବଂ ନୀତୀଶଙ୍କର ଅପସାରିତ ହେବା ଏହି ରାଜ୍ୟରେ ଏକ ନୂତନ ଖାଲି ସ୍ଥାନ ସୃଷ୍ଟି କରିବ ଏବଂ ନଭେମ୍ବରରେ ଏହି ରାଜ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇ ତା'ର ଫଳାଫଳ ଆସିବା ପରେ ଏଠାରେ ମଣ୍ଡଳୋତ୍ତର ଭବିଷ୍ୟତ କ'ଣ ହେବ, ତା'ର ଏକ ସମ୍ୟକ୍ ସୂଚନା ମିଳିବ। ପଡ଼ୋଶୀ ରାଜ୍ୟ ଉତ୍ତରପ୍ରଦେଶରେ ଯେଭଳି ଜାତି ସହିତ ରାଜନୀତି ଦୃଢ଼ ଭାବରେ ବାନ୍ଧି ହୋଇ ରହିଥାଏ, ଏବଂ ଅଧିକତଃ ଧର୍ମକୁ ଏଡ଼ାଇ ଦିଆଯାଇଥାଏ, ସେଭଳି ନ କରି ଏହି ଦୁଇ ନେତା ବିହାରରେ ଆଜି ପର୍ଯ୍ୟନ୍ତ ରାଜନୀତିକୁ ଚଳାଇ ଆସିଛନ୍ତି। ସରକାରୀ ନୀତି ଏବଂ ସକାରାତ୍ମକ କାର୍ଯ୍ୟକୁ ଆକାର ଦେଇ ଲିଙ୍ଗକୁ ଅନ୍ତର୍ଭୁକ୍ତ କରିବା ନିମନ୍ତେ ନୀତୀଶ ପରିଚୟ ରାଜନୀତିର ଢାଞ୍ଚାକୁ ବିସ୍ତାରିତ କରିଛନ୍ତି। ପ୍ରଶାନ୍ତ କିଶୋରଙ୍କ ଜନ ସୁରଜ ପାର୍ଟି ଏହି ପରିଚିତି ପରିସରରୁ ଉର୍ଦ୍ଧ୍ୱକୁ ଯାଇ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରି ଆଶାର ରାଜନୀତିକୁ ବିକ୍ରୟ କରିବାକୁ ଆଗେଇ ଆସିଛି। ଏହି ଅବଧାରଣାଗୁଡ଼ିକର ପ୍ରତିଯୋଗିତା ଭିତରେ ଦୁଇ ଜାତୀୟସ୍ତରୀୟ ରାଜନୀତିକ ଦଳ ବିଜେପି ଏବଂ କଂଗ୍ରେସଙ୍କ ନିକଟରେ କ୍ୱଚିତ୍ କିଛି ରହିଛି ଅବଦାନ ରଖିବା ପାଇଁ, ଯଦିଓ ପ୍ରଥମ ଦଳଟି ନିକଟରେ ରହିଛନ୍ତି ଉଲ୍ଲେଖନୀୟ କ୍ୟାଡର ଉପସ୍ଥିତି ଏବଂ ଏକ ଭିଡ଼-ସଂଗ୍ରହକାରୀ ରୂପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏଭଳି ପରିସ୍ଥିତିରେ ବିହାରର ରାଜନୀତିକ ଭବିଷ୍ୟତ କିପରି ହେବାକୁ ଯାଉଛି, ତାହା ନିର୍ବାଚନର ଫଳାଫଳ ହିଁ ନିର୍ଣ୍ଣୟ କରିବ।■

# କ୍ୱାଣ୍ଟମ୍ ବିଜ୍ଞାନ ଓ କବିତା



ଦୁର୍ଗାପ୍ରସାଦ ଆଚାର୍ଯ୍ୟ

## ୨୦୨୫- କ୍ୱାଣ୍ଟମ୍ ବିଜ୍ଞାନର ଆନ୍ତର୍ଜାତିକ ବର୍ଷ ଉପଲକ୍ଷେ

ଠିକ୍ ଶହେ ବର୍ଷ ତଳେ ୧୯୨୫ ମସିହାରେ ଜର୍ମାନୀ ପଦାର୍ଥ ବିଜ୍ଞାନୀ ହାଇଜେନ୍‌ବର୍ଗ ପାରମାଣବିକ ଜଗତର କ୍ଷୁଦ୍ରାତିକ୍ଷୁଦ୍ର କଣିକାମାନଙ୍କ ଅବସ୍ଥିତି ଓ ଗତିଶୀଳତା ସଂପର୍କରେ ପ୍ରଦାନ କରିଥିବା ଗାଣିତିକ ସୂତ୍ର ସ୍ପଷ୍ଟ କରିଦେଲା ଯେ ଏ ରହସ୍ୟ ଘନ ଜଗତର ଲୀଳାଖେଳା ଏକଦମ୍ ଅସ୍ପଷ୍ଟ- ସବୁକିଛି ଅନିଶ୍ଚିତ। ହାଇଜେନ୍‌ବର୍ଗଙ୍କ ଏହି 'ଅନିଶ୍ଚିତତା ତତ୍ତ୍ୱ' ହେଉଛି କ୍ୱାଣ୍ଟମ୍ ସାଇନ୍ସ ବା କ୍ୱାଣ୍ଟମ୍ ମେକାନିକ୍ସ ସଂପର୍କିତ ଅନ୍ୟତମ ତତ୍ତ୍ୱ। ସେବେଠାରୁ ଏ ପର୍ଯ୍ୟନ୍ତ କ୍ୱାଣ୍ଟମ୍ ଜଗତ ସଂପର୍କରେ ଯେତେ ଯେତେ ତଥ୍ୟ ଉନ୍ମୋଚିତ ହୋଇ ଚାଲିଛି, ସେସବୁ ପଦାର୍ଥ ବିଜ୍ଞାନୀମାନଙ୍କ ବୋଧଗମ୍ୟ ଓ ସେସବୁର ବୈଜ୍ଞାନିକ ଉପଯୋଗିତା କେବଳ ସେହିମାନଙ୍କ ପାଇଁ। ବିଜ୍ଞାନର ଜ୍ଞାନ କ୍ଷେତ୍ର ସହିତ କାମଚଳା ସଂପର୍କଟିଏ ଯୋଡ଼ିବା ପାଇଁ ଆଜୀବନ ପ୍ରୟାସ କରି ତଥାପି ପ୍ରାୟ ଅସଫଳ ହୋଇଥିବା ଏ ଲେଖକ ପରି ନିରୋଳା ଭାବ ଜଗତର ଅଧିବାସୀମାନଙ୍କୁ କ୍ୱାଣ୍ଟମ୍ କ୍ଷେତ୍ରର ଅଶ୍ରୁତପୂର୍ବ ଗତିବିଧି ସ୍ୱପ୍ନାଚ୍ଛନ୍ନ, ମୋହାଚ୍ଛନ୍ନ କରିବାଟା ଖୁବ୍ ସ୍ୱାଭାବିକ। ସବୁଠାରୁ ଅଧିକ ସ୍ୱପ୍ନାଚ୍ଛନ୍ନ, ରହସ୍ୟାଭିଭୂତ ହେବେ କବିଭାବାପନ୍ନ ପଦ୍ମଭୁକ୍‌ମାନେ ଓ କଥା କଥାକେ ଗୋଲକଧନ୍ଦା ରଚୁଥିବା ଖାଣ୍ଟି ରହସ୍ୟବାଦୀମାନେ।

ସେମାନଙ୍କ ପାଇଁ ଏ କ୍ୱାଣ୍ଟମ୍ ଜଗତ ଏକ ମାୟାଚ୍ଛନ୍ନ, ଘନ କୁହେଳିକାଚ୍ଛନ୍ନ ଜଗତ। ସେଇଠି ସେମାନେ କଳ୍ପଚକ୍ଷୁରେ ଦେଖିଥାନ୍ତି କେତେ କେତେ ନିତ୍ୟ ବୃନ୍ଦାବନରେ କଣିକାମାନଙ୍କର ରଙ୍ଗରାସ, ଶୁଣିଥାନ୍ତି ସେ ଜଗତର ଶୂନ୍ୟାକାଶରେ ପ୍ରତି ନିୟତ ଅନୁରଣିତ ହେଉଥିବା ସୁର ମହ୍ଲାର।

କ୍ୱାଣ୍ଟମ୍ ବିଜ୍ଞାନୀ କୁହେ କଣିକାର ଦ୍ୱୈତ ସ୍ଥିତି ସଂପର୍କରେ, ଅର୍ଥାତ୍ କ୍ୱାଣ୍ଟମ୍ ପ୍ରାଙ୍ଗଣଟିରେ କେବଳ ଚମକି ବୁଲୁଥାଏ ତରଙ୍ଗ। ଯେଉଁ ମୁହୂର୍ତ୍ତରେ ସେ ତରଙ୍ଗ ଉପରେ ଦୃଷ୍ଟିପାତ ହୁଏ, ଯେଉଁ ମୁହୂର୍ତ୍ତରେ ସେ ତରଙ୍ଗର ସ୍ୱରୂପ ନିର୍ଦ୍ଧାରଣ କରିବା ପାଇଁ ନିରୀକ୍ଷଣକାରୀ ଚେତନା କିମ୍ବା ପରିମାପକ ମାଧ୍ୟମ କିଛି ପ୍ରୟୋଗ କରାଯାଏ, ସେଥିରୁ ସୃଷ୍ଟି ହୋଇଥାନ୍ତି କଣିକା। ତରଙ୍ଗ ନେଇଥାଏ ଘନବଦ୍ଧ କଣିକାର ରୂପ। ବିଜ୍ଞାନୀ ସିନା କଣିକାମାନଙ୍କର ଏ ଅଭୂତପୂର୍ବ ସ୍ଥିତି ଓ ସୃଷ୍ଟି ଦେଖି ତା' ପଛର ବୈଜ୍ଞାନିକ ତତ୍ତ୍ୱକୁ ନେଇ ଧନ୍ଦି ହେବ, କିନ୍ତୁ ଭାବବାଦୀ ମଣିଷ ପାଇଁ, ଜଣେ କବି କି ଦାର୍ଶନିକ-ସ୍ୱଭାବର ମଣିଷ ପାଇଁ ଏ ସବୁକିଛି ତୁଚ୍ଛା ଅଲୌକିକ ଲୀଳା, ଅଲୌକିକ ସୃଜନ ଲୀଳା ରହସ୍ୟ।

ଏ କ୍ୱାଣ୍ଟମ୍ ପ୍ରାଙ୍ଗଣ ଚିତ୍ରକରର କ୍ୟାନ୍‌ଭାସ୍ ପରି, ଯେଉଁଠି ତା'ର କଳ୍ପନାର ରଶ୍ମିପାତ ପରେ, ତା'ର ତୂଳୀର ସ୍ପର୍ଶ ପରେ ଲୀଳାଖେଳା ଆରମ୍ଭ କରି ଦିଅନ୍ତି ସୁନ୍ଦର, ଲଳିତ ରୂପମାନ। ଜଣେ କବି ଓ ଚିତ୍ରକରଙ୍କ ସୃଜନଶୀଳ କଳ୍ପନାର ଜଗତ କ୍ୱାଣ୍ଟମ୍ ଜଗତ ପରି- ଲେଖନୀ ବା ତୂଳୀ ଧରିବା କ୍ଷଣି କଳ୍ପନାର ସେ ଶ୍ୱେତମର୍ମର ଅଙ୍ଗନରେ ସୃଷ୍ଟି ହୋଇଥାଏ ସୃଜନର ପର୍ବ। ଠିକ୍ ଯେମିତି କ୍ୱାଣ୍ଟମ୍ ତରଙ୍ଗରେ ଆରମ୍ଭ ହୋଇ ଯାଇଥାଏ କଣିକାମାନଙ୍କ ସୃଜନ ପର୍ବ। ବିଜ୍ଞାନ ଭାଷାରେ, ଏହା ହେଉଛି କ୍ୱାଣ୍ଟମ୍ ତରଙ୍ଗର 'କୋଲାପ୍‌ସ'। ଆଉ ଏମିତି 'କୋଲାପସ୍' ବି ହୋଇଥାଏ କବି, ଚିତ୍ରକରଙ୍କ ମାନସ ଭୂମିର ସୃଜନ ତରଙ୍ଗ।

'ସ୍ପେଶ୍'ର ଭ୍ୟାକ୍ୟୁମ୍ ବା ଶୂନ୍ୟ ପ୍ରଚ୍ଛଦପଟରେ ଅନବରତ ଚାଲିଥାଏ ପାର୍ଟିକଲ୍ ବା କଣିକାମାନଙ୍କ ସୃଷ୍ଟି, ସ୍ଥିତି, ବିଲୁପ୍ତିର ମହାନାଟକ। ସୃଜନଶୀଳ କଳାତ୍ମକତାର ଧର୍ମ ବି ସେଇ ମହାନାଟକୀୟତା। କବିର ମାନସଲୋକ କେତେବେଳେ କଳା ଓ କଳ୍ପନାର ଉର୍ମିରେ ଲୀଳାୟିତ ଓ କେତେବେଳେ ସବୁକିଛି ଅନ୍ତର୍ହିତ। କ୍ୱାଣ୍ଟମ୍ ଜଗତରେ ସୃଷ୍ଟିର ଅନନ୍ତ ସମ୍ଭାବନା ତ କବିର ମାନସ ଅଙ୍ଗନରେ ବି ସୃଷ୍ଟିର ଅନନ୍ତ ସମ୍ଭାବନା। କ୍ୱାଣ୍ଟମ୍ ଜଗତ ପଦାର୍ଥ ବିଜ୍ଞାନର ପ୍ରତିଷ୍ଠିତ ଓ ବହୁ ସ୍ୱୀକୃତ ନିଉଟନୀୟ ନୀତି ନିୟମ ସବୁର ଉର୍ଦ୍ଧ୍ୱରେ ତ କବିର ଭାବ ଜଗତ ବି ଶାସ୍ତ୍ରୀୟ ନୀତି ନିୟମ ଉର୍ଦ୍ଧ୍ୱରେ। ଏ ଦୁଇ ଜଗତର ରହସ୍ୟ ତଥା ବୈଚିତ୍ର୍ୟର




ସଠିକ୍ ଆକଳନ, ସଠିକ୍ ଅବଧାରଣା ଦୁରୂହ- ସବୁକିଛି ଅସମ୍ଭବ ଭାବରେ ଦୁର୍ବୋଧ ଓ ରହସ୍ୟାଚ୍ଛନ୍ନ।

କୋଟି କୋଟି ଆଲୋକ ବର୍ଷର ଦୂରତାରେ ଥିବା କେଉଁ କ୍ୱାଣ୍ଟମ୍ କ୍ଷେତ୍ରରେ କଣିକାଟିଏ ଆଖି ମିଟିକା ମାରିଦେଲେ, ଆଖି ମିଟିକା ବି ମାରିଦିଏ ଆମର ଏ କ୍ଷୁଦ୍ର ସୌର ଜଗତର କ୍ୱାଣ୍ଟମ୍-କ୍ଷେତ୍ରୀୟ କଣିକା। ଏଇ ହେଉଛି କଣିକାଙ୍କ ସହଯୋଜନ ବା ପାରସ୍ପରିକ ଜଡ଼ିତତା- କ୍ୱାଣ୍ଟମ୍ ମେକାନିକ୍‌ସ୍‌ର ଭାଷାରେ 'ଏନଟାଙ୍ଗଲମେଣ୍ଟ'। ଏମିତି ଏକ ଅଦୃଶ୍ୟ ବନ୍ଧନ ବି ରହିଛି କବିର କବିତା ଓ ଚିତ୍ରକରର 'ପେଣ୍ଟିଂ' ସହିତ ପାଠକ ଓ ଦର୍ଶକଙ୍କର। ଦୃଶ୍ୟ ଓ ଦ୍ରଷ୍ଟା ସର୍ବଦା ସହବନ୍ଧିତ, ସହଯୋଜିତ। କଳା ଓ କଳାର ପୂଜାରୀଙ୍କ ମଧ୍ୟରେ ରହିଥାଏ ଅଛେଦ୍ୟ ସଂପର୍କ- ଏକ ପ୍ରକାର 'ଏନ୍‌ଟାଙ୍ଗଲମେଣ୍ଟ'। ଭାନଗଫ୍‌ଙ୍କ ଚିତ୍ର, ତାନ୍‌ସେନ୍‌ଙ୍କ ରାଗ, ରବୀନ୍ଦ୍ରଙ୍କ କବିତା- ସହସ୍ର ବର୍ଷ ପରେ ମଧ୍ୟ ଯୋଡ଼ି ହୋଇଯିବେ ପ୍ରତି ମଣିଷର ନାନ୍ଦନିକ ଅନ୍ତଃସତ୍ତା ସହ। କବି, ଚିତ୍ରକର ଓ କଳାକାର- ପ୍ରତ୍ୟେକ ତ କାଳେ କାଳେ ଝୁଲି ରହିଥାନ୍ତି ମର୍ତ୍ତ୍ୟ ସ୍ୱର୍ଗରେ। ବିଜ୍ଞାନୀଙ୍କ ପରି କେମିତି ବା ସୀମାବଦ୍ଧ ରହି ପାରିବ ସେମାନଙ୍କ ଦୃଷ୍ଟି କେଉଁ ଜଣା ବା ଅଜଣା ଜଗତରେ! କ୍ୱାଣ୍ଟମ୍ ବିଜ୍ଞାନର ତତ୍ତ୍ୱ ଓ ତଥ୍ୟ ସବୁରୁ ସେମାନେ ତେଣୁ ସଂଗ୍ରହ କରିଥାନ୍ତି ସେମାନଙ୍କ କଳା, କବିତା ଓ ସ୍ୱପ୍ନ ଜଗତର 'ଆଲ୍‌ଗୋରିଦମ୍' ବା ସୂତ୍ରାବଳୀ। ସେମିତି ମଧ୍ୟ ଜଣେ ରହସ୍ୟବାଦୀ ଦାର୍ଶନିକ କ୍ୱାଣ୍ଟମ୍ ଜଗତରେ ପାଏ ଆଦିଶଙ୍କରଙ୍କ ଅଦ୍ୱୈତ ଦର୍ଶନ ଓ ମାୟାବାଦର ମନ୍ତ୍ର, ଜୈନ ଦର୍ଶନର 'ଅନେକାନ୍ତବାଦ' ଓ ବୌଦ୍ଧ ଦର୍ଶନର 'ଡିପେଣ୍ଡେଣ୍ଟ ଅରିଜିନେସନ୍' ବା 'ପ୍ରତିତ୍ୟସମୁତ୍‌ପାଦ'ର ଗୂଢ଼ ସୂତ୍ର। ଏ ସଭିଙ୍କ ଚେତନାର ନୀଳ ଫର୍ଦ୍ଦରେ ଅଦୃଶ୍ୟ ଲେଖନୀ-ପ୍ରସୂତ ଅକ୍ଷରମାନଙ୍କର ସମାରୋହ, ଅଦୃଶ୍ୟ ମୁରଲୀ-ପ୍ରସୂତ ସୁର ଝଙ୍କାର। ଏମାନଙ୍କ ମଧ୍ୟରୁ ଯଦି ଜଣେ କିଏ କ୍ୱାଣ୍ଟମ୍ ବିଜ୍ଞାନର ଏହି ଏକ ଶତ ବର୍ଷ ପୂର୍ତ୍ତି ପାଳନ ଅବସରରେ କିଛି ଲେଖି ବସେ, ତେବେ ସିଏ 'କ୍ୱାଣ୍ଟମ୍ ବିଜ୍ଞାନ ଓ କବିତା' ଶୀର୍ଷକ ରଚନାଟିଏ ପାଠକମାନଙ୍କୁ ଭେଟି ଦେବାଟା ପ୍ରାୟ ଅବଧାରିତ-ପଦାର୍ଥ ବିଜ୍ଞାନୀମାନଙ୍କ ଦୃଷ୍ଟିରେ ତା'ର ଏ ଧୃଷ୍ଟତା ଅକ୍ଷମଣୀୟ ହେଲେ ମଧ୍ୟ।■

ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ
କୋଡିଆଁ ବାରଙ୍ଗ
ମୋ: ୯୮୫୩୩୫୫୧୦୭

# ସେବକର ଅଭିମାନ

ଭଲ କାମଟିଏ କଲେ ମିଳିଥାଏ ପ୍ରଶଂସା। ପ୍ରଶଂସା ପାଇଲେ ସେହି କାର୍ଯ୍ୟ କରିବାକୁ ପ୍ରେରଣା ମିଳିଥାଏ। ସେହି ପ୍ରେରଣାରୁ କିଛି ମଣିଷଙ୍କ ଭିତରେ ସୃଷ୍ଟି ହୁଏ ସ୍ୱାଭିମାନ। ସେହି ସ୍ୱାଭିମାନ ସଫଳତାର ଉଚ୍ଚତର ସୋପାନରେ ପହଞ୍ଚାଇ ଥାଏ। ମାତ୍ର କେବେ କେବେ ପ୍ରଶଂସା ମଣିଷ ଭିତରେ ସ୍ୱାଭିମାନ ବଦଳରେ ସୃଷ୍ଟି କରିଥାଏ ଅଭିମାନ। ଅଭିମାନ ଆସିଲେ କାର୍ଯ୍ୟ ଦକ୍ଷତା କମିଯାଏ। ସଫଳତା ନୁହେଁ; ବରଂ ବିଫଳତା ଆଡ଼କୁ ଖସି ଖସି ଆସେ ମଣିଷ। କାହାରି ନିନ୍ଦା ବା ପ୍ରଶଂସା ଶୁଣି ଆମେ ନିଜ ସ୍ଥିତିରେ ରହିବା ଉଚିତ୍। ଆଜି ଅନେକ ମଣିଷ ପ୍ରଶଂସା ପାଇବା ପାଇଁ କେତେ କେତେ ଯୋଜନା ମଧ୍ୟ କରୁଛନ୍ତି। ହେଲେ ପ୍ରଶଂସାର ନିଶା ଟିକିଏ ବି ଥିଲେ ଈଶ୍ୱରୀୟ ଦରବାରର ଦ୍ୱାର ବନ୍ଦ ହୋଇଯାଏ।

ସେଦିନ ଲଙ୍କାର ରଣାଙ୍ଗନ। ବୀର ଲକ୍ଷ୍ମଣ ମେଘନାଦ ସହ ଯୁଦ୍ଧ କରି ଚେତା ହରାଇ ଆହତ ଅବସ୍ଥାରେ ଶୋଇଥିଲେ। ଶକ୍ତିଭେଦ ହୋଇଥିଲା ତାଙ୍କର। ଭାଇକୁ ହରାଇବାର ଦୁଃଖରେ ଶୋକାତୁର ଥିଲେ ପ୍ରଭୁ ଶ୍ରୀରାମ। ରାବଣର ରାଜବୈଦ୍ୟ ସୁଷେଣଙ୍କ ସହ ଯୋଗାଯୋଗ କରାଗଲା ଲକ୍ଷ୍ମଣଙ୍କ ସୁସ୍ଥତା ନେଇ। ରାଜବୈଦ୍ୟ ପରାମର୍ଶ ଦେଲେ ହିମାଳୟରୁ ବିଶଲ୍ୟକରଣୀ ବୃକ୍ଷ ଆଣିବା ପାଇଁ। ତାହା ପୁଣି ରାତିକ ଭିତରେ। ସ୍ୱଳ୍ପ ସମୟ ମଧ୍ୟରେ ଲଙ୍କାରୁ ହିମାଳୟ ଯାତ୍ରା କରି ବିଶଲ୍ୟକରଣୀ ବୃକ୍ଷ ନେଇ ଫେରିବା ଅସମ୍ଭବ ଥିଲା କୌଣସି ମନୁଷ୍ୟ ପକ୍ଷେ। ସେଭଳି ଏକ ଦୁଃସାହସିକ କାର୍ଯ୍ୟ କରିବାର ସାମର୍ଥ୍ୟ ଥିଲା କେବଳ ହନୁମାନଙ୍କର। ଏତିକି ବେଳେ ହନୁମାନଙ୍କ ଭିତରେ ସେବକ ଭାବରେ ଅଭିମାନ ଆସିଗଲା। ପ୍ରଭୁ ଶ୍ରୀରାମଙ୍କ ଆଜ୍ଞା ନେଇ ବାହାରିଲେ ହନୁମାନ। ଘାତ ପ୍ରତିଘାତ ସହି ହିମାଳୟରେ ପହଞ୍ଚିଲେ। ବିଶଲ୍ୟକରଣୀ ତ ପାଇଲେ ନାହିଁ। ଗନ୍ଧମାର୍ଦ୍ଦନ ପର୍ବତକୁ ଉଠାଇ ଆଣିଲେ। ଆକାଶ ମାର୍ଗରେ ଆସୁ ଥାଆନ୍ତି। ଅପର ପକ୍ଷରେ ଅଯୋଧ୍ୟାର ନନ୍ଦିଗ୍ରାମରେ ଅତନ୍ଦ୍ର ନୟନରେ ଭାଇ ଭରତ ରାମଙ୍କ ଫେରିବା ବାଟକୁ ଚାହିଁ ଦିନ ଗଣୁଥିଲେ। ଚଉଦ ବର୍ଷ ପର୍ଯ୍ୟନ୍ତ ଅଯୋଧ୍ୟାକୁ ସୁରକ୍ଷା ଦେବା ଦାୟିତ୍ୱ ଥିଲା ଭରତଙ୍କର। ଆକାଶ ମାର୍ଗରେ ବେଗବାନ୍ ହନୁମାନଙ୍କର ରୂପକୁ ଦେଖି ଭାବିଲେ କେହି ଅସୁର ଅଯୋଧ୍ୟାକୁ ଆକ୍ରମଣ କରିବାକୁ ଚେଷ୍ଟା କରୁଛି। ବାଟୁଳି ମାରିଲେ। ସେହିଠାରେ ଚେତା ହରାଇ ପଡ଼ିଗଲେ ମହାବୀର ହନୁମାନ। ଚେତା ଫେରିବା ପରେ ଉଭୟଙ୍କ ପରିଚୟ ହେଲା। ପୁଣି ଯାତ୍ରା ଆରମ୍ଭ କଲେ ହନୁମାନ। ଠିକଣା ସମୟରେ ପହଞ୍ଚି ଲକ୍ଷ୍ମଣଙ୍କୁ ବିପଦ ମୁକ୍ତ କଲେ।

ଗୋଟିଏ ପାଖରେ ବୀର ଲକ୍ଷ୍ମଣ। ଅନ୍ୟ ପାଖରେ ମହାବୀର ହନୁମାନ। ଏକ ସମୟରେ ଚେତା ହରାଇ ପଡ଼ିଥିଲେ। କାରଣ ଉଭୟଙ୍କ ଭିତରେ ସୂକ୍ଷ୍ମ ଅହମିକା ବସା ବାନ୍ଧିଥିଲା। ନିଜକୁ ପ୍ରଭୁଙ୍କର ପାଖ ଲୋକ ଭାବିଥିଲେ। ଭରତ କିନ୍ତୁ ଥିଲେ ବହୁ ଦୂରରେ। ସେ ମଧ୍ୟ ଥିଲେ ପ୍ରଭୁ ଭକ୍ତ। ଚେତାଶୂନ୍ୟ ଲକ୍ଷ୍ମଣଙ୍କୁ ଉଦ୍ଧାର କଲାବାଲା ହନୁମାନ ମଧ୍ୟ ଚେତା ହରାଇଲେ ଭରତଙ୍କ ନିକଟରେ- ପ୍ରଭୁଙ୍କ ନିକଟରେ ଥାଅ କି ଦୂରରେ। ଅହଙ୍କାରକୁ ହୃଦୟରେ ଧରି ତାଙ୍କର ଯେତେ ପାଖରେ ଥିଲେ ମଧ୍ୟ ଯୋଜନ ଯୋଜନ ଦୂରରେ ଅଛେ ବୋଲି ଜାଣିବାକୁ ହେବ।■

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ପର୍ଯ୍ୟଟନ ଋତୁରେ ବିଭାଗୀୟ ସେବା ଫେଲ୍

# ରାମଚଣ୍ଡୀ ନଦୀକୂଳ ରାସ୍ତାରେ ୭୦ ଷ୍ଟ୍ରିଟ୍ ଲାଇଟ୍ ଅଚଳ

**କୋଣାର୍କ,୭।୧୦/ଏନ୍‌ଏନ୍‌ଏସ୍:** ପୁରୀ-କୋଣାର୍କ ବେଳାମାର୍ଗ ରେ ଥିବା ପ୍ରସିଦ୍ଧ ମା' ରାମଚଣ୍ଡୀଙ୍କ ପୀଠରେ ପ୍ରତ୍ୟେକ ଦିନ ପର୍ଯ୍ୟଟନ ଋତୁକୁ ନେଇ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ହେଉଥିଲା ବେଳେ ରାମଚଣ୍ଡୀ ନଦୀକୂଳ ପାଦଚଲା ରାସ୍ତା ଏବେ ଅନ୍ଧାରରେ। ଯାହାକୁ ନେଇ ପର୍ଯ୍ୟଟକ ମାନେ ନାହିଁ ନଥିବା ହଇରାଣ ସହ ଭୟଭୀତ ହେଉଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟକଙ୍କ ଆମୋଦ ପ୍ରମୋଦ ନିମନ୍ତେ ୨୫କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପୂର୍ତ୍ତବିଭାଗ ଦ୍ୱାରା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଛି।

ବିଶେଷ ଭାବେ ରାମଚଣ୍ଡୀର ପ୍ରାକୃତିକ ଦୃଶ୍ୟ ଦେଖିବା ଓ ରାମଚଣ୍ଡୀ କୁଶଭଦ୍ରା ନଦୀର ମୁହାଁଣ ମୁହଁ ଦୃଶ୍ୟ ସହିତ ନୀଳ ସମୁଦ୍ର ର ସଂଧ୍ୟାକାଳୀନ ସୂର୍ଯ୍ୟ ଅସ୍ତର ଅପୂର୍ବ ମନୋରମ ଦୃଶ୍ୟକୁ ଦେଶବିଦେଶ ପର୍ଯ୍ୟଟକ ଉପଭୋଗ କରିବାପାଇଁ ରାମଚଣ୍ଡୀ ର କୁଶଭଦ୍ରା ନଦୀ କୂଳରେ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ପାଦଚଲା ରାସ୍ତା ନିର୍ମାଣ ସହ ଏଠାରେ ବସିବା ଓ ଶୌଚାଳୟ ସହ ୯୦ଗୋଟି ଷ୍ଟ୍ରିଟ ଲାଇଟି ଲଗାଯାଇ କାର୍ଯ୍ୟକ୍ଷମ କରାଯାଇଥିଲା। ପ୍ରତେକ ଦିନ ଶହଶହ ପର୍ଯ୍ୟଟକ ଏଠାକୁ ପରିଭ୍ରମଣ ରେ ଆସି ଏହି ପାଦଚଲା ରାସ୍ତା ରେ ବୁଲି ରାମଚଣ୍ଡୀର ପ୍ରାକୃତିକ ଦୃଶ୍ୟ ଉପଭୋଗ କରିଥାନ୍ତି। ମାତ୍ର ରାମଚଣ୍ଡୀ ନଦୀ କୂଳ ଏହି ପାଦଚଲା ରାସ୍ତା ରେ ଲାଗିଥିବା ଏହି ୯୦ଗୋଟି ଏଲଇଡି ଷ୍ଟ୍ରିଟ ଲାଇଟି ନିମ୍ନମାନର ହୋଇଥିବାରୁ ସେଥି ମଧ୍ୟରୁ ମାତ୍ର ୨୦ଟି ଜଳୁଥିବା ବେଳେ ଅବଶିଷ୍ଟ ୭୦ଗୋଟି ଦୀର୍ଘଦିନ ହେବ ଅଚଳ ଅବସ୍ଥାରେ ପଡିରହିଛି। ଫଳରେ ସନ୍ଧ୍ୟା ହେବା ମାତ୍ରେ ଏହି ପଦାଚଲା ରାସ୍ତାରେ ଅନ୍ଧାରର ରାଜତ୍ୱ ଦେଖିବାକୁ ମିଳିଛି। ଅଭୟାରଣ୍ୟ ନିକଟ ହୋଇଥିବାରୁ ପର୍ଯ୍ୟଟକମାନେ ଅନ୍ଧାରକୁ ନେଇ ନିଜକୁ ଏଠାରେ ଅସୁରକ୍ଷିତ ମନେ କରି ଅସନ୍ତୋଷ ରେ ଫେରିଯାଉଥିବା ଦେଖାଯାଇଛି। ଏ ନେଇ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀଙ୍କୁ ପଚାରିବାରେ ସେ କୁହନ୍ତି ଭୂତଳ ଇଲେକ୍ଟ୍ରି କେବୁଲ ଖରାପ ହୋଇଯାଇଥିବାରୁ ଏପରି ସମସ୍ୟା ଉପୁଜିଛି। ଏହାର ପରିଚାଳନା ଦାୟିତ୍ୱ ପର୍ଯ୍ୟଟନ ନିଗମ(ଓଟିଡିସି)କୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ସେ ଓଟିଡିସିକୁ ଜଣାଇ ଦେଇଛନ୍ତି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରକାଶ କରିଥିଲେ। ପର୍ଯ୍ୟଟନ ଋତୁରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ସମାଗମ ହେବାକୁ ଥିବାରୁ ପର୍ଯ୍ୟଟନଙ୍କ ସୁରକ୍ଷା ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ପର୍ଯ୍ୟଟନ ବିଭାଗ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ଅଚଳ ଲାଇଟ୍‌ଗୁଡିକୁ ସଚଳ କରିବାକୁ ସାଧାରଣରେ ଦାବି ହୋଇଛି।




# ବରୁଣେଇ ପାହାଡ଼ ଉପରେ ବାର୍‌ହା ଆକ୍ରମଣ: ପୁଲିସ କର୍ମଚାରୀ ମୃତ, ଜଣେ ଗୁରୁତର

**ଖୋର୍ଦ୍ଧା,୭।୧୦/ଏନ୍‌ଏନ୍‌ଏସ୍:** ବରୁଣେଇ ପାହାଡ଼ ଉପରକୁ ଯାଇଥିବା ୫ଜଣ ଯୁବକଙ୍କୁ ବାର୍‌ହା ଆକ୍ରମଣ କରିଥିଲା। ବରୁଣେଇ ଭୋଜି କରିବାକୁ ଆସିଥିବା ଜଟଣୀ ଅଞ୍ଚଳର ଏହି ୫ ଜଣ ଯୁବକ ବୋଲି ଜଣାପଡିଛି। ସମସ୍ତେ ପାହାଡ଼ ଉପରକୁ ଯାଇଥିବା ବେଳେ ବାରାହା ଆକ୍ରମଣ କରିଥିଲା। ମିଳିଥିବା ସୂଚନା ଅନୁଯାୟୀ ବାରହାଟି ପାହାଡ଼ ଉପରେ ଏକ ସ୍ଥାନରେ ଛୁଆ ଦେଇଥିବା ଜାଣିବାକୁ ମିଳିଛି। ବାର୍‌ହାଟି ଯୁବକମାନଙ୍କୁ ଦେଖି ଆକ୍ରମଣ କରିଥିବା ସୂଚନା ମିଳିଛି। ଖବର ପାଇ ସେଠାକୁ ଯାଇଥିବା ପୁଲିସ କର୍ମଚାରୀଙ୍କୁ ବାରହା ଆକ୍ରମଣ କରିଥିଲା। ଆକ୍ରମଣରେ ଜଣେ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବାବେଳେ ୩ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତରଙ୍କ ମଧ୍ୟରେ ଜଟଣୀର ଦୀପକ ଜେନା ଆହତ ହୋଇଥିବା ବେଳେ ଅନ୍ୟମାନେ ଜଟଣୀ ଅଞ୍ଚଳର ବୋଲି ଜଣାପଡ଼ିଛି। ଆହତ ଦୀପକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାରକରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ଦୀପକର ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। ବାର୍‌ହା ଆକ୍ରମଣ ଭୟରେ ପାହାଡ଼ର ଶୀର୍ଷଭାଗରେ ଏକ ଗଛ ଉପରେ ଫଶି ରହିଥିବା ଯୁବକମାନଙ୍କୁ ଗଛତଳେ ବାରହା ଜଗି ରହିଥିଲା। ସେମାନଙ୍କ ମଧ୍ୟରେ ଜଣେ ଯୁବକ ବରୁଣେଇ ବିଟ୍ ହାଉସରେ ଡ୍ୟୁଟି କରୁଥିବା ଜଣେ ଓଏସ୍‌ଏପି କନେଷ୍ଟବଳକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବର ପାଇ ସେଠାରେ ଡ୍ୟୁଟି କରୁଥିବା ଅନ୍ୟ ଦୁଇଜଣ ଓଏସ୍‌ଏପି କନେଷ୍ଟବଳ, ମୁକୁନ୍ଦ ପ୍ରସାଦ ଓ ପୋଡ଼ାସାହିର ଦୁଇ ଯୁବକଙ୍କୁ ସାଥିରେ ଧରି ପାହାଡ଼ ଉପରକୁ ଯାଇଥିଲେ। ତେବେ ସେଠାରେ ବାର୍‌ହା ଜଣେ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲା। ସେଠାରେ ସେ ଗୁରୁତର ଆହତ ହୋଇ ଅଚେତ ଅବସ୍ଥାରେ ପଡ଼ିରହିଥିଲେ। ଅନ୍ୟ ପୁଲିସ କର୍ମଚାରୀ ଓ ଅନ୍ୟ ଦୁଇଜଣ ଟାୱାର ଉପରକୁ ଚଢ଼ି ଯାଇଥିଲେ। ଏହି ସମୟରେ ପାହାଡ଼ ଉପରକୁ ବୁଲିବାକୁ ଯାଇଥିବା ଜଣେ ଯୁବକ ଆହତ ଅବସ୍ଥାରେ ତଳକୁ ଆସିଥିଲେ। ବାର୍‌ହା ଟାୱାର ତଳେ ଜଗି ରହିବାରୁ କୌଣସି ଉପାୟ ନ ପାଇ ମୁକୁନ୍ଦ ପ୍ରସାଦ ପୋଡ଼ାସାହି ଦୁଇଯୁବକ ସମ୍ପର୍କୀୟ ଓ ପୁଲିସକୁ ଖବର ଦେଇଥିଲେ। ଖବରପାଇ ବରୁଣେଇ ପାଦଦେଶରୁ ପାହାଡ଼ ଉପରକୁ ପୁଲିସ, ଅଗ୍ନିଶମ ଏବଂ ବନବିଭାଗ କର୍ମଚାରୀଙ୍କୁ ନେଇ ଗଠିତ ୩ଟି ଟିମ୍ ସେମାନଙ୍କୁ ଉଦ୍ଧାର କରିବାକୁ ଅପରାହ୍ଣ ୩ଟାରୁ ଉଦ୍ୟମ ଜାରି ରଖିଥିଲେ। ବରୁଣେଇ ପାହାଡ଼ ପାଦଦେଶରେ ଏସ୍‌ପି ବିବେକାନନ୍ଦ ଶର୍ମା, ଡିଏଫ୍‌ଓ ଲାଡ଼େ ଗଜାନନ ଦୟାନନ୍ଦ, ଏସ୍‌ଡିପିଓ, ରେଞ୍ଜର ଜୟକୃଷ୍ଣ ପଣ୍ଡା, ଶିଳ୍ପାଞ୍ଚଳ ଥାନାଧିକାରୀ ଉମେଶ ସାହୁ, ଏସ୍‌ଆଇ ବାସୁଦେବ ଜୟସିଂ ପ୍ରମୁଖ ବରୁଣେଇ ମନ୍ଦିର ନିକଟରେ ଉପସ୍ଥିତ ରହି ଘଟଣାଟିର ସ୍ଥିତି ଅନୁଧ୍ୟାନ କରିଥିଲେ। ଆକ୍ରମଣ ସମୟର ଚିତ୍ର ଗଛ ଉପରୁ ଜଣେ ଯୁବକ ମୋବାଇଲ ଦ୍ୱାରା ଭିଡିଓ କରିଥିବା ଜଣାଯାଇଛି। ଘଟଣା ସ୍ଥଳରେ ପହଞ୍ଚିଥିବା କର୍ମଚାରୀ ବାର୍‌ହା ଘଉଡ଼ାଇବା ବେଳେ ପ୍ରତିଶୋଧ ପରାୟଣ ହୋଇ ଆକ୍ରମଣ ପାଇଁ ବାରାହା ଗୋଡ଼ାଇ ଥିଲା। ଫଳରେ ସମସ୍ତେ ଜୀବନ ବଞ୍ଚାଇବାକୁ ଯାଇ ଟାୱାର ଓ ଗଛରେ ଚଢ଼ି ଯାଇଥିଲେ। ଉପରେ ୫ଜଣ ଯୁବକଙ୍କ ସମେତ ପୁଲିସ, ଅଗ୍ନିଶମ ଓ ବନ ବିଭାଗର ୨୫ଜଣ ସଦସ୍ୟ ଆକ୍ରମଣ ଭୟରେ ଟାୱାର୍ ଉପରେ ଚଢ଼ି ଯାଇଥିଲେ। ବାର୍‌ହାକୁ ଟ୍ରାଙ୍କୁଲାଇଜ୍ କରିବାକୁ ରାତି ୧୦ଟା ବେଳକୁ ଅନ୍ୟ ଏକ ୪୫ ଜଣିଆ ଟିମ୍ ପାହାଡ଼ ଉପରକୁ ଚଢ଼ିଥିଲେ। ପ୍ରବଳ ଗହଳି ଦେଖି ବାର୍‌ହାଟି କେଉଁଆଡ଼େ ପଳାଇଥିବା ବେଳେ ରାତି ୧୧ଟା ସୁଦ୍ଧା ଆହତ ଓ ପୁଲିସ କର୍ମଚାରୀଙ୍କ ମୃତଦେହକୁ ଉଦ୍ଧାରକରି ପାହାଡ଼ ପାଦଦେଶକୁ ଅଣାଯାଇଥିଲା। ମୃତ ପୁଲିସ କର୍ମଚାରୀ ହେଲେ ପ୍ରଦୀପ କୁମାର ତରାଇ। ତାଙ୍କ ଘର ଯାଜପୁର ଅଞ୍ଚଳରେ ବୋଲି ଜଣାଯାଇଛି। ସେ କଟକ ୬ଷ୍ଠ ବାଟାଲିୟନରେ ରୋଷେୟା ଭାବେ କାର୍ଯ୍ୟରତ କରୁଥିବା ସୂଚନା ମିଳିଛି। ଆଜି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡିଛି।



# ତୁଳସୀପୁର ଲକ୍ଷ୍ମୀବଜାରରେ ଧନଦାତ୍ରୀଙ୍କ ପୂଜା

**ଚାରିଛକ,୭।୧୦/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ତୁଳସୀପୁର ଲକ୍ଷ୍ମୀ ବଜାରରେ ଦୀର୍ଘ ୩୧ବର୍ଷଧରି ମା'ଗଜଲକ୍ଷ୍ମୀଙ୍କ ପୂଜା ମହାସମାରୋହରେ ପାଳିତ ହୋଇଆସୁଛି। ଚଳିତ ବର୍ଷ ଅକ୍ଟୋବର ଗତ ସୋମବାର ସଂନ୍ଧ୍ୟାରେ ସଲିଳ ମହାପାତ୍ର, କଳସିଆ ଭାବେ ପ୍ରଫୁଲ୍ଲ କର, ଆଦିତ୍ୟ କର, ଉମ୍ଭର ମିଶ୍ର ପ୍ରମୁଖ ଜଳ କଳସଧାରୀ ନିକଟସ୍ଥ ତ୍ରିନାଥ ପୋଖରୀରୁ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ସେଠାରେ ପଣ୍ଡିତ ଅର୍ନ୍ତଯ୍ୟାମୀ କରଙ୍କ ଦ୍ୱାରା ଯଥା ରୀତି ନୀତି ଅନୁଯାୟୀ ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା।



ତୁଳସୀପୁର ବଜାର ଲକ୍ଷ୍ମୀପୂଜା କମିଟିର ସଦସ୍ୟ ହୃଦାନନ୍ଦ କର, ରଣଜିତ ସାହୁ, ବିଜୟ ସାହୁ, ପପୁ ବାଲ, ବିଜୟ ସାହୁ, କୁଲୁ ସାହୁ, ନିଳା ସାହୁଙ୍କ ସମେତ ସମସ୍ତ ବ୍ୟବସାୟୀ ପୂଜା କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ। ଏଠାରେ ସାତଦିନ ଧରି ମା'ଙ୍କ ପୂଜାର୍ଚ୍ଚନା ଚାଲିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ବଜାର କମିଟି ସଭାପତି ଆଇନ୍‌ଜୀବୀ ରଜନୀକାନ୍ତ ତ୍ରିପାଠୀ ଓ ସଂପାଦକ ପ୍ରଫୁଲ୍ଲ କୁମାର କର ପ୍ରକାଶ କରିଛନ୍ତି। ସେହିପରି ଚାରିଛକସ୍ଥିତ ଓରପଟ ବେହେରା ସାହିରେ ମା'ଗଜଲକ୍ଷ୍ମୀଙ୍କ ପୂଜା ମହାସମାରୋହରେ ଆରମ୍ଭ ହୋଇଯାଇଛି। କଳସଧାରୀମାନେ ନିକଟସ୍ଥ ବ୍ରହ୍ମେଶ୍ୱର ପୁଷ୍କରଣୀରୁ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ସେଠାରେ ପଣ୍ଡିତ ତୃପ୍ତିରଂଜନ ମିଶ୍ରଙ୍କ ଦ୍ୱାରା ଯଥା ରୀତିନୀତି ଅନୁସାରେ ମା'ଙ୍କ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟକର୍ତ୍ତାକର୍ତ୍ତ୍ରି ଭାବେ ପ୍ରଶାନ୍ତ କୁମାର ବେହେରା ଓ ଚାରୁଲତା ବେହେରା ପୂଜାକାର୍ଯ୍ୟରେ ଯୋଗଦେଇଥିଲେ। ଲକ୍ଷ୍ମୀପୂଜା କମିଟିର ସଦସ୍ୟ କାଳୀ ପ୍ରସାଦ ଦାଶ, ବିଜୟ ବେହେରା, ଅଭୟ ବେହେରା, ଦିପୁ ବେହେରା, ଲିପୁନ ବେହେରା, ଟିଟୁନ ବେହେରା, ଚିତ୍ରସେନ ବେହେରା ସମସ୍ତ ଗ୍ରାମବାସୀ ପୂଜା କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ। ସେହିପରି ଚାରିଛକ ନିକଟସ୍ଥ ବ୍ରହ୍ମକୁଣ୍ଡୀ, ଗଡଇଟାପୋଖରୀ, ନାଳବାଗ, ମଲଉ ସାହି, ବେଲପୋଖରୀ ସାହି, ବିଶିମାତ୍ରୀ, ଜୁଣ୍ଟପୁର, ପଥରପଦା, କୁସୁମାଠେଙ୍ଗ, ଭଇଚିଗୋରଡି, ନଢଣା ଆଦି ସ୍ଥାନରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି।

# ବାଣପୁରରେ ମା' ଗଜଲକ୍ଷ୍ମୀ ପୂଜା

**ବାଲୁଗାଁ,୭।୧୦/ଏନ୍‌ଏନ୍‌ଏସ୍:** ପବିତ୍ର କୁମାର ପୂର୍ଣ୍ଣମୀ ଅବସରରେ ବାଣପୁର ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଧନଦାତ୍ରୀ ଦେବୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଗୋପୀନାଥପୁର ଛକ, ଅଲାଇଡିହ ସମେତ ପାର୍କ ବଜାର, ଶ୍ରୀନିବାସପୁର, ପରିବା ବଜାର



ପ୍ରଭୃତି ସ୍ଥାନରେ ମହାଆଡମ୍ବର ସହକାରେ ପାଳନ ହେଉଛି ଗଜଲକ୍ଷ୍ମୀ ପୂଜା। ଅଲାଇଡ଼ିହ ଗ୍ରାମର ୫୪ ବର୍ଷର ଅନୁଷ୍ଠାନ ଶ୍ରୀଶ୍ରୀ ମା ଗଜଲକ୍ଷ୍ମୀ ପୂଜା କମିଟିର କର୍ମ କର୍ତ୍ତା ପୂର୍ବାହ୍ନରୁ ସଂକଳ୍ପ କରି ଯମୁନା ଯାତ୍ରା, କଳସ ସ୍ଥାପନ, ସୂର୍ଯ୍ୟପୂଜା, ବରୁଣ ପୂଜା, ଗ୍ରହ ପୂଜା ପରେ ମା'ଙ୍କୁ ଜୀବନ୍ୟାସ ମନ୍ତ୍ରରେ ଆବାହନ କରି ଜୀବନ୍ୟାସ ଦିଆଯାଇଥିଲା। ଘୃତାହୁତି କରି ହୋମକାର୍ଯ୍ୟ ସମାପନ କରି କମିଟି ସଦସ୍ୟ ଓ ଶ୍ରଦ୍ଧାଳୁମାନେ ମା'ଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ପ୍ରଥମେ ମାଙ୍କୁ ନିଶଙ୍କୁଡି ନୈବେଦ୍ୟ ଶିରିଣି ଭୋଗ ଲାଗି କରାଯାଇଥିଲା। ପରେ ଖିରୀ, ଖେଚୁଡ଼ି, କାକରା, ଦହି ଭୋଗ ନୈବେଦ୍ୟକୁ ପଞ୍ଚମୁଦ୍ରାରେ ସମର୍ପଣ କରାଯାଇଥିଲା। କମିଟି ତରଫରୁ ଆସନ୍ତା ତିନିଦିନ ବ୍ୟାପି ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯିବ ବୋଲି ସୂଚନା ମିଳିଛି। ସନ୍ତୋଷ କୁମାର ସାମନ୍ତରାୟ, ବିଘ୍ନରାଜ ପଣ୍ଡା, ସୂର୍ଯ୍ୟକାନ୍ତ ପଣ୍ଡା, ପିନାକପାଣି ପଣ୍ଡା, ଶୁଭ୍ରାନ୍ତ ପଣ୍ଡା, ପ୍ରଭାସ ପଣ୍ଡା, ଶୁଭ୍ରାଂଶୁ ମହାପାତ୍ର ଓ ଧିରେନ ପଣ୍ଡା ପ୍ରମୁଖ ପୂଜା ପରିଚାଳନା କରିଥିଲେ।

# କ୍ଷୁଦ୍ର ବ୍ୟବସାୟୀ ସଂଘ ପକ୍ଷରୁ ଲକ୍ଷ୍ମୀପୂଜା

**ମୁଣ୍ଡମୁହାଣ,୭।୧୦/ଏନ୍‌ଏନ୍‌ଏସ୍:** ବିଗତ ବର୍ଷ ପରି ଚଳିତ ବର୍ଷ ସ୍ଥାନୀୟ ମା' ଲକ୍ଷ୍ମୀ କ୍ଷୁଦ୍ର ବ୍ୟବସାୟୀ ସଂଘ ଯାଁଳା, ମୁଣ୍ଡ ମୁହାଣ ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଛି। ପୂଜା ଉତ୍ସବରେ ମା' ଗଜଲକ୍ଷ୍ମୀଙ୍କ ଅଧିବାସ, ଜଳଯାତ୍ରା, ହୋମଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇଛି। ଦଶହରାରେ ମା' ଦୁର୍ଗାଙ୍କ ଦର୍ଶନ ପରେ ମା' ଗଜଲକ୍ଷ୍ମୀଙ୍କ ଦର୍ଶନ ପାଇଁ ବହୁ ଭକ୍ତଙ୍କ ଭିଡ଼ ଜମିଥିବା ବେଳେ, ସଂଘର ସମସ୍ତ କର୍ମକର୍ତ୍ତା ଓ ବଣିକମାନେ ଉପସ୍ଥିତି ଥିଲେ। ଏପରିକି ଗଜଲକ୍ଷ୍ମୀ ପୂଜା ମଣ୍ଡପ ସାଜ ସଜା ଓ ରଙ୍ଗ ବେରଙ୍ଗ ଆଲୋକମାଳା ଆଦି ବେଶ୍ ମନୋରମ ଆକର୍ଷଣୀୟ ହୋଇଛି।



# ପଣ୍ଡିଆଛକରେ ଗଜଲକ୍ଷ୍ମୀ ପୂଜା



**କିଶୋରନଗର,୭।୧୦/ଏନ୍‌ଏନ୍‌ଏସ୍:** ବିରିଡ଼ି ପଣ୍ଡିଆଛକ ନିକଟରେ ଥିବା ମା' ସାରଳା ରାଇସ୍ ମିଲ୍‌ଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ପୂଜାରେ କର୍ତ୍ତା ଭାବେ ରଞ୍ଜିତ କୁମାର ସାହୁ ଓ କର୍ତ୍ତ୍ରି ଭାବେ କଲ୍ୟାଣୀ ସାହୁ ପୂଜାକର୍ମ ସମାପନ କରିଥିଲେ। ପୂଜାରେ ବର୍ଷୀୟାନ୍ ପୁରୋହିତ ତଥା ୯୭ବର୍ଷୀୟ ସ୍ଥାନୀୟ ପୂଜକ ପଣ୍ଡିତ ଗୌରାଙ୍ଗ ଚରଣ ପଟି ମା'ଙ୍କ ଆବାହନ କରିଥିବାବେଳେ ୧ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ। ସ୍ଥାନୀୟ ଲୋକେ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ।


# ପ୍ରାତଃଭ୍ରମଣ ବେଳେ ଶିକ୍ଷକ ଗୁରୁତର

**ସାଲେପୁର,୭।୧୦/ଏନ୍‌ଏନ୍‌ଏସ୍:** ଶିକ୍ଷକ ପ୍ରାତଃଭ୍ରମଣ କରୁଥିବା ବେଳେ ପଛ ପଟରୁ ଆସୁଥିବା ଏକ ଟ୍ରକର ଟାୟାର ବାହାରି ଧକ୍କା ଦେବାରୁ ଶିକ୍ଷକ ଗୁରୁତର ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ସବୁଦିନ ପରି ଆଜି ଭୋର ସମୟରେ ନଇଗୁଆଁ ରୋଡ଼ରେ ରହୁଥିବା ସାଲେପୁର ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତ ଦାରିଆପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଦୀପ୍ତ କୁମାର ମହାରଣା ପ୍ରାତଃଭ୍ରମଣରେ ଯାଉଥିବା ବେଳେ ଶିଶୁଆ ବଜାର ମଧ୍ୟରେ ରାସ୍ତାରେ ପଛପଟରୁ ଆସୁଥିବା ଏକ ଟ୍ରକର ଚକା ବାହାରି ଆସି ଶ୍ରୀ ମହାରଣାଙ୍କ ଦେହରେ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ସେ ଗୁରୁତର ଅବସ୍ଥାରେ ପଡି ଯାଇଥିଲେ।

ସ୍ଥାନୀୟ ଲୋକମାନେ ଅଗ୍ନିଶମ ବାହିନୀ ସହାୟତା ରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ଅବସ୍ଥା ଅଧିକ ଗୁରୁତର ହେବାରୁ ସେଠାରେ ଡାକ୍ତର ତାଙ୍କୁ କଟକ ପଠାଇ ଦେଇଥିଲେ। ପରିବାର ଲୋକ ତାଙ୍କୁ ନେଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ କରୁଥିବା ଜଣାପଡିଛି।

# ଲକ୍ଷ୍ମୀପୂଜାରେ ଗୋଡ଼ିପଲ୍ଲୀ ଉତ୍ସବ ମୁଖର

**ଓଡ଼ଗାଁ,୭।୧୦/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରଙ୍ଗଣୀପାଟଣା ପଞ୍ଚାୟତ ଗୋଡ଼ିପଲ୍ଲୀ ବଜାରରେ ଅନୁଷ୍ଠିତ ହେଉଥିବା ମା'ଗଜଲକ୍ଷ୍ମୀଙ୍କ ପୂଜା ଚଳିତବର୍ଷ ୩ ବର୍ଷରେ ପହଞ୍ଚିଛି। ଏଥିପାଇଁ ସୋମବାର କୁମାରପୂର୍ଣ୍ଣିମା ଠାରୁ ୫ ଦିନ ବ୍ୟାପୀ ଯଜ୍ଞ ବିଧାନକାର୍ଯ୍ୟ ଆରମ୍ଭ ହେଇଛି। ମା' ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମାଙ୍କ ପୂଜାର୍ଚ୍ଚନା ସହିତ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ଘୃତଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପୁରୋହିତ ଆନନ୍ଦ ମିଶ୍ର ପୂଜାକାର୍ଯ୍ୟ ପରିଚାଳନା କରୁଥିବା ବେଳେ ନକୁଳ ଦାସ କର୍ତ୍ତା ଆସନ ମଣ୍ଡନ କରିଥିଲେ। ଗୋଡିପଲ୍ଲୀ ଗ୍ରାମର ସମସ୍ତ ଗ୍ରାମବାସୀ ଓ ବଜାର କମିଟିର ସଦସ୍ୟମାନେ ପୂଜାକାର୍ଯ୍ୟରେ ସହଯୋଗ କରିଥିବାବେଳେ ସୋମବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ୧୦ ତାରିଖ ଶୁକ୍ରବାର ଅନ୍ନକୂଟ ପରେ ମୃଣ୍ମୟୀ ପ୍ରତିମାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବବୋଲି ପୂଜାକମିଟି ସଭାପତି ଭଜକୃଷ୍ଣ ସାହୁ ଓ ସମ୍ପାଦକ ବେଣୁଧର ବେହେରା ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ସ୍ଥାନୀୟ ସରପଞ୍ଚ ସସ୍ମିତା ପାତ୍ର ଓ ସମାଜସେବୀ



କୈଳାଶ ପାତ୍ର ପହଞ୍ଚି ମା'ଙ୍କ ଆଶୀର୍ବାଦ ଗ୍ରହଣ କରିବା ସହିତ ପୂଜାକମିଟିର ସଦସ୍ୟମାନଙ୍କୁ ଉତ୍ସାହିତ କରିଥିବା ଜଣାପଡ଼ିଛି।

# କଲେଜଛକରେ ଗଜଲକ୍ଷ୍ମୀ ପୂଜା




**ଅସ୍ତରଙ୍ଗ,୭।୧୦/ଏନ୍‌ଏନ୍‌ଏସ୍:** କାକଟପୁର କଲେଜ ଛକ ବ୍ୟବସାୟୀ ସଙ୍ଘ ତରଫରୁ ୨୩ତମ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ବ୍ୟବସାୟୀ ସଙ୍ଘ ସଭାପତି ରାଜକିଶୋର ମଲ୍ଲିକ, ସମ୍ପାଦକ ଦୀପକ ଶତପଥି, ବିଶ୍ୱଜିତ ଦାଶ, ବାସୁଦେବ ମିଶ୍ର, ଅଭୟ ମହାନ୍ତି, ଭରତ ମହାନ୍ତି, ପ୍ରଭାତ ସ୍ୱାଇଁ, ଲୁଲୁ ଦାଶ, ଟୁକୁନା ଭାଇ, ପତୁ ଭାଇ, ହାପି, ଲୁନା, କିଶୋର କୁମାର, ବାବୁ ଭାଇ ପ୍ରମୁଖ ବ୍ୟବସାୟୀମାନଙ୍କ ସହଯୋଗରେ ପୂଜା ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବେ ଭାସ୍କର କୁମାର ଯୋଗଦେଇ ପୂଜା କାର୍ଯ୍ୟ ନିର୍ବାହ କରିଥିଲେ।

# ବଳଙ୍ଗା ବଜାରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

**ବଳଙ୍ଗା,୭।୧୦/ଏନ୍‌ଏନ୍‌ଏସ୍:** ଆଜି ଅପରାହ୍ନ ୫ ଘଟିକା ସମୟରେ ,ଲଙ୍ଗା ବଜାରରେ ହଠାତ୍ ଦେଖିବାକୁ ମିଳିଥିଲା ପ୍ରଶାସନ ତରଫରୁ ପୁଲିସର ଫ୍ଲାଗ ମାର୍ଚ୍ଚ। ସୂଚନା ମୁତାବକ ଚଳିତ ବର୍ଷ ଦୁର୍ଗାପୂଜା ଭସାଣୀକୁ ନେଇ କଟକ ସହରରେ ସୃଷ୍ଟି ହୋଇଥିବା ଗଣ୍ଡଗୋଳ ଓ ଅପ୍ରୀତିକର ପରିସ୍ଥିତିକୁ ଆଖି ଆଗରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ବଳଙ୍ଗା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୁରୀ ଜିଲ୍ଲା ଅତିରିକ୍ତ ଅଧିକାରୀ ସଚ୍ଚିନ ପାଇଲଟ, ପିପିଲି ଡିଏସପି ଦେବାଶିଷ ମିଶ୍ର, ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ବଳଙ୍ଗା ଥାନାଠାରୁ ବଜାର ଓ ଜଳସମ୍ପଦ କାର୍ଯ୍ୟାଳୟ ଏବଂ ପଣସଗଡ଼ ବାଙ୍କ ଦେଇ ଫ୍ଲାଗ୍ ମାର୍ଚ୍ଚ କରିଥିବା ଦେଖିବାକୁ ମିଳିଥିଲା।

# କୁମାରପୂର୍ଣ୍ଣିମାରେ ଚକ୍ରରାଜ ସୁଦର୍ଶନଙ୍କ ଚାରି ଆଶ୍ରମ ବିଜେ



**କଣ୍ଟିଲୋ,୭।୧୦/ଏନ୍‌ଏନ୍‌ଏସ୍:** ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ଆଜି କୁମାର ପୂର୍ଣ୍ଣିମାରେ ଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ପ୍ରଭୁ ଶ୍ରୀନୀଳମାଧବ ଜିଉ ବିଜେ କଣ୍ଟିଲୋଙ୍କ ସନ୍ଧ୍ୟା ଆଳତି କରାଯାଇଥିଲା। ପରେ ପ୍ରଭୁ ସୁଦର୍ଶନ ଚକ୍ରରାଜ ବେଶ ହୋଇ ସୁସଜ୍ଜିତ ମଣି ବିମାନରେ ଚାରି ଆଶ୍ରମ ଯଥା ଡେରାସାହି କପିଳେଶ୍ୱର ମହାଦେବ, ଥୋଡିଆ ସାହି କୃଷ୍ଟେଶ୍ୱର ମହାଦେବ, ବାପୁଜୀ ନଗର ବଟେଶ୍ୱର୍ ମହାଦେବ ଓ କଣ୍ଟିଲୋ ରଘୁନାଥ ଜିଉଙ୍କ ଆଶ୍ରମକୁ ଯାଇ ସେହି ସ୍ଥାନ ମାନଙ୍କରେ ଶୀତଳ ଭୋଗ ଓ ମଣୋହି ହୋଇ ଶ୍ରୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୁରାଣ ବର୍ଣ୍ଣିତ ଓ ଲୋକକଥାରେ ଅଛି ରାଜ୍ୟ ତଥା ଗ୍ରାମାଞ୍ଚଳରେ ହଇଜା ବାଡିରୁ ସମସ୍ତ ଜୀବଜଗତର ସୁରକ୍ଷା ପାଇଁ ମହାପ୍ରଭୁଙ୍କ ସୁଦର୍ଶନ ଚକ୍ର ବୁଲନ୍ତି। ଚାରି ଆଶ୍ରମ ବୁଲି ସୁଦର୍ଶନ ଶ୍ରୀମନ୍ଦିରକୁ ଫେରିବା ପରେ ସନ୍ଧ୍ୟା ଧୂପ ବଢ଼େ। ଏହାପରେ ମହାପ୍ରଭୁ ଓ ମା' ମହାଲକ୍ଷ୍ମୀଙ୍କ ମଧ୍ୟରେ ରୂପା କଉଡ଼ିରେ ଖେଳ ହୁଏ ଏବଂ ମାଆ ମହାଲକ୍ଷ୍ମୀଙ୍କ ପାଖରେ ମହାପ୍ରଭୁ ହାରିବାର ପୁରାଣରେ ବର୍ଣ୍ଣିତ ଅଛି।

# ଯାଁଳା କପ୍ କ୍ୱାର୍ଟର୍‌ରେ କଲ୍ୟାଣପୁର ଓ ଗୁରୁଜଙ୍ଗ

**ମୁଣ୍ଡମୁହାଣ,୭।୧୦/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଯାଁଳା କପ୍‌ରେ ଆଜି ପଞ୍ଚମ ଲିଗ୍ ମ୍ୟାଚ୍‌ରେ ପାଇକତିଗିରିଆକୁ ୧୯ ରନ୍‌ରେ ହରାଇ କଲ୍ୟାଣପୁର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କଲ୍ୟାଣପୁର ଦଳର ପ୍ରାଣବନ୍ଧୁ ସାମନ୍ତରାୟ ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ଷଷ୍ଠ ଲିଗ୍ ମ୍ୟାଚ୍‌ରେ ଗଙ୍ଗପଡାକୁ ୪ଉଇକେଟରେ ହରାଇ ଗୁରୁଜଙ୍ଗ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗଙ୍ଗପଡା ଦଳର ରଶ୍ମିରଞ୍ଜନ ଜେନା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦୀପକ ହରିଚନ୍ଦନ, ଅନିଲ ପରିଡା ଓ ଯଶୋବନ୍ତ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ।

# ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟରେ 'ସ୍କୁଲ୍ ଅଫ୍ ମେରିଟାଇମ୍ ଷ୍ଟଡିଜ୍' ଉଦ୍‌ଘାଟିତ

**ଜଟଣୀ,୭।୧୦/ଏନ୍‌ଏନ୍‌ଏସ୍:** ଭାରତର ଅଗ୍ରଗାମୀ ବେସରକାରୀ ଅନୁଷ୍ଠାନ ଦକ୍ଷତା ବିଶ୍ୱବିଦ୍ୟାଳୟ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ନିଜର ଦକ୍ଷତା ଓ ନବୀନତା ଯାତ୍ରାରେ ଆଉ ଗୋଟିଏ ପାଦ ଆଗେଇ ଜଟଣୀ କ୍ୟାମ୍ପସରେ ସ୍କୁଲ୍ ଅଫ୍ ମେରିଟାଇମ୍ ଷ୍ଟଡିଜ୍‌ର ସ୍ଥାପନ କରିଛି। ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ବିଭାଗ ଏବଂ ଶିକ୍ଷା ରାଜ୍ୟମନ୍ତ୍ରୀ ଜୟନ୍ତ ଚୌଧୁରୀ ଏହି ସ୍କୁଲ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ଶ୍ରୀ ଚୌଧୁରୀ କହିଛନ୍ତି, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ସମଗ୍ର ଭାବରେ ଅସାଧାରଣ କାର୍ଯ୍ୟ କରିଛି। ବିଶ୍ୱବିଦ୍ୟାଳୟର ନେତୃତ୍ୱ, ଦକ୍ଷତା ଆଧାରିତ ଶିକ୍ଷାକୁ ପ୍ରାୟୋଗିକ ଭାବରେ ଏକତ୍ରିକରଣ କରିବାରେ ଗଭୀର ପ୍ରତିବଦ୍ଧ। ବିଶ୍ୱବିଦ୍ୟାଳୟର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କୁ ପ୍ରାୟୋଗିକ, ଶିଳ୍ପମୁଖୀ ଦକ୍ଷତା ସହିତ ସଜ୍ଜ କରିବା, ଯାହା ତାଙ୍କୁ କେବଳ ପ୍ରମାଣପତ୍ର ଓ ଡିପ୍ଲୋମା ନୁହେଁ, ଦୃଢ ଓ ସ୍ଥାୟୀ ଚାକିରି ଅବସର ଦେବା ବୋଲି କହିଥିଲେ। ନବ ଉଦ୍ଘାଟିତ ସେଣ୍ଟର ଫର୍ ମେରିଟାଇମ୍ ଷ୍ଟଡିଜ୍,




ଯାହାର କ୍ଷମତା ୧,୨୦୦ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ପାଇଁ, ଏଠାରେ ମେରିଟାଇମ୍ ଲଜିଷ୍ଟିକ୍ସ, ପୋର୍ଟ ଅପରେସନ୍ସ, ଶିପ୍‌ବିଲ୍ଡିଂ, ଶିପ୍ ରିପେୟାର ଓ ଏଲେଞ୍ଜି ଟର୍ମିନାଲ୍ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ପ୍ରଦାନ କରାଯିବ। ମେରିଟାଇମ୍ କ୍ଷେତ୍ରର ବୃହତ ସମ୍ଭାବନା ବିଷୟରେ ଶ୍ରୀ ଚୌଧୁରୀ କହିଛନ୍ତି, ଭାରତ ସରକାରଙ୍କ ପକ୍ଷରୁ ମୁଖ୍ୟବନ୍ଦର ଓ ଇନ୍‌ଲ୍ୟାଣ୍ଡ ୱାଟର୍‌ୱେ ବିକାଶ ପଦକ୍ଷେପ ଫଳରେ ଏହି କ୍ଷେତ୍ର ଦ୍ରୁତବିକାଶ ଅଭିମୁଖୀ ହେଉଛି। ସେ ଓଡ଼ିଶାର ସମୃଦ୍ଧ ନୌ-ବାଣିଜ୍ୟର ଐତିହ୍ୟକୁ ସ୍ମରଣକରି ରାଜ୍ୟର ଯୁବ ସମାଜକୁ ଏହି କ୍ଷେତ୍ର ସହ ଜଡିତ ହେବା ଓ ଦେଶର ଉନ୍ନତିରେ ଅଂଶ ନେବାକୁ ଆହ୍ୱାନ କରିଛନ୍ତି। ଉଦ୍ଘାଟନ ସମାରୋହରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ଭାଇସ୍ ଚାନ୍‌ସେଲର୍, ପ୍ରଫେସର ମୁକ୍ତି ମିଶ୍ର, ପ୍ରେସିଡେଣ୍ଟ, ପ୍ରଫେସର ଡ. ଅଜୟ କୁମାର ନାୟକ, ପ୍ରୋ ଭାଇସ୍ ଚାନ୍‌ସେଲର (ଆଡ୍‌ମିନିଷ୍ଟ୍ରେସନ୍)ଙ୍କ ସହ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ମାନେ ଉପସ୍ଥିତ ଥିଲେ।

# ଅନ୍ଧାର, ଅଲୋଡ଼ା ଅବସ୍ଥାରେ ପଞ୍ଚସଖା ସ୍ମୃତି ସମାଧି ପୀଠ

**ସାକ୍ଷୀଗୋପାଳ,୭।୧୦/ଏନ୍ଏନ୍ଏସ୍:** ସତ୍ୟବାଦୀ ସ୍ଥିତ ବସ ଷ୍ଟାଣ୍ଡ ନିକଟବର୍ତ୍ତୀ ଥିବା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସ୍ଥଳ ଆଜି ବି ଅନ୍ଧାରରେ ରହିଛି । ନା ଅଛି ବିଦ୍ୟୁତ ବଲ୍ ନା ସୋଲାର ସିଷ୍ଟମ ଅଛି, କେବଳ ଅନ୍ଧାର ହିଁ ଅନ୍ଧାର । ଏଠାରେ ସୂଚନାଯୋଗ୍ୟ ଯେ, ନୂତନ ୩୧୬ ନମ୍ବର ଜାତୀୟ ରାଜପଥ କାର୍ଯ୍ୟ ହେବାବେଳେ ଏହି ପଞ୍ଚସଖାଙ୍କ ମୂର୍ତ୍ତିକୁ ସ୍ଥାନାନ୍ତର କରାଯାଇଥିଲା ଓଭର ବ୍ରିଜ ତଳକୁ । କିନ୍ତୁ ଦୁଃଖ ଆଉ ପରିତାପର ବିଷୟ ଏହିକି ଯେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ।



ଶୁଣିବାକୁ ମିଳୁଛି ଏହି ସ୍ଥାନ ଏବେ ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ବ୍ଲକ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏହି ମୂର୍ତ୍ତିକୁ ସ୍ଥାନାନ୍ତର ପାଇଁ କରାଯାଇଥିଲା ପ୍ରକଳ୍ପ । କିନ୍ତୁ ନିର୍ବାଚନ ପରେ ଡବଲ ଇଞ୍ଜିନ ସରକାର ଆସିବା ପରେ ସତେ ଯେମିତି ଡବଲ ଟେବୁଲ ତଳେ ଦାବି ହୋଇ ରହିଯାଇଛି ଏହି ପ୍ରକଳ୍ପ ଫାଇଲ । ସତ୍ୟବାଦୀକୁ ଆସୁଥିବା ପର୍ଯ୍ୟଟକ ମଧ୍ୟ ଏହି ସ୍ଥାନକୁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି । ଦେଖିବାକୁ ମିଳୁଛି କୁଡ଼ କୁଡ଼ ଅଳିଆ ଏବଂ ଚାରିଆଡ଼େ ଅବକାରୀ ଜିନିଷର ଅବଶେଷ ସହିତ ମଦ ବୋତଲ । ସତ୍ୟବାଦୀ ପୁଲିସ ପକ୍ଷରୁ ବାରମ୍ବାର ଚଢ଼ାଉ କରି ନିଶା ବେପାରୀଙ୍କୁ ଧରାଯାଉଥିବାରୁ ଦିନ ବେଳେ ଏଠାରେ ଶାନ୍ତ ପରିବେଶ ରାହୁଥିଲେ ମଧ୍ୟ ରାତ୍ରିର ଅନ୍ଧାରରେ ଚାଲୁଛି ନିଶା କାରବାର । ଦେଖିବାକୁ ମିଳେ ପ୍ରତିବର୍ଷ ପଞ୍ଚସଖାଙ୍କ ଜନ୍ମଦିନ ହେଉ କିମ୍ବା ଶ୍ରାଦ୍ଧଦିବସ ଦୀପ ଦାନ ଓ ବିଭିନ୍ନ କାର୍ଯ୍ୟ ପାଇଁ ଆସିଥାନ୍ତି ବିଭିନ୍ନ ରାଜନୈତିକ ଦଳ ଓ ସମାଜସେବୀ । କିନ୍ତୁ ଦିନରେ ଆସି କାମସାରି ଯାଉଥିବାରୁ ସେମାନଙ୍କୁ ବି ବୋଧ ହୁଏ ଜଣାପଡ଼େନି ଅନ୍ଧାର ରାତିର କଳା କାରନାମା ସମ୍ପର୍କରେ । ସରକାରଙ୍କ ବିଜୁଳି ଯୋଜନା ଏବଂ ସୋଲାର ଯୋଜନାରେ ଜନତା ଲାଭ ଉଠାଉଥିବା ବେଳେ ଏଠି ପର୍ଯ୍ୟଟନସ୍ଥଳ ପାଲଟିଥିବା ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସ୍ଥଳ ପାଇଁ ଏତେ କୋହଳ ମନୋଭାବ କ'ଣ ପାଇଁ ତାହା ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଦେଖିବାକୁ ବାକି ରହିଲା ଏ ବର୍ଷ ଗୋପ ଜୟନ୍ତୀ ପାଳନରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ କେତେ ଦଳର ନେତା ଆସୁଛନ୍ତି ଓ କେତେ ଭାଷଣ ଦେଇ ପୁଣି କେତେଦିନ ପାଇଁ ଭୁଲିଯାଉଛନ୍ତି ସତ୍ୟବାଦୀ ମାଟିର ଏହି ଗୌରବକୁ ।

## ସାମ୍ବାଦିକ ଚକ୍ରବର୍ତ୍ତୀ ଓତାଙ୍କ ପରଲୋକ



**ଫୁଲନଖରା,୭।୧୦/ଏନ୍ଏନ୍ଏସ୍:** କଟକ ସଦର କନ୍ଦରପୁର ଅଞ୍ଚଳର ଜଣାଶୁଣା ସମାଜସେବୀ ତଥା ସାଂସ୍କୃତିକ ତଥା ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ କନ୍ଦରପୁର ସଂଯୋଜକ ସାମ୍ବାଦିକ ଚକ୍ରବର୍ତ୍ତୀ ଓତା(୪୯)ଙ୍କ ହୃଦ୍‌ଘାତରେ ବିୟୋଗ ଘଟିଛି । ପୁତ୍ର ଶଶିକାନ୍ତ ଓତା ମୁଖାଗ୍ନି ଦେଇଥିଲେ । ସ୍ୱର୍ଗଦ୍ୱାର ପୁରୀରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ପ୍ରତିଭା ବିକାଶ ପ୍ରତିଷ୍ଠାନ ସଭାପତି ଇଂ.ଅଶୋକ ବିଶ୍ୱାଳ, ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ(ବିସିଟି) ସମ୍ପାଦକ ଇଂ. ବିମଳ ଚନ୍ଦ୍ର ଦାସ, ସରସ୍ୱତୀ କଳାପରିଷଦ ସଭାପତି ପ୍ରତିଭା ଶତପଥୀ, ସମ୍ପାଦକ ନାଟ୍ୟକାର ଅଶୋକ ପଟ୍ଟନାୟକ, ରାଜନେତା ହୃଷିକେଶ ଜେନା, ପ୍ରଧାପକ ପ୍ରଫୁଲ ଦାସ, ପ୍ରାଧ୍ୟାପକ କଲିମୁଲ୍ଲା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦିପ୍ତ ମହାଲି, ସମାଜସେବୀ ଅଭୟ ସ୍ୱାଇଁ, ପ୍ରଲୋପ ନାରାୟଣ ମହାପାତ୍ର, ଇଂ. ଅମୀୟ ପଟ୍ଟନାୟକ, ଇଂ. ସେବକ ଶ୍ରୀକାନ୍ତ, ଇଂ. ସୁରଜ ବେହେରା, ପପିନା ବେହେରା, ପ୍ରିୟଂଶି ସାହୁ, ହରପ୍ରିୟା ହାତୀ, ଆଶିଷ ବାଡ଼ି, ସ୍ଥାନୀୟ ବାସିନ୍ଦା, କନ୍ଦରପୁର ବଜାରର ସମସ୍ତ ବ୍ୟବସାୟୀ, ଆତ୍ମୀୟ ସ୍ୱଜନ ଓ ପରିଷଦ ବର୍ଗ ଶେଷ ଦର୍ଶନ କରିଥିଲେ । ନିଃସ୍ୱାର୍ଥପର ଜନସେବକ ଦିବଂଗତ ଓତା ଜଣେ ମହାନ୍ ଆଦର୍ଶ ତଥା ଧର୍ମପାରାୟଣ ବ୍ୟକ୍ତିତ୍ୱ ଥିଲେ ।

## ତୁଳସୀପୁର କୁମାର ଉତ୍ସବରେ କଣ୍ଢେଇ ବିବାହ

**ଚାରିଛକ,୭।୧୦/ଏନ୍ଏନ୍ଏସ୍:** ନିମାପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତ ସୁଧବାରିମୂଳ ଗ୍ରାମରେ ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ଉତ୍କଳୀୟ ପୁରାତନ ପରମ୍ପରା ନିଛକ ଗ୍ରାମାଞ୍ଚଳର ହଜିଯାଉଥିବା କଣ୍ଢେଇ ବାହାଘର ବଡ଼ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତବର୍ଷ କୁମାର ପୂର୍ଣ୍ଣିମାରେ କଣ୍ଢେଇ ବିବାହ ଅନୁଷ୍ଠିତ ହୋଇଯାଇଛି ।

ଏହି ଗ୍ରାମରେ ପ୍ରାୟ ଗତ ୨୦ ବର୍ଷରୁ ଅଧିକ ହେବ କୁମାରପୂର୍ଣ୍ଣିମାରେ କଣ୍ଢେଇ ବାହାଘର ପାଳିତ ହୋଇଆସୁଛି । ଓଡ଼ିଆ ଘରର ରୀତି ନୀତି ଅନୁସାରେ ଦୁଇଟି ଝିଅ ବର ଓ କନ୍ୟା ବେଶ ସାଜିଥିଲେ । ବରପକ୍ଷ ବାଜା, ବାଣ ଓ ରୋଷଣୀକରି ବରଯାତ୍ରୀ ଧରି କନ୍ୟା ଘରେ ପହଞ୍ଚିଥିଲେ । କନ୍ୟା ଘର ବରକୁ ବନ୍ଦାପନା କରି ବିବାହ ବେଦିକୁ ନେଇଥିଲେ । ପୁରୋହିତ୍ୟ ମନ୍ତ୍ର ପାଠ କରିଥିଲେ । ବିବାହରେ ଦିଅଁମଙ୍ଗୁଳା, ହସ୍ତଗଣ୍ଠି, ବନ୍ଦାପନା ସମସ୍ତ କର୍ମ ପରେ ବରକନ୍ୟାଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା । ଉତ୍ସବରେ ସମ୍ପୂର୍ଣ୍ଣ ଗ୍ରାମ ଉତ୍ସବ ମୁଖର ହୋଇଥିଲା । ଶେଷରେ ଭୋଜି ଭାତର ଆୟୋଜନ କରାଯାଇଥିଲା । ଲିଜା ଦାସ କନ୍ୟା ଓ ଖୁସି ଦାସ ବର ସାଜିଥିବା ବେଳେ ବିଶ୍ୱଜିତ ସାହୁ ପୁରୋହିତ ସାଜି ଏହି ବିବାହ ସମାପନ କରିଥିଲେ ।



## ଜିଲ୍ଲାପାଳ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ସ୍ଥାୟୀ ବିଜୁଳି ସେବା ଦାବିକଲେ ଜନପ୍ରତିନିଧି

**ଓଡ଼ଗାଁ,୭।୧୦/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପଞ୍ଚିରିଡ଼ା ମାନପୁର ଓ ଗୋଡ଼ିପଲ୍ଲୀ ପଞ୍ଚାୟତର ଜନପ୍ରତିନିଧି ସହିତ ଶହଶହ ଲୋକେ ବିଦ୍ୟୁତ୍ କାଟର ପ୍ରତିବାଦକରି ଜିଲ୍ଲାପାଳ ଓ ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ସ୍ଥାୟୀ ବିଜୁଳି ସେବା ଯୋଗାଇବାକୁ ଦାବି କରିଛନ୍ତି । ଶରଣକୁଳ ସବ୍ ଷ୍ଟେସନ ଉପରେ ହଜାର ହଜାର ଗ୍ରାହକ ନିର୍ଭର କରୁଥିଲେ ମଧ୍ୟ ଯନ୍ତ୍ରୀଙ୍କ ଖାମଖିଅଲ ନୀତି ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ଷ ସାରା ଲାଇନ୍ କଟିବା ଯୋଗୁ ଲୋକମାନଙ୍କ ଜୀବିକାରେ ବାଧା ସୃଷ୍ଟି ହେଉଛି । ଲାଇନ୍ କଟିଲେ କର୍ମଚାରୀ ନିଜ ନିଜର ଫୋନ୍ ସ୍ୱିଚ୍ ଅଫ୍ କରି ଅଚିନ୍ତାରେ ରହୁଛନ୍ତି । ବିଜୁଳି ଯନ୍ତ୍ରଣାରେ ଛାତ୍ରଛାତ୍ରୀଙ୍କ ପାଠପଢା, ରୋଗୀଙ୍କ ଚିକିତ୍ସାରେ ବ୍ୟାଘାତ ସୃଷ୍ଟି ହେଉଥିବାବେଳେ ସରକାରୀ ଅଫିସ ବାଧାପ୍ରାପ୍ତ ହେଉଛି । ଏପଟେ ବିଦ୍ୟୁତ୍ କର୍ମଚାରୀମାନେ ଲାଇନ୍ ସଜାଡ଼ିବା ପରିବର୍ତ୍ତେ ମଦ୍ୟପାନ କରି ବୁଲୁଥିବା ଜନପ୍ରତିନିଧି ଅଭିଯୋଗରେ ଦର୍ଶାଇଛନ୍ତି । ହଜାର ହଜାର ଗ୍ରାହକ ବିଜୁଳି ଉପରେ ନିର୍ଭର କରୁଥିଲେ ମଧ୍ୟ କର୍ମଚାରୀଙ୍କ ଅପାରଗତା ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି । ଦିନକୁ ବାରମ୍ବାର ବିଜୁଳି କଟିବା ଓ ୧୮ରୁ ୨୦ଘଣ୍ଟା ଲାଇନ୍ ଆସୁନଥିବାରୁ ଲୋକେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନି ଦେଇଛନ୍ତି ।ବିଦ୍ୟୁତ୍ କାଟହେଲେ ୩୩ କେଭି ଉପରେ ଦୋଷ ଦେଇ ଚୁପ୍ ରହୁଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ଅତିଷ୍ଠ ହୋଇ ପଞ୍ଚିରିଡ଼ା ମାନପୁର ଓ ଗୋଡ଼ିପଲ୍ଲୀ ପଞ୍ଚାୟତର ଶହଶହ ଉପଭୋକ୍ତା ଜିଲ୍ଲାପାଳ ଓ ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ମଦ୍ୟପ କର୍ମଚାରୀଙ୍କୁ ହଟାଇବା ସହିତ ସ୍ଥାୟୀ ବିଦ୍ୟୁତ୍ ଯୋଗାଣ କରିବାକୁ ଦାବି କରିଛନ୍ତି । ଯଦି ଏଥିରେ ଟାଳଟୁଳ ନିତି ଆପଣାଯାଏ ତେବେ ଲୋକେ ରାସ୍ତାକୁ ଓହ୍ଲାଉଇବେ ବୋଲି କହିଛନ୍ତି । ଏହାସହିତ ନୂତନ ଗ୍ରୀଡ଼ ନିର୍ମାଣ କରାଯାଇ ଗ୍ରାହକଙ୍କୁ ବିଜୁଳି ଯୋଗାଣ କରାଯାଉ ବୋଲି ଦାବି କରିଛନ୍ତି ।

## ୭୧ତମ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

**ନୟାଗଡ଼,୭।୧୦/ଏନ୍ଏନ୍ଏସ୍:** ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ନୟାଗଡ଼ ବନଖଣ୍ଡଙ୍କ ମିଳିତ ଆନୁକୂଲ୍ୟରେ ୭୧ତମ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ-୨୦୨୫ ପିଟିଏସସ୍ଥିତ ଜଙ୍ଗଲ ସୁରକ୍ଷା ଶିବିରର ସଭାଗୃହରେ ପାଳିତ ହୋଇଛି । ଏଥିରେ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲାବେଳେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ । ଅମରେଶନାଥ ପ୍ରଧାନ, ବନଖଣ୍ଡ ଅଧିକାରୀ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସଭାରେ ସଭାପତିତ୍ୱ କରିଥିଲେ । ସୁବାଷ ଚନ୍ଦ୍ର ପଣ୍ଡା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ,ସୁଶୀଲ ଦତ୍ତ, ସମ୍ମାନିତ ଅତିଥି ? ଏବଂ ବିଶେଷ ବକ୍ତା ଓ ପ୍ରାଣୀବିତ୍ ପ୍ରଫେସର ଡଃ. ଅରୁଣ କୁମାର ମିଶ୍ର, ଡଃ. ଛାୟାକାନ୍ତ ମିଶ୍ର ଓ ଉଭୟ ବନଖଣ୍ଡର ସହକାରୀ ବନ ସଂରକ୍ଷକ, ଅଧିକାରୀ ବନାଞ୍ଚଳ କର୍ମଚାରୀ ଏବଂ କ୍ଷେତ୍ର ଉପସ୍ଥିତ ଥିଲେ । ବନ କର୍ମଚାରୀଙ୍କ ଦ୍ୱାରା ଏକ ବନ୍ୟପ୍ରାଣୀ ସଚେତନତା ଶୋଭାଯାତ୍ରା ମା' ଦକ୍ଷିଣ କାଳୀ ମନ୍ଦିର ନିକଟରୁ ବାହାରି ନୟାଗଡ଼ ବନଖଣ୍ଡ, ଟ୍ରାଫିକ୍ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ ବନ ବିଭାଗର କ୍ଷେତ୍ର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପଞ୍ଚାୟତରେ ବିଜେପିର ସାଂଗଠନିକ ବୈଠକ

**ଓଡ଼ଗାଁ,୭।୧୦/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଡ଼ିମିଶର ଗ୍ରାମ ପଞ୍ଚାୟତରେ ବିଜେପିର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ମଜବୁତ କରିବାପାଇଁ ଯୁବନେତା ହୃଷିକେଶ ବିଶୋଇ ଓ ପୂର୍ବତନ ସମିତିସଭ୍ୟ ଶରତ ଚନ୍ଦ୍ର ସେନାପତିଙ୍କ ଉଦ୍ୟମରେ ପଞ୍ଚାୟତସ୍ତରୀୟ ମିଶ୍ରଣ ପର୍ବରେ ବିଜେଡ଼ି ଛାଡ଼ି କର୍ମୀମାନେ ବିଜେପି ଦଳରେ ଯୋଗଦେଇଥିଲେ । ଏହି ମିଶ୍ରଣ ପର୍ବରେ ଶକ୍ତିକେନ୍ଦ୍ର ପ୍ରମୁଖ ମଧୁସୂଦନ ଦଳବେହେରା ଓ ବିଜେପି ଦଳର ପରିଚାଳନା ସଭାପତି ବୈଦ୍ୟନାଥ ନାୟକ ଆଗ୍ରହି କର୍ମିମାନଙ୍କୁ ଦଳିୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ସଂସାରୀ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ବିଶୋଇ, ରଙ୍କନିଧି ବିଶ୍ୱାଳ, ଜଡ଼ା ବିଶୋଇ, କୁମର ସାହୁ, ଲଳିଙ୍ଗରାଜ ବିଶୋଇ, ଗୋବିନ୍ଦ ସେଠୀ ଆଦି ୧୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେପି ଦଳରେ ସାମିଲ ହୋଇଥିବା ବେଳେ ବୈଠକରେ ୫ଶହରୁ ଅଧିକ କର୍ମୀ ଯୋଗଦେଇ ଦଳକୁ ବଜବୁତ କରିବାକୁ ସଂକଳ୍ପ ନେଇଥିଲେ ।

## ତିରୁଣାରୁ ବଉଲାଙ୍ଗ ରାସ୍ତା ମରାମତି ଦାବି

**ନୟାହାଟ,୭।୧୦/ଏନ୍ଏନ୍ଏସ୍:** ଗ୍ରାମଉନ୍ନୟନ ଅଧୀନରେ ଥିବା ବଉଲାଙ୍ଗରୁ ତିରୁଣା ପ୍ରାୟ ୩କିମି ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି । ଉକ୍ତ ରାସ୍ତା ଉପରେ ସୋରଭା, ବଉଲାଙ୍ଗ ଦୁଇଟି ପଞ୍ଚାୟତର ପ୍ରାୟ ୨୦ହଜାର ଜନସାଧାରଣ ଯାତାୟତ ପାଇଁ ନିର୍ଭର କରନ୍ତି । ଉକ୍ତ ରାସ୍ତା ଦେଇ ପୁରୀ କୋଣାର୍କ ଓ କାଳିଆ ଗାଦି ମଠକୁ ଦୈନିକ ଯାନବାହାନ ଯାତାୟାତ କରୁଥିବା ବେଳେ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ହୋଇ ବର୍ଷା ପାଣି ଜମିରହୁଛି । ଦୁଇ ଚକିଆ ଓ ଚାରି ଚକିଆ ଯାନ ଖାଲରେ ଗଳି ପଡ଼ିବା ଫଳରେ ଉଠିବା ଭାରି କଷ୍ଟ ହେଉଛି । ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଭିନ୍ନ ସମୟରେ ରାତିରେ ସାଇକେଲ ଆରୋହୀ ଖାଲରେ ପଡ଼ି ଆହତ ହେଉଛନ୍ତି । ରାସ୍ତା ମରାମତି ପାଇଁ ପଞ୍ଚେଣା ଗ୍ରାମର ପ୍ରଭାକର ପାତ୍ର ଶୋରଭା ପଞ୍ଚାୟତର ପୂର୍ବତନ ସରପଞ୍ଚ ବାବୁଲାଲ ସ୍ୱାଇଁ ଓ ବଉଲାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର ରାସ୍ତା ମରାମତି ପାଇଁ ଦାବି କରିଛନ୍ତି ।

## ଧାଡ଼ି ଜଙ୍ଗଲରୁ ପଥର ବୋଝେଇ ଟ୍ରାକ୍ଟର ଜବତ




**ଓଡ଼ଗାଁ,୭।୧୦/ଏନ୍ଏନ୍ଏସ୍:** ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କାଣିପଡ଼ା ନିକଟସ୍ଥ ଧାଡ଼ି ଜଙ୍ଗଲରୁ ଏକ ପଥର ବୋଝେଇ ଟ୍ରାକ୍ଟରକୁ ବନ କର୍ମଚାରୀମାନେ ଜବତ କରିଛନ୍ତି । ବେଆଇନ ପଥର ଚାଲାଣରେ ସଂପୃକ୍ତ ଥିବା ଦୁଇ ଭାଇଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି ।ସୂଚନା ଅନୁଯାୟୀ ମଙ୍ଗଳବାର ସକାଳୁ ସଂରକ୍ଷିତ ଧାଡ଼ି ଜଙ୍ଗଲ ମଧ୍ୟରେ ଏକ ସୋନାଲିକା ଟ୍ରାକ୍ଟର ଗାଡ଼ିନଂ ଓଡ଼ି୨୫ବି ୧୭୬୯ ଓ ଡ଼ାଲା ନଂ ଓଡ଼ି୨୫ ବି ୧୭୭୦ ପଶି ପଥର ଲୋଡ଼ କରୁଥିଲା । କୌଣସି ସୂତ୍ରରୁ ଖବରପାଇ ଓଡ଼ଗାଁ ରେଞ୍ଜର ଅଭିମନ୍ୟୁ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରକୁ ଜବତ କରିବା ସହିତ ବାଉଁଶଗାଡିଆ ନିକଟ ମଦନଗାଡ଼ିଆ ଗ୍ରାମର ଦୁଇଭାଇ ରମେଶ ପ୍ରଧାନ ଓ ମାନସ ପ୍ରଧାନଙ୍କୁ ଗିରଫ କରିଥିଲେ । ଟ୍ରାକ୍ଟରକୁ ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଥିବା ବେଳେ ଦୁଇଜଣଙ୍କୁ ସଂରକ୍ଷିତ ଜଙ୍ଗଲରୁ ବେଆଇନ ପଥର ଚାଲାଣ ଅଭିଯୋଗରେ ଏକ ମାମଲା ରଜୁକରି କୋର୍ଟଚାଲାଣ କରାଯାଇଛି । ଏହି ଚଢଉରେ ଓଡ଼ଗାଁ ଫରେଷ୍ଟର ସରିତା ବରାଳ, ଗାର୍ଡ଼ ସୌମ୍ୟ ରଞ୍ଜନ ଦଳେଇ, ପ୍ରୋଟେକ୍ସନ ସ୍ୱାର୍ଡ଼ ବିନୟ ରଞ୍ଜନ ମିଶ୍ର ଓ ରବି ନାରାୟଣ ସାହୁ ସାମିଲ ଥିବା ଜଣାପଡ଼ିଛି ।

**AFFIDAVIT**

By virtue of an affidavit sworn before the Executive Magistrate, Soro, Balasore, dtd. 19.09.2025. I, FARJANA BIBI, W/o - Nejam Saha, resident of At - Adanga, Po/Ps- Soro, Dist- Balasore, Odisha, Pin-756045 do hereby declare that my minor daughter name have changed from Noor Afsha (Old name) to Noorjahan Afsari (New name). Henceforth, she shall be known as **Noorjahan Afsari** for all future purposes.

**AFFIDAVIT**

By virtue of an affidavit sworn before the executive magistrate Anandapur , CFN2794/6/9/2025 I undersigned Nrusingha Charana Jena, S/o Late Baidhar Jena At- Bhatisira, Po- Salapada, Ps- Ghasipura, Dist- Keonjhar, Pin-758020 Orissa declared that I have changed my name from Nrusingha Charana Jena (old name) to Narasingha Jena (New name). Henceforth, I shall be known as **Narasingha Jena** for all purpose.

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

ଟେଣ୍ଡର ନୋଟିସ୍ ନଂ.: MECHCKP-25-26-15, dated 03.10.2025, ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ କାର୍ଯ୍ୟ କରୁଥିବା Divisional Railway Manager (Mechanical), Chakradharpur, S.E Railway ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର କାର୍ଯ୍ୟ ପାଇଁ ମାନୁଆଲ ମୋଡ୍ ଯୋଗେ କରାଯାଇଥିବା ଆବେଦନଗୁଡ଼ିକ ଗ୍ରହଣୀୟ ନୁହେଁ, ଏପ୍ରକାର ହସ୍ତଗତ ହୋଇଥିବା ଆବେଦନଗୁଡ଼ିକୁ ଅଗ୍ରାହ୍ୟ କରାଯିବ । **କାର୍ଯ୍ୟ ବିବରଣୀ:** ଫଳାଫଳ ଆଧାରରେ ତିନି ବର୍ଷ ପାଇଁ ରାଉରକେଲା ରେଳ ଷ୍ଟେସନର ଯାନ୍ତ୍ରିକ ସଫେଇ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ୬,୪୬,୪୧,୭୪୦.୨୪/-, **ବିଡ୍ ସିକ୍ୟୁରିଟି:** ୪,୭୩,୨୦୦/-, **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ୧୦,୦୦୦/-, **ଟେଣ୍ଡର ଖୋଲିବା ସ୍ଥାନ:** ସିନିଅର ଡିଭିଜନାଲ୍ ମେକାନିକାଲ ଇଞ୍ଜିନିୟର/ ଚକ୍ରଧରପୁର, ଦକ୍ଷିଣପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ୨୯.୧୦.୨୦୨୫, ୧୫:୦୦ ଘଟିକାରେ, ଟେଣ୍ଡର ସମ୍ପର୍କୀତ ସବିଶେଷ ତଥ୍ୟ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ରହିଛି, ଏହାକୁ ସହଜରେ ଦେଖିହେବ । ଟେଣ୍ଡର ଆବେଦନକାରୀ/ବିଡର୍ସମାନେ ନିଶ୍ଚିତ ରୂପେ କ୍ଲାସ-୩ ଡିଜିଟାଲ୍ ସିଗ୍ନେଚର ସାର୍ଟିଫିକେଟ୍ ହାସଲ କରିଥିବେ ଏବଂ ନିଶ୍ଚିତ ଭାବେ IREPS ପୋର୍ଟାଲ୍ ଅଧୀନରେ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡର ଆବେଦନକାରୀ/ବିଡର୍ସମାନେ ହିଁ ଇ-ଟେଣ୍ଡରିଂ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ । (PR-693)

भारतीय खेल प्राधिकरण
SPORTS AUTHORITY OF INDIA
भारत सरकार / GOVERNMENT OF INDIA
खेल विभाग / DEPARTMENT OF SPORTS
(An Autonomous Body under Ministry of Youth Affairs and Sports)
(युवा कार्यक्रम और खेल मंत्रालय के तहत एक स्वायत्त निकाय)
(Human Resources Division -II)

**HEAD OFFICE, GATE NO.10 (EAST GATE), JAWAHARLAL NEHRU STADIUM, LODHI ROAD, NEW DELHI-110003**

ଭାରତୀୟ କ୍ରୀଡା ପ୍ରାଧିକରଣ ନିଯୁକ୍ତି- ନିର୍ଦ୍ଦେଶକ ପଦ

ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱାୟତ୍ତ ସଂସ୍ଥା, ଭାରତୀୟ କ୍ରୀଡା ପ୍ରାଧିକରଣ (SAI) ଏହାର ମୁଖ୍ୟ କାର୍ଯ୍ୟାଳୟ, ନୂଆଦିଲ୍ଲୀ ଏବଂ ବିଭିନ୍ନ କ୍ଷେତ୍ର ୟୁନିଟ୍‌ରେ ୩ ବର୍ଷ ପାଇଁ ସ୍ୱଳ୍ପକାଳୀନ ଚୁକ୍ତି ଭିତ୍ତିକ ସହ ଡେପୁଟେସନ ଆଧାରରେ ୮ ଟି ନିର୍ଦ୍ଦେଶକ ପଦ ପାଇଁ ପେ' ମ୍ୟାଟ୍ରିକ୍ସ ସ୍ତର-୧୨ (୭୮,୮୦୦-୨,୦୯,୨୦୦)ରେ ଆବେଦନ ଆମନ୍ତ୍ରଣ କରୁଛି । ଯୋଗ୍ୟ ଅଧିକାରୀମାନେ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହ ନିର୍ଦ୍ଧାରିତ ଫର୍ମାଟ୍‌ରେ Dy. Director (Recruitment), SAI, J.N.Stadium Complex, Lodhi Road, New Delhi-110003କୁ ଆବେଦନ କରିପାରିବେ । ଆବେଦନ ଗ୍ରହଣର ଶେଷ ତାରିଖ ୧୧ ନଭେମ୍ବର, ୨୦୨୫ (ସନ୍ଧ୍ୟା ୫:୦୦ ସୁଦ୍ଧା) । ବିସ୍ତୃତ ବିଜ୍ଞାପନ, ଯୋଗ୍ୟତା ମାନଦଣ୍ଡ, ପ୍ରୋଫର୍ମା ଏବଂ ନିର୍ଦ୍ଦେଶାବଳୀ SAI ୱେବସାଇଟ୍ (www.sportsauthorityofindia.nic.in) ରେ ଉପଲବ୍ଧ ହେବ ।

cbc47103/12/0011/2526

भारतीय खेल प्राधिकरण
SPORTS AUTHORITY OF INDIA
भारत सरकार / GOVERNMENT OF INDIA
खेल विभाग / DEPARTMENT OF SPORTS
(An Autonomous Body under Ministry of Youth Affairs and Sports)
(युवा कार्यक्रम और खेल मंत्रालय के तहत एक स्वायत्त निकाय)
(Human Resources Division -II)

**HEAD OFFICE, GATE NO.10 (EAST GATE), JAWAHARLAL NEHRU STADIUM, LODHI ROAD, NEW DELHI-110003**

F.No. 01-04001(03)/8/2024- ନିଯୁକ୍ତି ପ୍ରକୋଷ୍ଠ ତା.୧୨.୦୯.୨୦୨୫

ଭାରତୀୟ କ୍ରୀଡା ପ୍ରାଧିକରଣ ନିଯୁକ୍ତି- ବରିଷ୍ଠ ଟ୍ରାନ୍ସଲେସନ୍ (ଅନୁବାଦ) ଅଧିକାରୀ

ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନସ୍ଥ ଏକ ସ୍ୱାୟତ୍ତ ସଂସ୍ଥା, ଭାରତୀୟ କ୍ରୀଡା ପ୍ରାଧିକରଣ (SAI) ଏହାର ମୁଖ୍ୟ କାର୍ଯ୍ୟାଳୟ, ନୂଆଦିଲ୍ଲୀ ଏବଂ ବିଭିନ୍ନ କ୍ଷେତ୍ର ୟୁନିଟ୍‌ରେ ୩ ବର୍ଷ ପାଇଁ ସ୍ୱଳ୍ପକାଳୀନ ଚୁକ୍ତି ଭିତ୍ତିକ ଡେପୁଟେସନ୍ ଆଧାରରେ ୩ଟି ବରିଷ୍ଠ ଅନୁବାଦକ (ଟ୍ରାନ୍ସଲେଟର) ଅଧିକାରୀ ପଦ ପାଇଁ ପେ' ମ୍ୟାଟ୍ରିକ୍ସ ସ୍ତର-୭ (୭ମ କେନ୍ଦ୍ରୀୟ ବେତନ ଆୟୋଗ) ରେ ଆବେଦନ ଆମନ୍ତ୍ରଣ କରୁଛି । ଯୋଗ୍ୟ ଅଧିକାରୀମାନେ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସହ ନିର୍ଦ୍ଧାରିତ ଫର୍ମାଟ୍‌ରେ Dy. Director (Recruitment), SAI, J.N.Stadium Complex, Lodhi Road, NewDelhi-110003କୁ ଆବେଦନ କରିପାରିବେ । ଆବେଦନ ଗ୍ରହଣର ଶେଷ ତାରିଖ ୧୧ ନଭେମ୍ବର, ୨୦୨୫ (ସନ୍ଧ୍ୟା ୫:୦୦ ସୁଦ୍ଧା) । ବିସ୍ତୃତ ବିଜ୍ଞାପନ, ଯୋଗ୍ୟତା ମାନଦଣ୍ଡ, ଆବେଦନ ଢାଞ୍ଚା ଏବଂ ନିର୍ଦ୍ଦେଶାବଳୀ ଝଇଓ ୱେବସାଇଟ୍ (www.sportsauthorityofindia.nic.in) ରେ ଉପଲବ୍ଧ ହେବ ।

cbc47103/12/0012/2526

XXXIV-03

**ଓଡ଼ିଶା ସରକାର**
**ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

File No. 789 — Dated : 08.08.2025

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଖୋର୍ଦ୍ଧା ରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ହରିଡାପାଲୀ (ଅତିରିକ୍ତ), ଥାନା-ତରଭା, ନଂ.୭୨, ତହସିଲ-ତରଭା, ଜିଲ୍ଲା-ସୁବର୍ଣ୍ଣପୁର ରେ ନିମ୍ନ ତଫସିଲ ମତେ ପ୍ରାୟ ୦.୨୫୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧ (୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପ ମୁଖ୍ୟମନ୍ତ୍ରୀ, (ନିର୍ମାଣ-୨) ପୂର୍ବତଟ ରେଳବାଇ, ବଲାଙ୍ଗୀର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣା ନାମା ଚିଠି ସଂଖ୍ୟା ୨୫୮୧୪/R&DM ତା.୧୫.୦୭.୨୦୨୫ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ସୋନପୁର ।
୬. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ସୁବର୍ଣ୍ଣପୁର | ତରଭା | ହରିଡାପାଲି (ଅତିରିକ୍ତ) | ଗ୍ରାମାଞ୍ଚଳ | ୦୧ | ୧୨୫ | ୧.୮୦୦ | ୦.୨୫୦ | ମକାରୁ କର୍ଣ୍ଣ ପି-ବୁଦ୍ଧୁଳ କର୍ଣ୍ଣ ବା-ଝାରତରଭା |

ଉକ୍ତ ଭୂମିର ଏକ ନକ୍ସା ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା ରୋଡ-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ବଲାଙ୍ଗୀର, କଦମପଡ଼ା, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, ସୁବର୍ଣ୍ଣପୁର

**ତଫସିଲ - "କ"**
ଜିଲ୍ଲା : ସୁବର୍ଣ୍ଣପୁର — **(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)** — ତହସିଲ : ତରଭା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହରିଡ଼ାପାଲି (ଅତିରିକ୍ତ) | ଗ୍ରାମାଞ୍ଚଳ | ୦୧ | ୧୨୫ | ମାଳ ଅଣ ଜଳ ସେଚିତ | ୧.୮୦୦ | ୦.୨୫୦ | ମକାରୁ କର୍ଣ୍ଣ ପି-ବୁଦ୍ଧୁଳ କର୍ଣ୍ଣ ବା-ଝାରତରଭା |

**ତଫସିଲ - "ଖ"**
ଜିଲ୍ଲା : ସୁବର୍ଣ୍ଣପୁର — **(ପୁନର୍ବାସ ନିମିତ ଚିହ୍ନଟ ଭୂମି ଅନୁସୂଚୀ)** — ତହସିଲ : ତରଭା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, ସୁବର୍ଣ୍ଣପୁର

OIPR-24429/14/0003/2526

## ପ୍ରଥମ ପୃଷ୍ଠାରୁ

## ଶାନ୍ତ ହେଉଛି ଅଶାନ୍ତ ...

କେତେକ ସ୍ଥାନରେ ପୁଲିସ ପହରା ଦେଉଥିଲେ ବି ସେମାନଙ୍କ ମୁଡ୍ ରିଲାକ୍ସ ଥିବା ଭଳି ଲାଗୁଥିଲା। ସତେ ଯେମିତି ପୂର୍ବରୁ କିଛି ଘଟି ନାହିଁ, ସବୁ ଯେମିତି ଠିକ୍‌ଠାକ୍ ଚାଲିଛି। ଏଭଳି ଆଚରଣ ପୁଲିସଙ୍କ ବ୍ୟବହାରରୁ ଜଣାପଡୁଥିଲା। ବକ୍ସିବଜାରରେ ଆମ୍ବ ଫଳ ଦୋକାନ ଖୋଲି ଗ୍ରାହକମାନଙ୍କ ଅପେକ୍ଷାରେ ବସିଥିବାରୁ ଦେଖାଯାଇଥିଲା। ସହରର ଅନେକ ପେଟ୍ରୋଲ୍ ଟାଙ୍କି ଖୋଲିଯାଇଥିଲା। ପେଟ୍ରୋଲ୍ ନେବା ଲାଗି ଦୁଇଚକିଆ ଯାନର ଲମ୍ବା ଲାଇନ୍ ଲାଗିଥିବା ଦେଖାଯାଇଥିଲା। ଆଜି ସରକାରୀ ଛୁଟି ଥିବାରୁ ସ୍କୁଲ୍ କଲେଜ, ଘରୋଇ ଓ ସରକାରୀ କାର୍ଯ୍ୟାଳୟ,ବ୍ୟାଙ୍କ ଆଦି ବନ୍ଦଥିବା ବେଳେ ରାସ୍ତା ଘାଟରେ ଚଳପ୍ରଚଳ ପତଳା ଅନୁଭୂତ ହୋଇଥିଲେ ବି ଚଳଚଞ୍ଚଳ ଥିଲା। ମଧ୍ୟାହ୍ନରେ ପରିସ୍ଥିତ ସାମାନ୍ୟ ଜଟିଳ ଥିଲା ବେଳେ ଅପରାହ୍ଣରେ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଯାଇଥିଲା। ଏଥିସହିତ ସନ୍ଧ୍ୟା ୭ଟା ବେଳେକୁ ଇଣ୍ଟରନେଟ୍ ସେବା ଉପଲବ୍ଧ ହୋଇଥିଲା। ଫଳରେ କିଛି ଘଣ୍ଟା ଧରି ଅଣନିଃଶ୍ୱାସୀ ହୋଇ ପଡ଼ିଥିବା ଲୋକେ ଆଶ୍ୱସ୍ତ ହୋଇଥିଲେ।

ସୂଚନାଯୋଗ୍ୟ, ଚଳିତବର୍ଷ ଦଶହରା ଭସାଣି ଶୋଭାଯାତ୍ରା ବେଳେ ଗଣ୍ଡଗୋଳକୁ ନେଇ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ସୋମବାର କଟକ ବନ୍ଦ ଡାକରା ପରିପ୍ରେକ୍ଷୀରେ ବନ୍ଦ ଡାକରା ସମର୍ଥନ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଏକ ବିଶାଳ ରାଲି ବାହାରିଥିଲା। ଏହି ରାଲି ଦରଘା ବଜାରଠାରେ ପହଞ୍ଚିଥିଲା। ଶୋଭାଯାତ୍ରା ଯୋଗୁ ବିଶୃଙ୍ଖଳିତ ପରିସ୍ଥିତି ଉପୁଜିବା ଆଶଙ୍କା କରି ପୁଲିସ ରାଲିକୁ ଅଟକାଇଥିଲା। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ପକ୍ଷରୁ ଲାଠିଚାଳନା ସହ ଲୁହବୁହା ଗ୍ୟାସ୍ ଛଡ଼ା ଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୁଜବ ପ୍ରସାରକୁ ରୋକିବା ଲାଗି ରବିବାର ସନ୍ଧ୍ୟା ୭ଟାରୁ ସାମାଜିକ ଗଣମାଧ୍ୟମ ଯଥା ଫେସବୁକ୍, ଇନ୍‌ଷ୍ଟାଗ୍ରାମ୍ ଓ ୱାଟ୍‌ସଆପ୍ ଉପରେ କଟକଣା ଜାରି କରାଯାଇଥିଲା ବେଳେ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା। ପରବର୍ତ୍ତି ସମୟରେ ୩୬ ଘଣ୍ଟା ପାଇଁ କଟକରେ କର୍ଫ୍ୟୁ ଲାଗିଥିଲା।

## ୮ଙ୍କୁ ମରଣାନ୍ତକ ...

କରିବାରୁ ସମ୍ପୃକ୍ତ ଯୁବକ ଆହତ ହୋଇଥିବା ଜଣାପଡ଼ିଛି। ଆହତମାନଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିବା ବେଳେ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ଓ ପୁରୀ ବଡ଼ମେଡିକାଲକୁ ପଠାଯାଇଛି। ଆକ୍ରମଣକାରୀ ଯୁବକ ତୋଫାନ ଭୋଇ (୪୦)ର ଘର ସତ୍ୟବାଦୀ ଥାନା ଶୁକଳ ବ୍ରହ୍ମହଣାପଡ଼ ଗ୍ରାମରେ ହୋଇଥିବା ବେଳେ ସେ ନିଶାସକ୍ତ ଥିବା ଜଣାପଡ଼ିଛି। କଣାସ ପୁଲିସ ସମ୍ପୃକ୍ତ ଯୁବକକୁ ଗଡ଼ିଶାଗୋଦା ଥାନାକୁ ହସ୍ତାନ୍ତର କରିଛି। ତେବେ ସେ ଏପରି କାଣ୍ଡ କାହିଁକି ଘଟାଇଲା ତଦନ୍ତ ପରେ ତାହା ଜଣାପଡ଼ିବ ବୋଲି ଗଡ଼ିଶାଗୋଦା ଥାନାଧିକାରୀ ସୁଧୀର ଦାସଙ୍କଠାରୁ ପ୍ରକାଶ।

ଅନ୍ୟପକ୍ଷରେ ଏହି ଘଟଣାକୁ ପୁଲିସ ଗୁରୁତ୍ୱର ସହିତ ନେଇଛି ବୋଲି ପୁରୀ ଏସ୍‌ପି ପ୍ରତୀକ ସିଂ କହିଛନ୍ତି। ଘଟଣାକୁ ନେଇ ଗଡ଼ିଶାଗଦା ଥାନା ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। କେଉଁ କାରଣରୁ ଯୁବକ ଜଣକ ଏଭଳି କାଣ୍ଡ ଭିଆଇଛି ତାହା ତଦନ୍ତ ପରେ ସ୍ପଷ୍ଟହେବ ବୋଲି ପୁରୀ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

## ଭାଇ-ଭାଉଜଙ୍କୁ ହାଣିଲା ...

ଜମିକୁ ନେଇ ବିବାଦ ଥିଲା। ତେବେ ଘଟଣା ଦିନ ଏନ୍.ଏମ୍. ମୁଣ୍ଡା ଘରେ ଶୋଇଥିଲେ। ଏହାର ସୁଯୋଗ ନେଇ ସାନଭାଇ ନାମଜାଙ୍ଗ ଅତର୍କିତ ଆକ୍ରମଣ କରି ଏକ ଧାରୁଆ ଫାର୍ସାରେ ବଡ଼ଭାଇଙ୍କୁ ହାଣି ଚାଲିଥିଲା।

ଏତିକିରେ ସାନଭାଇର ମନ ବୁଝିନଥିଲା। ପରେ ସେ ଭାଉଜ ଶୋଭା ମୁଣ୍ଡାଙ୍କ ବେକକୁ ମଧ୍ୟ ହାଣି ପକାଇଥିଲା। ପ୍ରଚୁର ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ବଡ଼ଭାଇ ଏନ୍.ଏମ୍. ମୁଣ୍ଡା ଓ ତାଙ୍କ ପତ୍ନୀ ଶୋଭାଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଏ ସମ୍ପର୍କରେ ବିଶ୍ରା ପୁଲିସ୍‌କୁ ଜଣାଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ଶବ ଜବତ କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ଉଭୟଙ୍କ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପୁଲିସ୍ ଏନେଇ ଅଧିକ ତଦନ୍ତ ଜାରି ରଖିଛି। ହତ୍ୟାକାରୀ ନାମଜାଙ୍ଗକୁ ପୁଲିସ୍ ଗିରଫ କରି ଥାନାରେ ପଚରାଉଚରା କରିବା ସହ ଆଜି କୋର୍ଟଚାଲାଣ କରିଛି।

## ୧୧ତାରିଖ ପର୍ଯ୍ୟନ୍ତ ପ୍ରବଳ ...

ଘଣ୍ଟାକୁ ୩୦ରୁ ୪୦ କିମି ପବନ ନେଇ ପୂର୍ବାନୁମାନ କରାଯାଇଛି।

ସେହିପରି ମଙ୍ଗଳବାର ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ୨୦ଟି ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବର୍ଷା ସମୟରେ ଏହି ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଏବଂ ୩୦-୪୦ କି.ମି. ବେଗରେ ଝଟ୍‌କା ପବନ ବହିବା ନେଇ ସୂଚନା ଦିଆଯାଇଛି। ବୁଧବାର ପର୍ଯ୍ୟନ୍ତ ସମ୍ପୃକ୍ତ ଜିଲ୍ଲାଗୁଡ଼ିକରେ ଏଭଳି ହାଲୁକାରୁ ମଧ୍ୟମଧରଣର ଏବଂ କିଛି ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସେହିପରି ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କିଛି କିଛି ସ୍ଥାନରେ ବର୍ଷା ଓ ଘଡ଼ଘଡ଼ି ବିଜୁଳି ହେବା ନେଇ ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୩ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ପୁରୀଠାରେ ସର୍ବାଧିକ ବର୍ଷା ୭୭.୨ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ, ଭଦ୍ରକ ଚାନ୍ଦବାଲିରେ ୫୬.୪ ମିମି ଏବଂ ସୋନପୁରଠାରେ ୩୨.୨ ମିମି ବର୍ଷା ହୋଇଛି। ଏଥିସହ ଏବେ ରାଜ୍ୟରେ ସେଭଳି କିଛି ଗୁରୁତ୍ୱପୂର୍ଣ୍ଣ ପାଣିପାଗ ସ୍ଥିତି ନଥିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

## ପଦାର୍ଥ ବିଜ୍ଞାନରେ କ୍ଲାର୍କ୍ ...

ବର୍ତ୍ତମାନ ୟେଲ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି। ଅନ୍ୟପକ୍ଷେ ୧୯୫୮ରେ ଜନ୍ମିତ ମାର୍ଟିନିସ ଏବେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ହାସଲ କରିଛନ୍ତି। ୧୯୮୦ରୁ ଏହି ୩ ବୈଜ୍ଞାନିକ ଏକାଠି ଗବେଷଣା କରୁଛନ୍ତି।

ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନସେସ୍ କହିଛି ଯେ ଏହି ୩ ନୋବେଲ୍ ବିଜେତାଙ୍କ ପରୀକ୍ଷଣଗୁଡ଼ିକ ଏକ ଚିପ୍-ଆଧାରିତ ବୈଦ୍ୟୁତିକ ସର୍କିଟ୍ ବ୍ୟବହାର ପୂର୍ବକ 'କାର୍ଯ୍ୟରେ କ୍ୱାଣ୍ଟମ୍ ପଦାର୍ଥ ବିଜ୍ଞାନ ପ୍ରକାଶ କରିଛି, ଯାହାକି ଏହା ପ୍ରଦର୍ଶନ କରୁଛି ଯେ କ୍ୱାଣ୍ଟମ୍ ଘଟଣା ହାତରେ ଧରିବା ପାଇଁ ଯଥେଷ୍ଟ ବଡ଼ ସ୍କେଲରେ ପ୍ରକାଶିତ ହୋଇପାରେ। କେବଳ ସେତିକି ନୁହେଁ, ବିଜେତାଙ୍କ ପରୀକ୍ଷଣ ପ୍ରମାଣିତ କରିଛି ଯେ ଏପରି ପ୍ରଭାବ ପରମାଣୁ କିମ୍ବା ଉପ-ଆଣବିକ ସ୍ତର ପର୍ଯ୍ୟନ୍ତ ସୀମିତ ନୁହେଁ। 'ଭୌତିକ ବିଜ୍ଞାନରେ ଏକ ପ୍ରମୁଖ ପ୍ରଶ୍ନ ହେଉଛି ଏକ ସିଷ୍ଟମର ସର୍ବାଧିକ ଆକାର ଯାହା କ୍ୱାଣ୍ଟମ୍ ଯାନ୍ତ୍ରିକ ପ୍ରଭାବ ପ୍ରଦର୍ଶନ କରିପାରିବ।

ପ୍ରକାଶ, ୧୯୮୪ ଏବଂ ୧୯୮୫ ରେ କରାଯାଇଥିବା ପରୀକ୍ଷଣର ଏକ କ୍ରମରେ, କ୍ଲାର୍କ, ଡେଭୋରେଟ୍ ଏବଂ ମାର୍ଟିନିସ୍ ଏକ ପତଳା ଅଣ-ପରିବାହୀ ସ୍ତର ଦ୍ୱାରା ପୃଥକ କରାଯାଇଥିବା ସୁପରକଣ୍ଡକ୍ଟର ଦ୍ୱାରା ନିର୍ମିତ ଏକ ଇଲେକ୍ଟ୍ରୋନିକ୍ ସର୍କିଟ୍ ନିର୍ମାଣ କରିଥିଲେ। ଏହା ଏକ ସେଟଅପ୍ ଯାହାକୁ ଜୋସେଫସନ୍ ଜଙ୍କସନ୍ ଭାବରେ ଜଣାଶୁଣା। ସେମାନଙ୍କର ମାପ ଦର୍ଶାଏ ଯେ ଯେତେବେଳେ କରେଣ୍ଟ ସର୍କିଟ୍ ଦେଇ ଗତି କରେ, ଏହା ଏପରି ବ୍ୟବହାର କରୁଥିଲା ଯେପରି ସମସ୍ତ ଚାର୍ଜ ହୋଇଥିବା କଣିକା ସମଗ୍ର ସିଷ୍ଟମକୁ ପୂର୍ଣ୍ଣ କରୁଥିବା ଏକକ କଣିକା।

## ଘାସିରାମ ମାଝୀ କଂଗ୍ରେସ ...

ହେବା ପରେ ଦଳୀୟ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି।

ଉପନିର୍ବାଚନ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବା ପରଠାରୁ ଘାସିରାମଙ୍କ ନାଁ ଚର୍ଚ୍ଚାରେ ରହିଥିଲା। ସେହି ଅନୁମାନ ଏବେ ସତ୍ୟ ହୋଇଛି। ସେ ଉକ୍ତ ନିର୍ବାଚନମଣ୍ଡଳୀରେ ୩ ଥର ଲଢ଼ି ହାରିଛନ୍ତି। ୨୦୧୪ ଓ ୨୦୧୯ରେ ସେ କଂଗ୍ରେସ ଦଳର ପ୍ରାର୍ଥୀ ହୋଇଥିବାବେଳେ ୨୦୨୪ ନିର୍ବାଚନରେ ତାଙ୍କୁ ଦଳୀୟ ଟିକଟ ନ ମିଳିବାରୁ ସେ ସ୍ୱାଧୀନ ଭାବେ ଲଢ଼ି ୫୦,୯୪୧ ଖଣ୍ଡ ଭୋଟ୍ ପାଇବା ସହ ଦ୍ୱିତୀୟ ସ୍ଥାନରେ ଥିଲେ। କଂଗ୍ରେସର ଦଳୀୟ ପ୍ରାର୍ଥୀ ତଥା ତତ୍କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ୧୫ ହଜାରରୁ ଅଧିକ ଭୋଟ୍ ପାଇଥିବାରୁ କଂଗ୍ରେସ ଖାତାରେ ୬୫ ହଜାରରୁ ଅଧିକ ଭୋଟ୍ ଥିବା ନେଇ ପିସିସି ସଭାପତି ଆକଳନ କରିଆସୁଥିଲେ। ତେଣୁ ଏ ଥର ସେ ଜିତିବାରେ ଅସୁବିଧା ହେବନାହିଁ ବୋଲି ଶ୍ରୀ ଦାସ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ବୃନ୍ଦାବତୀ ନିବାସରେ ହବିଷିଆଳି ବ୍ରତ ଶୁଭାରମ୍ଭ



**ପୁରୀ,୭।୧୦/ଏନ୍‌ଏନ୍‌ଏସ୍:** ଆଜି ବୃନ୍ଦାବତୀ ନିବାସ ପରିସରରେ ଚଳିତ ବର୍ଷ ହବିଷିଆଳି ବ୍ରତର ଶୁଭାରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ହବିଷିଆଳି କାର୍ତ୍ତିକ ବ୍ରତ ୨୦୨୫ କୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍ଘାଟନ କରିଥିଲେ। ସେ କହିଥିଲେ କାର୍ତ୍ତିକ ବ୍ରତ କରି ମା ମାନେ ସମଗ୍ର ଓଡ଼ିଶାର ମଙ୍ଗଳ କାମନା କରିଥିଲେ। ସମସ୍ତଙ୍କ ଭିତରେ ଗୋଟିଏ କାମନା ଥାଏ ପ୍ରଭୁଙ୍କ ପାଖରେ ରହି ବ୍ରତ ପାଳନ କରିବାକୁ। ଏକ ମାସ ଧରି ମା ମାନେ ପ୍ରଭୁଙ୍କ ଦର୍ଶନ କରି ରାଇ ଦାମୋଦର ପୂଜା କରି ଖୁସି ମନରେ ଫେରିବେ। ଜାଣତରେ ହେଉ ବା ଅଜାଣତରେ ହେଉ ମୁଁ କରିଥିବା ଭୁଲ ବା ପାପରୁ କ୍ଷମାଦେବାକୁ ଏହି ମାସରେ ପ୍ରାର୍ଥନା କରାଯାଇଥାଏ। ଆପଣ ମାନଙ୍କୁ ଦେଖି ମୋ ଜେଜେ ମା'ଙ୍କ କଥା ମନେପଡୁଛି। ଏହି ଏକ ମାସ ଘର କଥା ମନେ ପଡେନି। କେବଳ ଭଗବାନଙ୍କ ନାମ ସ୍ମରଣ କରିଥାନ୍ତି। ପୁଣ୍ୟତାର ଫଳ ସାଢ଼େ ଚାରି କୋଟି ଓଡ଼ିଆଙ୍କୁ ପ୍ରାପ୍ତି ହେବ। ଭଗବାନ ଆପଣଙ୍କୁ ଦୀର୍ଘାୟୁ କରନ୍ତୁ। ଚଳିତ ବର୍ଷ ହବିଷ୍ୟାଳୀ ଯୋଜନା ପାଇଁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଅନୁଦାନ ରାଶି ଆଉ ୭୦ଲକ୍ଷ ବୃଦ୍ଧି କରିଛନ୍ତି। ଚଳିତ ବର୍ଷ ୩କୋଟି ୩୦ଲକ୍ଷ ଅନୁଦାନ ଦିଆଯାଇଛି। ଏଥିସହ ୨୫୦୦ ହବିଷିଆଳିଙ୍କୁ କାର୍ତ୍ତିକ ବ୍ରତ ବହି, ଜପା ମାଳି, ଶାଢ଼ୀ, ସାଲ ଥିବା କିଟ୍ ପ୍ରଦାନ କରାଯାଇଛି। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ପୁରୀ ସାଂସଦ ଡଃ ସମ୍ବିତ ପାତ୍ର, ସତ୍ୟବାଦୀ, ପୁରୀ, ପିପିଲି ବିଧାୟକଙ୍କ ସହ ଜିଲ୍ଲାପାଳ ଓ ଏସପି ଯୋଗ ଦେଇ ମହାଧାର୍ମିକ୍ କାର୍ତ୍ତିକ ମାସର ମହିମା, ହବିଷ୍ୟାଳୀଙ୍କ ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଗ୍ରହଣ କରିଥିବା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତ ବର୍ଷ ଅଁଳା ନବମୀ ଦିନ ରାଧାପାଦ ଦର୍ଶନ ହବିଷ୍ୟାଳୀ ଦେଖିବା ପାଇଁ ଲାଇଭ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଥିବା ଆଇନ ମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନ ଘୋଷଣା କରିଥିଲେ।

# ଶ୍ରୀକ୍ଷେତ୍ର ଯୁଥ କଲ୍‌ଚରାଲ ଆସୋସିଏସନ୍ ପକ୍ଷରୁ ୪୬ତମ କୁମାର ଉତ୍ସବ ଉଦ୍‌ଯାପିତ



**ପୁରୀ,୭।୧୦/ଏନ୍‌ଏନ୍‌ଏସ୍:** ଶ୍ରୀକ୍ଷେତ୍ର ଯୁବ ସଂସ୍କୃତିକ ସଂସଦ ଆନୁକୂଲ୍ୟରେ ଦୁଇଦିନ ଧରି ପୌରସଦନ ଠାରେ ଆୟୋଜିତ ହୋଇଥିବା ୪୬ତମ କୁମାର ଉତ୍ସବ ମଙ୍ଗଳବାର ସଂଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଂଧ୍ୟାରେ ମୁଖ୍ୟ ଆକର୍ଷଣ ସାଜିଥିଲା ଇଣ୍ଡିଆ ଗଟ ଅଫ ଟାଲେଣ୍ଟ ଅଂଶଗ୍ରହକାରୀ କଲିକତାର ରାଇବଂଶୀ ଗ୍ରୁପ ପକ୍ଷରୁ ବାଲାନ୍ସିଂ ଆକ୍ଟ ଓ ଓଡିଆ ଏବଂ ହିନ୍ଦୀ ସିନେ ଜଗତର ନବାଗତ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଓଲିଉଡ୍ ଓ ବଲିଉଡ ନାଇଟ୍ କାର୍ଯ୍ୟକ୍ରମ।

ଅନୁଷ୍ଠାନର ସଭାପତି ବୀରେନ୍ଦ୍ର ନାରାୟଣ ଗୋଛିକାରଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଦିବସରେ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ, ଅଭିମନ୍ୟୁ ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ସଂପାଦକ ସନ୍ତୋଷ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ନିଜ ନିଜ ଅଭିଭାଷଣରେ ଦୀର୍ଘ ୪୬ ବର୍ଷ ଧରି ସଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାର କଳା ସଂସ୍କୃତି ଐତିହ୍ୟକୁ ବଜାଇ ରଖିଥିବାରୁ ଅନୁଷ୍ଠାନର ସମସ୍ତ ସଦସ୍ୟମାନଙ୍କୁ ଧନ୍ୟବାଦ ଦେବା ସହ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ପ୍ରତିବର୍ଷଭଳି ଅନୁଷ୍ଠାନର ଆକର୍ଷଣୀୟ ପୁରସ୍କାର ଲିଟିଲ୍ ମିସ୍ ଓ ଲିଟିଲ୍ ମାଷ୍ଟର ପୁରସ୍କାର ପ୍ରଦାନ କରାଯାଇଥିଲା। ଲିଟିଲ୍ ମିସ୍ ଲକ୍ ?ସିତା ପି ଦାଶ ଓ ସଂକଳ୍ପ ପଣ୍ଡାଙ୍କୁ ଲିଟିଲ୍ ମାଷ୍ଟର ଭାବରେ ଉତ୍ତରୀୟ ସହ କ୍ରାଉନ୍ ପ୍ରଦାନ କରାଯାଇଥିଲା। ଏହାପରେ ପ୍ରଶାନ୍ତି ନୃତ୍ୟ ସଙ୍ଗୀତ ପରିଷଦ ପକ୍ଷର କଳାକାର ମାନଙ୍କ ପକ୍ଷରୁ ମାହାରୀ ନୃତ୍ୟ, କଲିକତାର ରାଇବଂଶୀ ଗ୍ରୁପ ପକ୍ଷରୁ ବାଲାନ୍ସିଂ ଆକ୍ଟ ପରିବେଷଣ କରାଯାଇଥିଲା। ପରିଶେଷରେ କାର୍ତ୍ତିକ କୁମାରଙ୍କ ସଂଯୋଜନାରେ ଓଡିଆ ଏବଂ ହିନ୍ଦୀ ସିନେ ଜଗତର ନବାଗତ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଓଲିଉଡ୍ ଓ ବଲିଉଡ ନାଇଟ୍ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସଞ୍ଜିବ ଓ ମିସ୍ ଶାଶ୍ୱତି ସଂଯୋଜନା କରିଥିଲେ।

ସେହିପରି ପୂର୍ବାହ୍ନରେ ଦୋଳବେଦୀ କୋଣସ୍ଥିତ ସତ୍ୟନାରାୟଣ ମନ୍ଦିର ଠାରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ବରିଷ୍ଠ ସଭ୍ୟ ଅରବିନ୍ଦ ଖୁଣ୍ଟିଆ, ପ୍ରଦୀପ୍ତ କୁମାର ମିଶ୍ର, ବିରେନ୍ଦ୍ର ନାରାୟଣ ଗୋଛିକାର, ବିଜୟ କୁମାର ଆପଟ୍ଟ, କୋଷାଧ୍ୟକ୍ଷ ଜିତେନ୍ଦ୍ର ଦାସମହାପାତ୍ର, ହରେକୃଷ୍ଣ ମିଶ୍ର, ଲକ୍ଷ୍ମୀନାରାୟଣ ପଣ୍ଡା, ବସୁଦେବ ଦାସ, ନାରାୟଣ ଗୋଛିକାର, ସଦାସିବ ନାୟକ, ଦୋଳଗୋବିନ୍ଦ ମହାନ୍ତି, ଅଶୋକ କୁମାର ପାତ୍ର, ଅମିତ ଚାର୍ଟାଜୀ, ଓ ସରସ୍ୱତୀ ଦାସ, ପ୍ରଶାନ୍ତ ମୁଦୁଲି , ପି ଅନିଲ ରାଓ, ରଣଜିତ୍ ସିଂ, ପୁରୁଷତ୍ତୋମ ଦାସ ମହାପାତ୍ର, ମନିଷା ମହାନ୍ତି, ରୀତିକା ମହାନ୍ତି, ଅମୀୟ କୁମାର ନାଗ, ଜଗମୋହନ ପଟ୍ଟନାୟକ, ଅଲୋକ ମହାପାତ୍ର, ଗୋପୀନଥ ସ୍ୱାଇଁଙ୍କ ସମେତ ଅନୁଷ୍ଠାନର ସମସ୍ତ ସଭ୍ୟ ସଭ୍ୟା କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ ପ୍ରଦାନ କରିଥିଲେ।

# ରେଳଧାରଣା କଡ଼ରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ଜଟଣୀ,୭।୧୦/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧାରୋଡ଼ ରେଳ ଷ୍ଟେସନର ଅନତି ଦୂରରେ ପ୍ରାୟ ତିନିକିମି ଗଲାପରେ ଅରଗୁଳ ରେଳ ଷ୍ଟେସନ ଦିଗରେ ଥିବା ଫାଟୁଆ ଗବେଷଣା କେନ୍ଦ୍ର ପଛରେ ରେଳ ଧାରଣା କଡ଼ରୁ ଏକ ଅଜଣା ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି ଖୋର୍ଦ୍ଧାରୋଡ଼ ଜିଆରପି। ସେଠାରେ ଏକ ମୃତ ଦେହ ପଡ଼ିଥିବା ଖବର ପ୍ରଚାରିତ ହେବା ପରେ ତଦନ୍ତକାରୀ ଅଧିକାରୀ ଅଭିମନ୍ୟୁ ସେଠୀ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ଶବକୁ ଉଦ୍ଧାର କରି ପୋଷ୍ଟମର୍ଟମ ନିମନ୍ତେ ଖୋର୍ଦ୍ଧା ଡାକ୍ତରଖାନା ପଠାଇଥିଲେ।

ଶ୍ରୀ ସେଠୀଙ୍କ କହିବା ଅନୁସାରେ ମୃତ ଯୁବକ ଜଣଙ୍କର ବୟସ ଆନୁମାନିକ ୩୫ରୁ ୪୦ ବର୍ଷ ମଧ୍ୟରେ ହେବ। ତେବେ ମୃତ ଯୁବକ ଜଣଙ୍କ ପିନ୍ଧିଥିବା ପୋଷାକ ମଧ୍ୟରୁ କୌଣସି ପରିଚୟ ପତ୍ର ମିଳିପାରିନଥିବା ବେଳେ ଆଖପାଖ ଅଞ୍ଚଳର ଲୋକମାନେ ମଧ୍ୟ ଶବ ଚିହ୍ନଟ କରିପାରିନଥିଲେ। ତେବେ କେଉଁ ପରିସ୍ଥିତିରେ ଏଠାକୁ ମୃତକ ଜଣଙ୍କ ଆସି ଗୋଡ଼ଖସି ମୃତ୍ୟ ବରଣ କରିଛନ୍ତି ନା ଅନ୍ୟ କିଛି କାରଣ ଅଛି ତାର କାରଣ ଖୋଜୁଛି ଜିଆରପି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ଚିହ୍ନଟ ନିମନ୍ତେ ଶବ ସଂରକ୍ଷିତ ରଖାଯାଇଥିବା ସୂଚନା ଦିଆଯାଇଛି।

# ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୩୬ ଅଭିଯୋଗର ତତ୍କାଳ ସମାଧାନ

**ନୟାଗଡ଼,୭।୧୦/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଜିଲା ସଦ୍‌ଭାବନା ଗୃହ ପରିସରରେ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୦୭ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେମଧ୍ୟରୁ ବ୍ୟକ୍ତିଗତ ମାମଲା ୯୯, ଗ୍ରାମ୍ୟ ବିବାଦ ୫, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ୩ ହୋଇଥିଲା। ଏଥିମଧ୍ୟରୁ ୩୬ଟି ତତ୍କାଳୀନ ସମାଧାନ ହୋଇଛି। ଅନ୍ୟଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଏସ୍‌ପି ଏସ୍ ସୁଶ୍ରୀ, ଜିଲ୍ଲାପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

## ପ୍ରାଥମିକ ସ୍ତରରେ ଗୁଣାତ୍ମକ ...

ଏହାକୁ ଲାଗୁ କରାଯାଇ ନ ଥିଲା। କିନ୍ତୁ, ଆମ ସରକାର ଆସିବା ପରେ ତୁରନ୍ତ ଆମେ ଏହାକୁ ଲାଗୁ କରି ସାରିଛୁ। ଓଡିଶାର ବିଦ୍ୟାର୍ଥୀମାନେ ବି ଦେଶର ଅନ୍ୟ ଛାତ୍ରଛାତ୍ରୀଙ୍କ ପରି ଗୁଣାତ୍ମକ ଶିକ୍ଷା ଲାଭ କରିପାରିବେ। ନୂତନ ଶିକ୍ଷାନୀତି-୨୦୨୦ର ପ୍ରଣୟନ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ଦଶା ଓ ଦିଶାକୁ ନୂତନ ଦିଗନ୍ତ ଦେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ପିଏମ୍ ଶ୍ରୀ' ଅଧୀନରେ ରାଜ୍ୟର ୭୬୨ ସ୍କୁଲକୁ ଆଦର୍ଶ ସ୍କୁଲ ଭାବରେ ବିକଶିତ କରାଯିବ। ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୨୨୦୦ ଟି ପଞ୍ଚାୟତରେ ପ୍ରାୟ ୧୨ ହଜାର କୋଟି ଟଙ୍କା ବ୍ୟୟରେ ଏହି ସ୍କୁଲ ନିର୍ମାଣ ହେବ। ଆସନ୍ତା ୩ ବର୍ଷ ମଧ୍ୟରେ ୪୪,୪୩୩ ଟି ଶିକ୍ଷକ ପଦବୀ ପୂରଣ କରାଯିବ। ଅର୍ଥାତ୍ ବର୍ଷକୁ ପ୍ରାୟ ୧୫ ହଜାର ପଦବୀ ପୂରଣ କରାଯିବ। ପ୍ରତ୍ୟେକ ଜିଲ୍ଲାର ସର୍ବପୁରାତନ ବିଦ୍ୟାଳୟ ଏବଂ ୧୦୦ ବର୍ଷରୁ ଅଧିକ ପୁରୁଣା ସମସ୍ତ ବିଦ୍ୟାଳୟକୁ ସଂରକ୍ଷଣ ଏବଂ ପୁନଃନିର୍ମାଣ କରିବା ଲକ୍ଷ୍ୟ ନେଇ ଐତିହ୍ୟ ବିଦ୍ୟାଳୟ ଯୋଜନା ଲାଗୁ କରାଯାଇଛି। ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେବଳ ପାଠପଢ଼ା ନୁହେଁ, କ୍ରୀଡ଼ା, ନୃତ୍ୟ, ସଙ୍ଗୀତ, କଳା ଆଦି କ୍ଷେତ୍ରରେ ବିଶାଳ ସୁଯୋଗ ଅଛି। କେବଳ ସରକାରୀ ଚାକିରିରେ ପିଲାମାନେ ନିଜକୁ ଆବଦ୍ଧ କରିବା ଉଚିତ୍ ନୁହେଁ। ଆମ ସମୟରେ ସୀମିତ ସୁଯୋଗ ଥିଲା। କିନ୍ତୁ, ଆଜି ଏତେ ସୁଯୋଗ ଅଛି ଯେ ଚିନ୍ତା କରିବା ବି ମୁସ୍କିଲ୍। ତେଣୁ ଯିଏ ଯେଉଁ କ୍ଷେତ୍ରରେ ନିଜକୁ ସଠିକ ଭାବୁଛି, ତାକୁ ତାହା କରିବାକୁ ଦେବା ଉଚିତ୍। ଏହି ଦିଗରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ଏକ ବଡ଼ ଭୂମିକା ଅଛି। ମୋର ସମସ୍ତ ଅଭିଭାବକଙ୍କୁ ଅନୁରୋଧ ଯେ, ଜୋର୍ ଜବରଦସ୍ତି ନିଜ ପିଲାଙ୍କୁ କେବଳ ଡାକ୍ତର ଇଞ୍ଜିନିୟର୍ କରିବା ଘୋଡ଼ା ଦୌଡ଼ରେ ସାମିଲ କରନ୍ତୁ ନାହିଁ। ଡାକ୍ତର ଇଞ୍ଜିନିୟର୍ ବାହାରେ ବି ଗୋଟିଏ ସଫଳ, ସୁନ୍ଦର କ୍ୟାରିଅର୍ ଚଏସ୍ ଅଛି। ଆଜିକାଲି ସୁଯୋଗର କିଛି ସୀମା ନାହିଁ, ଏହା ଆସିମୀତ। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ କଟକ ଜିଲ୍ଲାପାଳଙ୍କୁ ବାଙ୍କୀ ଏନ୍‌ଏସି ଅଞ୍ଚଳକୁ ମ୍ୟୁନିସିପାଲିଟି ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ଯେଉଁ ସବୁ ଆବଶ୍ୟକତା ଅଛି, ସେ ସବୁର ଏକ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିବାବେଳେ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବାଙ୍କୀର ପୂର୍ବତନ ବିଧାୟକ ଡକ୍ଟର ଦେବାଶିଷ ପଟ୍ଟନାୟକ, ଶତବାର୍ଷିକୀ କମିଟିର ସଭାପତି, ଭବାନୀ ପ୍ରସାଦ ପଣ୍ଡିତ, ଶତବାର୍ଷିକୀ କମିଟିର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ କମିଟିର ସଂଯୋଜକ ନୀଳ ମୋହନ ତ୍ରିପାଠୀ ଓ ଶୁଭ୍ରାଂଶୁ ମୋହନ ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ।




## ସୁନା ମୂଲ୍ୟ ୧.୨୧ ଲକ୍ଷ ...

ପହଞ୍ଚିଛି। ଏହା ସହିତ, ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଫେବୃଆରୀ ୨୦୨୬ ସୁନା ଫ୍ୟୁଚର୍ସ କଣ୍ଟ୍ରାକ୍ଟ ୬୪୮ ଟଙ୍କା (୦.୫୩ ପ୍ରତିଶତ) ବୃଦ୍ଧି ପାଇ ପ୍ରତି ୧୦ ଗ୍ରାମ ୧,୨୨,୨୩୧ ଟଙ୍କା ନୂତନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି।

ଏସମ୍ପର୍କରେ ସୂଚନା ଦେଇ ମୋତିଲାଲ ଓସୱାଲ ଫାଇନାନ୍ସିଆଲ୍ ସର୍ଭିସେସ୍‌ର ପ୍ରେଶିଆଲ୍ ମେଟାଲ୍ ରିସର୍ଚ୍ଚର ବିଶ୍ଳେଷକ ମାନବ ମୋଦୀ କହିଛନ୍ତି ଯେ, ଆମେରିକାର ଅର୍ଥନୈତିକ ଏବଂ ରାଜନୈତିକ ଅନିଶ୍ଚିତତା ଏବଂ ଫେଡେରାଲ ରିଜର୍ଭ ଦ୍ୱାରା ଆହୁରି ସୁଧ ହାର ହ୍ରାସ ଆଶା ଯୋଗୁଁ ସୁନା ମୂଲ୍ୟ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଅନ୍ୟପକ୍ଷେ ସୁନା ମୂଲ୍ୟ ସହ ସମାନ୍ତରାଳ ଭାବେ ରୁପା ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ରୁପା ଫ୍ୟୁଚର୍ସ ୨୮୧ ଟଙ୍କା (୦.୧୯ ପ୍ରତିଶତ) ବୃଦ୍ଧି ସହ ଏହା କିଲୋଗ୍ରାମ ପ୍ରତି ରେକର୍ଡ ସ୍ତର ୧,୪୭,୮୦୦ ଟଙ୍କା ନିକଟରେ କାରବାର କରିଛି। ସୋମବାର ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ ୧,୪୭,୯୭୭ ଟଙ୍କା ରହିଥିଲା।

ସେହିପରି ବଜାର ବିଶ୍ଳେଷକମାନେ ସୂଚିତ କରିଛନ୍ତି ଯେ ବର୍ତ୍ତମାନର ଆମେରିକୀୟ ସରକାରଙ୍କ ବନ୍ଦ ଯୋଗୁଁ ଜରୁରୀ ଫେଡେରାଲ୍ କାର୍ଯ୍ୟକ୍ରମ ପ୍ରଭାବିତ ହୋଇଛି। ଚଳିତ ବର୍ଷ ଫେଡେରାଲ୍ ରିଜର୍ଭ ସୁଧ ହାର ହ୍ରାସର ବୃଦ୍ଧି ସହିତ ସରକାରୀ ଆମେରିକୀୟ ଅର୍ଥନୈତିକ ସୂଚକରର ଅଭାବ ସୁନାର ଆକର୍ଷଣକୁ ବୃଦ୍ଧି କରିଛି।



## ଆଜିର ଇତିହାସ

- ୧୯୯୮-ଆମ ଦେଶ ଫ୍ଲାଇଟ୍ ସେଫ୍ଟି ଫାଉଣ୍ଡେସନ୍‌ର ସଦସ୍ୟ ହୋଇଥିଲା।
- ୧୯୨୬-ବଲିଉଡ୍ ଅଭିନେତା ରାଜକୁମାରଙ୍କ ଆଜି ଜନ୍ମଦିନ।
- ୧୯୭୯-ସମ୍ପୂର୍ଣ୍ଣ କ୍ରାନ୍ତିର ପ୍ରଣେତା ଜୟପ୍ରକାଶ ନାରାୟଣଙ୍କ ନିଧନ ହୋଇଥିଲା।
- ୨୦୦୪-ଭାରତୀୟ ଗହମ ଉପରେ ମୋନ୍‌ସାଣ୍ଟୋର ପେଟେଣ୍ଟ୍ ରଦ୍ଦ ହୋଇଥିଲା।
- ୨୦୨୦-ରାଜନୀତିଜ୍ଞ ରାମବିଳାସ ପାଶୱାନଙ୍କ ନିଧନ ହୋଇଥିଲା।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ମାନସିକ ଚାପରୁ ମୁକ୍ତ ହେବେ। କୌଣସି ପୁରୁଣା କାମ ଆଜି ପୂର୍ଣ୍ଣ ହେବ। ସ୍ୱାସ୍ଥ୍ୟ ଠିକ୍ ରହିବ। ବ୍ୟାପାର-ବ୍ୟବସାୟ ପାଇଁ କାର୍ଯ୍ୟ ଯୋଜନା ହୋଇପାରେ। ପରିବାରରେ ମତଭେଦ ହୋଇପାରେ।

**ବୃଷ** - ଦିନଟି ଖୁବ୍ ଭଲରେ ବିତିବ। ନୂଆ ବାହନ ଓ ଘର କିଣିବା ଯୋଜନା କରିପାରନ୍ତି। ସ୍ୱାସ୍ଥ୍ୟ ଠିକ୍ ରହିବ। ଲମ୍ବା ଯାତ୍ରା କରିବାକୁ ପଡ଼ିପାରେ। ବ୍ୟାପାର-ବ୍ୟବସାୟରେ ଲାଭର ଯୋଗ ରହିଛି।

**ମିଥୁନ** - ସାବଧାନ ହୋଇ ବାହନ ଚଳାନ୍ତୁ। ସ୍ୱାସ୍ଥ୍ୟ ହାନି ହୋଇପାରେ। ନୂଆ କାମର ଆରମ୍ଭ କରିପାରନ୍ତି। କ୍ଷତି ହୋଇପାରେ। ସେୟାର୍ ବଜାରରେ ବଡ଼ ନିବେଶ ନକଲେ ଭଲ। ଘରେ ମତଭେଦ ହୋଇପାରେ।

**କର୍କଟ** - ବ୍ୟର୍ଥ ବିବାଦରେ ଫସିପାରନ୍ତି। ବାଣୀରେ ସଂଯମ ରଖନ୍ତୁ। ସ୍ୱାସ୍ଥ୍ୟ ଠିକ୍ ରହିବ। ପରିବାରରେ କାହାର ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ। କୌଣସି ବଡ଼ ନେଣଦେଣ ନକଲେ ଭଲ। ହାନିର ସମ୍ଭାବନା ରହିଛି।

**ସିଂହ** - ମାନସିକ ଚାପ ଦେଇ ଅତିକ୍ରମ କରିବେ। ପରିବାର ଓ କାର୍ଯ୍ୟକ୍ଷେତ୍ରରେ ବିପରୀତ ପରିସ୍ଥିତିର ସମ୍ମୁଖୀନ ହେବେ। ସହଯୋଗୀ ସାଥ୍ ଛାଡ଼ିବେ। ସମ୍ପତ୍ତି ସମ୍ବନ୍ଧୀୟ ବିବାଦ ଦେଖାଦେବ।

**କନ୍ୟା** - ଦିନଟି ଖୁବ୍ ଭଲରେ ବିତିବ। ନୂଆ କାମ ପାଇଁ ଯୋଜନା କରିପାରନ୍ତି। ଶୁଭାରମ୍ଭ କରିପାରନ୍ତି। ସଫଳତା ମିଳିବ। ବ୍ୟାପାର-ବ୍ୟବସାୟରେ ବଡ଼ ଭାଗୀଦାରୀ ହୋଇପାରେ। ଆଗାମୀ ସମୟରେ ଲାଭ ମିଳିବ।

**ତୁଳା** - ସମ୍ପତ୍ତି ସମ୍ବନ୍ଧୀୟ ବିବାଦରେ ଫସିଯିବେ। ଅଳ୍ପ ଅବହେଳା କ୍ଷତି ଦେଇପାରେ। ଅଧିକ କାର୍ଯ୍ୟ କ୍ଲାନ୍ତି ଆଣିବ। ପତ୍ନୀ ଓ ପିଲାଙ୍କ ସହିତ ବାହାରକୁ ଯାଇପାରନ୍ତି। ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟହାନି ହୋଇପାରେ।

**ବିଛା** - କୌଣସି କଥାକୁ ଅଣଦେଖା ନକଲେ ଭଲ। ପାରିବାରିକ ମତଭେଦ ବଢ଼ିପାରେ। ପୁରୁଣା ବିବାଦରେ ପୁଣି ଫସି ପାରନ୍ତି। ନୂଆ ବ୍ୟାପାର-ବ୍ୟବସାୟରେ ମନ ବଳେଇବେ।

**ଧନୁ** - ପତ୍ନୀ ଓ ପିଲାଙ୍କ ସହିତ ବାହାରକୁ ଯାତ୍ରା କରିବେ। ଦିନଟି ଖୁବ୍ ଭଲରେ ବିତିବ। ପରିବାରକୁ ସମୟ ଦେବେ। ପିଲାଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ। ନୂଆ ଭାଗୀଦାରୀ ଯୋଗ ରହିଛି।

**ମକର** - ମାତାପିତା ଓ ପତ୍ନୀଙ୍କ ଭିତରେ ବିବାଦ ହୋଇପାରେ। ମନ ଅଶାନ୍ତ ରହିବ। ପରିବାର ପାଇଁ କୌଣସି ନିଷ୍ପତ୍ତି ନେବା ପାଇଁ ପତ୍ନୀଙ୍କ ଚାପ ରହିବ। ନୂଆ ଭବନ ଓ ବାହନ କିଣିପାରନ୍ତି।

**କୁମ୍ଭ** - ବ୍ୟବସାୟରେ ଭାଗୀଦାରଙ୍କୁ ସାବଧାନ ରୁହନ୍ତୁ। କେହି ଷଡ଼ଯନ୍ତ୍ର କରିପାରନ୍ତି। ଆର୍ଥିକ କ୍ଷତି ହୋଇପାରେ। ସ୍ୱାସ୍ଥ୍ୟର ଧ୍ୟାନ ରଖନ୍ତୁ। ଯାତ୍ରା ଯୋଗ ରହିଛି। ନୂଆ ଘର ନେବା ପାଇଁ ବିଚାର କରିପାରନ୍ତି।

**ମୀନ** - ଧାର୍ମିକ ଯାତ୍ରାରେ ଯାଇପାରନ୍ତି। ଅଧିକ କାମ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକେଇବ। ପତ୍ନୀଙ୍କ ସହିତ ବିବାଦ ହୋଇପାରେ। ବ୍ୟାପାର-ବ୍ୟବସାୟରେ ବଡ଼ ଡିଲ୍ ହାତରୁ ଚାଲିଯାଇପାରେ। ବାଣୀରେ ସଂଯମ ରଖନ୍ତୁ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ଅଭ୍ୟାସେପ୍ୟସମର୍ଥୋସି ମତ୍‌କର୍ମପରମୋ ଭବ।**
**ମଦର୍ଥମପି କର୍ମାଣି କୁର୍ବନ୍ ସିଦ୍ଧିମବାପ୍‌ସ୍ୟସି। (୧୨/୧୦)**

ଯେବେ ଅଭ୍ୟାସରେ ଅସମର୍ଥ ହୁଅ, ତେବେ ମୋର ପ୍ରୀତି ଉଦ୍ଦେଶ୍ୟରେ ନାନା ପ୍ରକାର କର୍ମ କର। ଯଦି ମୋର ପ୍ରୀତି ଉଦ୍ଦେଶ୍ୟରେ କର୍ମ କରିବ, ତୁମେ ନିଶ୍ଚୟ ମୋକ୍ଷ ଲାଭ କରି ପାରିବ। ଭଗବାନଙ୍କର ସାଧନା କରିବାକୁ ଯଦି ଜଣେ ଅକ୍ଷମ ତେବେ ଭଗବାନ ଗୋଟିଏ ସରଳ ମାର୍ଗ ଏଠାରେ ଦେଖାଇଛନ୍ତି। ସେ ଆଶ୍ୱାସନା ଦେଇ କହୁଛନ୍ତି - 'ତୁମେ ତୁମର ସକଳ କର୍ମ ମୋ ପ୍ରୀତି ଉଦ୍ଦେଶ୍ୟରେ ସମ୍ପାଦନ କର, ନିଶ୍ଚୟ ମୋତେ ପାଇବ।'
ଶ୍ରୀ ରାମକୃଷ୍ଣ କହନ୍ତି - ଯେତେବେଳେ ଜଣେ ଲୋକ ନିଜର ମାନସିକତା ପରିବର୍ତ୍ତନ କରେ ସେ ବନ୍ଧନରୁ ମୁକ୍ତ ହେଇଯାଏ। ମଣିଷ ଯେଉଁସବୁ କାର୍ଯ୍ୟ କରେ ସେସବୁ ଈଶ୍ୱରଙ୍କ କାର୍ଯ୍ୟ। 'ହେ ଭଗବାନ! ତୁମେ ତୁମର କାର୍ଯ୍ୟ ମୋ ଦ୍ୱାରା କରିନେଉଛ'। କିନ୍ତୁ ଅଜ୍ଞାନବଶତଃ ମୁଁ ଭାବେ ମୁଁ ହିଁ କର୍ତ୍ତା। ମୋତେ ତୁମର ଯନ୍ତ୍ର କରିନିଅ। ଏମନ୍ତ ମାନସିକତା ଅନୁସନ୍ଧିତ୍ସୁକୁ ବନ୍ଧନରୁ ମୁକ୍ତ କରେ।

# କମ୍ କ୍ଷତିକାରକ ତେଲ



ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ତେଲର ଆବଶ୍ୟକ ହୁଏ। ଲୋକମାନେ ଏଥିପାଇଁ ଅଲଗା ଅଲଗା ତେଲର ବ୍ୟବହାର କରନ୍ତି। କେଉଁଠି ସୋରିଷ ତେଲ, କେଉଁଠି ବାଦାମ ତେଲ ତ ଆଉ କେଉଁଠି ରିଫାଇଣ୍ଡ୍ ତେଲ। କିନ୍ତୁ ଅଧିକ ତେଲ ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ୍ୟ କମ୍ ତେଲ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେମାନଙ୍କ ଅନୁସାରେ କମ୍ କ୍ଷତିକାରକ ତେଲ ହେଉଛି କୋଲ୍ଡ-ପ୍ରେସ୍ ସୋରିଷ ବା ବାଦାମ ତେଲ। ରିଫାଇଣ୍ଡ୍ ତେଲ ଅଧିକ ପ୍ରୋସେଡ୍ ହୋଇଥିବାରୁ ଦୀର୍ଘ ସମୟ ଧରି ଏହାକୁ ଖାଇଲେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ସୋରିଷ ଓ ବାଦାମ ତେଲ ପାରମ୍ପରିକ ଭାବରେ କମ୍ ପ୍ରୋସେସ୍‌ଡ ହୋଇଥିବା ବେଳେ ରିଫାଇଣ୍ଡ୍ ତେଲରେ ରାସାୟନିକ ପ୍ରୋସେସିଂ ହୋଇଥାଏ। ସେଥିପାଇଁ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ସୋରିଷ ଓ ବାଦାମ ତେଲକୁ ସୁରକ୍ଷିତ ବୋଲି କୁହାଯାଏ।

ସୋରିଷ ତେଲ-ଏଥିରେ ଓମେଗା-୩ ଓ ୬ ଫ୍ୟାଟି ଏସିଡ୍ ଥାଏ ଯାହା ହୃଦୟର ସ୍ୱାସ୍ଥ୍ୟକୁ ଆହୁରି ଭଲ କରିଥାଏ। ଏହି ଫ୍ୟାଟି ଏସିଡ୍ ଖରାପ କୋଲେଷ୍ଟେରଲ୍‌ର ସ୍ତରକୁ ହ୍ରାସ କରାଇଥାଏ। ଏଥିରେ ଆଣ୍ଟିଅକ୍ସିଡେଣ୍ଟ୍ସ ଥାଏ ଓ ଭିଟାମିନ-ଏ, ଡ଼ି, ଇ ଓ କେ ଦ୍ୱାରା ଏହା ଭରପୂର ଥାଏ। ଏହି ପୋଷକ ତତ୍ତ୍ୱଗୁଡ଼ିକ ଶରୀରର ରୋଗ ପ୍ରତିରୋଧକ ପ୍ରଣାଳୀକୁ ମଜଭୁତ କରିଥାନ୍ତି ଓ ରୋଗ ସହିତ ଲଢ଼ିବାରେ ସାହାଯ୍ୟ କରିଥାନ୍ତି। ସୋରିଷ ତେଲ ଲାଳ ଗ୍ରନ୍ଥିଗୁଡ଼ିକୁ ଉତ୍ତେଜିତ କରିଥାଏ ଯେଉଁଥି ପାଇଁ ପାଚନ ପ୍ରକ୍ରିୟା ଉନ୍ନତମାନର ହୁଏ।

# ରହସ୍ୟ, ଲୋକକଥା ନା ପାରମ୍ପରିକ କାହାଣୀ !



ଗର୍ଭାବସ୍ଥା ପର୍ଯ୍ୟଟନ ବା ପ୍ରେଗ୍‌ନେନ୍ସି ଟୁରିଜ୍‌ମ ସମ୍ପର୍କରେ ଆମେ ଯଦି ଚିନ୍ତା କରିବା ତେବେ ଆମର ଧ୍ୟାନ ସେହି ଦେଶଗୁଡ଼ିକ ଆଡ଼କୁ ଯିବ ଯେଉଁଠାରେ ଗର୍ଭବତୀ ମହିଳାମାନେ ନିଜ ପିଲାମାନଙ୍କ ପାଇଁ ଜନ୍ମରୁ ନାଗରିକତା ବା ଉତ୍ତମ ସ୍ୱାସ୍ଥ୍ୟ ସୁବିଧାଗୁଡ଼ିକୁ ହାସଲ କରିବା ପାଇଁ ଯାଆନ୍ତି। ଏହା ଏକ ବୈଶ୍ୱିକ ଚଳନ ଯାହା କାଗଜପତ୍ର ଦ୍ୱାରା ଲାଭାନ୍ୱିତ ହୋଇଥାଏ ଓ ଅବସରଗୁଡ଼ିକ ଦ୍ୱାରା ପ୍ରେରିତ ହୋଇଥାଏ। କିନ୍ତୁ ଆମ ଦେଶରେ ଲଦ୍ଦାଖର ଆର୍ଯ୍ୟନ୍ ଘାଟିର ଏହି କାହାଣୀ ସମ୍ପୂର୍ଣ୍ଣ ଭାବରେ ଅଲଗା। ଏଠାରେ ପ୍ରେଗ୍‌ନେନ୍ସି ଟୁରିଜ୍‌ମର ଅର୍ଥ ପାସ୍‌ପୋର୍ଟ, ଆଧୁନିକ ହସ୍‌ପିଟାଲ୍ ବା ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ସହିତ ସମ୍ପର୍କ ନାହିଁ। ଏହାର ଗଭୀର ସମ୍ବନ୍ଧ ଶହ ଶହ ବର୍ଷ ପୁରୁଣା ପରମ୍ପରା, ସ୍ଥାନୀୟ ଲୋକକଥା ଓ ନସ୍ଲୀୟ ଶୁଦ୍ଧତାର ଜୁନୁନ୍ ସହିତ ଜଡ଼ିତ ହୋଇ ରହିଛି। ଏହା ଏକ ଅନୋଖା ମାମଲା ଯେଉଁଠିକୁ ପର୍ଯ୍ୟଟକମାନେ ଭୌଗୋଳିକ ସୁନ୍ଦରତା ପାଇଁ ନୁହେଁ ଏକ ବିଶେଷ ଜେନେଟିକ ଲାଇନ୍‌ର ସନ୍ଧାନରେ ଯାଇଥାନ୍ତି। ଏଥିପାଇଁ ଏହି ପର୍ଯ୍ୟଟନ ଏକ ସାଂସ୍କୃତିକ ଓ ନୈତିକ ରହସ୍ୟ ହୋଇ ରହିଯାଏ। କିନ୍ତୁ ବୈଜ୍ଞାନିକମାନେ ଏକଥା ସହିତ ସହମତ ନୁହନ୍ତି ଓ ବିଶେଷଜ୍ଞମାନେ ଏହାକୁ ଏକ ବ୍ୟାପକ ପ୍ରଥା ପରିବର୍ତ୍ତେ ଗୁଜବ, ଗପସପ ଓ ପର୍ଯ୍ୟଟନ ଆକର୍ଷଣର ଏକ ମାଧ୍ୟମ ବୋଲି ଭାବନ୍ତି। ସ୍ଥାନୀୟ ପୁରୁଷମାନଙ୍କୁ ଏଥିପାଇଁ କ୍ଷତିପୂରଣ ଦିଆଯାଏ ବୋଲି ମଧ୍ୟ ଶୁଣିବାକୁ ମିଳେ।

ଅଜବ ଧାରଣା-ଲଦ୍ଦାଖର ଆର୍ଯ୍ୟନ ଘାଟିରେ ଦାହ, ହନୁ, ଦାରଚିକ ପରି ସୁନ୍ଦର ଗ୍ରାମଗୁଡ଼ିକରେ ରହୁଥିବା ବ୍ରୋକ୍‌ପା ସମୁଦାୟ ଯାହାକୁ ଡ୍ରୋକ୍‌ପା ବୋଲି ମଧ୍ୟ କୁହାଯାଏ ଏମାନେ ଅନ୍ୟ ଲଦ୍ଦାଖୀ ସମୁଦାୟଗୁଡ଼ିକ ଠାରୁ ଅନେକ କ୍ଷେତ୍ରରେ ଅଲଗା। ଏମାନଙ୍କ ପରିଚୟ, ଲମ୍ବା ଶରୀର, ଗୋରା ସ୍କିନ୍ ଓ ହାଲୁକା ରଙ୍ଗର ଆଖି ଏମାନଙ୍କର ବିଶେଷତା। ସ୍ଥାନୀୟ ଲୋକକଥା ଓ ପର୍ଯ୍ୟଟନ କଥାଗୁଡ଼ିକରେ ବ୍ରୋକ୍‌ପାମାନଙ୍କୁ ଅନ୍ତିମ ଶୁଦ୍ଧଆର୍ଯ୍ୟ ବୋଲି କୁହାଯାଇଛି। ଏମାନେ ଈସାଙ୍କ ପୂର୍ବରୁ ସିକନ୍ଦର ମହାନଙ୍କ ସହିତ ଭାରତକୁ ଆସି ଏଠାରେ ରହିଗଲେ। ତେବେ ଏହା ସତ ହେଉ ଅବା ମିଥ୍ୟା କିନ୍ତୁ ଏହା ଗର୍ଭାବସ୍ଥା ପର୍ଯ୍ୟଟନର କାହାଣୀକୁ ଜନ୍ମ ଦେଇଛି। ତେବେ କିମ୍ବଦନ୍ତୀ ଅନୁସାରେ ବିଶେଷ କରି ଜର୍ମାନୀ ଓ ୟୁରୋପ୍‌ର କେତେକ ଭାଗରୁ ବିଦେଶୀ ମହିଳାମାନେ ବ୍ରୋକ୍‌ପା ଗ୍ରାମକୁ ଏହି ଲକ୍ଷ୍ୟରେ ଯାଇଥାନ୍ତି।

# ପୁଣି ହେବ ରନ୍‌ବୀର-ବିକିଙ୍କ ଟକ୍କର



ଆସନ୍ତା ବର୍ଷ ଫିଲ୍ମ 'ଲଭ୍ ଆଣ୍ଡ ୱାର୍' ଜରିଆରେ ବଡ଼ ପରଦାକୁ ଫେରିବେ ରନ୍‌ବୀର କପୁର। ଇଦ୍‌ରେ ରିଲିଜ ହେବାକୁ ଥିବା ଏହି ଫିଲ୍ମର ଟକ୍କର ହେବ ଯଶଙ୍କ ଫିଲ୍ମ 'ଟକ୍ସିକ୍' ସହିତ। ଫିଲ୍ମ 'ଲଭ୍ ଆଣ୍ଡ ୱାର୍'ରେ ମଧ୍ୟ ରନ୍‌ବୀର ଓ ଯଶ ଏକା ସହିତ ନଜର ଆସିବେ। ସଞ୍ଜୟ ଲୀଳା ଭଂସାଲୀଙ୍କ ଫିଲ୍ମରେ ରନ୍‌ବୀର ଓ ବିକି କୌଶଲ ପରସ୍ପର ସହିତ ଆମ୍ନା ସାମ୍ନା ହେବେ ଯାହାର କିଛି ଅଂଶର ସୁଟିଂ ହୋଇସାରିଲାଣି ଓ ଆଉ କିଛି କାମକୁ ଶୀଘ୍ର ଆରମ୍ଭ କରାଯିବ। ତେବେ ଏହା ମଧ୍ୟରେ ଆଲିଆଙ୍କ ଫିଲ୍ମ ଉପରେ ଆସିଛି ଏକ ଅପଡେଟ୍। ଯଦିଓ ଆଲିଆ, ଭଂସାଲୀଙ୍କ ଫିଲ୍ମର ଅଂଶବିଶେଷ କିନ୍ତୁ ଏହି ନୂଆ ଫିଲ୍ମରେ ରନ୍‌ବୀର-ବିକିଙ୍କ ମଧ୍ୟରୁ କାହାର ଏଣ୍ଟ୍ରି ହେବ ସେ ବିଷୟରେ ତଥ୍ୟ ମିଳିପାରି ନାହିଁ। ଯେଉଁ ଅଭିନେତାଙ୍କର ଚୟନ କରାଯିବ ସେ ଆଲିଆଙ୍କ ସହିତ ଏଥିରେ ନଜର ଆସିବେ। 'ରକି ଔର୍ ରାନୀ କୀ ପ୍ରେମ୍ କାହାନୀ' ପରେ କରଣ ଜୋହର ନିଜର ଆଗାମୀ ଫିଲ୍ମ ପାଇଁ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହେଉଛନ୍ତି ଯାହା ଉପରେ ଅପ୍‌ଡେଟ୍ ଆସୁଛି। କରଣଙ୍କ ଆଗାମୀ ଫିଲ୍ମରେ ମୁଖ୍ୟ ଭୂମିକା ପାଇଁ ଏ ସମୟରେ ରନ୍‌ବୀର କପୁର ଓ ବିକି କୌଶଲଙ୍କ ସହିତ କଥାବାର୍ତ୍ତା ଚାଲିଛି। ଏମାନଙ୍କ ମଧ୍ୟରୁ ଜଣଙ୍କୁ ଫାଇନାଲ୍ କରାଯିବ। ଯଦି ବିକି ଫାଇନାଲ୍ ହେବେ ତେବେ ଏହା ଆଲିଆ, କରଣ ଓ ବିକିଙ୍କର ତୃତୀୟ ଫିଲ୍ମ ହେବ। କାରଣ



ପୂର୍ବରୁ ଫିଲ୍ମ 'ରାଜି'ରେ ଓ ଏବେ 'ଲଭ୍ ଆଣ୍ଡ ୱାର୍'ରେ ଦ୍ୱିତୀୟ ଥର ଏମାନଙ୍କୁ ଦେଖିବାକୁ ମିଳିବ। ସେହିପରି ରନ୍‌ବୀର-ଆଲିଆ ଯୋଡ଼ିଙ୍କୁ ପୂର୍ବରୁ 'ବ୍ରହ୍ମାସ୍ତ୍ର'ରେ ଦେଖିବାକୁ ମିଳିଥିଲା। ଏବେ 'ବ୍ରହ୍ମାସ୍ତ୍ର-୨'ରେ ଏମାନଙ୍କୁ ପୁଣି ଥରେ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ କରଣଙ୍କ ଫିଲ୍ମ ପାଇଁ କାହାକୁ ସିଲେକ୍ଟ କରାଯିବ ତାହା ଦେଖିବା କଥା।

# ବିଶ୍ୱ ଅକ୍ଟୋପସ୍ ଦିବସ

ଆଜି ବିଶ୍ୱ ସ୍ତରରେ ପାଳନ କରାଯାଉଛି ଅକ୍ଟୋପସ୍ ଦିବସ। ଏହି ଅଦ୍ଭୁତ ଓ ଆଠଟି ଗୋଡ଼ଥିବା ଜୀବମାନେ ଆମ ମହାସାଗରଗୁଡ଼ିକର ଶୋଭା ବୃଦ୍ଧି କରେଇ ଥାଆନ୍ତି ଓ କେବେ କେବେ ପାଣିରୁ ବାହାରକୁ ବି ଆସିଯାଆନ୍ତି। ତେଣୁ ଅକ୍ଟୋପସ୍ ଦିବସରେ ଏମାନଙ୍କର କେତୋଟି ପ୍ରଜାତି ବିଷୟରେ ଜାଣିବା।


**ବିଶାଳ ପ୍ରଶାନ୍ତ ଅକ୍ଟୋପସ୍-** ଏହା ହେଉଛି ଦୁନିଆର ସବୁଠାରୁ ବଡ଼ ପ୍ରଜାତି ଓ ଆମେରିକାର ପ୍ରଶାନ୍ତ ଉତ୍ତର-ପଶ୍ଚିମରୁ ଆରମ୍ଭ କରି ଜାପାନ କୂଳ ପର୍ଯ୍ୟନ୍ତ ଏହି ପ୍ରଜାତିଙ୍କୁ ଦେଖିବାକୁ ମିଳିଯାଏ। ଏମାନଙ୍କ ନମୁନାଗୁଡ଼ିକର ଲମ୍ବା ୧୬ ଫୁଟ୍‌ରୁ ବି ଅଧିକ ଓ ଓଜନ ୨୭୨ କି.ଗ୍ରା ପର୍ଯ୍ୟନ୍ତ ହୋଇଥାଏ। କିନ୍ତୁ ଅଧିକାଂଶଙ୍କ ଓଜନ ଏହାଠାରୁ ମଧ୍ୟ କମ୍ ଥାଏ। ଏମାନଙ୍କର ପ୍ରତ୍ୟେକ ଗୋଡ଼ରେ ୨୮୦ ପର୍ଯ୍ୟନ୍ତ ଚୁଷକ ଥାଏ। ଏକ ବିଶାଳ ପ୍ରଶାନ୍ତ ମାଦା ଅକ୍ଟୋପସ୍ ୯୦,୦୦୦ ପର୍ଯ୍ୟନ୍ତ ଅଣ୍ଡା ଦେଇପାରେ। ତେବେ ଅଧିକାଂଶ ଅକ୍ଟୋପସ୍ ପରି ଏମାନେ ଅଣ୍ଡା ଦେବାର କିଛି ସମୟ ପରେ ମୃତ୍ୟୁବରଣ କରିଥାନ୍ତି।



**ନୀଳ ବଳୟର ଅକ୍ଟୋପସ୍-** ଏମାନଙ୍କର ଚାରୋଟି ନିକଟ ସମ୍ବନ୍ଧୀୟ ପ୍ରଜାତି ଅଛନ୍ତି ଯେଉଁଗୁଡ଼ିକ ପଶ୍ଚିମୀ ପ୍ରଶାନ୍ତ ମହାସାଗର ବିଶେଷ ଭାବରେ ଅଷ୍ଟ୍ରେଲିଆରେ ଜ୍ୱାରୀୟ କୁଣ୍ଡଗୁଡ଼ିକରେ ଦେଖିବାକୁ ମିଳନ୍ତି। ଏମାନଙ୍କ ଛୋଟ ଶରୀର ଉପରେ ନୀଳ ରଙ୍ଗର ଚିହ୍ନ ଥାଏ ଯେଉଁଗୁଡ଼ିକର ଲମ୍ବା ପାଖାପାଖି ୫-୮ ଇଞ୍ଚ ପର୍ଯ୍ୟନ୍ତ ହୋଇଥାଏ। ଏମାନେ ଆକ୍ରମକ ନୁହନ୍ତି ଓ କାମୁଡ଼ିଲେ ଅଧିକ ଯନ୍ତ୍ରଣା ମଧ୍ୟ ହୁଏ ନାହିଁ। ଏହା ସତ୍ତ୍ୱେ ବି ସମୁଦ୍ରର ବିପଦଜନକ ଜୀବମାନଙ୍କ ମଧ୍ୟରେ ଏମାନଙ୍କୁ ସାମିଲ କରାଯାଇଛି। ବୋଧହୁଏ ଏହି କାରଣ ପାଇଁ ଏମାନେ କେବେ କେଉଁଠି ଆକ୍ୱାରିୟମ୍‌ରେ ଦେଖିବାକୁ ମିଳନ୍ତି।

**ଡ଼ମ୍ବୋ ଅକ୍ଟୋପସ୍-** ସେଫାଲୋପୋଡ୍‌ସର ଏକ ସମୂହ ହେଉଛନ୍ତି ଡ଼ମ୍ବୋ ଅକ୍ଟୋପସ୍। ଏମାନଙ୍କ ମୁଣ୍ଡରୁ କାନ ପରି ପଙ୍ଖ ବାହାରିଥାଏ। ଗଭୀର ସମୁଦ୍ରରେ ଅର୍ଥାତ ୯,୮୦୦-୧୩,୦୦୦ ଫୁଟ୍ ଗଭୀରତାରେ ଏମାନେ ରହନ୍ତି। ଏମାନଙ୍କ ମେଣ୍ଟଲ୍ ବା କେନ୍ଦ୍ରୀୟ ଶରୀରର ଆକାର କାରଣରୁ ଏମାନଙ୍କୁ ଅମ୍ବ୍ରେଲା ଅକ୍ଟୋପସ୍ ବୋଲି କୁହାଯାଏ। ଏ ପର୍ଯ୍ୟନ୍ତ ଏମାନଙ୍କର ୧୭ଟି ପ୍ରଜାତିଙ୍କୁ ଅନ୍ୱେଷଣ କରାଯାଇଛି। ଏମାନଙ୍କର ଲମ୍ବା ୮ ଫୁଟ୍ ପର୍ଯ୍ୟନ୍ତ ଥାଏ।

# ଉପନ୍ୟାସ ସମ୍ରାଟ



ଜଣେ ସଫଳ ଲେଖକ, ଦେଶଭକ୍ତ ନାଗରିକ, କୁଶଳ ବକ୍ତା, ଦାୟିତ୍ୱବାନ ସଂପାଦକ ଓ ସମ୍ବେଦନଶୀଳ ରଚନାକାର ଥିଲେ ମୁନ୍‌ସୀ ପ୍ରେମଚାନ୍ଦ। ବିଂଶ ଶତାବ୍ଦୀର ପୂର୍ବାର୍ଦ୍ଧରେ ଯେତେବେଳେ ହିନ୍ଦୀ ଭାଷାରେ କାମ କରିବାର ଟେକ୍‌ନିକି ସୁବିଧା ନଥିଲା ସେ ସମୟରେ ଏତେ କାମ କରୁଥିବା ଲେଖକ ତାଙ୍କ ବ୍ୟତୀତ ଆଉ କେହି ନଥିଲେ। ୩୧ ଜୁଲାଇ, ୧୮୮୦ରେ ବାରାଣସୀର ଲମହୀ ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ଗରିବୀ ସହିତ ସଂଘର୍ଷ କରି ସେ ମାଟ୍ରିକ୍ ଓ ପରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ଇଂରାଜୀ ସାହିତ୍ୟରେ, ପାର୍ସିଆନ ଓ ଇତିହାସ ବିଷୟରେ ସ୍ନାତକ ଉପାଧିରେ ଦ୍ୱିତୀୟ ଶ୍ରେଣୀ ପ୍ରାପ୍ତ କରିଥିଲେ। ପ୍ରେମଚାନ୍ଦ ତାଙ୍କର ସାହିତ୍ୟିକ ନାମ। ତାଙ୍କର ବାସ୍ତବିକ ନାମ ଥିଲା ଧନପତ୍ ରାୟ। ସରକାରୀ ସେବା କରିବା ସହିତ ସେ କାହାଣୀ ଲେଖିବା ଆରମ୍ଭ କରିବା ସମୟରେ ନିଜ ନାମ ନବାବ ରାୟ ଲେଖୁଥିଲେ। କିନ୍ତୁ ସରକାର ଯେତେବେଳେ ତାଙ୍କର ପ୍ରଥମ କାହାଣୀ-ସଂଗ୍ରହ, 'ସୋଜେ ୱତନ'କୁ ଜବତ କରିନେଲେ ସେ ନବାବ ନାମ ତ୍ୟାଗ କରିଥିଲେ। ପରେ ତାଙ୍କର ଅଧିକାଂଶ ସାହିତ୍ୟ ପ୍ରେମଚାନ୍ଦ ନାମରେ ପ୍ରକାଶିତ ହୋଇଥିଲା। ପ୍ରେମଚାନ୍ଦଙ୍କ ରଚନା-ଦୃଷ୍ଟି, ବିଭିନ୍ନ ସାହିତ୍ୟ ରୂପରେ ଅଭିବ୍ୟକ୍ତ ହେଲା। ସେ ବହୁମୁଖୀ ପ୍ରତିଭା ସମ୍ପନ୍ନ ସାହିତ୍ୟକାର ଥିଲେ। ତାଙ୍କ ରଚନାଗୁଡ଼ିକ ଜନସାଧାରଣରଙ୍କ ଭାବନା, ପରିସ୍ଥିତି ଓ ତାଙ୍କର ସମସ୍ୟାଗୁଡ଼ିକର ମାର୍ମିକ ଚିତ୍ରଣ କରୁଥିଲା। ତାଙ୍କର କୃତିଗୁଡ଼ିକ ଦେଶର ସର୍ବାଧିକ ବିଶାଳ ଓ ବିସ୍ତୃତ ବର୍ଗର କୃତି। ଏହି ସାହିତ୍ୟ ସୃଜନକାର ୧୯୩୬ର ଆଜିର ଦିନରେ ଜଳୋଦର ରୋଗରେ ଦେହତ୍ୟାଗ କରିଥିଲେ।

# ଭାରତୀୟ ବାୟୁସେନା



ଭାରତୀୟ ସଶସ୍ତ୍ର ବଳଗୁଡ଼ିକର ଏହା ହେଉଛି ଶାଖା। ଦେଶର ଆକାଶମାର୍ଗକୁ ସୁରକ୍ଷିତ ରଖିବା ଓ ସଶସ୍ତ୍ର ସଂଘର୍ଷଗୁଡ଼ିକରେ ଯୁଦ୍ଧ କରିବା ଭାରତୀୟ ବାୟୁସେନାର ପ୍ରାଥମିକ ମିଶନ। ୟୁକେର ରୟାଲ୍ କିଙ୍ଗଡମ୍‌ର ରୟାଲ୍ ଏୟାର୍ ଫୋର୍ସ ସହିତ ଏକ ସହାୟକ ଦଳ ଭାବରେ ଭାରତୀୟ ବାୟୁସେନାର ଗଠନ ହୋଇଥିଲା। ୧୯୩୨ରେ ଜାପାନ ବିରୁଦ୍ଧରେ ୟୁକେର ରୟାଲ୍ ଏୟାର୍ ଫୋର୍ସର ସମର୍ଥନ କରି ଏହି ଦଳର ଗଠନ କରାଯାଇଥିଲା। ଭାରତୀୟ ବାୟୁସେନା ତା'ର ପ୍ରଥମ ସ୍କ୍ୱାଡ୍ରର୍ଣ୍ଣ ଗଠନ କଲା ଓ ପ୍ରଥମ ମିଶନ ଆଜିର ତାରିଖରେ ପୂରା କରିଥିଲା। ଏହାପରେ ଧୀରେ ଧୀରେ ବାୟୁସେନା ନିଜର ତାକତ ଦେଖାଇବା ଆରମ୍ଭ କରିଥିଲା ଓ କିଛି ସମୟ ମଧ୍ୟରେ ଦୁନିଆର ସବୁଠାରୁ ଶକ୍ତିଶାଳୀ ବାୟୁସେନା ଭାବରେ ଏହା ନିଜକୁ ପ୍ରମାଣିତ କରିପାରିଥିଲା। ଆଜିର ଦିନରେ କାର୍ଯ୍ୟ ଆରମ୍ଭ କରିଥିବାରୁ ପ୍ରତିବର୍ଷ ଏହି ଦିନରେ ଭାରତୀୟ ବାୟୁସେନା ଦିବସ ପାଳନ କରାଯାଉଛି। ଏୟାର୍ ମାର୍ଶାଲ୍ ସୁବ୍ରୋତୋ ମୁଖାର୍ଜୀଙ୍କୁ ଭାରତୀୟ ବାୟୁସେନାର ସଂସ୍ଥାପକ ଭାବରେ ଗ୍ରହଣ କରାଯାଏ। ତେବେ ୧୯୫୦ ପରଠାରୁ ଭାରତୀୟ ବାୟୁସେନା ପଡ଼ୋଶୀ ପାକିସ୍ତାନ ସହିତ ଚାରୋଟି ଯୁଦ୍ଧରେ ସାମିଲ ହୋଇସାରିଛି। ଏହା ବ୍ୟତୀତ ଭାରତୀୟ ବାୟୁସେନା ଅପରେସନ୍ ବିଜୟ, ଅପରେସନ୍ ମେଘଦୂତ, ଅପରେସନ୍ କ୍ୟାକ୍ଟସ୍ ଓ ଅପରେସନ୍ ପୁମଲାଇରେ ସାମିଲ ହୋଇଛି। ପାଖାପାଖି ୧,୭୦,୦୦୦ ବ୍ୟକ୍ତିଗତ ଓ ୧୫୦୦ ବିମାନ ସହିତ ଆଇଏଏଫ୍ ସଂଯୁକ୍ତ ରାଜ୍ୟ ଆମେରିକା, ରୁଷ ଓ ଚୀନ୍ ପରେ ଦୁନିଆର ଚତୁର୍ଥ ସ୍ଥାନରେ ଅଛି ଭାରତୀୟ ବାୟୁସେନା। ଏହି ଦିବସ ସବୁ ଦେଶବାସୀ ଓ ବାୟୁସେନା ଦଳଙ୍କୁ ଗର୍ବ ଓ ଦେଶଭକ୍ତିର ଭାବନାରେ ଭରିଦିଏ।

# କଟକରେ ଜୀବନ ଯାତ୍ରା ସ୍ୱାଭାବିକ୍

**କଟକ,୭।୧୦/ଏନ୍ଏନ୍ଏସ୍:** କଟକର ୧୩ ଥାନା ଅଞ୍ଚଳରେ ରବିବାର ଠାରୁ ୩୬ ଘଣ୍ଟିଆ କର୍ଫ୍ୟୁ ଜାରି କରାଯାଇଥିଲା । ମଙ୍ଗଳବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିଥିଲା । ଅବଧି ପୂରଣ ପରେ କର୍ଫ୍ୟୁ କଟକଣା ଉଠିଯାଇଥିଲା । କଟକରେ ପରିସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି । ଜୀବନ ଯାତ୍ରା ସ୍ୱାଭାବିକ୍ ହୋଇଛି ।

କଟକ ସହରକୁ ଫେରୁଛି ଶାନ୍ତି । କୋହଳ ହୋଇଛି କର୍ଫ୍ୟୁ କଟକଣା । ସହରରେ ଜୀବନଯାତ୍ରା ସ୍ୱାଭାବିକ ହୋଇଛି । ପୂର୍ବ ଘୋଷଣା ଅନୁଯାୟୀ ଆଜି ସକାଳ ୧୦ଟା ପର୍ଯ୍ୟନ୍ତ କର୍ଫ୍ୟୁ ଥିଲା । ଦରଘାବଜାର ସମେତ ୧୩ଟି ଥାନା ଅଞ୍ଚଳରେ କର୍ଫ୍ୟୁ ଲାଗିଥିଲା । ମଙ୍ଗଳାବାଗ୍, କ୍ୟାଣ୍ଟନ୍‌ମେଣ୍ଟ, ପୁରୀଘାଟ, ବାଦାମବାଡ଼ି, ଲାଲ୍‌ବାଗ୍, ବିଡ଼ାନାସୀ, ମର୍କତନଗର, ଉଡ଼ଇ ଫେଜ୍-୨, ମାଲ୍‌ଗୋଦାମ, ଜଗତପୁର, ବୟାଳିଶି ମୌଜା, ସଦର ଥାନା ଅଞ୍ଚଳରେ କର୍ଫ୍ୟୁ ଥିଲା । ଅବଧି ବୃଦ୍ଧି ନହେବାରୁ କଟକଣା ଉଠାଯାଇଛି ।

'ଭାଇଚାରା'ର ସହର କଟକକୁ ଶାନ୍ତି ଫେରୁଛି । ସହରର ଜୀବନଯାତ୍ରାରେ ସ୍ୱାଭାବିକତା ଫେରାଇ ଆଣିବାକୁ ସବୁ ସ୍ତରରେ, ସବୁ ମହଲରେ ଉଦ୍ୟମ ଜାରି ରହିଛି । ବିଗିଡ଼ି ଯାଇଥିବା ଆଇନ ଶୃଙ୍ଖଳା ସ୍ଥିତିରେ ବେଶ ସୁଧାର ମଧ୍ୟ ଆସିଛି । ସାରା ସହର ପୁଲିସ ଫୋର୍ସ ବଳୟରେ ରହିଥିବା ବେଳେ ପୁଲିସ ଡିଜି ୱାଇ. ବି. ଖୁରାନିଆ, ପୁଲିସ କମିସନର ଏସ୍. ଦେବଦତ୍ତ ସିଂଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ କଟକରେ କ୍ୟାମ୍ପ୍ କରି ସ୍ଥିତି ଉପରେ ନଜର ରଖିଛନ୍ତି । ଅନ୍ୟପକ୍ଷରେ, ରବିବାର ସନ୍ଧ୍ୟା ୭ଟାରୁ କଟକ ସହରରେ ଇଣ୍ଟରନେଟ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ୭ଟା ପରେ ଏହାକୁ ଖୋଲିଦିଆଯାଇଛି ।







## ସ୍ୱାଭାବିକ୍ ହେଲା ଇଣ୍ଟରନେଟ୍

ମଙ୍ଗଳବାର ସନ୍ଧ୍ୟା ୭ଟା ୧୦ ମିନିଟ୍ ବେଳକୁ ଇଣ୍ଟରନେଟ୍ ସେବା ସ୍ୱାଭାବିକ୍ ହୋଇଛି । ଫଳରେ ମୋବାଇଲ୍ ବା ଇଣ୍ଟରନେଟ୍‌ରେ ସମୟ ବିତାଉଥିବା ଲୋକେ ଏବେ ଆଶ୍ୱସ୍ତ ହୋଇଛନ୍ତି । ବିନା ଇଣ୍ଟନେଟ୍‌ରେ ଦୁଇଦିନ ବିତାଇବା ଅତିବ କଷ୍ଟଦାୟକ ଥିଲା । ବିଶେଷକରି ଯୁବଗୋଷ୍ଠୀକୁ ଏହି ସମସ୍ୟା ଅଧିକ ଆକ୍ରାନ୍ତ କରିଥିଲା । ଇଣ୍ଟରନେଟ୍ ବନ୍ଦ ପାଇଁ ବ୍ୟାଙ୍କ୍ କାରବାର ହୋଇ ପାରୁନଥିବା ବେଳେ ଚିକିତ୍ସା ପାଇଁ କଟକ ଆସିଥିବା ରୋଗୀମାନେ ଓପିଡି ଟିକେଟ୍ ପାଇବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଅନ୍‌ଲାଇନ୍ ଦ୍ୱାରା ପରିଚାଳିତ ହେଉଥିବା ୟୁପିଆଇ ନଚାଲିବାରୁ ଆର୍ଥିକ କାରବାର ବଡ଼ ସମସ୍ୟା ସୃଷ୍ଟି ହୋଇଛି । ଏବେ କ୍ୟାସ୍ ଅପେକ୍ଷା ୟୁପିଆଇ କାରବାର ଉପରେ ଅଧିକାଂଶ ଲୋକେ ନିର୍ଭରଶୀଳ । ନେଟ୍ ନଥିବାରୁ ଲୋକେ ୟୁପିଆଇରେ କାରବାର କରିପାରି ନଥିଲେ । ଅପରପକ୍ଷରେ ଏଟିଏମ୍‌ରୁ ମଧ୍ୟ ପଇସା ଉଠାଇବା ସମ୍ଭବ ହୋଇପାରିନଥିଲା । ଫଳରେ ଆର୍ଥିକ କାରବାର ବାଧାପ୍ରାପ୍ତ ହେବା ସହିତ ଲୋକଙ୍କୁ ନାନବିଧ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।

## କର୍ଫ୍ୟୁ ନେଇ କନ୍‌ଫ୍ୟୁଜନ୍

ପୂର୍ବାହ୍ନ ୧୦ଟା ବାଜିଲା । ଏହାଥିଲା ଗତ ୩୬ ଘଣ୍ଟାଧରି କଟକ ସହରରେ ଲାଗୁ ହୋଇଥିବା କର୍ଫ୍ୟୁର କଣ୍ଟ । ପୁଲିସ କିମ୍ବା ପ୍ରଶାସନ ପକ୍ଷରୁ କର୍ଫ୍ୟୁର ପରବର୍ତ୍ତି କାଳର କୌଣସି ସୂଚନା ଦିଆଗଲା ନାହିଁ । ଫଳରେ ଡ୍ୟୁଟିରେ ଥିବା ପୁଲିସ କର୍ମଚାରୀ ଏବଂ ସାଧାରଣ ଜନତା ମଧ୍ୟରେ କର୍ଫ୍ୟୁକୁ ନେଇ କନ୍‌ଫ୍ୟୁଜନ୍ ବା ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା । ଅନେକ ଯୁକ୍ତି କରୁଥିଲେ ୧୦ଟା ବାଜିଲାମାନେ କଣ୍ଟ ପୂରିଲା । କର୍ଫ୍ୟୁ ହଟିଲା । ଆଉ କେତେକ ପ୍ରଶାସନର ଅପଡେଟ୍‌କୁ ଅପେକ୍ଷା କରି ରହିଲେ । ଗୋଟାଏ ପଟେ ପରସ୍ଥିତି ସ୍ୱାଭାବିକ୍ ଲାଗୁଥିଲା ବେଳେ ଅପରପକ୍ଷେ କେତେକ ପୁଲିସ ଟିମ୍ ଏହାକୁ ମାନୁନଥିଲେ । ଉପର ନିର୍ଦ୍ଦେଶ କିଛି ଆସିନାହିଁ । ଅର୍ଥାତ୍ କର୍ଫ୍ୟୁ ବଳବତ୍ତର ରହିଛି ନ୍ୟାୟରେ କଟକଣାକୁ ଲୋକଙ୍କ ଉପରେ ଲଦି ଦେଉଥିଲେ । ବଡ଼ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଥିଲା ଅନେକ ଅଞ୍ଚଳରେ । ତେବେ ଦିନ ପ୍ରାୟ ଗୋଟାଏ ବେଳେକୁ ସବୁ ଯେମିତି ଠିକ୍‌ଠାକ୍ ହୋଇଯାଇଥିଲା ।

## ସହାୟତା ପ୍ରସଙ୍ଗକୁ ଭୁଲିଗଲା ପ୍ରଶାସନ

କଟକରେ ଶାନ୍ତି ଫେରାଇ ଆଣିବା ଲାଗି କର୍ଫ୍ୟୁ ଲାଗିଲା । ଶନିବାର ରାତି ଏଗାରଟା ବେଳକୁ ଘୋଷଣା ହୋଇଥିଲା କର୍ଫ୍ୟୁ । ମାତ୍ର ସକାଳୁ ଯାହାର ବାହରକୁ ଯିବାକୁ ଥିବ କିମ୍ବା କୌଣସି ଜରୁରୀ ସହାୟତା ଆବଶ୍ୟକ ଥିବ, ସେଥିପାଇଁ କିଛି ବ୍ୟବସ୍ଥା ନଥିଲା ପ୍ରଶାସନର । ଗତକାଲି ହାତୀପୋଖରୀ ଏବଂ ଦରଘାବଜାର ଅଞ୍ଚଳର ଜଣେ ଛାତ୍ର ରାତି ୮.୪୫ରେ ସିଏନ୍‌ବିଟିରୁ ଭାଇଜାଗସ୍ଥିତ ଏକ କଲେଜକୁ ଯିବା ପାଇଁ ବସ୍ ଧରିବାର ଥିଲା । ସେ ଟିକେଟ କରିସାରିଥିଲେ । ମାତ୍ର ସେ ଯେଉଁ ଅଞ୍ଚଳରେ ରହୁଥିଲେ ତାହା ଥିଲା ଅତି ସ୍ପର୍ଶକାତର ଅଞ୍ଚଳ । କେମିତି ଯିବେ ? ସହାୟତା ଆଶା କରୁଥିଲେ । ବସ୍ ଟାଇମ୍ ହେଇଯାଉଥାଏ । ଅନେକଙ୍କୁ ସହାୟତା ସେ ମାଗିଲେ, ମାତ୍ର ତାଙ୍କ ଘର ନିକଟକୁ ପୁଲିସ କାହାକୁ ନ ଛାଡ଼ିବାରୁ ସହାୟତା କରିବାକୁ ଆସୁଥିବା ବନ୍ଧୁମାନେ ଫେରିବାକୁ ବାଧ୍ୟ ହୋଇଥିଲେ । ତେବେ ରାତି ସାଢ଼େ ସାତଟା ବେଳେ ଛାତ୍ରଙ୍କ ପିତା ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଏନେଇ ସହାୟତା ମାଗିଥିଲେ । ସାମ୍ବାଦିକ ଜଣକ ସମସ୍ୟାକୁ ଉପଲବ୍ଧି କରି ନିଜର ପରିଚୟପତ୍ର ଛାତିରେ ଝୁଲାଇ ନେଇ ସେହି ସ୍ପର୍ଶକାତର ଅଞ୍ଚଳକୁ ସନ୍ଧ୍ୟାରେ ଗଲେ । ପୁଲିସ ସହିତ ତାଙ୍କୁ ମଧ୍ୟ କିଛି ସମୟ କଥାବାର୍ତ୍ତା କରିବାକୁ ପଡ଼ିଥିଲା । ଶେଷରେ ଛାତ୍ର ଜଣଙ୍କୁ ସେ ଘରୁ ଆଣି ବସ୍ ପାଖରେ ପହଞ୍ଚାଇଲେ । ଆଉ କିଛି ସମୟ ଡେରି ହୋଇଥିଲେ ହୁଏତ ତାଙ୍କର ବସ୍ ଫେଲ୍ ହୋଇଥାନ୍ତା । ଏଭଳି ଗୋଟିଏ ଘଟଣା ନୁହେଁ ସହରରେ ଏଇ ୩୬ ଘଣ୍ଟା କର୍ଫ୍ୟୁକାଳରେ ଅନେକ ଲୋକଙ୍କୁ ନାନାବିଧ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏଣୁ ହେଲ୍‌ପଲାଇନ୍ ଜାରୀ ସହିତ ଏଭଳି କିଛି ଜରୁରୀକାଳୀନ ସହାୟତା ବ୍ୟବସ୍ଥା ପ୍ରଶାସନର କରିବାର ଥିଲା ।







## ତେଲୁଗୁ ସମାଜମ୍ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା

**କଟକ,୭।୧୦/ଏନ୍ଏନ୍ଏସ୍:** ତେଲୁଗୁ ସମାଜମ୍ ଟ୍ରଷ୍ଟ ପକ୍ଷରୁ ସିଡିଏ ସେକ୍ଟର-୬ସ୍ଥିତ ୱିଣ୍ଡସର୍ ପ୍ୟାଲେସ୍‌ରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟ ଅଧ୍ୟକ୍ଷ ଏ.ଉମେଶ କୁମାର ରାଓଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମୁଖ୍ୟବକ୍ତା ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଜେପି ପ୍ରବକ୍ତା ସୁରଥ ବିଶ୍ୱାଳ, ସିଏମ୍‌ସି କର୍ପୋରେଟର୍ ଏ. ଶ୍ରୀଦେବୀ, କର୍ପୋରେଟର୍ ଜେ.କାମେଶ୍ୱର ରାଓ, ମାରୱାଡି ମହାପାତ୍ର, ବିଜେପି ପ୍ରବକ୍ତା ସୁରଥ ବିଶ୍ୱାଳ, କର୍ପୋରେଟର୍ ତଥା ଷ୍ଟାଣ୍ଡିଂ କମିଟି ମାରୱାଡି ସମାଜର ସଭାପତି ସଞ୍ଜୟ କୁମାର ଶର୍ମା ପ୍ରମୁଖ ଯୋଗ ଦେଇଥିଲେ । ସଂଗଠନ ଉପାଧ୍ୟକ୍ଷ ଡି. ଗୌରୀଶଙ୍କର ରାଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରୀ ନିବାସ ରାଓ ମଞ୍ଚ ପରିଚାଳନା କରିଥିଲେ ।

## ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି

**କଟକ,୭।୧୦/ଏନ୍ଏନ୍ଏସ୍:** ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ସମାରୋହର ଡକ୍ଟର ୧୨୫ତମ ପରିଚାଳନା କମିଟି ବୈଠକ ଦି' ୟୁନିଭର୍ସ ପରିସରରେ ଅନୁଷ୍ଠିତ ହୋଇଛି । ବୈଠକରେ ଆସନ୍ତା ୧୯ତାରିଖରେ ହରେକୃଷ୍ଣ ମହତାବଙ୍କ ଜୀବନୀ ଓ କାର୍ଯ୍ୟାବଳୀ ସଂପର୍କରେ ଆଲୋଚନା କରାଯିବାକୁ ସ୍ଥିର ହୋଇଛି । ଏହି ଅବସରରେ ଏକ ସ୍ମରଣିକା ପ୍ରକାଶନ କରାଯିବାକୁ ବୃତାନ୍ତ ହୋଇଛି । ବୈଠକରେ ଡା. ସୁଦର୍ଶନ ପଟ୍ଟନାୟକ, ଡା. କୃପାସିନ୍ଧୁ ପଣ୍ଡା,ଡା. ଇଞ୍ଜିନିୟର ପ୍ରଭାକର ସ୍ୱାଇଁ, ପ୍ରଫେସର ଡ. ସଂଗୀତା ରଥ, ଡ.ପ୍ରମୋଦ କୁମାର ମହାପାତ୍ର,ଡ. ଖାରବେଳ ମହାନ୍ତି,ବିନୋଦ ଦାଶ,ସଞ୍ଜିତ କୁମାର ପଟ୍ଟନାୟକ, ସୁରେଶ ଚୌଧୁରୀ, ଡ.ବନ୍ଦନା ପାଠକ, ଡାକ୍ତର ତପନ ପାତ୍ର,ବରେନ୍ଦ୍ର ନାରାୟଣ ସାହୁ,ଅଶୋକ ଦଳାଇ,ଲିଜାରାଣୀ ରାଉତ, କ୍ୟାପଟେନ୍ ଅକ୍ଷୟ କୁମାର ଦାସ, ଓମ୍ କର, ଅର୍ଚ୍ଚନା ଦାସ କାନୁନଗୋ, ଲିପିକା ପଟ୍ଟନାୟକ, ଡ. ପ୍ରଜ୍ଞା ମିଶ୍ର, କିଶୋର କୁମାର ତ୍ରିପାଠୀ, ୟୁନିଭର୍ସ ସଂପାଦକ ବ୍ୟାପ୍ତି ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ସହାୟତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।



ବାଙ୍କୀସ୍ଥିତ ମା' ଚର୍ଚ୍ଚିକାଙ୍କ ପୀଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା'ଙ୍କୁ ଦର୍ଶନ କରି ଆଶୀର୍ବାଦ ନେଉଛନ୍ତି

**ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା**

## ଆଇନଜୀବୀଙ୍କ କଲମଛାଡ଼ ଆନ୍ଦୋଳନ

**କଟକ,୭।୧୦/ଏନ୍ଏନ୍ଏସ୍ :** ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାର ପ୍ରତିବାଦରେ ଆସନ୍ତାକାଲି ରାଜ୍ୟ ବ୍ୟାପି ଆଇନ୍‌ଜୀବୀମାନେ ପେନ୍ ଡାଉନ୍ ବା କଲମ ଛାଡ଼ ଆନ୍ଦୋଳନ କରିବେ । ପୀତବାସ ପଣ୍ଡାଙ୍କ ପରିବାରକୁ କୋଟିଏ ଟଙ୍କା କ୍ଷତିପୂରଣ ସହ ତୁରନ୍ତ ଦୋଷୀଙ୍କୁ ଗିରଫ ନ୍ୟାୟିକ ତଦନ୍ତ ଦାବି କରିଛି ରାଜ୍ୟ ବାର କାଉନସିଲ୍ । ରାଜ୍ୟ ବାର କାଉନ୍‌ସିଲ୍‌ର ସର୍ବାଧିକ ଭୋଟରେ ନିର୍ବାଚିତ ସଦସ୍ୟ ଶ୍ରୀ ପଣ୍ଡାଙ୍କୁ ଦୁଇଜଣ ଅଜଣା ଯୁବକ ନିଜ ଘର ସାମ୍ନାରେ ଯେଭଳି ଅମାନୁଷିକ ଭାବେ ହତ୍ୟାକଲେ ତାହାର ପ୍ରତିବାଦରେ ଆସନ୍ତାକାଲି ରାଜ୍ୟବ୍ୟାପି ଆଇନଜୀବୀ ପେନ୍ ଡାଉନ୍ ଆନ୍ଦୋଳନ କରିବେ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ସୂଚନା ଦେଇଛନ୍ତି । ରାଜ୍ୟର ସବୁ ବାରର ଆଇନଜୀବୀମାନେ କାର୍ଯ୍ୟରୁ ନିବୃତ ରହିଲେ ଏହା ସ୍ୱର୍ଗତ ପଣ୍ଡାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ସେ କହିଛନ୍ତି ।

## ଛାତ୍ରନେତାଙ୍କ ସ୍ମୃତିସଭା

**କଟକ,୭।୧୦/ଏନ୍ଏନ୍ଏସ୍:** ଖ୍ରୀଷ୍ଟ କଲେଜ୍ ଛାତ୍ର ସଂସଦର ପୂର୍ବତନ ସଭାପତି ସ୍ୱର୍ଗତ ଶ୍ରୀପତି ଜେନାଙ୍କ ୩୧ତମ ଶ୍ରାଦ୍ଧଦିବସ ପାଳିତ ହୋଇଛି । ସ୍ମୃତିସଂସଦ ପକ୍ଷରୁ ଗଡ଼ଗଡ଼େଶ୍ୱର ମନ୍ଦିର ପରିସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ସକାଳେ ମହାନଦୀରେ ତିଳତର୍ପଣ କରାଯିବା ସହିତ ମନ୍ଦିରରେ ପୂଜାର୍ଚ୍ଚନା, ସର୍ବଧର୍ମ ପ୍ରାର୍ଥନା ଓ ଦରିଦ୍ର ନାରାୟଣ ସେବା କରାଯାଇଥିଲା । ସ୍ମୃତିସଭାରେ ସୁବ୍ରତ ନାୟକ, ସୁମନ ମହାନ୍ତି, ସତ୍ୟବ୍ରତ ମହାନ୍ତି, ସୁଧୀର ରଂଜନ ମହାନ୍ତି, ଜଗଦାନନ୍ଦ ତ୍ରିପାଠୀ, ବାସୁଦେବ ରାଉତ, ମନୋରଂଜନ ଦାସ, ମାନସ ସ୍ୱାଇଁ, ଜଗନ୍ନାଥ ମହାନ୍ତି, ଅସିତ କୁମାର ଜେନା, ନିରଂଜନ ସ୍ୱାଇଁ ଓ ଅନ୍ୟମାନେ ଯୋଗ ଦେଇଥିଲେ ।



ବିଶିଷ୍ଟ ଓଡ଼ିଆ କ୍ରିକେଟର୍ ତଥା ରଣଜୀ ଟିମ୍ ଅଧିନାୟକ ଶୁଭ୍ରାଂଶୁ ସେନାପତି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶୁଭ୍ରାଂଶୁଙ୍କର ଉଚ୍ଚ ପ୍ରଶଂସା କରିବା ସହ ଆଗାମୀ ଦିନରେ ସେ ଓଡ଼ିଶା ତଥା ଦେଶ ପାଇଁ ଗୌରବ ଆଣନ୍ତୁ ବୋଲି ଶୁଭେଚ୍ଛା ଜଣାଇଛନ୍ତି।

### ମହିଳା ବିଶ୍ୱକପ୍: ହିଥର ନାଇଟ୍‌ଙ୍କ ଅର୍ଦ୍ଧଶତକ

# ବାଂଲାଦେଶକୁ ୪ ୱିକେଟ୍‌ରେ ହରାଇଲା ଇଂଲଣ୍ଡ

**ଗୁଆହାଟୀ,୭।୧୦/ଏଜେନ୍ସି:** ଚଳିତ ମହିଳା ବିଶ୍ୱକପ୍‌ର ଅଷ୍ଟମ ମ୍ୟାଚ୍‌ରେ ଇଂଲଣ୍ଡ ୪ ୱିକେଟ୍‌ରେ ବାଂଲାଦେଶକୁ ହରାଇ ଦେଇଛି। ସ୍ଥାନୀୟ ବରସାପାରା ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶ ପ୍ରଥମେ ୪୯.୪ ଓଭର୍‌ରେ ୧୭୮ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ପୂର୍ବତନ କ୍ୟାପ୍‌ଟେ୍ ହିଥର ନାଇଟ୍‌ଙ୍କ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ୪୬.୧ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୧୮୨ ରନ୍ କରି ବିଜୟୀ ହୋଇଛି। ନାଇଟ୍‌ଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି। ଏହା ଟୁର୍ଣ୍ଣାମେଣ୍ଟରେ ଇଂଲଣ୍ଡର ଲଗାତାର ଦ୍ୱିତୀୟ ବିଜୟ। ଏହା ସହିତ ଟିମ୍ ପଏଣ୍ଟ ଟେବଲ୍ ଶୀର୍ଷରେ ପହଞ୍ଚିଛି। ଏହା ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଇଂଲଣ୍ଡ ୧୦ ୱିକେଟ୍‌ରେ ସାଉଥ୍ ଆଫ୍ରିକାକୁ ହରାଇଥିଲା। ଅନ୍ୟପକ୍ଷରେ ଏହା ବାଂଲାଦେଶର ପ୍ରଥମ ପରାଜୟ। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଟିମ୍ ପାକିସ୍ତାନକୁ ୭ ୱିକେଟ୍‌ରେ ହରାଇଥିଲା।

ଟସ୍ ହାରି ବ୍ୟାଟିଂ ପାଇଥିବା ବାଂଲାଦେଶ ୨୪ ରନ୍‌ର ସ୍କୋର୍‌ରେ ରୁବିୟା ହାଇଦର (୪ ରନ୍)ଙ୍କ ୱିକେଟ୍ ହରାଇଥିଲା। ଏହାପରେ କ୍ୟାପ୍‌ଟେନ୍ ନିଗାର ସୁଲ୍‌ତାନା ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଏହାପରେ ଶରମୀନ୍ ଅଖତର ଓ ସୋଭନା ମୋସ୍ତରୀ ଇନିଂସ୍ ସମ୍ଭାଳି ୬୦ ବଲ୍‌ରେ ୩୪ ରନ୍ ଯୋଡ଼ିଥିଲେ। ଶରମୀନ୍ ୫୨ ବଲ୍‌ରେ ୩୦ ରନ୍ କରି ସୋଫି ଏକ୍କେଷ୍ଟୋନ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ତେବେ ସୋଭନା ଗୋଟିଏ ପଟେ ତିଷ୍ଠିରହି ୧୦୮ ବଲ୍‌ରେ ୮ ଚୌକା ସହାୟତାରେ ୬୦ ରନ୍‌ର ଇନିଂସ୍ ଖେଳିବା ସହିତ ଟିମ୍‌ର ସ୍କୋର୍ ୧୫୦ ରନ୍ ପାର କରାଇଥିଲେ। ତାଙ୍କ ବ୍ୟତୀତ ରାବେୟା ଖାନ୍ ମାତ୍ର ୨୭ ବଲ୍‌ରେ



୬ ଚୌ ଓ ଗୋଟିଏ ଛକା ସହାୟତାରେ ୪୩ ରନ୍ କରିଥିଲେ। ଶୋରନା ଅକ୍‌ତର୍ ୧୦ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ସୋଫି ଏକ୍କେଷ୍ଟୋନ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ଲିନ୍‌ସେ ସ୍ମିଥ୍, ଚାର୍ଲି ଡିନ୍ ଓ ଏଲିସ୍ କାପ୍‌ସେ ୨-୨ ସଫଳତା ପାଇଥିଲେ।

୧୭୯ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଇଂଲଣ୍ଡ ୨୯ ରନ୍‌ରେ ୨ଟି ୱିକେଟ୍ ହରାଇଥିଲା। ଏମି ଜୋନ୍ସ ୧ ଏବଂ ଟାମି ବ୍ୟୁମୋଣ୍ଟ୍ ୧୩ ରନ୍ କରି ବିଦାୟ ନେଇଥିଲେ। ଏହାପରେ କ୍ୟାପ୍‌ଟେନ୍ ଶଟ୍ ସିମର୍-ବ୍ରଣ୍ଟ୍ ପୂର୍ବତନ କ୍ୟାପ୍‌ଟେନ୍ ହିଥର୍ ନାଇଟ୍‌ଙ୍କ ସହ ଇନିଂସ୍ ସମ୍ଭାଳିଥିଲେ। ସିଭର୍-ବ୍ରଣ୍ଟ୍ ୪୧ ବଲ୍‌ରେ ୩୨ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ପରେ ସୋଫିଆ ଡଙ୍କଲି ଖାତା ଖୋଲିବା ପୂର୍ବରୁ ଏବଂ ଏମା ଲମ୍ବ ୧ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଏଲିସ୍ କାପ୍‌ସି ପରେ ଟିମ୍‌ର ସ୍କୋର୍ ୧୦୦ ରନ୍ ପାର୍ କରାଇଥିଲେ। ମାତ୍ର ସେ ମଧ୍ୟ ୨୦ ରନ୍‌ରେ ଆଉଟ୍ ହୋଇଥିଲେ। ଟିମ୍ ୧୦୩ ରନ୍‌ରେ ୬ ୱିକେଟ୍ ହରାଇଥିଲା। ନମ୍ବର ୮ରେ ବ୍ୟାଟିଂ ପାଇଁ ଆସିଥିବା ଚାର୍ଲି ଡିନ୍ ହିଥର ନାଟ୍‌ଙ୍କ ସହ ଇନିଂସ୍ ସମ୍ଭାଳିଥିଲେ ଏବଂ ୪୦ତମ ଓଭର୍‌ରେ ଟିମ୍‌ର ସ୍କୋର୍ ୧୫୦ ରନ୍ ନିକଟବର୍ତ୍ତୀ ହୋଇଥିଲା। ଶେଷ ଆଡ଼କୁ ଦୁହେଁ ଦ୍ରୁତ ରନ୍ ସଂଗ୍ରହ କରିବା ସହିତ ୪୭ତମ ଓଭର୍‌ର ପ୍ରଥମ ବଲ୍‌ରେ ସୋଭନା ମୋଷ୍ଟାରୀଙ୍କୁ ଚୌକା ମାରି ଚାର୍ଲି ଡିନ୍ ଟିମ୍‌କୁ ବିଜୟୀ କରାଇଥିଲେ। ନାଟ୍ ଓ ଡିନ୍‌ଙ୍କ ମଧ୍ୟରେ ୭୯ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ନାଇଟ୍ ୭୯ ଓ ଡିନ୍ ୨୭ ରନ୍‌ରେ ଅପରାଜିତ ଫେରିଥିଲେ। ବାଂଲାଦେଶ ପକ୍ଷରୁ ଫହିମା ଖାତୁନ୍ ୩ ଏବଂ ମାରୁଫା ଅଖ୍‌ତର ୨ଟି ୱିକେଟ୍ ନେଇଥିଲେ। ସଞ୍ଜିଦା ଅଖ୍‌ତରଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

### ଆଇସିସି ପ୍ଲେୟର୍ ଅଫ୍ ଦ ମନ୍ଥ ପୁରସ୍କାର

# ଦୌଡ଼ରେ ଅଭିଷେକ ଶର୍ମା ଓ କୁଲଦୀପ୍ ଯାଦବ



**ଦୁବାଇ,୭।୧୦/ଏଜେନ୍ସି:** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପ୍ଲେୟର୍ ଅଫ୍ ଦ ମନ୍ଥ (ସେପ୍ଟେମ୍ବର) ପୁରସ୍କାର ପାଇଁ ତିନି ଦାବିଦାରଙ୍କ ନାମ ଘୋଷଣା କରିଛି। ଏଥିରେ ଭାରତୀୟ ଓପ୍ନର୍ ଅଭିଷେକ ଶର୍ମା ଓ ସ୍ପିନ୍‌ର କୁଲଦୀପ ଯାଦବ ସାମିଲ। ଏହା ବ୍ୟତୀତ ଜିମ୍ବାୱେ ଓପ୍ନର୍ ବ୍ରାୟନ୍ ବେନେଟ୍ ମଧ୍ୟରେ ଏହି ଦୌଡ଼ରେ ରହିଛନ୍ତି। ଅଭିଷେକ ଏସିଆ କପ୍‌ରେ ଶୀର୍ଷ ବ୍ୟାଟର୍ ହୋଇଥିବା ବେଳେ କୁଲଦୀପ୍ ସର୍ବାଧିକ ୱିକେଟ୍ ଅକ୍ତିଆର କରିଥିଲେ।

ମହିଳା ବର୍ଗରେ ଏହି ପୁରସ୍କାର ପାଇଁ ଭାରତର ଅନୁଭବୀ ଓପ୍ନିଂ ବ୍ୟାଟର୍ ସ୍ମୃତି ମନ୍ଧାନା, ପାକିସ୍ତାନୀ ବ୍ୟାଟର୍ ସିଦରା ଅମୀନ୍ ଏବଂ ସାଉଥ୍ ଆଫ୍ରିକା ତାଜମିନ୍ ବ୍ରିଟ୍‌ଜଙ୍କ ନାମ ନାମାଙ୍କିତ କରାଯାଇଛି। ମନ୍ଧାନା ସେପ୍ଟେମ୍ବର ମାସରେ ଚାରି ଦିନିକିଆ ମ୍ୟାଚ୍‌ରେ ୭୭ ହାରାହାରି ଏବଂ ୧୩୫,୬୮ ଷ୍ଟ୍ରାଇକ୍ ରେଟ୍‌ରେ ୩୦୮ ରନ୍ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍‌ରେ ମନ୍ଧାନା ଯଥାକ୍ରମେ ୫୮, ୧୧୭ ଏବଂ ୧୨୫ ରନ୍‌ର ଇନିଂସ ଖେଳିଛନ୍ତି।

ଭାରତୀୟ ଟିମ୍‌ର ଯୁବ ବ୍ୟାଟର୍ ଅଭିଷେକ ଶର୍ମା ସେପ୍ଟେମ୍ବରରେ ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି। ଏସିଆ କପ୍‌ରେ ସେ ସାତ ଟି-୨୦ ମ୍ୟାଚ୍‌ରେ ମୋଟ ୩୧୪ ରନ୍ କରିଥିଲେ। ଏଥିରେ ତିନି ଅର୍ଦ୍ଧଶତକ ସାମିଲ। ଏହି ଅବସରରେ ତାଙ୍କ ଷ୍ଟ୍ରାଇକ୍ ରେଟ୍ ୨୦୦ରୁ ମଧ୍ୟ ଅଧିକ ରହିଛି। ଏହି ପ୍ରଦର୍ଶନ ଦମ୍‌ରେ ଭାରତ ଏସିଆ କପ୍ ଟାଇଟଲ୍ ଜିତିଥିବା ବେଳେ ଅଭିଷେକ ଟୁର୍ଣ୍ଣାମେଣ୍ଟ ଶ୍ରେଷ୍ଠ ଖେଳାଳି ମନୋନୀତ ହୋଇଥିଲେ। ଖାସ୍ ବିଷୟ ହେଉଛି ସେ ଟି-୨୦ ଅନ୍ତର୍ଜାତୀୟ ର୍‍ୟାଙ୍କିଂରେ ସର୍ବାଧିକ ୯୨୬ ରେଟିଂ ପଏଣ୍ଟ ହାସଲ କରିଛନ୍ତି।

ଏସିଆ କପ୍‌ରେ ସର୍ବାଧିକ ୱିକେଟ୍ ହାସଲକାରୀ କୁଲଦୀପ୍ ଯାଦବ ମଧ୍ୟ ପୁରସ୍କାର ଦୌଡ଼ରେ ସାମିଲ ଅଛନ୍ତି। ଟୁର୍ଣ୍ଣାମେଣ୍ଟରେ ସେ ୧୭ ୱିକେଟ୍ ଅକ୍ତିଆର କରିଥିଲେ। ଏହି ଅବସରରେ ତାଙ୍କ ଇକୋନୋମି ରେଟ୍ ୬.୨୭ ଥିଲା। ଏହା ବ୍ୟତୀତ ଦୁଇଟି ମ୍ୟାଚ୍‌ରେ ସେ ୪-୪ ୱିକେଟ୍ ମଧ୍ୟ ନେଇଥିଲେ। ଅନ୍ୟପକ୍ଷରେ ଜିମ୍ବାୱେର ବାୟନ୍ ବେନେଟ୍ ପୂରା ସେପ୍ଟେମ୍ବର ମାସରେ ଚମତ୍କାର ଫର୍ମରେ ଥିଲେ। ଟି-୨୦ ବିଶ୍ୱକପ୍‌ର ଆଫ୍ରିକୀୟ କ୍ୱାଲିଫାୟର୍‌ର ୯ ମ୍ୟାଚ୍‌ରେ ସେ ୫୫.୨୨ ହାରାହାରି ଏବଂ ୧୬୫.୬୬ ଷ୍ଟ୍ରାଇକ୍ ରେଟ୍‌ରେ ମୋଟ ୪୯୭ ରନ୍ କରିଛନ୍ତି। ଟୁର୍ଣ୍ଣମେଣ୍ଟର ପ୍ରଥମ ତିନିଟି ଇନିଂସ୍‌ରେ ସେ ୭୨, ୬୫ ଓ ୧୧୧ ରନ୍ ସ୍କୋର୍ କରିଥିଲେ।

### ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍

# ବ୍ୟାଟିଂ ଶୀର୍ଷରେ ସ୍ମୃତି ମନ୍ଧାନା ସ୍ଥିର

**ଦୁବାଇ,୭।୧୦/ଏଜେନ୍ସି:** ଆଇସିସି ପକ୍ଷରୁ ମଙ୍ଗଳବାର ଜାରି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ଲିଷ୍ଟରେ ଭାରତର ବାମହାତୀ ବ୍ୟାଟର୍ ସ୍ମୃତି ମନ୍ଧାନା ଶୀର୍ଷରେ ସ୍ଥିର ରହିଛନ୍ତି। ତେବେ କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ କୌର୍‌ଙ୍କୁ ଦୁଇଟି ସ୍ଥାନର କ୍ଷତି ହୋଇଛି। ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ଦୀପ୍ତି ଶର୍ମା ୬ଷ୍ଠ ସ୍ଥାନକୁ ଖସିଆସିଛନ୍ତି। ଅନ୍ୟପକ୍ଷରେ ଟିମ୍ ର୍‍ୟାଙ୍କିଙ୍ଗ୍‌ରେ ଟିମ୍ ଇଣ୍ଡିଆ ତୃତୀୟ ସ୍ଥାନ ବଜାୟ ରଖିଛି।

ମହିଳା ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ପ୍ରଥମ ମ୍ୟାଚ୍‌ରେ ଶତକ ହାସଲକାରୀ ଆସ୍‌ଲେ ଗାର୍ଡନର୍‌ଙ୍କୁ ସାତଟି ସ୍ଥାନର ଲାଭ ହୋଇଛି। ସେ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ର ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ସାଉଥ୍ ଆଫ୍ରିକାର ତାଜମିନ୍ ବ୍ରିଟ୍‌ଜ ମଧ୍ୟ ଦୁଇଟି ସ୍ଥାନ ଉପରକୁ ଉଠି ଚତୁର୍ଥରେ ପହଞ୍ଚିଛନ୍ତି। ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍ ସାତ ସ୍ଥାନର ସୁଧାରକରି ଅଷ୍ଟମକୁ ଉଠିଛନ୍ତି। ବ୍ୟାଟିଂ ଲିଷ୍ଟର ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ ଇଂଲଣ୍ଡ



କ୍ୟାପ୍‌ଟେନ୍ ନାଟ୍ ସିଭର୍-ବ୍ରଣ୍ଟ୍ ଓ ଅଷ୍ଟ୍ରେଲିଆର ବେଥ୍ ମୁନି କାଏମ ରହିଛନ୍ତି। ହରମନପ୍ରୀତ୍ ୧୬ଶ ଏବଂ ଦୀପ୍ତି ଶମା ୧୭ଶ ନମ୍ବରରେ ରହିଛନ୍ତି।

ଦିନିକିଆ ବୋଲର୍ସ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ସ୍ପିନର୍ ଦୀପ୍ତି ଶର୍ମାଙ୍କୁ ଗୋଟିଏ ସ୍ଥାନର କ୍ଷତି ହୋଇଛି ଏବଂ ସେ ଟପ୍-୫ରୁ ବାଦ୍ ପଡ଼ି ୬ଷ୍ଠ ସ୍ଥାନକୁ ଖସିଆସିଛନ୍ତି। ସାଉଥ୍ ଆଫ୍ରିକାର ମାରିଜାନ୍ କେପ୍ ତାଙ୍କୁ ପଛରେ ପକାଇଛନ୍ତି। ଇଂଲଣ୍ଡର ସୋଫି ଏକ୍କେଷ୍ଟନ୍ ଶୀର୍ଷରେ

**ହରମନ୍‌ପ୍ରୀତ୍‌ଙ୍କୁ ୨ଟି ସ୍ଥାନର କ୍ଷତି**

**ବୋଲିଂରେ ଷଷ୍ଠକୁ ଖସିଲେ ଦୀପ୍ତି**

ଥିବାବେଳେ ଅଷ୍ଟ୍ରେଲିଆର ଆସ୍‌ଲେ ଗାର୍ଡନର୍, ମେଗନ୍ ଶଟ୍ ଏବଂ କିମ୍ ଗାର୍ଥ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନରେ ରହିଛନ୍ତି। ମହିଳା ଦିନିକିଆ ଅଲ୍‌ରାଉଣ୍ଡର ର୍‍ୟାଙ୍କିଙ୍ଗ୍‌ରେ ସାଉଥ୍ ଆଫ୍ରିକାର ମାରିଜାନ୍ କେପ୍‌ଙ୍କୁ ଗୋଟିଏ ସ୍ଥାନର କ୍ଷତି ହୋଇଛି ଏବଂ ସେ ତୃତୀୟକୁ ଖସିଯାଇଛନ୍ତି। ଏହା ଫଳରେ ୱେଷ୍ଟଇଣ୍ଡିଜ୍‌ର ହେଲି ମାଥ୍ୟୁଜ୍ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ଅଷ୍ଟ୍ରେଲିଆର ଆସ୍‌ଲେ ଗାର୍ଡନର୍ ଶୀର୍ଷରେ ଏବଂ ଭାରତର ଦୀପ୍ତି ଶର୍ମା ଚତୁର୍ଥ ସ୍ଥାନରେ କାଏମ୍ ଅଛନ୍ତି। ଅନ୍ୟତମ ଭାରତୀୟ ସ୍ନେହ ରାଣା ୧୨ ସ୍ଥାନର ଲମ୍ଫ ପ୍ରଦାନ କରି ୨୮ତମ ସ୍ଥାନରେ ପହଞ୍ଚିଛନ୍ତି।

### ସିନିୟର୍ ମହିଳା ଜାତୀୟ ଫୁଟ୍‌ବଲ୍

# ଓଡ଼ିଶାର ଲଗାତାର ଦ୍ୱିତୀୟ ବିଜୟ

**କଟକ,୭।୧୦/ଏନ୍‌ଏନ୍‌ଏସ୍:** ୩୦ତମ ସିନିୟର୍ ମହିଳା ଜାତୀୟ ଫୁଟ୍‌ବଲ୍ ଚାମ୍ପିଅନ୍‌ଶିପ୍ ରାଜମାତା ଜିଜାବାଇ ଟ୍ରଫିର ଚୂଡ଼ାନ୍ତ ରାଉଣ୍ଡରେ ଓଡ଼ିଶା ଲଗାତାର ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ନାରାୟଣପୁରସ୍ଥିତ ଆର୍‌କେଏମ୍ ଆଶ୍ରମ ପଡ଼ିଆରେ ଓଡ଼ିଶା ନିଜର ତୃତୀୟ ମ୍ୟାଚ୍‌ରେ ଆୟୋଜତ ଛତିଶଗଡ଼କୁ ୩-୦ ଗୋଲ୍‌ରେ ହରାଇ ଦେଇଛି। ଓଡ଼ିଶା ପକ୍ଷରୁ ଯଶୋଦା ମୁଣ୍ଡା (୨୩ତମ), ଇଶିତା ରାଉତ (୪୫ତମ) ଏବଂ କ୍ୟାପ୍‌ଟେନ୍ ପ୍ୟାରୀ ଖାଖା (୯୦+୫ତମ ମିନିଟ୍) ଗୋଲ୍ ତିନିଟି ସ୍କୋର୍ କରିଛନ୍ତି। ୨୩ ମିନିଟ୍ ପର୍ଯ୍ୟନ୍ତ ମ୍ୟାଚ୍ ଗୋଲ୍‌ଶୂନ୍ୟ ରହିବା ପରେ ଯଶୋଦା ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ଏହାପରେ ୪୫ତମ ମିନିଟ୍‌ରେ ଇଶିତା ଗୋଲ୍ କରି ପ୍ରଥମାର୍ଦ୍ଧରେ ଓଡ଼ିଶାକୁ ୨-୦ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧ ଶେଷ ପର୍ଯ୍ୟନ୍ତ ଦୁଇଟି ଟିମ୍ ମଧ୍ୟରେ କଡ଼ା ଟକ୍କର୍ ଦେଖିବାକୁ ମିଳିଥିଲା। ଶେଷ ମୁହୂର୍ତ୍ତରେ କ୍ୟାପ୍‌ଟେନ୍ ପ୍ୟାରୀ ଖାଖା ତୃତୀୟ ଗୋଲ୍‌ଟି ଦେଇ ଟିମ୍‌କୁ ୩-୦ରେ ବିଜୟୀ କରାଇଥିଲେ। ଯଶୋଦାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

### ଯୁବ ଟେଷ୍ଟ: ହେନିଲ୍ ଓ ଖିଲନ୍‌ଙ୍କୁ ୩-୩ ୱିକେଟ୍

# ଅଷ୍ଟ୍ରେଲିଆ ୧୩୫ ରନ୍‌ରେ ଅଲ୍‌ଆଉଟ୍

### ଭାରତ ୯ ରନ୍‌ରେ ଆଗୁଆ

**ମାକେ,୭।୧୦/ଏଜେନ୍ସି:** ଭାରତୀୟ ଅଣ୍ଡର-୧୯ ଟିମ୍ ଦ୍ୱିତୀୟ ଯୁବ ଟେଷ୍ଟରେ ଅଷ୍ଟ୍ରେଲିଆ ଅଣ୍ଡର-୧୯ ଟିମ୍ ବିପକ୍ଷରେ ୯ ରନ୍‌ର ଅଗ୍ରଣୀ ଲାଭ କରିଛି। ମାକେରେ ଖେଳାଯାଉଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଟିମ୍ ପ୍ରଥମ ଇନିଂସ୍‌ରେ ୧୩୫ ରନ୍ କରି ଅଲ୍‌ଆଉଟ୍ ହୋଇଛି। ପ୍ରଥମ ଦିନ ଖେଳ ଶେଷ ବେଳକୁ ଭାରତ ୬ ୱିକେଟ୍ ବିନିମୟରେ ୧୪୪ ରନ୍ କରିଛି। ଦୁଇ ମ୍ୟାଚ୍‌ର ସିରିଜ୍‌ରେ ଭାରତ ୧-୦ରେ ଆଗରେ ରହିଛି। ଟିମ୍ ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଇନିଂସ୍ ଏବଂ ୫୭ ରନ୍‌ରେ ହରାଇଥିଲା।



ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଅଷ୍ଟ୍ରେଲିଆ ପକ୍ଷରୁ ୱିକେଟ୍‌କିପର୍ ବ୍ୟାଟର୍ ଆଲେକ୍ସ ଲି ୟଙ୍ଗ୍ ୧୦୮ ବଲ୍‌ରେ ସର୍ବାଧିକ ୬୬ ରନ୍‌ର ଇନିଂସ୍ ଖେଳିଥିଲେ। ୟଶ୍ ଦେଶମୁଖ ୨୨ ଏବଂ ୱିଲ୍ ମାଲାଜୁକ୍ ୧୦ ରନ୍‌ର ଯୋଗଦାନ ଦେଇଥିଲେ। ଟିମ୍‌ର ବାକି ୮ ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଭାରତ ପକ୍ଷରୁ ଖିଲନ୍ ପଟେଲ୍ ଓ ହେନିଲ୍ ପଟେଲ୍ ୩-୩ ୱିକେଟ୍ ନେଇଛନ୍ତି। ଉଦ୍ଧବ ମୋହନଙ୍କୁ ୨ ଏବଂ ଦୀପେଶ ଦେବେନ୍ଦ୍ରନ୍‌ଙ୍କୁ ଗୋଟିଏ ସଫଳତା ମିଳିଛି। ଜବାବରେ ଭାରତର ଆରମ୍ଭ ମଧ୍ୟ ଭଲ ନଥିଲା। ଟିମ୍ ୧୭ ରନ୍‌ର ସ୍କୋର୍‌ରେ ଓପ୍ନର୍ ବିହାନ୍ ମାଲହୋତ୍ରା (୧୧ ରନ୍)ଙ୍କ ୱିକେଟ୍ ହରାଇଥିଲା। ୧୮ ରନ୍‌ର ସ୍କୋର୍‌ରେ କ୍ୟାପ୍‌ଟେନ୍ ଆୟୁଷ ମାହାତ୍ରେ ୮ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଏହାପରେ ବୈଭବ ସୂର୍ଯ୍ୟବଂଶୀ ୨୦, ରାହୁଲ କୁମାର ୯, ବେଦାନ୍ତ ତ୍ରିବେଦୀ ୨୫, ହରବଂଶ ପଙ୍ଗଲିଆ ୧ ଏବଂ ଖିଲନ୍ ପଟେଲ୍ ୨୬ ରନ୍ କରି ଆଉଟ୍ ହୋଇଥିଲେ। ହେନିଲ୍ ପଟେଲ୍ (୨୨ ରନ୍) ଓ ଦୀପେଶ ଦେବେନ୍ଦ୍ର (୬ ରନ୍) ଅପରାଜିତ ଫେରିଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ କେସି ବାର୍ଟନ୍ ୩ ଓ ୱିଲ୍ ବାୟରୋମ୍ ୨ ୱିକେଟ୍ ଅକ୍ତିଆର କରିଛନ୍ତି।

### ଭାରତ ବିପକ୍ଷ ସିରିଜ୍ ପାଇଁ ଅଷ୍ଟ୍ରେଲିଆ ସ୍କ୍ୱାଡ୍ ଘୋଷିତ

# କମିନ୍ସଙ୍କୁ ବିଶ୍ରାମ, ମିଚେଲ୍ ମାର୍ଶ କ୍ୟାପ୍‌ଟେନ୍

**ମେଲବୋର୍ଣ୍ଣ,୭।୧୦/ଏଜେନ୍ସି:** ଭାରତ ବିପକ୍ଷ ଦିନିକିଆ ଓ ଟି-୨୦ ସିରିଜ୍ ପାଇଁ ଅଷ୍ଟ୍ରେଲିଆ ସ୍କ୍ୱାଡ୍ ଘୋଷଣା ହୋଇଛି। ଆଶେସ୍ ସିରିଜ୍ ପୂର୍ବରୁ ପ୍ୟାଟ୍ କମିନ୍ସଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ମିଚେଲ୍ ମାର୍ଶ ତାଙ୍କ ସ୍ଥାନରେ ଟିମ୍‌ର ନେତୃତ୍ୱ କରିବେ। ମିଚେଲ୍ ଷ୍ଟାର୍କଙ୍କ ଦିନିକିଆ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ ଘଟିଥିବା ବେଳେ ଷ୍ଟାର୍ ବ୍ୟାଟର୍ ମାର୍ନସ୍ ଲାବୁଶେନ୍ ଦିନିକିଆ ଟିମ୍‌ରୁ ବାଦ୍ ଦିଆଯାଇଛି। ଷ୍ଟାର୍କ ଗତବର୍ଷ ନଭେମ୍ବର ପରେ ପ୍ରଥମ ଥର ଏହି ଫର୍ମାଟ୍‌ରେ ଖେଳିବେ। ସେହିପରି ମ୍ୟାଟ୍ ରେନ୍‌ଶାଙ୍କୁ ଟିମ୍‌ରେ ସାମିଲ କରାଯାଇଛି। କ୍ରିକେଟ୍ ଅଷ୍ଟ୍ରେଲିଆ ତିନି ଦିନିକିଆ ଏବଂ ପ୍ରଥମ ଦୁଇଟି ଟି-୨୦ ମ୍ୟାଚ୍ ପାଇଁ ଟିମ୍ ଘୋଷଣା କରିଛି। ଟିମ୍ ଇଣ୍ଡିଆ ଚଳିତ ମାସରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ତିନିଟି ଦିନିକିଆ ଏବଂ ପାଞ୍ଚ ଟି-୨୦ ମ୍ୟାଚ୍‌ର ସିରିଜ୍ ଖେଳିବ। ପ୍ରଥମ ଦିନିକିଆ ଅକ୍ଟୋବର ୧୯ରେ ପର୍ଥରେ ଖେଳାଯିବ।

ଖରାପ ପ୍ରଦର୍ଶନ ପାଇଁ ଲାବୁଶେନ୍‌ଙ୍କୁ ଦିନିକିଆ ଟିମ୍‌ରୁ ବାଦ୍ ଦିଆଯାଇଥିବା ବେଳେ ରେନ୍‌ଶାଙ୍କୁ ଲିଷ୍ଟ-ଏ'ରେ ଲଗାତାର ଉନ୍ନତ ପ୍ରଦର୍ଶନର ପୁରସ୍କାର ମିଳିଛି। ରେନ୍‌ଶାଙ୍କୁ ପ୍ରଥମ ଥର ପାଇଁ ୨୦୨୨ରେ ପାକିସ୍ତାନ ଗସ୍ତ ପାଇଁ ଟିମ୍‌ରେ ମନୋନୀତ କରାଯାଇଥିବା ବେଳେ ତାଙ୍କୁ ଡେବ୍ୟୁ ସୁଯୋଗ ମିଳିନଥିଲା। ଏବେ ସେ ଭାରତ ବିପକ୍ଷରେ ପ୍ରଥମ ଥର ଦିନିକିଆ ଖେଳିବାକୁ



ସୁଯୋଗ ମିଳିପାରେ। ଅନ୍ୟପକ୍ଷରେ ରିଷ୍ଟରେ ଆଘାତ କାରଣରୁ ଗ୍ଲେନ୍ ମ୍ୟାକ୍ସୱେଲ୍ ଟି-୨୦ ଟିମ୍‌ରୁ ବାଦ୍ ପଡ଼ିଛନ୍ତି। କାମେରୁନ୍ ଗ୍ରୀନ୍ ଦିନିକିଆ ଟିମ୍‌ରେ ସାମିଲ ହୋଇଥିଲେ ମଧ୍ୟ ଆଶେସ୍ ପ୍ରସ୍ତୁତି ପାଇଁ ଶେଫିଲ୍ଡ ଶିଲ୍ଡ ଭାଗ ନେବାକୁ ଥିବାରୁ ଟି-୨୦ ଖେଳିବେ ନାହିଁ। ୱିକେଟ୍‌କିପର୍ ଆଲେକ୍ସ କେରୀ ପ୍ରଥମ (ପର୍ଥ) ଦିନିକିଆ ଖେଳିବେ ନାହିଁ। ତାଙ୍କ ସ୍ଥାନରେ ଜୋଶ୍ ଇଙ୍ଗ୍‌ଲିଶ୍ ୱିକେଟ୍‌କିପିଂ କରିବେ। ଆହତ କାରଣରୁ ଇଙ୍ଗ୍‌ଲିଶ୍ ନ୍ୟୁଜିଲାଣ୍ଡ ଗସ୍ତରେ ଖେଳିପାରି ନଥିଲେ। ଏବେ ସେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି ଏବଂ ଉଭୟ ଦିନିକିଆ ଓ ଟି-୨୦ ସ୍କ୍ୱାଡ୍‌ରେ ସାମିଲ ହୋଇଛନ୍ତି। ଏହା ବ୍ୟତୀତ ଅଲ୍‌ରାଉଣ୍ଡର୍ ନାଥନ୍ କୋନୋଲି ଦିନିକିଆ ସ୍କ୍ୱାଡ୍‌ରେ ନିଜ ସ୍ଥାନ ବଜାୟ ରଖିଥିବା ବେଳେ କନ୍‌କସନ୍ କାରଣରୁ ସାଉଥ୍ ଆଫ୍ରିକା ବିପକ୍ଷ ସିରିଜ୍ ଖେଳିପାରି ନଥିବା ମିଚେଲ୍ ଓଭେନ୍ ଦିନିକିଆ ଡେବ୍ୟୁ ପାଇଁ ପ୍ରସ୍ତୁତ ଅଛନ୍ତି।

ଟି-୨୦ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଘୋଷିତ ୧୪ ଜଣିଆ ସ୍କ୍ୱାଡ୍‌କୁ ନାଥନ୍ ଏଲିସ୍‌ଙ୍କ ପ୍ରତ୍ୟାବର୍ତ୍ତନ ଘଟିଛି। ଶନ୍ ଏବୋଟ୍‌ଙ୍କୁ ଦିନିକିଆ ସ୍କ୍ୱାଡ୍‌ରେ ସ୍ଥାନ ମିଳିନଥିବା ବେଳେ ଟି-୨୦ ସ୍କ୍ୱାଡ୍‌ରେ ସ୍ଥାନ ସୁରକ୍ଷିତ କରିବାରେ ସଫଳ ହୋଇଛନ୍ତି।


**ଅଷ୍ଟ୍ରେଲିଆ ଦିନିକିଆ ଟିମ୍:** ମିଚେଲ୍ ମାର୍ଶ (କ୍ୟାପ୍‌ଟେନ୍), ଟ୍ରାଭିସ୍ ହେଡ୍, ଜୋଶ୍ ଇଙ୍ଗ୍‌ଲିଶ୍ (ୱିକେଟ୍‌କିପର୍), ମିଚେଲ୍ ଓଭେନ୍, ମ୍ୟାଟ୍ ରେନ୍‌ଶା, ମାଥ୍ୟୁ ଶର୍ଟ, ଆଲେକ୍ସ କେରୀ (ୱିକେଟ୍‌କିପର୍), କୁପର୍ କୋନୋଲି, କାମେରନ୍ ଗ୍ରୀନ୍, ଜୋଶ୍ ହେଜଲ୍‌ଉଡ୍, ମିଚେଲ୍ ଷ୍ଟାର୍କ, ଜାଭିୟର୍ ବାର୍ଟଲେଟ୍, ଆଦମ୍ ଜାମ୍ପା, ବେନ୍ ଡ୍ୱାଇର୍ଶସ୍, ନାଥନ୍ ଏଲିସ୍।

**ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଅଷ୍ଟ୍ରେଲିଆ ଟି-୨୦ ଟିମ୍:** ମିଚେଲ୍ ମାର୍ଶ (କ୍ୟାପ୍‌ଟେନ୍), ଜୋଶ୍ ଇଙ୍ଗ୍‌ଲିଶ୍ (ୱିକେଟ୍‌କିପର୍), ମିଚେଲ୍ ଓଭେନ୍, ମାଥ୍ୟୁ ଶର୍ଟ, ମାର୍କସ୍ ଷ୍ଟୋଇନିସ୍, ମାଥ୍ୟୁ କୁହ୍ନେମାନ୍, ଶାନ୍ ଏବୋଟ୍, ଜାଭିୟର ବାର୍ଟଲେଟ୍, ବେନ୍ ଡ୍ୱାଇର୍ଶସ୍, ନାଥନ୍ ଏଲିସ୍, ଜୋଶ୍ ହେଜଲ୍‌ଉଡ୍, ଆଦମ୍ ଜାମ୍ପା।

# ପଡ଼ିଆରେ ପୃଥ୍ୱୀ ଶ'ଙ୍କ ହଙ୍ଗାମା

### ମୁନୀର୍ ଖାନ୍‌ଙ୍କୁ ବ୍ୟାଟ୍‌ରେ ମାରି ଗୋଡ଼ାଇଲେ

**ପୁଣେ,୭।୧୦/ଏଜେନ୍ସି:** ବିସ୍ଫୋରକ ବ୍ୟାଟିଂ ପାଇଁ ଜଣାଶୁଣା ପୃଥ୍ୱୀ ଶ' ସ୍ଥାନୀୟ ଏମ୍‌ସିଏ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏକ ଅଭ୍ୟାସ ମ୍ୟାଚ୍‌ରେ ଆଉଟ୍ ହେବାପରେ ହଙ୍ଗାମା କରିଛନ୍ତି। ୨୦୨୫-୨୬ ରଣଜୀ ଟ୍ରଫି ପୂର୍ବରୁ ମହାରାଷ୍ଟ୍ର ଓ ମୁମ୍ବାଇ ମଧ୍ୟରେ ଏହି ଅଭ୍ୟାସ ମ୍ୟାଚ୍ ଖେଳାଯାଉଛି।



ଆଠବର୍ଷ ଧରି ମୁମ୍ବାଇ ପକ୍ଷରୁ ଖେଳି ଆସିଥିବା ପୃଥ୍ୱୀ ଚଳିତ ସିଜନ୍ ପାଇଁ ମହାରାଷ୍ଟ୍ର ଟିମ୍‌ରେ ସାମିଲ ହୋଇଛନ୍ତି। ଟିମ୍ ଇଣ୍ଡିଆକୁ ପ୍ରତ୍ୟାବର୍ତ୍ତନ ଉଦ୍ୟମରେ ଥିବା ପୃଥ୍ୱୀ ମୁମ୍ବାଇ ବିପକ୍ଷ ଏହି ମ୍ୟାଚ୍‌ରେ ୨୧୯ ବଲ୍‌ରୁ ୧୮୧ ରନ୍‌ର ଇନିଂସ୍ ଖେଳିଥିଲେ। ୧୪୦ ବଲ୍‌ରେ ଶତକ ପୂରଣ କରିଥିବା ପୃଥ୍ୱୀ ଦ୍ୱିଶତକ ଆଡ଼କୁ ଅଗ୍ରସର ହେଉଥିବା ବେଳେ ମୁନୀର୍ ଖାନ୍‌ଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଆଉଟ୍ ହେବାପରେ ମୁମ୍ବାଇ ଟିମ୍‌ର ପୂର୍ବତନ ସାଥୀ ଖେଳାଳିମାନେ ତାଙ୍କୁ ସ୍ଲେଜିଂ କରିବାରୁ ସେ ରାଗିଯାଇ ମୁନୀର୍‌ଙ୍କ ସହ ଯୁକ୍ତିତର୍କ କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ସେ ମୁନୀର୍‌ଙ୍କୁ ବ୍ୟାଟ୍‌ରେ ବାଡ଼େଇବାକୁ ଗୋଡ଼ାଇଥିଲେ। ତେବେ ଅମ୍ପାୟାର୍ ଏଥିରେ ହସ୍ତକ୍ଷେପ କରି ଉଭୟ ଟିମ୍‌ର ଖେଳାଳିଙ୍କ ଅଲଗା କରିଥିଲେ। ଏହାର ଏକ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra